ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୨୩/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 23/2023 Page 14 SAMBALPUR
www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul
୪୯ଶ ଭାଗ ୨୩୮ ସଂଖ୍ୟା VOLUME 49 ISSUE 238 ମୂଲ୍ୟ ₹୭/-

# ସିବିଏସ୍‌ଇ ସ୍କୁଲରେ ଓଡ଼ିଆରେ ପଢ଼ା

ଭୁବନେଶ୍ୱର,୨୨।୭ (ଅନୁରାଧା ମହାରଣା)

କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପରିଚାଳିତ ସମସ୍ତ ସ୍କୁଲରେ ମାତୃଭାଷାରେ ପାଠପଢ଼ା ହେବ। ଏନେଇ ସିବିଏସ୍‌ଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦେଶର ୨୨ଟି ଆଞ୍ଚଳିକ ଭାଷାରେ ପାଠପଢ଼ା ନେଇ ମଞ୍ଜୁରୀ ମିଳିଥିବାବେଳେ ଓଡ଼ିଶାରେ ମଧ୍ୟ ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ପାଠପଢ଼ିବାର ସୁଯୋଗ ପାଇବେ। ରାଜ୍ୟରେ ସିବିଏସ୍‌ଇ ଅନୁବନ୍ଧିତ ପ୍ରାୟ ୩୦୦ ସ୍କୁଲ ରହିଛି। ଏଥିମଧ୍ୟରେ ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ରହିଛି। ସିବିଏସ୍‌ଇ ସ୍କୁଲ୍‌ଗୁଡ଼ିକରେ ଇଂଲିଶ ଓ ହିନ୍ଦୀରେ ପାଠପଢ଼ା ହେଉଥିବାବେଳେ ଏବେ ଆଞ୍ଚଳିକ ବା ମାତୃ ଭାଷାରେ ଶିକ୍ଷାଦାନ କରାଯିବ। ଏହାଦ୍ୱାରା ମାତୃଭାଷାର ଆଦର ବଢ଼ିବା ସହ ପିଲାଙ୍କ ପାଠପଢ଼ା ସରଳ ହୋଇପାରିବ ବୋଲି କୁହାଯାଉଛି। ମାତ୍ର

## ୨୨ ଆଞ୍ଚଳିକ ଭାଷାରେ ଶିକ୍ଷାଦାନକୁ ମଞ୍ଜୁରୀ

ସିବିଏସ୍‌ଇ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତ ବୈଷୟିକ ଶିକ୍ଷୟିତ୍ରୀ ଶିକ୍ଷକମାନେ ଇଂଲିଶରେ ଶିକ୍ଷାଦାନ କରିଆସୁଥିବାବେଳେ ଓଡ଼ିଆରେ ପାଠପଢ଼ାଯିବା ସମସ୍ୟା ସୃଷ୍ଟି କରିପାରେ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କେତେକ ସିବିଏସ୍‌ଇ ସ୍କୁଲ କର୍ତ୍ତୃପକ୍ଷଙ୍କ କହିବାନୁସାରେ ପ୍ରାରମ୍ଭରେ ସମସ୍ୟା ହେଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ପିଲାଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରିବ। ଅନେକ ପିଲା ଇଂଲିଶରେ ପାଠ ବୁଝିପାରନ୍ତି ନାହିଁ। ସେହିପରି ସେମାନଙ୍କ ସାଙ୍ଗସାଥୀ ଇଂଲିଶରେ ପଚାରୁଥିବାବେଳେ ସେମାନେ ଓଡ଼ିଆରେ ପଚାରିବୁଝିବାକୁ କୁଣ୍ଠାବୋଧ କରନ୍ତି। ତେଣୁ ଏହି ନିୟମ ଲାଗୁ ହେଲେ ଅନେକ ☞ପୃଷ୍ଠା-୪

### ଛାତ୍ରୀଛାତ୍ର ଭଲଭାବେ ପାଠକୁ ବୁଝିପାରିବେ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ପୂର୍ବରୁ ସିବିଏସ୍‌ଇ ସ୍କୁଲରେ କେବଳ ଇଂଲିଶ ଓ ହିନ୍ଦୀରେ ଶିକ୍ଷାଦାନର ବ୍ୟବସ୍ଥା ଥିଲା। ଏଣିକି ସିବିଏସ୍‌ଇ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଇଚ୍ଛା ଅନୁସାରେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ଶିକ୍ଷା ଦିଆଯିବ। ମାତୃଭାଷାରେ ପଢ଼ିଲେ ସେମାନେ ଭଲଭାବେ ପାଠକୁ ବୁଝିପାରିବେ। ମୂଳ ବିଷୟର ସ୍ପଷ୍ଟତା ଆସିବ। ଛାତ୍ରୀଛାତ୍ରଙ୍କର ଚିନ୍ତନ ଶକ୍ତି ବୃଦ୍ଧିପାଇବ, ଯାହା ଶିକ୍ଷାନୀତିର ଉଦ୍ଦେଶ୍ୟ ରହିଛି। ତେବେ ପିଲାମାନେ କେଉଁ ଭାଷାରେ ପଢ଼ିବେ, ସେଥିପାଇଁ ସେମାନଙ୍କୁ ବାଧ କରାଯିବନାହିଁ। ସ୍କୁଲଗୁଡ଼ିକ ଧୀରେ ଧୀରେ ଏ ବ୍ୟବସ୍ଥାକୁ ଆପଣାଇବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଧାନ କହିଛନ୍ତି ।

ମଣିପୁରରେ ଆଉ ଏକ ବର୍ବରତା: ପଦାକୁ ଆସିଲା ୨ ମହିଳାଙ୍କୁ ବଳାତ୍କାର, ହତ୍ୟା ଘଟଣା ........ ୨ ........
ପୋଲିସ ନିର୍ଯାତନା: ମହାନଦୀକୁ ଡେଇଁଥିବା ଯୁବକଙ୍କ ମୃତ୍ୟୁ ........ ୩ ........
ଆଜିର ସମ୍ପାଦକୀୟ
ଅଣଦେଖା ଆଚରଣ

# ସ୍କୁଲ ଫାଟକରେ ତାଲା: ଖରାରେ ଠିଆହୋଇ ୮ ଛାତ୍ରୀଛାତ୍ର ଅସୁସ୍ଥ

ବୌଦ୍ଧ/ପୁରୁଣାକଟକ,୨୨।୭ (ଅଜିତ କୁମାର ବାରିକ/ ସୁକାନ୍ତ ପଟ୍ଟନାୟକ)

କୌଣସି କଥାକୁ ନେଇ କେତେଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା । ଏହାକୁ ନେଇ ଶନିବାର ସକାଳେ ଜଣେ ଅଭିଭାବକ କାହାକୁ କିଛି ନ ଜଣାଇ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ କଲେ ପ୍ରତିବାଦ । ଫଳରେ ଦୀର୍ଘ ସମୟ ଧରି ବାହାରେ ଛିଡା ହେବାରୁ ୮ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ଭଳି ସମ୍ବେଦନଶୀଳ ଘଟଣା ବୌଦ୍ଧ ଜିଲା ହରଭଙ୍ଗା

## ପିଲା କଳିକୁ ନେଇ ଜଣେ ଅଭିଭାବକଙ୍କ ଅମାନବୀୟ କାଣ୍ଡ

ବ୍ଲକର ଲୁଣିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ଏହି ଘଟଣା ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି ।

ପ୍ରକାଶ ଯେ, ଗତ ଶୁକ୍ରବାର ଦିନ ଖେଳଛୁଟି ସମୟରେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା । ପରେ ସମ୍ପୃକ୍ତ ☞ପୃଷ୍ଠା-୪




WHO ଏବଂ ସମଗ୍ର ମେଡିକାଲ ସିଷ୍ଟମ ଯାହା ନ କରିପାରିଲା, ସେହି କାମକୁ ପତଞ୍ଜଳି ୱେଲନେସ୍‌ରେ ଆମେ କରି ଦେଖାଇଛୁ । କେବଳ ରୋଗ ନିୟନ୍ତ୍ରଣ ନୁହେଁ ବରଂ ତାହାକୁ ଆରୋଗ୍ୟ କରି ପତଞ୍ଜଳି ଇତିହାସ ସୃଷ୍ଟି କରିଛି । 3000ରୁ ଅଧିକ ରିସର୍ଚ୍ଚ ପ୍ରୋଟୋକଲ୍ ଏବଂ 500ରୁ ଅଧିକ ରିସର୍ଚ୍ଚ ପେପର୍ ପୃଥିବୀର ଶ୍ରେଷ୍ଠ ରିସର୍ଚ୍ଚ ଜର୍ନାଲ୍‌ରେ ପ୍ରକାଶିତ କରି ପତଞ୍ଜଳି ଆୟୁର୍ବେଦକୁ ଆମେ ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ ରୂପେ ସ୍ଥାପିତ କରିଛୁ ।




ରୋଗକୁ କଣ୍ଟ୍ରୋଲ କରିବା ନାଁରେ ବର୍ଷ ବର୍ଷ ଧରି ଲୋକମାନେ ବି.ପି., ସୁଗାର, ଥାଇରଏଡ୍, ଆଜ୍‌ମା, କୋଲେଷ୍ଟରଲ୍ ଆଦିର ଔଷଧ ଖାଉଛନ୍ତି କିନ୍ତୁ ଏହିସବୁ ଔଷଧଗୁଡ଼ିକର କୁପ୍ରଭାବ ଓ ଦୀର୍ଘକାଳୀନ ରୋଗଗୁଡ଼ିକ କାରଣରୁ ସେମାନଙ୍କ ଜୀବନ ନର୍କରେ ପରିଣତ ହୋଇଯାଇଛି । ଚରକ, ସୁଶ୍ରୁତ, ଧନ୍ୱନ୍ତରୀ ଓ ପତଞ୍ଜଳିଙ୍କ ଭଳି ମହାଋଷିଙ୍କଠାରୁ ପ୍ରାପ୍ତ ଜ୍ଞାନ ଉପରେ ବୈଜ୍ଞାନିକ ଗବେଷଣା କରି ଆମେ କୋଟି କୋଟି ଲୋକଙ୍କ ରୋଗକୁ ମୂଳରୁ ଦୂର କରି ସେମାନଙ୍କୁ ସବୁ ରୋଗରୁ ସମ୍ପୂର୍ଣ୍ଣ ମୁକ୍ତ କରିଛୁ ।

ବି.ପି.
ବର୍ଷ ବର୍ଷ ଧରି ବି.ପି. ପାଇଁ ଏଲୋପାଥି ଔଷଧ ଖାଇବା ସତ୍ତ୍ୱେ ଲୋକେ ହାର୍ଟ, ବ୍ରେନ୍ ଷ୍ଟ୍ରୋକ୍ ଓ କିଡ୍‌ନୀ ଫେଲ୍ୟୁର୍, ଚିଡ଼ିଚିଡ଼ାପଣ, ଅନିଦ୍ରା ଆଦିରେ ପୀଡ଼ିତ ହେଉଛନ୍ତି।
ବି.ପି. ଗ୍ରୀଟ୍ ଓ ମୁକ୍ତାବଟୀର ସେବନ ଏବଂ ନିୟମିତ ଯୋଗାଭ୍ୟାସ କରି ବି.ପି.ରୁ ସମ୍ପୂର୍ଣ୍ଣ ମୁକ୍ତି ପାଆନ୍ତୁ ।

ସୁଗାର୍
ବର୍ଷ ବର୍ଷ ଧରି ସୁଗାର୍ ପାଇଁ ବିଦେଶୀ ଔଷଧ ଖାଇବା ସତ୍ତ୍ୱେ ଲୋକମାନଙ୍କର ଦୃଷ୍ଟିଶକ୍ତି ଦୁର୍ବଳ ହେଉଛି, କ୍ରିଏଟିନିନ୍ ବଢ଼ୁଛି, ଶିରା-ପ୍ରଶିରାର ଦୁର୍ବଳତା (ନ୍ୟୁରୋପାଥି) ବୃଦ୍ଧି ପାଉଛି ତଥା ଶରୀର ଦୁର୍ବଳ ଇମ୍ୟୁନିଟିର ଶିକାର ହେଉଛି।
ମଧୁନାଶିନୀ, ମଧୁଗ୍ରୀଟ୍ ସେବନ କରନ୍ତୁ ଏବଂ ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ଓ ମଧୁଗ୍ରୀଟ୍ ବସ୍ତି ଦ୍ୱାରା ନିଜକୁ ସମ୍ପୂର୍ଣ୍ଣ ରୂପେ ଅଣ-ଡାଇବେଟିକ୍ କରନ୍ତୁ ।

ଥାଇରଏଡ୍
ଏହାର ଔଷଧ ଖାଇ ଖାଇ ରୋଗୀ ଓଭରୱେଟ୍ ଓ ଅଣ୍ଡରୱେଟ୍ ହେଉଛନ୍ତି ତଥା ମୁଣ୍ଡବୁଲା ଓ ଡିପ୍ରେଶନ ଆଦିର ଶିକାର ହେଉଛନ୍ତି ।
ଥାଇରୋଗ୍ରୀଟ୍ ସହିତ କପାଳଭାତି, ଉଜ୍ଜାୟୀ ଆଦି ଯୋଗାଭ୍ୟାସ ଦ୍ୱାରା ଥାଇରଏଡ୍‌ର ସ୍ଥାୟୀ ସମାଧାନ ପାଆନ୍ତୁ ।

ନେତ୍ର ଓ କର୍ଣ୍ଣ ରୋଗ
ଏଲୋପାଥିରେ ଦୃଷ୍ଟି ଦୁର୍ବଳତା, ଗ୍ଲୁକୋମା, ମ୍ୟାକୁଲାର୍ ଡିଜନରେଶନ୍ ଆଦିର ଚିକିତ୍ସା ହିଁ ନାହିଁ ତଥା ଶ୍ରବଣ ରୋଗ ଓ ଟିନିଟସ୍ ପାଇଁ ତ କୌଣସି ଔଷଧ ମଧ୍ୟ ନାହିଁ ।
ଆଖି ପାଇଁ ଆଇଗ୍ରିଟ୍ ଓ ଅକ୍ଷୀ ତର୍ପଣ ତଥା କାନ ପାଇଁ ଇୟରଗ୍ରିଟ୍ ଓ କର୍ଣ୍ଣପୂରଣ ସହିତ ଯୋଗାଭ୍ୟାସ କରି ପୂର୍ଣ୍ଣ ଆରୋଗ୍ୟ ପାଆନ୍ତୁ ।

ଲିଭର୍
ଫ୍ୟାଟି ଲିଭର୍, ଲିଭର୍ ସିରୋସିସ୍ ଓ ହେପାଟାଇଟିସ୍ (A, B, C, D) ପାଇଁ କୌଣସି ସ୍ଥାୟୀ ଏଲୋପାଥି ଚିକିତ୍ସା ନାହିଁ ।
ଲିଭୋଗ୍ରୀଟ୍ ଓ ଲିଭାମୃତ ତଥା ବସ୍ତି ଦ୍ୱାରା ଲିଭରକୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ କରନ୍ତୁ ।

ଚର୍ମ ରୋଗ
ଡର୍ମାଟୋଲୋଜିଷ୍ଟଙ୍କ ପାଖରେ ଲ୍ୟୁକୋଡର୍ମା, ଏକ୍‌ଜିମା, ସୋରିଆସିସ୍ ଭଳି ଚର୍ମ ରୋଗର କୌଣସି ସ୍ଥାୟୀ ସମାଧାନ ନାହିଁ, ଅନ୍ୟପକ୍ଷରେ ଷ୍ଟେରଏଡ୍ ଓ ନାନା ପ୍ରକାର କେମିକାଲ୍‌ର ପ୍ରୟୋଗ କାରଣରୁ ଅନେକ କ୍ଷତି ସହିବାକୁ ପଡ଼ିଥାଏ ।
ଗୋଧନ ଅର୍କ + ନିମ ଘନବଟୀ, କାୟାକଳ୍ପ ବଟି, ଡର୍ମାଗ୍ରୀଟ୍, ସୋରୋଗ୍ରୀଟ୍, ଧଳା ଦାଗ ପାଇଁ ମେଲାନୋଗ୍ରୀଟ୍‌ର ପ୍ରୟୋଗ କରନ୍ତୁ ତଥା ପଞ୍ଚ ମହାଭୂତ ଚିକିତ୍ସା ଦ୍ୱାରା ଶରୀରର ଶୁଦ୍ଧୀକରଣ କରାନ୍ତୁ । ନିୟମିତ ରୂପେ ଯୋଗ, ଆୟୁର୍ବେଦ, ନେଚୁରୋପାଥି, ପଞ୍ଚକର୍ମ, ଷଟ୍‌କର୍ମ କରନ୍ତୁ ।

ଆର୍ଥ୍ରାଇଟିସ୍
ଏଲୋପାଥିରେ ଆର୍ଥ୍ରାଇଟିସ୍ ପାଇଁ ପେନ୍ କିଲର୍, ଷ୍ଟେରଏଡ୍ ଏବଂ ବାୟୋଲୋଜିକାଲ୍ ଡ୍ରଗ୍‌ସ ଦିଆଯାଇ ଲୋକଙ୍କ ଜୀବନକୁ ନର୍କ ସମାନ କରିଦିଆଯାଉଛି । ଏହାଦ୍ୱାରା ହାଡ଼ ଓ ପାଚନତନ୍ତ୍ର ଦୁର୍ବଳ ହେଉଛି ଏବଂ ଡାଇବେଟିସ୍ ତଥା ଦୃଷ୍ଟିହୀନତା ଭଳି ରୋଗ ଦେଖାଦେଉଛି ।
ପୀଡ଼ାନିଲ୍ ପେୟ ସହିତ ପୀଡ଼ାନିଲ ଗୋଲ୍ଡ, ଅର୍ଥୋଗ୍ରୀଟ୍, ଅର୍ଥୋକେୟାର୍ ସେବନ କରନ୍ତୁ ତଥା ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍ କରନ୍ତୁ, ବାତମୋକ୍ଷଣ, ରକ୍ତମୋକ୍ଷଣ, ଆକ୍ୟୁପ୍ରେସର୍, ଆକ୍ୟୁପଙ୍କଚର୍, ଲିଚ୍ ଥେରାପି, କାଇରୋପ୍ରାକ୍ଟିକ୍, ଔଷଧୀୟ ଲେପ ଲପେଟ ଓ ବୈତରଣା ବସ୍ତି କରାନ୍ତୁ ।

ଶ୍ୱାସରୋଗ
ଇନ୍‌ହେଲର୍ ଏବଂ ଷ୍ଟେରଏଡ୍ ଦ୍ୱାରା ଲୋକଙ୍କୁ ଅସ୍ଥାୟୀ ଉପଶମ ମିଳିଥାଏ ଏବଂ ଆଜ୍‌ମା ବା ଶ୍ୱାସରୋଗ କିଛି ସମୟ ପାଇଁ ଦବି ଯାଇଥାଏ । କିନ୍ତୁ ସାରା ଜୀବନ ପାଇଁ ଲୋକଙ୍କ ଫୁସ୍‌ଫୁସ୍ ଖରାପ ହୋଇଯାଇଥାଏ ଏବଂ ତାହାକୁ ଠିକ୍ କରିବା ପାଇଁ ଏଲୋପାଥିରେ କୌଣସି ଔଷଧ ନାହିଁ ।
ବ୍ରୋଙ୍କୋମ୍, ଶ୍ୱାସାରୀ ଗୋଲ୍ଡ, ବଟି, ଶ୍ୱାସାରୀ ପ୍ରବାହୀ ଆଦି ସହିତ ଭସ୍ତ୍ରିକା, କପାଳଭାତି, ଅନୁଲୋମ ବିଲୋମ, ପ୍ରାଣାୟାମ ଏବଂ ଭୁଜଙ୍ଗାସନ ଆଦି ଯୋଗାଭ୍ୟାସ କରି ଆଜ୍‌ମାରୁ ମୁକ୍ତି ପାଆନ୍ତୁ ।

ମେଦବହୁଳତା
ଏଲୋପାଥିରେ କୁହାଯାଇଥିବା ସିନ୍ଥେଟିକ୍ ଔଷଧ, ବେରିଏଟ୍ରିକ୍ ସର୍ଜରୀ, ଲିପୋସେକ୍ସନ ଆଦି ଅତ୍ୟନ୍ତ କ୍ଷତିକାରକ ହୋଇଥାଏ ।
ମେଦୋହର ବଟୀ ଏବଂ ୱେଟ୍‌ଗୋ ପ୍ରୟୋଗ ତଥା ଯୋଗ, ଆୟୁର୍ବେଦ ଦ୍ୱାରା ଆମେ ପ୍ରତିଦିନ 1-2 କିଲୋ ଓଜନ କମ୍ କରିପାରୁଛୁ ।

ଅସାଧ୍ୟ ରୋଗ
ହାର୍ଟ ବ୍ଲକେଜ୍, SLE, MS, ANA, AVN, HLAB27 ଆଦି ଅଟୋ ଇମ୍ୟୁନ୍ ରୋଗ, ନପୁଂସକତା, ୟୁଟିଆଇ ଏବଂ ଷ୍ଟ୍ରେସ୍ ଭଳି ରୋଗ ପାଇଁ ଏଲୋପାଥିରେ କୌଣସି ସ୍ଥାୟୀ ଏବଂ ପ୍ରମାଣିତ ଚିକିତ୍ସା ନାହିଁ ।

ଏହିସବୁ ଅସାଧ୍ୟ ଏବଂ ପ୍ରାଣଘାତୀ ରୋଗରେ ପୀଡ଼ିତ ସହସ୍ରାଧିକ ରୋଗୀଙ୍କୁ ଆମେ ରୋଗମୁକ୍ତ କରିଛୁ। ଏହାର ସାଇଣ୍ଟିଫିକ୍ ପ୍ରମାଣ ଆମ ନିକଟରେ ଉପଲବ୍ଧ ଅଛି । ତାହାକୁ କେହି ବି ଆମର ୱେବ୍‌ସାଇଟ୍ www.patanjaliwellness.com ପରିଦର୍ଶନ କରି ଦେଖିପାରିବେ ।

ପତଞ୍ଜଳି ଚିକିତ୍ସାଳୟ, ମେଗା ଷ୍ଟୋର
ଆପଣ ମଧ୍ୟ ଘରେ ବସି ୨୦-୨୨% ରୋଗର ଉପଚାର କରିପାରିବେ । ନିଜ ଜିଲ୍ଲାର ପତଞ୍ଜଳି ଏକ୍ସକ୍ଲୁସିଭ୍ ଷ୍ଟୋରକୁ ଯାଇ ନିଃଶୁଳ୍କ ବୈଦ୍ୟକୀୟ ଚିକିତ୍ସା ପରାମର୍ଶ ପ୍ରାପ୍ତ କରିପାରିବେ । ପତଞ୍ଜଳିର ସମସ୍ତ ଔଷଧ ଓ ହଜାରରୁ ଅଧିକ ପ୍ରଡକ୍ଟ୍‌ସ କିଣିବା ପାଇଁ ଥରେ ନିଶ୍ଚୟ ପରିଦର୍ଶନ କରନ୍ତୁ । ଆମର ସମସ୍ତ ଔଷଧ ପତଞ୍ଜଳି ଷ୍ଟୋର୍ସ ସହିତ ପ୍ରମୁଖ ମେଡିକାଲ, ଆୟୁର୍ବେଦିକ ଏବଂ ବଡ଼ ଷ୍ଟୋର୍ସରେ ଉପଲବ୍ଧ ।

PATANJALI wellness Yoga, Ayurveda & Naturopathy
ସମସ୍ତ ଅସାଧ୍ୟ ରୋଗରୁ ସ୍ଥାୟୀ ମୁକ୍ତି ପାଇବା ପାଇଁ ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ ଏବଂ ନିରାମୟମରେ ଅତି କମ୍‌ରେ 1 ସପ୍ତାହର ଆବାସିକ ଚିକିତ୍ସାର ପଞ୍ଜୀକରଣ ପାଇଁ ସମ୍ପର୍କ କରନ୍ତୁ
8954666111, 8954666222, 8954666333
booking@patanjaliwellness.com
www.patanjaliwellness.com
Scan For Booking:-

आस्था LIVE
ପ୍ରତିଦିନ ସକାଳ 5.00ରୁ 7.30 ଓ ରାତ୍ରି ୫.00ରୁ ୨.30 ଘଟିକା
INDIA TV LIVE
ପ୍ରତ୍ୟହ ସକାଳ 7.56 ଘଟିକା
ବିଶ୍ୱର ସବୁଠାରୁ ବଡ଼ ଯୋଗଗୁରୁଙ୍କ ସହିତ ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍ ଏବଂ ଇଣ୍ଟିଗ୍ରେଟେଡ୍ ଶହେରୁ ଅଧିକ ପ୍ରକାର ଥେରାପି ଦ୍ୱାରା ରୋଗୋପଚାର ବିଷୟରେ ଲାଇଭ୍ ଦେଖନ୍ତୁ ଓ ଶିଖନ୍ତୁ ।

ଉପରବର୍ଣ୍ଣିତ ଔଷଧଗୁଡ଼ିକର ବ୍ୟବହାର ପ୍ରସ୍ତାବ ମାତ୍ର ଅଟେ । ଉପରୋକ୍ତ ରୋଗଗୁଡ଼ିକର ପ୍ରବନ୍ଧନରେ ମୁଖ୍ୟତଃ ସେଗୁଡ଼ିକ ବ୍ୟବହୃତ ହୋଇଥାଏ । ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ । ସର୍ବଦା ଚିକିତ୍ସକୀୟ ନିରୀକ୍ଷଣ ଅଧୀନରେ ଔଷଧ ବ୍ୟବହାର କରନ୍ତୁ ।

**୧୦ କୋଟିର ବିଦେଶୀ ନୋଟ୍ ଜବତ**

ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶୁକ୍ରବାର ସୀମା ଶୁଳ୍କ ଅଫିସର ୩ ତାଜିକିସ୍ତାନୀଙ୍କଠାରୁ ୧୦ କୋଟି ଟଙ୍କାର ବିଦେଶୀ ନୋଟ୍ ଜବତ କରିଛନ୍ତି। ଅଭିଯୁକ୍ତମାନେ ଇସ୍ତାନବୁଲ ଯିବା ପାଇଁ ବୋର୍ଡିଂ କରୁଥିବାବେଳେ ଅଫିସରମାନେ ସେମାନଙ୍କୁ ଅଟକ ରଖିଥିଲେ। ବିଦେଶୀ ନୋଟ୍ ଚୋରାଚାଲାଣରେ ଏହା ସବୁଠୁ ବଡ଼ ସଫଳତା ବୋଲି ଅଫିସର କହିଛନ୍ତି।



# ମଣିପୁରରେ ଆଉ ଏକ ବର୍ବରତା
# ୨ ମହିଳାଙ୍କୁ ବଳାତ୍କାର, ହତ୍ୟା



ମଣିପୁରରେ ଯୌନ ହିଂସା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ମହାରାଷ୍ଟ୍ର ଠାଣେରେ ସ୍ଲୋଗାନ ଦେଉଛନ୍ତି।

**ଇମ୍ଫାଲ,୨୨।୭**

ମଣିପୁରରେ ଜାତିଆଣ ହିଂସାକାଣ୍ଡ ବେଳେ ମେ' ୪ରେ ୨ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବାର ଭିଡିଓ ଭାଇରାଲ ଏବଂ ସେମାନଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସେହିଦିନ କଙ୍ଗପୋକ୍ପି ଜିଲାରେ ୨ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଖବର ସାମ୍ନାକୁ ଆସିଛି। ଦୁଇ ପୀଡ଼ିତାଙ୍କ ବୟସ ୨୧ ଏବଂ ୨୪ ବର୍ଷ ହୋଇଥିବାବେଳେ ସେମାନେ ଇମ୍ଫାଲ ଇଷ୍ଟ ଜିଲାର କୋନୁଙ୍ଗ ମାମଙ୍ଗ ଅଞ୍ଚଳରେ ଏକ କାର୍ ୱାଶ୍‌ରେ କାମ କରୁଥିଲେ। ପୂର୍ବ ଘଟଣାଠାରୁ ମାତ୍ର

**■ଅଢ଼େଇ ମାସ ପରେ ବି ମିଳିନି ମୃତଦେହ**
**■କାହାକୁ ଗିରଫ କରିନି ପୋଲିସ**

୪୦ କିଲୋମିଟର ଦୂରରେ ଏହି ବୀଭତ୍ସ ଅପରାଧ ଘଟିଛି। କେତେଜଣ ମହିଳାଙ୍କ ସମେତ ଉତ୍ତ୍ୟକ୍ତ ଲୋକେ କାର୍ ୱାଶ୍‌ଠାରେ ପହଞ୍ଚି ଦୁଇ ଯୁବତୀଙ୍କୁ ମାଡ଼ ମାରିଥିଲେ। ପରେ ସେମାନେ ପୀଡ଼ିତାଙ୍କୁ ଏକ କୋଠରି ଭିତରକୁ ନେଇଯାଇ ଲାଇଟ୍ ଅଫ୍ କରିଦେବା ସହ ଯୌନ ନିର୍ଯାତନା ଦେଇ ମାରିଦେଇଥିଲେ। ଶେଷରେ ରକ୍ତ ଜୁଡ଼ୁବୁଡ଼ୁ ମୃତଦେହକୁ ସେମାନେ ପାଖରେ ଥିବା ଏକ କରତକଳ ମଧ୍ୟକୁ ଫିଙ୍ଗିଦେଇଥିଲେ।

ପୀଡ଼ିତାଙ୍କ ପୋଷାକ ଚିରାଯିବା ସହ ଚୁଟି କାଟିଦିଆଯାଇଥିଲା। ହିଂସା ଭୟରେ ମୃତକଙ୍କ ପରିଚୟ ସମ୍ପର୍କରେ ରିପୋର୍ଟ କରାଯାଇ ନ ଥିଲା। ମେ' ୧୬ରେ ଜଣେ ପୀଡ଼ିତାଙ୍କ ମାଆ ସାହସ ଜୁଟାଇ ସାଇକୁଲ୍ ଥାନାରେ ଜିରୋ ଏଫ୍ଆଇଆର୍ ଦେଇଥିଲେ। ଉକ୍ତ ଏତଲାରେ ତାଙ୍କ ଝିଅ ଓ ଅନ୍ୟ ଜଣେ ଯୁବତୀଙ୍କୁ ନିର୍ଯାତନା, ବଳାତ୍କାର ପରେ ବୀଭତ୍ସ ହତ୍ୟା କରାଯାଇଥିବା ମହିଳା ଉଲ୍ଲେଖ କରିଥିଲେ। ପରେ ଉକ୍ତ ଏତଲାକୁ ଇମ୍ଫାଲ ଇଷ୍ଟ ଜିଲାର ପୋରୋମପାଟ୍ ଥାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେମାନଙ୍କ ମୃତଦେହ ଏପର୍ଯ୍ୟନ୍ତ ମିଳି ନ ଥିବା ଅଭିଯୋଗରେ କୁହାଯାଇଛି। ଉକ୍ତ ମାମଲାରେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନ ଥିବାବେଳେ ପୋଲିସ ଅନ୍ୟ ଅପରାଧ ଅଭିଯୋଗଗୁଡ଼ିକର ଯାଞ୍ଚ କରୁଛି।

୨ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ ଘଟଣାର ଭିଡିଓ ବୁଧବାର ଭାଇରାଲ ହେବା ପରେ ସେମାନଙ୍କୁ ବଳାତ୍କାର ଏବଂ ଜଣେ ପୀଡ଼ିତାଙ୍କ ବାପା ଓ ଭାଇଙ୍କୁ ହତ୍ୟା କରାଯାଇଥିବା ନେଇ ମାମଲା ମଧ୍ୟ ଉକ୍ତ ଥାନାରେ ଦାଏର ହୋଇଥିଲା। ପୋଲିସ ଏହି ମାମଲାରେ ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କଲାଣି। ୪ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ନେଇ ପଚରାଉଚରା କରୁଛି।

ମେ' ୩ରୁ ଆରମ୍ଭ ହୋଇଥିବା ମଣିପୁର ଜାତିଆଣ ହିଂସାରେ ଅନ୍ୟୂନ ୧୬୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ହିଂସା ରୋକିବାରେ ବିଫଳ ହୋଇଥିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାର ସମାଲୋଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମଣିପୁର ହିଂସା ଉପରେ ଗୃହରେ ବିବୃତି ରଖିବା ଦାବିରେ ବିରୋଧୀ ସଦସ୍ୟମାନେ ଦୁଇଦିନ ହେଲା ପାର୍ଲାମେଣ୍ଟକୁ ଅଚଳ କରି ରଖିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କୁ ଜାଳିଦେଇଥିଲେ

ହିଂସା ପ୍ରପୀଡ଼ିତ ମଣିପୁରରୁ ଗୋଟିଏ ପରେ ଗୋଟିଏ ଲୋମହର୍ଷକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍‌ର ଭିଡିଓ ଭାଇରାଲ ହେବା ପରେ ଏବେ କାକ୍‌ଚିଙ୍ଗ ଜିଲା ସେରୋଉ ଗ୍ରାମର ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ୮୦ ବର୍ଷୀୟା ସ୍ତ୍ରୀଙ୍କୁ ସଶସ୍ତ୍ର ଲୋକେ ତାଙ୍କ ଘରେ ତାଲା ପକାଇ ଜୀଅନ୍ତା ଜାଳିଦେଇଥିବା ଖବର ସାମ୍ନାକୁ ଆସିଛି। ମେ' ୨୮ରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ଏନେଇ ସେରୋଉ ଥାନାରେ ମାମଲା ରୁଜୁ ହୋଇଛି। ମହିଳାଙ୍କ ସ୍ୱାମୀ ଏସ୍ ଚୁରାଚାନ୍ଦ ସିଂ ଜଣେ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କଲାମ ତାଙ୍କୁ ସମ୍ମାନିତ କରିଥିଲେ।

## ଇମ୍ଫାଲରେ ସାନି ହିଂସା

ମଣିପୁରର ଇମ୍ଫାଲରେ ଶନିବାର ସାନି ହିଂସାକାଣ୍ଡ ଘଟିଥିବା ଖବର ମିଳିଛି। ମହିଳା ବିକ୍ଷୋଭକାରୀମାନେ ଘରି ଅଞ୍ଚଳର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱକୁ ଅବରୋଧ କରି ରଖିବା ସହ ଟାୟାର ଜାଳିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ମଣିପୁର ସଶସ୍ତ୍ର ପୋଲିସ, ସେନା ଯବାନ ଏବଂ ରାପିଡ୍ ଆକ୍ସନ ବାଟାଲିୟନ ସେଠାରେ ପହଞ୍ଚିଥିଲେ। ସେମାନେ ନିଆଁ ଲିଭାଇ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ବିଭିନ୍ନ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି।

## ପଶ୍ଚିମବଙ୍ଗରେ ୨ ମହିଳାଙ୍କୁ ଅର୍ଦ୍ଧଉଲଗ୍ନ ପରେଡ୍

**କୋଲକାତା,୨୨।୭**

ପଶ୍ଚିମବଙ୍ଗର ମାଲଦାରେ ସ୍ଥାନୀୟ ଦୋକାନୀମାନେ ଦୁଇଜଣ ଆଦିବାସୀ ମହିଳାଙ୍କୁ ଚୋରି ସନ୍ଦେହରେ ଅର୍ଦ୍ଧ ଉଲଗ୍ନ ପରେଡ୍ କରାଇବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ପ୍ରକାଶ ପାଇବା ପରେ ଶନିବାର ପୋଲିସ ୫ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ୩/୪ ଦିନ ପୂର୍ବରୁ ମାଲଦାର ପକୁଆହାଟ ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ସମ୍ପ୍ରଦାୟରେ ଉତ୍ତେଜନା ପ୍ରକାଶ ପାଇଛି। ତେବେ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ନ ହେବା ପର୍ଯ୍ୟନ୍ତ କେହି ପୋଲିସରେ ଅଭିଯୋଗ କରି ନ ଥିଲେ। ଅନ୍ୟପକ୍ଷରେ ପୋଲିସ ଏହି ଘଟଣାରେ ନୀରବ ଦର୍ଶକ ସାଜିଥିବା ବିରୋଧୀ ଭାଜପା ଅଭିଯୋଗ କରିଛି।

## ଭାରତ ସହ ଏଆଇ ସହଭାଗିତା ପାଇଁ ଆମେରିକା ଆଗ୍ରହୀ

**ୱାଶିଂଟନ୍, ୨୨।୭**

ଭାରତ ଭଳି ଉଦାର ଦେଶ ଆମେରିକା ସହିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ସହଭାଗୀତାରେ କାର୍ଯ୍ୟ କରିବା ଲାଗି ରାଷ୍ଟ୍ରପତି ଜୋ' ବାଇଡେନ୍‌ଙ୍କ ବିଜ୍ଞାନ ପରାମର୍ଶଦାତା ଆରତୀ ପ୍ରଭାକର ପ୍ରସ୍ତାବ ଦେଇଛନ୍ତି। ୱାଶିଂଟନ୍‌ରେ ଗୁଗଲ, ମାଇକ୍ରୋସଫ୍ଟ ଭଳି ଅନେକ ଅଗ୍ରଣୀ ଆଇଟି ଫାର୍ମ ରହିଛି, ଯାହା ଏଆଇ ଉପରେ କାର୍ଯ୍ୟ କରିପାରିବେ। ତେବେ କୃତ୍ରିମ ବୁଦ୍ଧିମତ୍ତାକୁ କେବଳ ଜନ କଲ୍ୟାଣ ଉଦ୍ଦେଶ୍ୟରେ ଲଗାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆରତୀ କହିଛନ୍ତି।

## ସଂକ୍ଷେପରେ

### ବାଂଲାଦେଶରେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା

**ଢାକା,୨୨।୭:** ବାଂଲାଦେଶର ବ୍ରାହ୍ମନବାରିଆ ଜିଲାରେ ଜଣେ ୩୬ ବର୍ଷୀୟ ବ୍ୟକ୍ତି ଏକ ହିନ୍ଦୁ ମନ୍ଦିରରେ ପ୍ରବେଶ କରି ୫ରୁ ୬ ମୂର୍ତ୍ତି ଭଙ୍ଗାରୁଜା କରିଛନ୍ତି। ଗୁରୁବାର ରାତିରେ ଏହି ଘଟଣା ଘଟିଥିବାବେଳେ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ନିଆମତପୁର ଗ୍ରାମରେ ଥିବା ଦୁର୍ଗା ମନ୍ଦିରରେ ଭଙ୍ଗାରୁଜା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତ ଖଲିଲ ମିଆଁଙ୍କୁ ଧରିବାରେ ପୋଲିସକୁ ସହାୟତା କରିଥିଲେ। ତେବେ କ'ଣ ପାଇଁ ସେ ମନ୍ଦିରରେ ପ୍ରବେଶ କରି ଭଙ୍ଗାରୁଜା କଲେ ଜଣାପଡ଼ି ନାହିଁ।

### ଗାୟକ ଟୋନି ବେନେଟଙ୍କ ପରଲୋକ

**ୱାଶିଂଟନ୍,୨୨।୭:** ଆମେରିକୀୟ ଗାୟକ ଟୋନି ବେନେଟଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୬ ବର୍ଷ ହୋଇଥିଲା। ନିଜର ଗାଇକୀ ପାଇଁ ଟୋନି ଖୁବ୍ ଜଣାଶୁଣା। ୨୦ଟି ଗ୍ରାମୀ ଆୱାର୍ଡ ସାଙ୍ଗକୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ଏବଂ ପ୍ରାଇମ୍ ଟାଇମ୍ ଏମି ଆୱାର୍ଡ ବିଜେତା ଟୋନିଙ୍କ ପୂରା ନାମ ଆଣ୍ଟୋନି ଡୋମିନିକ୍ ବେନେଡେଟୋ। ନ୍ୟୁୟର୍କ ସିଟିରେ ୧୯୨୬ ଅଗଷ୍ଟ ୩ରେ ତାଙ୍କ ଜନ୍ମ। ଗୀତ ଗାଇବା ସାଙ୍ଗକୁ ପେଣ୍ଟିଂ କରିବା ତାଙ୍କୁ ଖୁବ୍ ପସନ୍ଦ। ଛୋଟବେଳୁ ଟୋନି ଗୀତ ଗାଇବା ଆରମ୍ଭ କରିଥିଲେ। ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସେ ଆମେରିକୀୟ ସେନାରେ ସାମିଲ ହୋଇଥିଲେ। ୧୯୫୧ ମସିହାର 'ବିକଜ୍ ଅଫ୍ ୟୁ' ଗୀତ ତାଙ୍କୁ ଲୋକପ୍ରିୟ କରିଥିଲା।



### ବୋଟ୍ ବୁଡ଼ି ୬ ମୃତ

**ଟ୍ୟୁନିସ୍,୨୨।୭:** ମରକୋରେ ବୋଟ୍ ବୁଡ଼ି ଶୁକ୍ରବାର ୬ ଶରଣାର୍ଥୀଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ଅନ୍ୟ ୪୮ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି।

### ତିହାରର ୪ ଅଫିସର ନିଲମ୍ବିତ

**ସୁପ୍ରିମକୋର୍ଟରେ ୟାସିନ ମଲିକ ହାଜର ଘଟଣା**

**ନୂଆଦିଲ୍ଲୀ,୨୨।୭:** ଆତଙ୍କବାଦୀଙ୍କୁ ଅଦାଲତରେ ହାଜର କରାଇବା ଉପରେ କଟକଣା ରହିଥିବା ସତ୍ତ୍ୱେ ଶୁକ୍ରବାର ହୁରିୟାତ୍ ନେତା ୟାସିନ ମଲିକଙ୍କୁ ପୋଲିସ ସୁରକ୍ଷାରେ ସୁପ୍ରିମକୋର୍ଟରେ ହାଜର କରାଯାଇଥିଲା। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଦୋଷୀସାବ୍ୟସ୍ତ ୟାସିନ ତିହାର କେନ୍ଦ୍ରୀୟ ଜେଲ୍‌ରେ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି। ଅଦାଲତ ସୁରକ୍ଷାରେ ଗୁରୁତର ତ୍ରୁଟି ପାଇଁ ଦିଲ୍ଲୀ କର୍ତ୍ତୃପକ୍ଷ ଜେଲ୍‌ର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୨ ଜଣ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଜେଲ୍ ନମ୍ବର ୭ର ମୁଖ୍ୟ ୱାର୍ଡରଙ୍କୁ ନିଲମ୍ବନ କରିଛନ୍ତି। ଘଟଣାର ସବିଶେଷ ତଦନ୍ତ ଲାଗି ଜେଲ୍ ମହାନିର୍ଦ୍ଦେଶକ ସଞ୍ଜୟ ବନିୱାଲ ନିର୍ଦ୍ଦେଶ ଦେଇଥିଲେ। ୟାସିନଙ୍କୁ ସଶରୀରେ ସର୍ବୋଚ୍ଚ ଅଦାଲତରେ ହାଜର କରାଯିବାରେ ଉପରୋକ୍ତ ୪ ଅଧିକାରୀ ଦାୟୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା।

## ସତର୍କ କରାଇଲେ ସିଜେଆଇ

**ଚେନ୍ନାଇ,୨୨।୭**

**ପ୍ରଯୁକ୍ତି, ସୋସିଆଲ ମିଡିଆ, ଏଆଇର ଦୁରୁପଯୋଗ**

ପ୍ରଯୁକ୍ତି, ବିଶେଷ କରି ବହୁସଂଖ୍ୟାରେ ଲୋକଙ୍କ ସହ ତୁରନ୍ତ ଯୋଗାଯୋଗକୁ ସହଜ କରାଇଥିବା ସାମାଜିକ ଗଣମାଧ୍ୟମ ଏବଂ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଯେପରି ଅପବ୍ୟବହାର ନ ହୁଏ, ତାହା ସୁନିଶ୍ଚିତ କରାଯିବା ଆବଶ୍ୟକ। କାରଣ ବ୍ୟକ୍ତି ମୂଲ୍ୟବୋଧ ଏବଂ ବ୍ୟକ୍ତିଗତ ଗୋପନୀୟତା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର କହିଛନ୍ତି। ସେ କହିଛନ୍ତି, ନୂଆ ପ୍ରଯୁକ୍ତି ଶୂନ୍ୟରେ ତିଷ୍ଠିପାରିବ ନାହିଁ। ସେଥିପାଇଁ ସେଗୁଡ଼ିକର ସୁବିନିଯୋଗ ଲାଗି ସୁରକ୍ଷିତ ବ୍ୟବସ୍ଥା କରିବାକୁ ହେବ। ସମ୍ଭାବ୍ୟ ବ୍ୟକ୍ତି ସ୍ୱାଧୀନତା ଉଲ୍ଲଂଘନ ନେଇ ଲୋକଙ୍କ ମଧ୍ୟରେ ଯେପରି କୌଣସି ସନ୍ଦେହ ନ ରହେ, ସେଥିପାଇଁ ଟେକ୍ନୋଲୋଜିର ବ୍ୟବହାରକୁ ନିର୍ଭରଯୋଗ୍ୟ କରାଯିବା ଆବଶ୍ୟକ ବୋଲି ସିଜେଆଇ ମତ ଦେଇଛନ୍ତି।

ସୋସିଆଲ ମିଡିଆ ବୟସ ଓ ଜାତୀୟତା ପ୍ରତିବନ୍ଧକ ହଟାଇ ଲୋକମାନଙ୍କ ମଧ୍ୟରେ ଯୋଗାଯୋଗକୁ ସହଜ କରାଇଛି। କିନ୍ତୁ ଏହି ନୂଆ ଯୋଗାଯୋଗ ବ୍ୟବସ୍ଥା ଅନ୍‌ଲାଇନରେ ଗାଳିଦେବା ଓ ଟ୍ରୋଲ କରିବା ଆଚରଣକୁ ଜନ୍ମ ଦେଇଛି। ସେହିପରି ଏଆଇକୁ ଅପବ୍ୟବହାର, ବିଭ୍ରାନ୍ତ କରିବା, ଧମକ ଦେବା ଆଦିରେ ବ୍ୟବହାର କରାଯିବା ସମ୍ଭାବନା ରହିଛି। କ୍ଷତିକାରକ ଉଦ୍ଦେଶ୍ୟରେ ଏଆଇର ଅପବ୍ୟବହାରକୁ ରୋକାଯିବା ଜରୁରୀ ବୋଲି ଆଇଆଇଟି ମାଡ୍ରାସର ୬୦ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି।

## ଭାରୋତ୍ତୋଳନ ବେଳେ ପ୍ରାଣ ହରାଇଲେ ପ୍ରଶିକ୍ଷକ

**ବାଲି,୨୨।୭**

ଇଣ୍ଡୋନେସିଆ ବାଲିରେ ଜିମ୍ ଟ୍ରେନର୍ ଜଷ୍ଟିନ୍ ବିକି (୩୩) ୱେଟ୍ ଲିଫ୍ଟିଂ କଲାବେଳେ ତାଙ୍କ ମୃତ୍ୟୁ ଘଟିଛି। ଏ ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ବହୁଳ ପ୍ରସାର ହେବାରେ ଲାଗିଛି। ବାର୍‌ବେଲ୍‌ରେ ୨୧୦ କେଜି ଓଜନ ରଖି ବିକି ଛିଡ଼ା ହେବାକୁ ଚେଷ୍ଟା କରୁଥିବାବେଳେ ହଠାତ୍ ପଛକୁ ପଡ଼ିଯାଇଥିଲେ। ଏହାପରେ ହାତରେ ଧରିଥିବା ୱେଟ୍ ଲୋଡ୍ ବାରବେଲ୍ ତାଙ୍କ ଗଳାରେ ପଡ଼ିଯାଇଥିଲା। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ଡାକ୍ତରଖାନା ନେଇଯାଇଥିଲେ। ବିକିଙ୍କ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା।


ଗାଜିଆବାଦ କାହ୍ନା ଉପବନ ଅଞ୍ଚଳରେ ସ୍ଥାନୀୟ ପିଲା ବନ୍ୟାଜଳରେ ଖେଳୁଛନ୍ତି।

## ଗୁଜରାଟର ଜୁନାଗଡ଼ରେ ବନ୍ୟା

**ଅହମ୍ମଦାବାଦ/ନୂଆଦିଲ୍ଲୀ,୨୨।୭**

**ମହାରାଷ୍ଟ୍ର, ଗୋଆରେ ରେଡ୍ ଆଲର୍ଟ**

ବିଭିନ୍ନ ରାଜ୍ୟରେ ମୌସୁମୀ ଜନିତ ଲଗାଣ ବର୍ଷା ଆରମ୍ଭ ହୋଇଯାଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ର, ଗୋଆ ଏବଂ ଗୁଜରାଟରେ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରେଡ୍ ଆଲର୍ଟ ଜାରି କରିଛି। ପ୍ରବଳ ବର୍ଷା ଯୋଗୁ ହିମାଚଳ ପ୍ରଦେଶ ସ୍ଥିତି ଶୋଚନୀୟ ହୋଇପଡ଼ିଛି। ବର୍ଷା ଜନିତ କ୍ଷୟକ୍ଷତି ବଢ଼ିବା ସହ ଶିମଲାର ଲୈଲା ପଞ୍ଚାୟତର ୩ ଜଣ ଲୋକ ନିଖୋଜ ଥିବାବେଳେ ବହୁ ଗାଡ଼ି ଭାସିଯାଇଛି। ସେହିପରି ଗୁଜରାଟ ଜୁନାଗଡ଼ରେ ପ୍ରବଳ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି। ଏ ନେଇ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ସମସ୍ତ କାର୍ଯ୍ୟକ୍ରମ ସ୍ଥଗିତ କରିଛନ୍ତି। ୪ ମ୍ୟୁନିସିପାଲିଟି ଟିମ୍ ମିଳିତ ଭାବେ ଲୋକଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟପକ୍ଷେ ଜମ୍ମୁରେ ପ୍ରବଳ ବର୍ଷା ଯୋଗୁ ଅମରନାଥ ଯାତ୍ରା ସ୍ଥଗିତ କରାଯାଇଛି। ପାଖାପାଖି ୫୪ ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

## ପୂର୍ବତନ ମନ୍ତ୍ରୀ ହତ୍ୟା ମାମଲାରେ ଶର୍ମିଳା ସାକ୍ଷୀ

**ହାଇଦ୍ରାବାଦ,୨୨।୭**

ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ ୱାଇ.ଏସ୍. ବିବେକାନନ୍ଦ ରେଡ୍ଡୀ ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଭଉଣୀ ତଥା ୱାଇଏସ୍ଆର୍ ତେଲଙ୍ଗାନା ପାର୍ଟିର ପ୍ରତିଷ୍ଠାତା ଶର୍ମିଳା ସିବିଆଇର ଗୁପ୍ତ ସାକ୍ଷୀ ରହିଥିବା ଜଣାପଡ଼ିଛି। ଶର୍ମିଳାଙ୍କ ବୟାନ ସହ ସିବିଆଇର ଚୂଡ଼ାନ୍ତ ଚାର୍ଜଶିଟ୍ ଶୁକ୍ରବାର ସାମ୍ନାକୁ ଆସିଛି। ଦାଦା ବିବେକାନନ୍ଦଙ୍କ ହତ୍ୟା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଶର୍ମିଳା ସିବିଆଇ ଅଧିକାରୀଙ୍କ


ୱାଇ.ଏସ୍. ଶର୍ମିଳା

ନିକଟରେ ହାଜର ହୋଇ କହିଥିଲେ। ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ୱାଇଏସ୍ଆର୍‌ସିପିର କଡ଼ପା ଏମ୍‌ପି ୱାଇଏସ୍ ଅବିନାଶ ରେଡ୍ଡୀ ଯେପରି ଟିକେଟ ନ ପାଇବେ ତାହା ସୁନିଶ୍ଚିତ କରିବା ଲାଗି ବିବେକାନନ୍ଦଙ୍କୁ ହତ୍ୟା କରାଯାଇଥିବା ସେ ସିବିଆଇ ଅଧିକାରୀମାନଙ୍କ ଆଗରେ ବୟାନ ଦେଇଥିଲେ।

ପ୍ରକାଶ ଯେ, ନିର୍ବାଚନ ପ୍ରଚାର ବେଳେ ୨୦୧୯ ମାର୍ଚ୍ଚ ୧୫ରେ ବିବେକାନନ୍ଦଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ସିବିଆଇ ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କରିଛି, ଯେଉଁଥିରେ ଅବିନାଶ ଓ ତାଙ୍କ ବାପା ଭାସ୍କର ରେଡ୍ଡୀଙ୍କୁ ହତ୍ୟା ଷଡ଼ଯନ୍ତ୍ର ଏବଂ ଅପରାଧ ଭିଆଇବା ପାଇଁ ୪ ସୁପାରି କିଲରଙ୍କୁ ଟଙ୍କା ଦେବା ନେଇ ଅଭିଯୁକ୍ତ ଦର୍ଶାଯାଇଛି।

## ଉତ୍ତାପ ବୃଦ୍ଧିରୁ ବଢ଼ୁଛି ଖାଦ୍ୟ ସଙ୍କଟ

**ନୂଆଦିଲ୍ଲୀ,୨୨।୭**

**ଯୁଦ୍ଧ, ରପ୍ତାନି କଟକଣା ସମସ୍ୟା ସୃଷ୍ଟି କରୁଛି**

ବିଶ୍ୱର ଅଧିକାଂଶ ଦେଶରେ ଅତ୍ୟଧିକ ଉତ୍ତାପ ବୃଦ୍ଧି ଯୋଗୁ ଫସଲ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଭୀଷଣ ଜଳବାୟୁ ସାରା ବିଶ୍ୱରେ ଖାଦ୍ୟ ସଙ୍କଟର କେବଳ ଗୋଟିଏ କାରଣ ନୁହେଁ। ଯୁଦ୍ଧ ଏବଂ ରପ୍ତାନି କଟକଣା ମଧ୍ୟ ଖାଦ୍ୟ ସଙ୍କଟର ଅନ୍ୟତମ କାରଣ। ବିଶ୍ୱର ପାଖାପାଖି ଅଧା ଜନସଂଖ୍ୟା ପାଇଁ ଚାଉଳ ଯୋଗାଉଥିବା ଭାରତ ଚଳିତ ସପ୍ତାହରେ ଅଣବାସମତୀ ଚାଉଳ ରପ୍ତାନିବନ୍ଦ କରିଛି। ଏଥର ମୌସୁମୀ ବର୍ଷାରେ ବିଳମ୍ବ ଯୋଗୁ କୃଷି ଉତ୍ପାଦନ ହ୍ରାସ ସମ୍ଭାବନା ଥିବାରୁ ଘରୋଇ ବଜାରରେ ଦରଦାମ୍ ନିୟନ୍ତ୍ରଣରେ ରଖିବା ପାଇଁ ଭାରତ ଉପରୋକ୍ତ ପଦକ୍ଷେପ ନେଇଛି। ୟୁକ୍ରେନ୍ ଯୁଦ୍ଧ ମଧ୍ୟ ଖାଦ୍ୟଶସ୍ୟ ଯୋଗାଣରେ ଅନ୍ତରାୟ ହୋଇଛି। କୃଷ୍ଣସାଗର ଅଞ୍ଚଳର ଦେଶଗୁଡ଼ିକୁ ନିରାପଦରେ ୟୁକ୍ରେନ୍ ଖାଦ୍ୟଶସ୍ୟ ଯୋଗାଣ ପାଇଁ ରହିଥିବା ଚୁକ୍ତିନାମାରୁ ରୁଷିଆ ଓହରିଯିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏହା ବାଦ୍ ଏଲ୍ ନିନ୍ୟୋର ଆଗମନ ଯୋଗୁ କୃଷି ଉତ୍ପାଦନ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ଫଳରେ ସୁପରମାର୍କେଟ ଗୁଡ଼ିକରେ ମୂଲ୍ୟବୃଦ୍ଧି ନିୟନ୍ତ୍ରଣ ବାହାରକୁ ଯାଇପାରେ ଓ ଦୀର୍ଘଦିନ ରହିପାରେ ବୋଲି କୁହାଯାଉଛି। ବଜାର ସ୍ଥିତିରେ ସୁଧାର ଆସିବା ଲକ୍ଷ୍ୟରେ ଦୀର୍ଘଦିନ ହେଲା ଘରକରଣା ଖର୍ଚ୍ଚ କମାଇ ଅପେକ୍ଷା କରିଥିବା ଗ୍ରାହକମାନଙ୍କ ପାଇଁ ଏହା ନୂଆ ଝଟକା ହେବାକୁ ଯାଉଛି।

ଲଣ୍ଡନସ୍ଥିତ ଚାଥାମ ହାଉସ୍‌ର ଖାଦ୍ୟ ସୁରକ୍ଷା ବିଶେଷଜ୍ଞ ଟିମ୍ ବେଣ୍ଟନ କହିଛନ୍ତି, ଦରଦାମ୍ ବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ମୁଦ୍ରାସ୍ଫୀତିରେ ଧୀରେ ଧୀରେ କମୁଥିଲେ ମଧ୍ୟ ପୁଣିଥରେ ବୃଦ୍ଧି ପାଇବା ସମ୍ଭାବନା ସୃଷ୍ଟି ହୋଇଛି। କାରଣ ଅତ୍ୟଧିକ ଉତ୍ତାପ ଏସିଆ, ୟୁରୋପ ଏବଂ ଉତ୍ତର ଆମେରିକାର ବିସ୍ତୀର୍ଣ୍ଣ ଅଞ୍ଚଳକୁ କବଳିତ କରି ରଖିଛି। ଚଳିତ ବର୍ଷ କୃଷକମାନଙ୍କ ପାଇଁ ସବୁଠୁ ଖରାପ ବର୍ଷ ବୋଲି କୁହାଯାଉଛି। କାରଣ ସେମାନଙ୍କୁ ଅନାବୃଷ୍ଟି, ବର୍ଷା ବିପ୍ରାତ ବନ୍ୟା ଭଳି ଭୀଷଣ ପାଗର ସମ୍ମୁଖୀନ ହେବାକୁ ପଡୁଛି। ଏବେ ଦକ୍ଷିଣ ୟୁରୋପରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଗାଈ କମ୍ କ୍ଷୀର ଦେଉଥିବାବେଳେ ଟମାଟୋ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି।

## ଝିଅକୁ ଧରି ପୋଲାଣ୍ଡରୁ ଝାଡ଼ଖଣ୍ଡ ଆସିଲେ ମହିଳା

**ରାଞ୍ଚି,୨୨।୭**

ଅନ୍‌ଲାଇନ୍ ଗେମ୍ ପବ୍‌ଜି ଖେଳି ପାକିସ୍ତାନ ସୀମା ହାଇଦର ନିଜ ୪ ପିଲାଙ୍କୁ ନେଇ ଭାରତ ଅନୁପ୍ରବେଶ କରିବା ସାରା ଦେଶରେ ଚର୍ଚ୍ଚା ଜୋର ଧରିଥିବାବେଳେ ଏମିତି ଏକ ଘଟଣା ଝାଡ଼ଖଣ୍ଡରୁ ସାମ୍ନାକୁ ଆସିଛି। ୪୯ ବର୍ଷୀୟା ବାର୍ବରା ପୋଲାକ ପ୍ରେମିକ ଶଦାବ ମଲିକଙ୍କ ପାଇଁ ପୋଲାଣ୍ଡ ଛାଡ଼ି ଏବେ ଝାଡ଼ଖଣ୍ଡରେ ପହଞ୍ଚିଛନ୍ତି। ତେବେ ବାର୍ବରା ବେଆଇନ୍ ଭାବେ ନୁହେଁ ବରଂ ଟୁରିଷ୍ଟ ଭିଜାରେ ଭାରତ ଆସିଛନ୍ତି, ଯାହାର ଅବଧି ୨୦୨୭ ପର୍ଯ୍ୟନ୍ତ ଅଛି। ଶଦାବଙ୍କୁ ବାହାହେବା ପରେ ବାର୍ବରାଙ୍କ ପ୍ରେମ ଏବେ ସଫଳ ହୋଇଥିବା କୁହାଯାଉଛି। ସେ ୬ବର୍ଷର ଝିଅ ଅନନ୍ୟା ଏବଂ ଶଦାବ


ବାର୍ବରା ଓ ଝିଅ ସହ ଶଦାବ

ଏବେ ଝାଡ଼ଖଣ୍ଡର ବରତୁଆ ଗ୍ରାମରେ ରହୁଛନ୍ତି। ୨୦୨୧ରେ ବାର୍ବରା ଓ ଶଦାବ ଦୁହେଁ ଇନ୍‌ଷ୍ଟାଗ୍ରାମ ଜରିଆରେ ପରିଚିତ ହୋଇଥିଲେ। କିଛିଦିନର ଚାଟିଂ ପରେ ସେମାନଙ୍କ ମଧ୍ୟରେ ବନ୍ଧୁତା ଓ ପରେ ଏହା ପ୍ରେମର ରୂପ ନେଇଥିଲା। ବାର୍ବରା ଓ ଶଦାବ ହଜାରିବାଗ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ କୋର୍ଟରେ ବାହାହେବାକୁ ଯାଉଛନ୍ତି। ଏନେଇ ଗାଁ ସାରା ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ବାର୍ବରା ଭାରତକୁ ପ୍ରଶଂସା କରିବା ସହ ହଜାରିବାଗରେ ରହିବା ତାଙ୍କୁ ପସନ୍ଦ ଆସୁଥିବା କହିଛନ୍ତି। ପୋଲାଣ୍ଡରେ ଚାକିରି ଛାଡ଼ି ବାର୍ବରା କେବଳ ଶଦାବଙ୍କ ପାଇଁ ଝାଡ଼ଖଣ୍ଡ ଆସିଥିବା କହିଛନ୍ତି। ଏଥିସହ ଶଦାବଙ୍କ ପରିବାର ତାଙ୍କୁ ଖୁବ୍ ଆଦର କରୁଥିବା ବାର୍ବରା କହିଛନ୍ତି। ଗତ କିଛି ବର୍ଷ ହେଲା ବାର୍ବରା ତାଙ୍କ ପୂର୍ବତନ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ଦେଇଥିବାବେଳେ ଝିଅ ସହ ଏକୁଟିଆ ରହୁଥିଲେ।

**ଇନ୍‌ଷ୍ଟାଗ୍ରାମରୁ ପ୍ରେମ**

ସୀମା ହାଇଦରଙ୍କ ଭଳି ଗତବର୍ଷ ୧୯ ବର୍ଷୀୟା ଇକ୍‌ରା ଅନ୍‌ଲାଇନ୍‌ରେ ଲୁଡୋ ଖେଳି ବେଙ୍ଗାଲୁରୁରେ ଥିବା ପ୍ରେମିକଙ୍କ ପାଖକୁ ଚାଲିଆସିଥିଲେ। ବେଆଇନ ଭାବେ ଭାରତରେ ରହିବା ନେଇ ଇକ୍‌ରାଙ୍କୁ ପୋଲିସ ଗିରଫ କରିବା ପରେ ଗତ ଜାନୁୟାରୀରେ ତାଙ୍କୁ ପାକିସ୍ତାନ ପଠାଯାଇଛି।

# ପୋଲିସ ନିର୍ଯାତନା: ମହାନଦୀକୁ ଡେଇଁଥିବା ଯୁବକଙ୍କ ମୃତ୍ୟୁ

- କ୍ୟାଣ୍ଟନମେଣ୍ଟ ଥାନାରୁ ଖସି ପଳାଇଥିଲେ
- ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ୍ ଅନୁସାରେ ତଦନ୍ତ କରାଯିବ: ଡିସିପି

କଟକ,୨୨।୭(କାର୍ତ୍ତିକ ସାହୁ)

କଟକ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ହେପାଜତରୁ ଶୁକ୍ରବାର ଫେରାର ହୋଇଯାଇଥିବା ଜଣେ ଯୁବକଙ୍କ ମୃତଦେହ ଶନିବାର ସକାଳେ ମହାନଦୀରୁ ଉଦ୍ଧାର କରାଯାଇଛି। ଯୋବ୍ରା ଆନିକଟ ନିକଟରେ ଏକ ମୃତଦେହ ଭାସୁଥିବା ସୂଚନା ପାଇବାପରେ ଜଗତପୁର ଥାନା ପୋଲିସ ଓ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀମାନେ ମୃତଦେହକୁ ଉଦ୍ଧାର କରିଥିଲେ। ଉକ୍ତ ମୃତଦେହ ଶଙ୍କର୍ଷଣ ବେହେରା ଓରଫ ବବ୍‌ଲୁଙ୍କ ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରିଛନ୍ତି। ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାରେ ଅତ୍ୟଧିକ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯିବାରୁ ଶଙ୍କର୍ଷଣ ଜୀବନ ବିକଳରେ ପୋଲିସ ହେପାଜତରୁ ଖସିଆସି ମହାନଦୀକୁ ଡେଇଁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପୋଲିସ ହେପାଜତରେ ଥିବାବେଳେ ଯେହେତୁ ଯୁବକଙ୍କ ମୃତ୍ୟୁ ହୋଇଛି, ତେଣୁ ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ ଅନୁସାରେ ତଦନ୍ତ କରାଯିବ ବୋଲି କଟକ ଡିସିପି ପିନାକ ମିଶ୍ର କହିଛନ୍ତି।

ଡିସିପି କାର୍ଯ୍ୟାଳୟରେ ଶନିବାର ମିଶ୍ର ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହାକୁ ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଛନ୍ତି। ଏକ ମୋବାଇଲ ଚୋରି ମାମଲାରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ଶଙ୍କର୍ଷଣଙ୍କୁ ଥାନାକୁ


ଶଙ୍କର୍ଷଣ ବେହେରା

ଆଣି ଅଟକ ରଖିଥିଲା। ତେବେ ଥାନାର ଜଣେ ସେଣ୍ଟ୍ରିଙ୍କୁ ଧକ୍କା ଦେଇ ଶଙ୍କର୍ଷଣ ଦୌଡ଼ି ପଳାଇଯାଇଥିଲେ। ପୋଲିସ କର୍ମଚାରୀମାନେ ତାଙ୍କ ପିଛା କରିଥିଲେ। ହେଲେ ଥାନା ସମ୍ମୁଖ ମହାନଦୀରେ ସେ ପାଣିକୁ ଡେଇଁ ପଡ଼ିଥିଲେ। ପୋଲିସ କର୍ମଚାରୀମାନେ ତାଙ୍କ ଫେରିଆସିବାକୁ ବୁଝାଇଥିବା ସତ୍ତ୍ୱେ ସେ ଶୁଣି ନ ଥିଲେ। ନିକଟରେ ଏକ ଟାପୁ ରହିଥିବାରୁ ସେ ମହାନଦୀର ପାଣିରେ ପଶି ଉକ୍ତ ଟାପୁ ନିକଟକୁ ଯିବାକୁ ଉଦ୍ୟତ ହୋଇଥିଲେ। ହେଲେ କିଛି ସମୟ ପରେ ସେ ଆଉ ଦୃଶ୍ୟମାନ ହୋଇ ନ ଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ମହାନଦୀ ପାଣିରେ ଖୋଜାଖୋଜି କରିଥିଲେ ବି କିଛି ସନ୍ଧାନ ମିଳି ନ ଥିଲା। ମୃତକଙ୍କ ପରିବାର କରିଥିବା ପୋଲିସ ନିର୍ଯାତନା ଅଭିଯୋଗ ସଂକ୍ରାନ୍ତରେ ଡିସିପି କହିଛନ୍ତି ଯେ, ଦିନ ତମାମ ତାଙ୍କ ପରିବାର ଲୋକଙ୍କ ସହ ଅଛୁ। ସେମାନେ ଲିଖିତ ଭାବେ କିଛି ଅଭିଯୋଗ କରିନାହାନ୍ତି। ତାଙ୍କୁ କହିଛୁ ଅଭିଯୋଗ କଲେ ନିଶ୍ଚିତ ଭାବେ ତଦନ୍ତ କରାଯିବ। ଥାନାରେ ସିସିଟିଭି ଫୁଟେଜ୍ ରହିଛି। ସିସିଟିଭି ରେକର୍ଡିଂରୁ ସବୁକିଛି ଜଣାପଡ଼ିଯିବ। ଅଭିଯୋଗ କରାଗଲେ ଜଣେ ଅତିରିକ୍ତ ଡିସିପି ପାହ୍ୟାର ଅଧିକାରୀଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବ। ତେବେ ଏବେ ଏଡିସିପି ଅନିଲ ମିଶ୍ରଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଯୁବକଙ୍କୁ କେଉଁ ପରିସ୍ଥିତିରେ ଥାନାକୁ ଅଣାଯାଇଥିଲା। ପୋଲିସ ହେପାଜତରୁ ଦୌଡ଼ି ପଳାଇଥିବାରୁ କେଉଁ ପରିସ୍ଥିତିରେ ସେ ଏଭଳି ଘଟଣା ଘଟାଇଲେ, ତା'ର ତଦନ୍ତ କରିବେ। କାହାର ଅବହେଳା ପାଇଁ ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରାଯାଇ ଉଚିତ୍ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଫାଷ୍ଟଫୁଡ ବ୍ୟବସାୟ କରୁଥିବା ଶଙ୍କର୍ଷଣଙ୍କୁ ବିଡ଼ାନାସୀ ଥାନା ପୋଲିସ ୧୯ ତାରିଖ ସକାଳେ ଏକ ଚୋରି ମାମଲାରେ ବିଡ଼ାନାସୀ ଟ୍ରାଞ୍ଜିଟ ହାଉସ ଅଞ୍ଚଳ ଘରୁ ଉଠାଇ ଆଣିଥିଲା। ତାଙ୍କ ନିକଟରୁ ପୋଲିସ ଏଲ୍‌ଇଡି ଟିଭି ଓ ଗ୍ୟାସ ସିଲିଣ୍ଡର ଜବତ କରିଥିଲା। ତା'ପରେ ବିଡ଼ାନାସୀ ଥାନା ପୋଲିସ ଶଙ୍କର୍ଷଣଙ୍କୁ କ୍ୟାଣ୍ଟନମେଣ୍ଟ ଥାନା ଜିମା ଦେଇଥିଲା। ସେଠାରେ ବବ୍‌ଲୁ ସେଣ୍ଟ୍ରିଙ୍କୁ ଧକ୍କା ଦେଇ ଫେରାର ହେବା ପରେ ମହାନଦୀକୁ ଡେଇଁଥିଲେ। ଭାଇଙ୍କ ନାମରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ତାଙ୍କୁ ଉଠାଇ ଆଣି ପୋଲିସ ୩ ରାତି ନିର୍ଘାତ ମାଡ଼ ମାରିଥିବା ଭଉଣୀ ଅଭିଯୋଗ କରିଛନ୍ତି।

### ଡିସିପିଙ୍କୁ ଭେଟିଲା ନଗର ଭାଜପା

କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ହେପାଜତରେ ଥିବା ଯୁବକ ଭିଆଇପି ରୋଡ଼ରୁ ଫେରାର ହୋଇ ମହାନଦୀ ଭିତରେ ଡେଇଁ ମୃତ୍ୟୁବରଣ କରିବା ଘଟଣାକୁ ପୋଲିସର ଚରମ ଅବହେଳା ବୋଲି ନଗର ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପାର ଏକ ଟିମ୍ କଟକ ଡିସିପିଙ୍କୁ ଭେଟି ମୃତକଙ୍କ ପରିବାରକୁ ଉଚିତ୍ ନ୍ୟାୟ ପ୍ରଦାନ ସହ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ମୃତ ଶଙ୍କର୍ଷଣଙ୍କ ପରିବାର ଲୋକଙ୍କ ସହିତ ଏସ୍‌ସିବି ମେଡିକାଲରେ ନଗର ଭାଜପାର ଏକ ଟିମ୍ ରହିଥିଲା। ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, କଳ୍ପନା ବେହେରା, ମଣ୍ଡଳ ସଭାପତି ରତନ ମହାନ୍ତି, ଦେବାନନ୍ଦ ସିଂ, ମିଡିଆ ସଂଯୋଜକ ସୁବାସ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ବଗିକୁ ଛାଡ଼ି ଚାଲିଗଲା ମାଲବାହୀ

ସୋର, ୨୨।୭
(ଜନ୍ମେଜୟ ମିଶ୍ର)


ଟ୍ରେନଠାରୁ ଅଲଗା ହୋଇ ରହିଥିବା ବଗି।

ବାଲେଶ୍ୱର ଜିଲା ସୋର ରେଳଷ୍ଟେଶନର କିଛି ଦୂରରେ ଶନିବାର ପୂର୍ବାହ୍ନରେ ଏକ ମାଲବାହୀ ଟ୍ରେନ ବଗିକୁ ଛାଡି ୨କି.ମି. ପଳାଇଥିଲା। ପ୍ରାୟ ୨୫ ମିନିଟ୍ ପରେ ଏହା ଜଣାପଡିବାରୁ ଟ୍ରେନ ପଛେଇ ପଛେଇ ଆସି ପୁଣି ବଗି ସହ ସଂଯୋଗ ହୋଇଥିଲା। ଏହାପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଏହି ମାଲବାହୀ ଟ୍ରେନଟି ଧାମରାରୁ କୋଇଲା ବୋଝେଇ କରି କୋଲକାତା ଅଭିମୁଖେ ଯାଉଥିଲା। ଡାଉନ ଲାଇନର ୨ ନମ୍ବର ପ୍ଲାଟଫର୍ମ ଅତିକ୍ରମ କରିବା ବେଳେ ବଗିଗୁଡିକୁ ଛାଡି ଟ୍ରେନ ଆଗକୁ ପଳାଇଥିଲା। ଟ୍ରେନ ମେନଲାଇନରେ ଯାଉଥିବାରୁ ଏହି ଘଟଣା ପରେ ସବୁ ଟ୍ରେନଗୁଡିକ ବିଳମ୍ବରେ ଚାଲିଛି। ସେହିପରି ଶୁକ୍ରବାର ସନ୍ଧ୍ୟାରେ ରେଳଷ୍ଟେଶନରେ ଏକ ମାଲବାହୀ ଟ୍ରେନରୁ ୧୦ଟି ବଗି ଏହିପରି ଭାବେ ଟ୍ରେନରୁ ବିଚ୍ୟୁତ ହୋଇଯାଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ଟ୍ରେନର ବଗିଗୁଡିକୁ ଯୋଡ଼ାଯିବା ପରେ ଗନ୍ତବ୍ୟ ପଥରେ ଯାଇଥିଲା। ପ୍ରାୟ ପ୍ରତିଦିନ କେଉଁଠି ନା କେଉଁଠି ଏଭଳି ଘଟଣା ଘଟୁଥିବାରୁ ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି।

# କାଲେରୁ ପୋଲ ଉପରେ ୫ ଫୁଟ ପାଣି


ପୋଲ ଉପରେ ପ୍ରବାହିତ ବର୍ଷାଜଳ।

### ଯାତାୟାତ ବନ୍ଦ, ଉଭୟ ପଟେ ଅଟକିଛି ଗାଡ଼ି

ମାଲକାନଗିରି, ୨୨।୭ (ଦୁର୍ଯ୍ୟୋଧନ ପାତ୍ର)

ଲଘୁଚାପ ଯୋଗୁ ଆନ୍ଧ୍ରପ୍ରଦେଶର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବା ଫଳରେ ଗୋଦାବରୀ ନଦୀ ଧୀରେ ଧୀରେ ବଢ଼ିବାରେ ଲାଗିଛି। ମୋଟୁ ସୀମାନ୍ତ ରାଞ୍ଚି-ବିଜୟୱାଡାକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୀମାନ୍ତ ମୋଟୁର କୁଇଗୁରୁ ଗ୍ରାମ ନିକଟ କାଲେରୁ ପୋଲ ଉପରେ ୫ ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ଉଭୟ ପଟରେ ଶତାଧିକ ଗାଡ଼ି ଅଟକି ରହିଛି। ମାଲକାନଗିରି ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ଏବଂ ମୋଟୁ ତହସିଲଦାର ଦୁର୍ଗାପ୍ରସାଦ ଦୋରା ମୋଟୁଠାରେ ପହଞ୍ଚି ବନ୍ୟା ଆଶ୍ରୟସ୍ଥଳୀର ତଦାରଖ କରିଛନ୍ତି। ତେବେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ଥିବା ବେଳେ ଆନ୍ଧ୍ର ପୋଲାଭରମ୍ ପ୍ରକଳ୍ପ ଯୋଗୁ ଏପରି ସମସ୍ୟା ଦେଖା ଦେଇଥିବା ଜଣାପଡ଼ିଛି। ମୋଟୁ ସୀମାନ୍ତରେ ସାବେରୀ, ସିଲେରୁ ଓ ଗୋଦାବରୀ ନଦୀର ସଙ୍ଗମସ୍ଥଳ ହୋଇଥିବା ବେଳେ ପୋଲାଭରମ୍‌ର ପଛୁଆ ପାଣି ଏହି ନଦୀ ଦେଇ ପ୍ରବାହିତ ହେଉଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି।

ପ୍ରକାଶ ଯେ, ଶନିବାର ଗୋଦାବରୀ ନଦୀରେ ୪.୯ ଫୁଟ ପାଣି ରହିଛି, ଯାହାକି ପ୍ରଥମ ବିପଦ ସଂକେତ ହୋଇଥିବା ବେଳେ ରିପୋର୍ଟ ଲେଖାହେବା ସୁଦ୍ଧା ତାହା ହ୍ରାସ ପାଇ ୪୧.୭ ଫୁଟକୁ ଆସିଛି। ତେବେ ଆଗାମୀ ଦିନରେ ଯଦି ଆହୁରି ଏପରି ବର୍ଷା ଲାଗି ରହେ ତେବେ ମୋଟୁରେ ବନ୍ୟା ହେବା ଆଶଙ୍କା କରାଯାଉଛି।

# ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ଆଜି

### ୫ ଗେଟ୍ ଦେଇ ଛଡ଼ାଯିବ


ବନ୍ୟାଜଳ ନିଷ୍କାସନ ନେଇ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି।

**ସମ୍ବଲପୁର,୨୨।୭(ଶୁଭାଶିଷ ପାଢ଼ୀ):** ହୀରାକୁଦ ଡ୍ୟାମ୍‌ରୁ ଚଳିତବର୍ଷ ପ୍ରଥମ ବନ୍ୟାଜଳ ରବିବାର ସକାଳ ୯ଟାରେ ନିଷ୍କାସନ ହେବ। ପ୍ରତିବର୍ଷ ଭଳି ପ୍ରଥମେ ୭ନଂ. ସ୍ଲୁଇସ୍ ଗେଟ୍ ଖୋଲାଯିବ। ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍‌ଦେଇ ବନ୍ୟାଜଳ ଛଡ଼ାଯିବ। ଡ୍ୟାମ୍ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜାରିକରି ଏହି ସୂଚନା ଦେଇଛନ୍ତି। ଉପରମୁଣ୍ଡରେ ବର୍ଷା ଯୋଗୁ କ୍ରମାଗତ ଭାବରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢ଼ିବାରେ ଲାଗିଛି। ଏଥିଯୋଗୁ ଗେଟ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳପତନ ୬୧୪.୩୭ ଫୁଟ୍ ରହିଛି। ଏବେ ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୬୪ହଜାର ୮୦୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୪୦ ହଜାର ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗେଟ୍ ଖୋଲାଗଲେ ହୀରାକୁଦ ଡ୍ୟାମ୍ ତଳମୁଣ୍ଡରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ଏଣୁ ତଳମୁଣ୍ଡରେ ବସବାସ କରୁଥିବା ଲୋକେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ କହିଛନ୍ତି।

# ଜୁଆଙ୍ଗଙ୍କ ନିଆଁର ଉତ୍ସ 'ଚକମକି'

### ଦିଆସିଲି, ଲାଇଟର ଯୁଗରେ ବି ବ୍ୟବହାର ହେଉଛି

କେନ୍ଦୁଝର,୨୨।୭(ଦୀପକ ମିଶ୍ର)

ଆଧୁନିକତା ମଧ୍ୟରେ ହଜିଯାଇନାହିଁ ଜୁଆଙ୍ଗ ଜନଜାତିଙ୍କ ନିଆଁର ଉତ୍ସ 'ଚକମକି'ର ବ୍ୟବହାର। ବିଶ୍ୱର ସବୁ ଆଦିମ ଜନଜାତି ମଧ୍ୟରେ ଜୁଆଙ୍ଗ ଜନଜାତିଙ୍କ ନିଜର ଅନନ୍ୟ ଛାପ ରହିଛି। ବୈତରଣୀ ନଦୀର ଉତ୍ପତ୍ତିସ୍ଥଳରେ ବସବାସ କରୁଥିବା ଏହି ଆଦିମ ଜନଜାତିର ଲୋକମାନେ ଆଜିର ଆଧୁନିକ ଚାକଚକ୍ୟ ମଧ୍ୟରେ ବି ପରମ୍ପରାକୁ ଭୁଲିନାହାନ୍ତି। ସେଥିମଧ୍ୟରେ ଚାଙ୍ଗୁ ହେଉ କି ଅହୋରାତ୍ର ଜଳୁଥିବା ନିଆଁଧୁନି। ଏହି ପାରମ୍ପରିକ ଜିନିଷ ମଧ୍ୟରେ 'ଚକମକି' ହେଉଛି ଅନ୍ୟତମ।

ଚକମକି ଏକ ବାଉଁଶ ନଳରେ ନିର୍ମିତ ହୋଇଥାଏ। ଛୋଟ ବାଉଁଶନଳୀର ଏକ ପାର୍ଶ୍ୱରେ ଶିମିଳିତୁଳା ଥିବା ବେଳେ ଅନ୍ୟପଟେ ଝକମକ ପଥର ଖଣ୍ଡ ରହିଥାଏ। ଏହି ଦୁଇ ପାର୍ଶ୍ୱକୁ ଚମଡ଼ା ଖୋଳରେ ବନ୍ଦ କରାଯାଇଥାଏ। ଏହା ସହ ଏକ ଲୁହାଖଣ୍ଡ ବନ୍ଧାଯାଇଥାଏ। ଯେତେବେଳେ ନିଆଁର ଆବଶ୍ୟକ ହୋଇଥାଏ ଝକମକ ପଥରକୁ


ଜଣେ ବୃଦ୍ଧ 'ଚକମକି'ରୁ ନିଆଁ ଉତ୍ପନ୍ନ କରୁଛନ୍ତି।

ଲୁହା ସାହାଯ୍ୟରେ ଘଷି ଶିମିଳିତୁଳାରେ ନିଆଁ ଲଗାଯାଇଥାଏ। ଏହି ନିଆଁକୁ ଫୁଙ୍କି ଧୂମପାନ କି ମଣ୍ଡଘରେ ଥିବା କାଠଖଣ୍ଡ ଜଳାଇବାରେ ବ୍ୟବହାର କରାଯାଇଥାଏ। ଆଜିର ଦିଆସିଲି, ଲାଇଟର ଯୁଗରେ ମଧ୍ୟ ଜୁଆଙ୍ଗମାନେ ନିଆଁର ଉତ୍ସ ଭାବେ ଚକମକିର ବ୍ୟବହାର କରୁଛନ୍ତି। ବିଶେଷକରି ଜୁଆଙ୍ଗ ଜନଜାତିର ବୟସ୍କ ବ୍ୟକ୍ତି ଏହାକୁ ଧୂମପାନ ସମୟରେ ବ୍ୟବହାର କରନ୍ତି। କାହିଁ କେଉଁକାଳରୁ ଏହାକୁ ବ୍ୟବହାର କରୁଥିବା ଜୁଆଙ୍ଗ ଅଧିବାସୀ ପ୍ରକାଶ କରିଛନ୍ତି। ପ୍ରତିଦିନ ଦିଆସିଲି କି ଲାଇଟର ପାଇଁ ଟଙ୍କା ଆବଶ୍ୟକତାର ଅଭାବ ଏହି ଚକମକି ପୂରଣ କରିପାରୁଛି। ଯେଉଁ ପର୍ଯ୍ୟନ୍ତ ହୋଇପାରିବ ଏହି ପାରମ୍ପରିକ ଲାଇଟର ବ୍ୟବହାର କରିବୁ ବୋଲି ସମ୍ପ୍ରଦାୟର ବୟସ୍କ ବୈଶ୍ୟ ଜୁଆଙ୍ଗ କହିଛନ୍ତି।

# ବିନା ଇନ୍‌ସ୍ୟୁରାନ୍ସରେ ଗଡୁଛି ୨୫ଲକ୍ଷ ଗାଡ଼ି

### ପରିବହନ ବିଭାଗର ଯାଞ୍ଚ ପ୍ରହସନ

- ୬୦ ପ୍ରତିଶତ ଗାଡ଼ିରେ ନାହିଁ ପଲ୍ୟୁଶନ ସାର୍ଟିଫିକେଟ
- ଫିଟ୍‌ନେସ୍ ନ ଥାଇ ଚାଲୁଛି ୨୦ ହଜାରରୁ ଊର୍ଦ୍ଧ୍ୱ ବସ୍, ଟ୍ରକ୍

ଭୁବନେଶ୍ୱର,୨୨।୭(ଅଭିଜିତ ଦାସ)

ପରିବହନ ବିଭାଗ ପକ୍ଷରୁ ଚଳିତବର୍ଷ ଏପ୍ରିଲ ୧ରୁ ଗାଡ଼ିମୋଟରକୁ କଡାକଡି ଯାଞ୍ଚ ଲାଗି ସମସ୍ତ ଜିଲାର ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରଠାରୁ କିଛି ଦିନଧରି ଗାଡିମୋଟର ଯାଞ୍ଚ ଚାଲିଲା। ହେଲେ ଗତାନୁଗତିକ ଭାବେ ଧୀରେ ଧୀରେ ଏହା ଏବେ ପ୍ରାୟ ବନ୍ଦ ହୋଇଯାଇଛି। ଇନ୍‌ସ୍ୟୁରାନ୍ସ, ଫିଟ୍‌ନେସ୍, ପଲ୍ୟୁଶନ ସାର୍ଟିଫିକେଟ ଓ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥାଇ ଲକ୍ଷ ଲକ୍ଷ ଗାଡି ରାସ୍ତାରେ ସେମିତି ଗଡୁଛି। ରାଜ୍ୟରେ ବର୍ତ୍ତମାନ ୩ ଲକ୍ଷରୁ ଊର୍ଦ୍ଧ୍ୱ ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ନ ଥିବାବେଳେ ପାଖାପାଖି ୪୦ ପ୍ରତିଶତ ବା ୨୫ଲକ୍ଷରୁ ଊର୍ଦ୍ଧ୍ୱ ଗାଡି ବିନା ଇନ୍‌ସ୍ୟୁରାନ୍ସରେ ଚାଲୁଛି। ସେହିପରି ୬୦ ପ୍ରତିଶତ ଗାଡ଼ିର ପଲ୍ୟୁଶନ ସାର୍ଟିଫିକେଟ ନ ଥିବା ଜଣାପଡିଛି।

ପରିବହନ ବିଭାଗର ଜୁଲାଇ ତଥ୍ୟ ଅନୁଯାୟୀ, ରାଜ୍ୟରେ ଦୁଇଚକିଆ ଯାନ ୬୩ ଲକ୍ଷ ୯୯ ହଜାର ୭୦୭ ଥିବାବେଳେ ୧୨ ଲକ୍ଷ ୧୦ ହଜାର ୨୬୯ଟି ଚାରିଚକିଆ ଯାନ ରହିଛି। ସେହିପରି ୪ ଲକ୍ଷ ୧୦ ହଜାର ୪୩୯ଟି ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଗାଡି ରହିଛି। ତେବେ ଏଥିମଧ୍ୟରୁ ୨୦ ଲକ୍ଷ ୫୫ ହଜାର ୫୬୦ଟି ଦୁଇଚକିଆ ଗାଡ଼ିର ଇନ୍‌ସ୍ୟୁରାନ୍ସ ନ ଥିବା ବେଳେ ୪ଲକ୍ଷ ୧୫ ହଜାର ଚାରିଚକିଆ ଯାନର ଇନ୍‌ସ୍ୟୁରାନ୍ସ ନାହିଁ। ସେହିପରି ୪ ଲକ୍ଷ ୧୫ ହଜାର ବସ୍, ଟ୍ରକ୍ ଓ ଅନ୍ୟ ଭାରିଯାନ ମଧ୍ୟରୁ ପାଖାପାଖି ୧୫ରୁ ୨୦ ହଜାର ଗାଡିର ଫିଟ୍‌ନେସ୍ ଓ ଅଧିକାଂଶ ଗାଡିର ପଲ୍ୟୁଶନ ସାର୍ଟିଫିକେଟ ନାହିଁ।

ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ବିକାଶ ଚୌଧୁରୀ କହିଛନ୍ତି, ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ କଡାକଡି ଭାବେ ଗାଡି ଚେକିଂ କରାଯାଉଛି। ସେହିପରି ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ ଓଡିଶା ପୋଲିସ ମଧ୍ୟ ଏନଏଚ୍ ଓ ସହର ମଧ୍ୟରେ ଚେକିଂ କରୁଛି। ମୋଟର ଭେଇକିଲ ଆକ୍ଟ ୧୯୮୮ର ଧାରା ୧୪୬ ଅନୁସାରେ ବିନା ଇନ୍‌ସ୍ୟୁରାନ୍ସରେ ଗାଡିଗୁଡିକ ଚଳାଚଳ କରୁଥିଲେ ପ୍ରଥମଥର ୨ହଜାର ଟଙ୍କା ଓ ଦ୍ୱିତୀୟଥର ଧରାପଡିଲେ ୪ ହଜାର ଟଙ୍କା ଜରିମାନା କରାଯାଉଛି। ଅଧିକାଂଶ ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆସୁନାହିଁ। ସେମାନେ ବିନା ଇନ୍‌ସ୍ୟୁରାନ୍ସରେ ଗାଡି ଚଳାଉଛନ୍ତି।

# ବାଘ, ହରିଣ ଛାଲ ଜବତ: ଜଣେ ଗିରଫ



**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ମ.ରାମପୁର, ୨୨।୭ (ଶଶିଭୂଷଣ ପ୍ରହରାଜ):** କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଶ୍ରୀପାଲି ଛକ ନିକଟରେ ବାଘଛାଲ ଡିଲ୍ ଚାଲିଥିବାବେଳେ ଶୁକ୍ରବାର ରାତିରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ) ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମ.ରାମପୁର ଥାନା ଅଞ୍ଚଳର ଖଗେଶ୍ୱର ପୁଟେଲ। ତାଙ୍କଠାରୁ ଏସ୍‌ଟିଏଫ୍ ଟିମ୍ ୩ଟି କଲରାପତିଆ ଛାଲ ଓ ୩ଟି ହରିଣ ଛାଲ ଜବତ କରିଛି। ତେବେ ଘଟଣାସ୍ଥଳରୁ ଆଉ କେତେଜଣ ଫେରାର ହୋଇଯାଇଛନ୍ତି। ଏନେଇ ଏସ୍‌ଟିଏଫ ମାମଲା (ନଂ.୧୪/୨୩) ରୁଜୁ କରି ଅଭିଯୁକ୍ତ ଖଗେଶ୍ୱରଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ଛାଲଗୁଡିକୁ ଡେରାଡୁନସ୍ଥିତ ଫୋରେନସିକ୍ ଲାବରେଟୋରିକୁ ପଠାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଏତେଗୁଡିଏ ଛାଲ କେଉଁଠୁ ଆସିଲା ଓ କେଉଁଠିକୁ ଚାଲାଣ ପାଇଁ ଯୋଜନା ଚାଲିଥିଲା ତାହାର ତଥ୍ୟ ଜାଣିବାକୁ ଏସ୍‌ଟିଏଫ ଅଧିକ ତଦନ୍ତ ଜାରି ରଖିଛି। ଏଥିସହ ଚଢ଼ାଉ ସମୟରେ ଆଉ କେତେଜଣ ଫେରାର ହୋଇଥିବାରୁ ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଚାଲିଥିବା ଏସ୍‌ଟିଏଫ୍ ସୂଚନା ଦେଇଛି।

# ଗୋଟିଏ ଘରକୁ ୪ ଥର ଭାଙ୍ଗିଲାଣି ଦନ୍ତା

### ଭୟରେ ଅନ୍ୟତ୍ର ରହୁଛନ୍ତି ପରିବାର

ପାଟଣା, ୨୨।୭(ବୀରକିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗୀରୀ ସେକ୍ସନ ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ଆତଙ୍କ ଖେଳାଇଛି। ଦନ୍ତା ଗୋଟିଏ ଘରକୁ ୩ ଦିନ ମଧ୍ୟରେ ୪ ଥର ଭାଙ୍ଗିଥିବାର ଜଣାପଡ଼ିଛି। ଫଳରେ ଘରଲୋକେ ଭୟଭୀତ ହୋଇ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି।

ସୂଚନା ଅନୁଯାୟୀ, ଦନ୍ତା ରବିବାର ବିଳମ୍ବିତ ରାତିରେ ଖିରେଇଟାଙ୍ଗୀରୀ ଗ୍ରାମର ବଳଭଦ୍ର ନାଏକଙ୍କ ଘର ଭାଙ୍ଗି ଘର ଭିତରେ ଥିବା ଧାନ ଖାଇ ନଷ୍ଟ କରିଦେଇଥିଲା। ପୁଣି ଉକ୍ତ ଘରକୁ ୩ ରାତି ହେଲାଣି ଆସି ଭାଙ୍ଗି ଜଙ୍ଗଲକୁ ଫେରିଯାଉଛି। ଉପଦ୍ରବ ଦେଖି ପରିବାର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ନେଇ ପାଟଣା ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତିଙ୍କୁ ପଚାରିବାରୁ ଉକ୍ତ ଘରେ ପ୍ରଥମ ଦିନରେ ଧାନ ଖାଇଥିଲା ହାତୀ, ଫଳରେ ଖାଦ୍ୟ ଅନ୍ୱେଷଣରେ ଆସି ବାରମ୍ବାର ଉକ୍ତ ଘରକୁ ଭାଙ୍ଗିଥିବା ଅନୁମାନ କରାଯାଉଛି ବୋଲି କହିଛନ୍ତି। ଆଗକୁ କିପରି କ୍ଷତି ନ ହେବ ସେନେଇ ବନ କର୍ମଚାରୀ ଗୋଠଛଡା ଦନ୍ତା ଉପରେ ନଜର ରଖିଥିବା କହିଛନ୍ତି। ହାତୀର ଏଭଳି ଆଚରଣ ଦେଖି ସାରା ଗାଁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି।







**ଆଜିର ମନ୍ତବ୍ୟ**
"ମଣିପୁର ଭାଇରାଲ ଭିଡିଓ ଘଟଣା ମାନବଜାତିକୁ କଳଙ୍କିତ କରିଛି। ଅପରାଧିମାନଙ୍କୁ ଧରି ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଉ। - **ଆକ୍ସା ହାଜାରେ, ସାମାଜିକ କର୍ମୀ**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଳଜଳା କାଠ ଜଳେ ନାହିଁ
ଜଳୁଥିଲେ ସହଜେ ଲିଭଇ ନାହିଁ ।**

ସାଧାରଣତଃ ଜଳଜଳା କାଠକୁ ଜୁଇ କାଠ ବୋଲି କୁହାଯାଇଥାଏ । ଏହି କାଠ କେବଳ ଶବଦାହ ବେଳେ ଆବଶ୍ୟକ ହେଉଥିବାବେଳେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରିବା ବାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜର କଲେ ହାତୀ ମଲା,
ପରର ପୀରତି ଅଢେଇ ଦିନିଆ।
ମୁହଁ ମୋଡ଼ି ଦେଲେ ଗଲା ।**

ପର ପୀରତି ସାମାନ୍ୟ ଆଡ଼ରୁଷାରେ ଭାଙ୍ଗିଯାଏ । ଅନେକ ସମୟରେ ଏହି ସମ୍ପର୍କର ଶେଷ ପରିଣତି ଖୁବ୍ ଭୟଙ୍କର ମଧ୍ୟ ହୋଇଥାଏ । ଏପରିସ୍ଥଳେ ପରକୀୟା ପ୍ରୀତିର ପରିଣାମ ପ୍ରତି ସତର୍କ କରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ଶ୍ରୀମନ୍ଦିର ସବୁ ଦ୍ୱାର ଖୋଲିବା ପ୍ରସଙ୍ଗ




# ବିଜେଡି ନେତ୍ରୀ ସଂଯୁକ୍ତାଙ୍କୁ ନବୀନ ନିବାସ ଛାଡ଼ିଲାନି ପୋଲିସ

## ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ

ଭୁବନେଶ୍ୱର,୨୨ା୭ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିବା ବିଜେଡି ନେତ୍ରୀ ସଞ୍ଜୁକ୍ତା ମହଲାଙ୍କୁ ନବୀନ ନିବାସ ଛାଡ଼ିଲାନି ପୋଲିସ। ଶନିବାର ଟ୍ରାଫିକ ଛକରେ ପୋଲିସ ତାଙ୍କୁ ଅଟକାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନେଇଥିଲା। ସେଠାରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ରହିବା ପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସଂଯୁକ୍ତା। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ୧୦ଦିନ ହେଲା ଦରଖାସ୍ତ ଦେଲିଣି। ମୋତେ ଡକାଯିବ ବୋଲି କୁହାଯାଇଥିଲା, ହେଲେ ଡକାଗଲାନି। ତେଣୁ ମୁଁ ବାଧହୋଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସିଥିଲି। ହେଲେ ମୋ ଗାଡି ପୋଲିସ ବାଟରେ ଅଟକାଇଥିଲା। ମୁଁ ସାରା ଜୀବନ ଦଳରେ ରହି କାମ କରିଛି। ବହୁଥର ନବୀନ ନିବାସ ଆସିଛି। କେବେ ମୋତେ ଅଟକାଯାଇନାହିଁ। ଆଜି କାହିଁକି ମୋତେ ଅଟକାଗଲା ବୋଲି ସଂଯୁକ୍ତା ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ମୁଁ ଏହି ଦଳରେ ୨୨ ବର୍ଷ ହେଲାଣି କାମ କରୁଛି। ମୁଖ୍ୟମନ୍ତ୍ରୀ ମୋ ବାପତୁଲ୍ୟ। ବାପଘରକୁ ଝିଅ କ'ଣ ଯାଇପାରିବନି? ମୁଁ ତାଙ୍କୁ କ'ଣ ମୋ ଦୁଃଖ ଜଣାଇ ପାରିବିନି? ଏଥିପାଇଁ କ'ଣ ସମସ୍ତଙ୍କର ଅନୁମତି ନେବାକୁ ପଡିବ? ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସଠାରୁ ନ୍ୟାୟ ମିଳୁନି। ତାଙ୍କ ବିରୋଧରେ ଦଳ ପକ୍ଷରୁ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେ ମୋତେ ମାନସିକ, ଶାରୀରିକ ନିର୍ଯାତନା ଦେଇଥିବା ନେଇ ୭ ପୃଷ୍ଠାର ଏତଲା ଦେଇଥିଲି। କିନ୍ତୁ ଏଫ୍ଆଇଆର୍ ଅନୁସାରେ କେସ୍ ହୋଇନାହିଁ। କିନ୍ତୁ ୩ଟି ଦଫା ଲାଗିଛି, ତାହା ପୁଣି ଝଗଡ଼ା ଦଫା ବୋଲି ସଂଯୁକ୍ତା କ୍ଷୋଭର ସହ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ପୁଣି ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ଭାଜପା ଉପସଭାନେତ୍ରୀ ପ୍ରଭାତି ପରିଡା କହିଛନ୍ତି, ବିଜେଡି ନେତ୍ରୀ ସଂଯୁକ୍ତା ମହଲାଙ୍କୁ ଶୋଷଣ କରୁଥିବା ଲୋକ ହେଲେ ସେହି ଦଳର ପୂର୍ବତନ ମନ୍ତ୍ରୀ। ଯଦି ନିଜ ଦଳର ମହିଳା ନେତ୍ରୀଙ୍କୁ ନ୍ୟାୟ ଦେଇପାରୁନ, ତା'ହେରେ ରାଜ୍ୟର ତ ଅନେକ ସଂଯୁକ୍ତା ରହିଛନ୍ତି, ତାଙ୍କୁ କେବେ ନ୍ୟାୟ ମିଳିବ ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ସଂଯୁକ୍ତା ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରଠାରୁ ଦଳରେ ତାଙ୍କୁ କୋଣଠେସା ସ୍ଥିତିର ସାମ୍ନା କରିବାକୁ ପଡୁଛି। ଶଙ୍ଖ ଭବନରୁ ସଂଯୁକ୍ତା କାନ୍ଦି କାନ୍ଦି ଫେରିବା, ବିଜେଡି ମହିଳା କାର୍ଯ୍ୟକାରିଣୀକୁ ତାଙ୍କୁ ନ ଡାକିବା ଓ ଏବେ ନବୀନ ନିବାସ ନ ଛାଡିବାକୁ ନେଇ ନାନା ଆଲୋଚନା ଚାଲିଛି।


ସଞ୍ଜୁକ୍ତା ମହଲା

# ସ୍କୁଲରୁ ଛୁଟି ନ ନେଇ ୫୦ ଦେଶ ବୁଲିଲେଣି ଛାତ୍ରୀ

ଲଣ୍ଡନ,୨୨ା୭

ନୂଆ ସ୍ଥାନ ବୁଲିବା ପ୍ରାୟତଃ ସବୁ ବୟସ ବର୍ଗର ଲୋକଙ୍କ ପସନ୍ଦ। ସେମାନଙ୍କ ଭିତରୁ ଜଣେ ହେଲେ ଆଦିତୀ ତ୍ରିପାଠୀ। ବୟସ ମାତ୍ର ୧୦ ବର୍ଷ କିନ୍ତୁ ବର୍ତ୍ତମାନ ସୁଦ୍ଧା ସେ ୫୦ରୁ ଊର୍ଦ୍ଧ୍ୱ ଦେଶ ବୁଲି ସାରିଲେଣି। ତାହା ପୁଣି ସ୍କୁଲରୁ ଛୁଟି ନ ନେଇ। ଆଦିତୀଙ୍କ ବିଦେଶ ଭ୍ରମଣ ପଛରେ ତାଙ୍କ ବାପା ଦୀପକ ଓ ମା' ଅଭିଲାଷା ତ୍ରିପାଠୀଙ୍କର ବଡ଼ ଭୂମିକା ରହିଛି। ଆଦିତୀ ପରିବାର ସହ ସାଉଥ୍ ଲଣ୍ଡନରେ ରୁହନ୍ତି। ଏବେସୁଦ୍ଧା ସେ ୟୁରୋପର ଅନେକ ଦେଶ ସହିତ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ସେ ବୁଲିସାରିଛନ୍ତି। ଦୀପକ ଓ ଅଭିଲାଷା ଦୁହେଁ ଲଣ୍ଡନର ଏକ ବ୍ୟାଙ୍କରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରନ୍ତି। ବିଭିନ୍ନ ଦେଶର ପରମ୍ପରା, ଖାଦ୍ୟ ଓ ସଂସ୍କୃତି ବିଷୟରେ ଅବଗତ କରାଇବା ଲାଗି ଦୀପକ ଓ ଅଭିଲାଷା ଆଦିତୀଙ୍କୁ ଛୋଟବେଳୁ ବିଦେଶ ଭ୍ରମଣ କରାଇବା ପାଇଁ ନିଷ୍ପତ୍ତି ନେଇଥିବା କୁହନ୍ତି। ଝିଅକୁ ବିଦେଶ ବୁଲାଇବା ଯୋଗୁ କେବେ ସେମାନଙ୍କୁ ସ୍କୁଲରୁ ଛୁଟି ଆଣିବାକୁ ପଡ଼ିନାହିଁ କି କେବେ ଆଦିତୀ କ୍ଲାସ୍ ବନ୍ଦ କରି ନାହାନ୍ତି। ଆଦିତୀଙ୍କୁ ୩ବର୍ଷ ବୟସ ହୋଇଥିବାବେଳେ ସେ ପ୍ରଥମ ବିଦେଶ ଭ୍ରମଣ କରିଥିଲେ। ସେତେବେଳେ ଆଦିତୀ ନର୍ସରିରେ ପଢୁଥିଲେ। ବାହାର ଦେଶକୁ ବୁଲିଯିବା ଲାଗି ବେଳେବେଳେ ଆଦିତୀଙ୍କୁ ସିଧା ସ୍କୁଲରୁ ବିମାନବନ୍ଦର ଯିବାକୁ ପଡ଼େ। ପ୍ରାୟ ସମୟ ଦୀପକ, ଅଭିଲାଷା ଓ ଆଦିତୀ ବିଦେଶ ଭ୍ରମଣ ସାରି ରବିବାର ବିଳମ୍ବିତ ରାତିରେ ଫେରନ୍ତି ତ ଆଉ କେତେବେଳେ ଫେରୁ ଫେରୁ ସୋମବାର ସକାଳ ହୋଇଯାଏ, ଆଉ ଆଦିତୀଙ୍କୁ ବିମାନବନ୍ଦରରୁ ହିଁ ସ୍କୁଲ ଯିବାକୁ ପଡ଼େ। ସେମାନଙ୍କ ବିଦେଶ ଭ୍ରମଣରେ ବର୍ଷକୁ ୨୦,୦୦୦ ପାଉଣ୍ଡ (ପାଖାପାଖି ୨୧ ଲକ୍ଷ) ଟଙ୍କା ଖର୍ଚ୍ଚ ହେଉଥିବା ଦୀପକ କହିଛନ୍ତି। ବିଶେଷ କରି ସ୍କୁଲ ଛୁଟି, ବ୍ୟାଙ୍କ ଛୁଟିଦିନ ଓ ନ୍ୟାଶନାଲ ଛୁଟିଗୁଡ଼ିକରେ ଦୀପକ ବିଦେଶ ଭ୍ରମଣର ଯୋଜନା ପ୍ରସ୍ତୁତ କରନ୍ତି। ଯେଉଁଥିପାଇଁ କାହାରିକୁ ଛୁଟି ନେବାକୁ ପଡୁ ନ ଥିବା ଅଭିଲାଷା କହିଛନ୍ତି।

ଝିଅକୁ ବିଦେଶ ବୁଲେଇବା ପାଇଁ ଦୀପକ ଓ ଅଭିଲାଷାଙ୍କୁ ଘର ଖର୍ଚ୍ଚ ପାଇଁ ଏକ ନିର୍ଦ୍ଦିଷ୍ଟ ବଜେଟ୍ ପ୍ରସ୍ତୁତ କରିବାକୁ ପଡ଼େ। ଏଥିପାଇଁ ସେମାନେ କେବେ ବାହାରେ ଖାଆନ୍ତି ନାହିଁ। ଏବେସୁଦ୍ଧା ସେମାନେ ନିଜର ଏକ କାର୍ କିଣି ନାହାନ୍ତି। ବସ୍, ଟାକ୍ସିରେ ସେମାନେ ଅଫିସ ଯିବା ଆସିବା କରନ୍ତି। ଏଥିସହ ଯାତାୟାତ ଖର୍ଚ୍ଚ ବଞ୍ଚାଇବା ପାଇଁ ସୁବିଧା ହେଲେ ୱାର୍କ ଫ୍ରମ୍ ହୋମ୍ କରିବା ସହ ଆଦିତୀଙ୍କ ସାନ ଭଉଣୀ ଅଦ୍ୱିତାଙ୍କ ଯତ୍ନ ନେଇଥାନ୍ତି। କୋଭିଡ୍ ସଂକ୍ରମଣ ପୂର୍ବରୁ ସେମାନେ ପାଖାପାଖି ୧୨ ଦେଶ ବୁଲିସାରିଥିବା ଦୀପକ କୁହନ୍ତି। ବୁଲିଥିବା ସବୁଦେଶ ଭିତରୁ ଆଦିତୀଙ୍କୁ ନେପାଳ, ଜର୍ଜିଆ ଏବଂ ଆର୍ମେନିଆ ସବୁଠୁ ଅଧିକ ପସନ୍ଦ ବୋଲି ସେ କହିଛନ୍ତି। ଅନ୍ୟ ଦେଶର ପରମ୍ପରା ଓ ରୀତିନୀତି ବିଷୟରେ ଜାଣିବା ତାଙ୍କୁ ଖୁବ୍ ପସନ୍ଦ। ନିକଟରେ ସେ ଫ୍ରାନ୍ସ, ଇଟାଲୀ ଏବଂ ଅଷ୍ଟ୍ରେଲିଆ ବୁଲି ଫେରିଛନ୍ତି।



# ୫ଜଣଙ୍କୁ 'ଓଡ଼ିଶା ସାମ୍ବାଦିକତା' ପୁରସ୍କାର



ପଲ୍ଲୀବାଣୀ ମିଶନ ପକ୍ଷରୁ ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ପଞ୍ଚମ ଓଡ଼ିଶା ସାମ୍ବାଦିକତା ପୁରସ୍କାର ସମାରୋହରେ ଉପସ୍ଥିତ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କ୍ରୀଡା, ଯୁବ ବ୍ୟାପାର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର, ପତଞ୍ଜଳି ଆୟୁର୍ବେଦର ଅଧ୍ୟକ୍ଷ ଆଚାର୍ଯ୍ୟ ବାଳକ୍ରିଷ୍ଣ ଓ ଅନ୍ୟ ପୁରସ୍କୃତ ସାମ୍ବାଦିକ।

ଭୁବନେଶ୍ୱର, ୨୨ା୭ (ବନ୍ଦନା ସେଠୀ)

ଓଡ଼ିଶାର ସ୍ଥିତି ଦେଖିଲେ ତାହା ଚିନ୍ତାଜନକ ଲାଗୁଛି। ଏବେ ଓଡ଼ିଆର ଓଡ଼ିଆତ୍ୱ ଧୂମିଳ ହେଉଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଦିଲ୍ଲୀର ଅଗ୍ରଣୀ ସଂଗଠନ ପଲ୍ଲୀବାଣୀ ମିଶନ ଦ୍ୱାରା ସ୍ଥାନୀୟ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ଆୟୋଜିତ ପଞ୍ଚମ ଓଡ଼ିଶା ସାମ୍ବାଦିକତା ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା ମତ ଦେଇଛନ୍ତି। ଏହି ଅବସରରେ କଳିଙ୍ଗ ଟିଭି ସମ୍ପାଦକ ସୌମ୍ୟଜୀତ ପଟ୍ଟନାୟକ, ଅର୍ଗସ ନ୍ୟୁଜ୍ କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଶିଷ, ସମ୍ବାଦ ଡିଜିଏମ୍ ନ୍ୟୁଜ୍ ଭବାନୀ ଶଙ୍କର ତ୍ରିପାଠୀ, ଓଟିଭିର ପଶ୍ଚିମ ଓଡ଼ିଶା ବ୍ୟୁରୋ ମୁଖ୍ୟ ମନୋରଞ୍ଜନ ଯୋଶୀ ଏବଂ ପ୍ରମେୟର ମୁଖ୍ୟ ସମାଚାର ସଂଯୋଜକ ସୁଦୀପ କୁମାର ରାଉତଙ୍କୁ ଚଳିତ ବର୍ଷର 'ଓଡ଼ିଶା ସାମ୍ବାଦିକତା' ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କ୍ରମରେ ଚଳିତ ବର୍ଷଠାରୁ ପ୍ରଦାନ କରାଯାଉଥିବା ପ୍ରତିଭା ପଟ୍ଟନାୟକ ଉତ୍କର୍ଷ ସାମ୍ବାଦିକତା ପୁରସ୍କାର ସାରଦା ଲାହାଙ୍ଗୀରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡା, ଯୁବ ବ୍ୟାପାର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର, ପତଞ୍ଜଳି ଆୟୁର୍ବେଦର ଅଧ୍ୟକ୍ଷ ଆଚାର୍ଯ୍ୟ ବାଳକ୍ରିଷ୍ଣ ଯୋଗଦେଇ, ସମାଜ ଗଠନରେ ସାମ୍ବାଦିକମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ସମାରୋହରେ ନ୍ୟୁଜଏକ୍ସର କାର୍ଯ୍ୟନିର୍ବାହୀ ସମ୍ପାଦିକା ଏବଂ ଲେଖିକା ପ୍ରିୟା ସେହଗଲ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ପଲ୍ଲୀବାଣୀ ମିଶନ ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସ୍ୱାଗତ ଭାଷଣ ଦେଇଥିବାବେଳେ ପଲ୍ଲୀବାଣୀ ପତ୍ରିକା ସମ୍ପାଦକୀୟ ପରାମର୍ଶଦାତା କୁଳମଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିପୁର ହିଂସା ମାମଲାରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି

## ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ବିରୋଧୀ ଏମ୍ପିଙ୍କ ବିକ୍ଷୋଭ ୨୪ରେ

ନୂଆଦିଲ୍ଲୀ,୨୨ା୭(ପି.ଟି.)

ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା ଦାବିରେ ବିରୋଧୀ ସଦସ୍ୟମାନେ ଦୁଇଦିନ ହେଲା ପାର୍ଲାମେଣ୍ଟକୁ ଅଚଳ କରି ରଖିଛନ୍ତି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ଗୃହରେ ବିବୃତି ରଖିବା ଦାବିରେ ବିରୋଧୀ ଏମ୍ପିମାନେ ସୋମବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସର ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନୂଆ ବିରୋଧୀ ମେଣ୍ଟ ଇଣ୍ଡିଆର ନେତାମାନେ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ଏକାଠି ହୋଇ ଏନେଇ ରଣନୀତି ସମ୍ପର୍କରେ ଆଲୋଚନା କରିବେ। ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ବୈଠକ ପରେ ବିରୋଧୀ ଏମ୍ପିମାନେ ଗୃହରେ ପ୍ରବେଶ କରିବା ପୂର୍ବରୁ ଗାନ୍ଧୀ ମୂର୍ତ୍ତି ନିକଟରେ ବିକ୍ଷୋଭ କରିବେ ବୋଲି ଜଣାପଡ଼ିଛି।

ପ୍ରଥମ ପୃଷ୍ଠାରୁ...

## ସିବିଏସ୍ଇ ସ୍କୁଲରେ ...

ପିଲା ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

କଟକ ନେତାଜୀ ନଗରସ୍ଥିତ ଡ୍ରିମ୍ ଇଣ୍ଡିଆ ସ୍କୁଲର ପ୍ରିନ୍ସିପାଲ କସ୍ତୁରୀ ଖାଡ଼ଙ୍ଗା କହିଛନ୍ତି, ନୂଆ ଶିକ୍ଷାନୀତି ଅନୁସାରେ ସିବିଏସଇ ସ୍କୁଲଗୁଡ଼ିକରେ ଆଞ୍ଚଳିକ ଭାଷାରେ ପାଠପଢ଼ା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଆଞ୍ଚଳିକ ଭାଷାକୁ ପ୍ରୋତ୍ସାହନ ମିଳିବ। ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ଇଂଲିଶ ସହ ଓଡ଼ିଆରେ ମଧ୍ୟ ପାଠପଢ଼ା ପାଇଁ ଅଭ୍ୟସ୍ତ ଥାଆନ୍ତି । ତେଣୁ ବିଶେଷ କିଛି ସମସ୍ୟା ହେବନାହିଁ। ତେବେ ଯେଉଁ ପିଲାମାନେ ଓଡ଼ିଆରେ ପାଠପଢ଼ିବାକୁ ଚାହୁଁଥିବେ ସେମାନେ ନାମଲେଖା ସମୟରେ ଏନେଇ ବିଦ୍ୟାଳୟକୁ ସୂଚିତ କରିବାକୁ ପଡ଼ିବ। ଏହାଦ୍ୱାରା କ୍ଲାସ ଆୟୋଜନ କରିବା ସହଜ ହୋଇପାରିବ। ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ଇପ୍ସିତା ଦାସଙ୍କ କହିବାନୁସାରେ ସବୁ ପିଲାମାନେ ଯେ ଓଡ଼ିଆରେ ପଢ଼ିବାକୁ ଚାହିଁବେ ତାହା ନୁହେଁ, ଯେଉଁମାନେ ଚାହିଁବେ, ସେମାନଙ୍କୁ ନିଜ ମାତୃଭାଷାରେ ପାଠପଢ଼ିବାକୁ ନିଶ୍ଚୟ ସୁଯୋଗ ଦିଆଯିବ। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଅଭିଭାବକଙ୍କ ସହ ଆଲୋଚନା କରାଯିବ। ବୈଷୟିକ ଶିକ୍ଷକ ଆବଶ୍ୟକସ୍ଥଳେ ଓଡ଼ିଆ ବିଷୟର ଶିକ୍ଷକଙ୍କ ସହାୟତା ନେଇପାରିବେ ବୋଲି ଦାସ କହିଛନ୍ତି।

ଓଡ଼ିଶା ଅଭିଭାବକ ମହାସଂଘର କହିବାନୁସାରେ ନିଷ୍ପତ୍ତି ଶୁଣିବାକୁ ଯେତିକି ସରଳ ତାକୁ କାର୍ଯ୍ୟକାରୀ କରିବା ସେତିକି ସହଜ ନୁହେଁ। କିନ୍ତୁ ଏହା କାର୍ଯ୍ୟକାରୀ ହେଲେ ଇଂଲିଶ୍ ମାଧ୍ୟମରେ ଦୁର୍ବଳ ଥିବା ପିଲାଙ୍କ ପାଇଁ ପାଠପଢ଼ା ବୋଧଗମ୍ୟ ହେବ। ଆଞ୍ଚଳିକ ଭାଷାରେ ପୁସ୍ତକ ପ୍ରଣୟନ ପାଇଁ ସୁପାରିସ୍ କରାଯାଇଛି। ସବୁ ଭାଷାରେ ପୁସ୍ତକ ହେଲେ ପିଲାମାନେ ଅଧିକ ଉପକୃତ ହେବେ। ଆଗରୁ ବିଭିନ୍ନ କାରିଗରି ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇସାରିଛି। ବର୍ତ୍ତମାନ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ପଞ୍ଚମ ଓ ପରବର୍ତ୍ତୀ ସମୟରେ ଅଷ୍ଟମ ପର୍ଯ୍ୟନ୍ତ ଲାଗୁ ପାଇଁ ନିଷ୍ପତ୍ତି ନିଆଯାଇଛି । ଯେହେତୁ ସାରା ଦେଶରେ ପିଲାମାନେ ଗୋଟିଏ ପାଠ୍ୟଖସଡ଼ାରେ ନିଜ ଭାଷାରେ ପଢ଼ିବେ, ତେଣୁ ସେମାନେ ପାଠ ପଢ଼ିବାକୁ ବେଶ୍ ଆଗ୍ରହ ପ୍ରକାଶ କରିବେ। ଯଦି ଆମ ରାଜ୍ୟ କଥା ବିଚାର କରିବା, ତେବେ ଓଡ଼ିଆ ମାଧ୍ୟମରେ ସିବିଏସ୍ଇ ପିଲାମାନେ ପାଠ ପଢ଼ିଲେ ବେଶ୍ ଭଲ ହେବ। ରାଜ୍ୟ ସରକାର ମଧ୍ୟ ଏହି ନିଷ୍ପତ୍ତିକୁ ଏକ ରୋଲ୍ ମଡେଲ୍ ଭାବେ ଗ୍ରହଣ କରି ଯେପରି ଆଦର୍ଶ ବିଦ୍ୟାଳୟରେ ପିଲାମାନେ ପାଠ ପଢୁଛନ୍ତି ସେପରି ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟରେ କିଛି ସ୍କୁଲରେ ସିବିଏସ୍ଇର ଓଡ଼ିଆ ମାଧ୍ୟମ ପାଠପଢା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏପରି କଲେ ଅଭିଭାବକମାନେ ମଧ୍ୟ ଘରୋଇ ସ୍କୁଲରୁ ମୁହଁ ମୋଡ଼ି ସରକାରୀ ବିଦ୍ୟାଳୟଗୁଡ଼ିକରେ ନିଜ ପିଲାଙ୍କୁ ପାଠ ପଢାଇବାକୁ ଆଗ୍ରହ ଦେଖାଇବେ। ପରବର୍ତ୍ତୀ ସମୟରେ ତାହାକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରିହେବ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଞ୍ଜ ପ୍ରକାଶ କରିଛନ୍ତି।

## ସ୍କୁଲ ଫାଟକରେ ତାଲା: ଖରାରେ ...


ଖରାରେ ଛିଡ଼ା ହୋଇ ଅସୁସ୍ଥ ହୋଇ ପଡିଥିବା ଛାତ୍ରୀଛାତ୍ର।

ଛାତ୍ରଙ୍କୁ ଦୁଇଜଣ ଛାତ୍ରୀଛାତ୍ର ମିଶି ମାଡ଼ମାରିଥିଲେ । ଏନେଇ ଛାତ୍ର ଜଣକ ଘରକୁ ଯାଇ ନିଜ ମା' ବାପାଙ୍କୁ କହିଥିଲେ । ଶନିବାର ସକାଳୁଆ ବିଦ୍ୟାଳୟ ଥିବାରୁ ମାଡ଼ ଖାଇଥିବା ଛାତ୍ରଙ୍କ ବାପା କାହାକୁ କିଛି ନ ଜଣାଇ ସିଧା ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ । ଫଳରେ ବିଦ୍ୟାଳୟ ବାହାରେ ଶତାଧିକ ଛାତ୍ରୀଛାତ୍ରଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରାୟ ୧ ଘଣ୍ଟା ଧରି ଅଟକି ରହିଥିଲେ । ବହୁ ସମୟ ଧରି ବୁଝାଶୁଝା କରିବା ପରେ ଅଭିଭାବକ ଜଣକ ଗେଟ ଖୋଲିବାରୁ ସମସ୍ତେ ସ୍କୁଲ ଭିତରକୁ ପ୍ରବେଶ କରିଥିଲେ। ମାତ୍ର ଖରା ହେଉଥିବାରୁ ଏହା ଭିତରେ ଷଷ୍ଠ ଶ୍ରେଣୀର ଜଣେ, ଚତୁର୍ଥ ଶ୍ରେଣୀର ୨ଜଣ, ସପ୍ତମର ୩ ଜଣ, ଅଷ୍ଟମ ଶ୍ରେଣୀର ୨ଜଣଙ୍କୁ ମିଶାଇ ମୋଟ ୮ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ । ସେମାନଙ୍କୁ ସଙ୍ଗେସଙ୍ଗେ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହେବାରୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା । ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଚିରଞ୍ଜୀବୀ ଭୋକ୍ତାଙ୍କୁ ପଚାରିବାରେ ପିଲା ପିଲା ଭିତରେ ଶୁକ୍ରବାର ପାଟିତୁଣ୍ଡ ହୋଇ ମାଡଗୋଳ ହୋଇଥିଲା । ସେଦିନ ପିଲାମାନେ ଶିକ୍ଷକଙ୍କୁ ଏ ବିଷୟରେ କିଛି ଜଣାଇ ନ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ଅଭିଭାବକ କିଛି ନ କହି ଫାଟକରେ ତାଲା ପକାଇ ଦେଇଥିଲେ। ଖରାରେ ଛିଡାହୋଇ ୮ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଲେ। ଖବରପାଇ ଏବିଇଓ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା କରିବା ସହିତ ସାମାନ୍ୟ କଥାକୁ ନେଇ ଏଭଳି କରିବା ଠିକ୍ ନୁହେଁ ବୋଲି କହି ତାଗିଦ୍ କରିଥିବା ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମଙ୍ଗଳଙ୍କ ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ କାମଗୁଡ଼ିକ ଅଟକି ରହିଯିବ। ଶତ୍ରୁତା କାରଣରୁ ବନ୍ଧୁଙ୍କ ସଭାବ ସହକର୍ମୀଙ୍କ ସହଯୋଗ ମଧ୍ୟ ପାଇବେ ନାହିଁ। ସାମାଜିକ ସ୍ତରରେ ଓ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କୃତ୍ତିକା ନକ୍ଷତ୍ର ସକାଶେ ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବନାହିଁ।

**ବୃଷ** କର୍ମକ୍ଷେତ୍ରରେ ଥିବା ସମୟ ମଧ୍ୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପ୍ରଶାସନ, ଆଇନ, ଅଦାଲତ ସମ୍ବନ୍ଧୀୟ ଝାମେଲାର ଅବସାନ ଘଟିବ। ପାରିବାରିକ ସ୍ଥିତି ପୂର୍ବପରି ରହିବା କାରଣରୁ ଆଶ୍ୱସ୍ତି ଲାଭ କରିବେ। ଆଜି ଆପଣ କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ଆପଣଙ୍କୁ ଆଜି ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ମାତ୍ର କଚେରି ମାମଲା କିମ୍ବା ପାରିବାରିକ ସମସ୍ୟା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବଢ଼ିଯିବ। କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** ବନ୍ଧୁଙ୍କ ସରଳ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। କୌଣସି ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ସାମାଜିକ ସ୍ତରରେ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସମ୍ମାନ ଲାଭ କରିବେ।

**ସିଂହ** ପରିବାରରେ ସାଧାରଣ କଥାରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପୁନଶ୍ଚ ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଜମିଜମା, ନିର୍ମାଣ, କାରଖାନା, ହୋଟେଲ, ରେସ୍ତୋରାଁ ପ୍ରଭୃତିରୁ ଲାଭବାନ୍ ହେବେ।

**କନ୍ୟା** ଅସଫଳତାଜନିତ ମାନସିକ ଅବସାଦ ବୃଦ୍ଧି ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରି ଆସିବ। ନିମନ୍ତ୍ରଣପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅସମର୍ଥିତ ସୂତ୍ରରୁ ପ୍ରାପ୍ତ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ।

**ତୁଳା** ପରିବାରରେ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କାମ ସମ୍ପୂର୍ଣ୍ଣ ହେବା କଷ୍ଟକର ହେବ। ମାନସିକ ଅସ୍ଥିରତା ହେତୁ ଛୋଟ ଛୋଟ କଥାରେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା** ଆଲୋଚନା ଅବସରରେ ଭାବପ୍ରବଣବଶତଃ ଓଲଟା କଥା କହିବା କାରଣରୁ ଅପଦସ୍ଥ ହେବେ। ପାରିବାରିକ ସ୍ତରରେ ବୃଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଆତ୍ମୀୟ ସ୍ୱଜନମାନଙ୍କ ଅସଂଯତ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ସାହିତ୍ୟ, ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ କାର୍ଯ୍ୟଦକ୍ଷତା ହେତୁ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ମୂଳା ନକ୍ଷତ୍ର ସକାଶେ ନିର୍ମାଣ କାମରେ ପ୍ରତିବନ୍ଧକ ଯୋଗୁଁ ଅଗ୍ରଗତିରେ ବାଧା ପ୍ରାପ୍ତ ହେବ। ଈର୍ଷା ପରାୟଣ ହୋଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରେ।

**ମକର** ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟାକଲେ କେତେକାଂଶରେ ସଫଳତା ହାସଲ କରିବେ। ଶ୍ରବଣା ନକ୍ଷତ୍ରର ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନିଜ ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ଯୋଗୁ ବିଚଳିତ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସତ୍ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କୁମ୍ଭ** ପୂର୍ବ ସ୍ଥିରିକୃତ ଯୋଜନାବଦ୍ଧ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ତଥାପି ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। କର୍ମକ୍ଷେତ୍ରରେ ଫାଇଲ ସମ୍ବନ୍ଧୀୟ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ପାରନ୍ତି।

**ମୀନ** ଯେତେ ସତର୍କରେ ଚଳିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଆବଶ୍ୟକତାନୁଯାୟୀ ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷ ୫ମୀଯୁକ୍ତ ଷଷ୍ଠୀ ରବିବାର, ଜୁଲାଇ ୨୩ ତାରିଖ, ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ ଜୟନ୍ତୀ, ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/ସିଂହ, ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୨୩ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୫ ଗତେ ଘ.୦୬।୨୩ ମଧ୍ୟେ ରାହୁକାଳ।

# ଶ୍ରୀମନ୍ଦିର ପୋଲିସ କର୍ମଚାରୀ ନିଲମ୍ବିତ

## ଟଙ୍କା ନେଇ ଭକ୍ତଙ୍କୁ ପଶ୍ଚିମଦ୍ୱାର ଦେଇ ଛାଡୁଥିଲେ

**ପୁରୀ,୨୨।୭(ଅଜିତ୍ ମହାନ୍ତି)**

ମହାମାରୀ କୋଭିଡ୍ ପରଠାରୁ ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କୁ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ ପାଇଁ ଅନୁମତି ରହିଛି। ଫଳରେ ପୁରୀବାସୀଙ୍କଠାରୁ ଆରମ୍ଭ କରି ବାହାରୁ ଆସୁଥିବା ଭକ୍ତମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ଏବେ ବିଭିନ୍ନ ଅନୁଷ୍ଠାନଠାରୁ ଆରମ୍ଭ କରି ସେବାୟତମାନେ ଦାବି କରୁଛନ୍ତି। ଏହାରି ଭିତରେ ଭକ୍ତଙ୍କ ଭାବାବେଗ ସହ ଖେଳିଲା ପରି ଏକ ଘଟଣା ସାମ୍ନାକୁ ଆସିଛି। ଯେଉଁଠାରେ ପୁରୀବାସୀଙ୍କୁ ସିଂହଦ୍ୱାର ବ୍ୟତୀତ ଅନ୍ୟ ଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ନାହିଁ, ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ପର୍ଯ୍ୟଟକଙ୍କଠାରୁ ଟଙ୍କା ନେଇ ଅନ୍ୟ ଦ୍ୱାର ଦେଇ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ଛାଡୁଛନ୍ତି। ଯାହା ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରି ଘଟଣା ସାମ୍ନାକୁ ଆସିବା ପରେ ଭକ୍ତ ଓ ସେବାୟତମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ଜଣେ ପୋଲିସ କର୍ମଚାରୀ ଟଙ୍କା ନେଇ ଭକ୍ତଙ୍କୁ ମନ୍ଦିର ଭିତରକୁ ଛାଡୁଥିବା ଦେଖିବାକୁ ମିଳିଛି। ଜଣେ ପର୍ଯ୍ୟଟକ ପଶ୍ଚିମଦ୍ୱାର ପଟେ ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବାବେଳେ ଉକ୍ତ ଦ୍ୱାର ନିକଟରେ କାର୍ଯ୍ୟରେ ନିୟୋଜିତ ଥିବା ପୋଲିସ କର୍ମଚାରୀଙ୍କୁ ସେ ତାଙ୍କ ପକେଟ୍‌ରୁ ଟଙ୍କା କାଢି ଦେଉଥିବାର ଚିତ୍ର ଭାଇରାଲ ହେବାରେ ଲାଗିଛି। ତେବେ ଏପରି ଘଟଣାକୁ ବିଭିନ୍ନ ମହଲରୁ ପୋଲିସ ପ୍ରଶାସନକୁ ସମାଲୋଚନାର ଶିକାର ହୋଇଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଏହି ଘଟଣା ସାମ୍ନାକୁ ଆସିବା ପରେ ପୁରୀ ଏସ୍‌ପି ଡ.କେ.ବିଶାଲ ସିଂ ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ କାର୍ଯ୍ୟରତ (ଟଙ୍କା ନେଉଥିବା) ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ନିଲମ୍ବିତ କରିଛନ୍ତି। ସେ ହେଲେ ତୃତୀୟ ବାଟାଲିଆନ ଆଇଆର ବିଏନ୍ କୋରାପୁଟ୍‌ର ସିପାହୀ ଶୁଭାଶିଷ ଦାସ। ତେବେ ଅନେକ ସମୟରେ ଅଭିଯୋଗ ହେଉଛି କି ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଏବଂ ପଶ୍ଚିମଦ୍ୱାର ବାଟେ ଭକ୍ତଙ୍କଠାରୁ ଟଙ୍କା ନେଇ ଶ୍ରୀମନ୍ଦିର ପରିସରକୁ ଛଡାଯାଉଛି ଏବଂ ଉକ୍ତ ଦ୍ୱାରରେ ଥିବା କାର୍ଯ୍ୟରତ ପୋଲିସ ଓ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ ଉଭୟଙ୍କ ଜାଣତରେ ଏପରି କାର୍ଯ୍ୟ କରାଯାଉଛି। ତେଣୁ ଉକ୍ତ ଅଭିଯୋଗର ସତ୍ୟତା ଜାଣିବା ପାଇଁ ତଦନ୍ତ କରାଯାଇ ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି। ଅପରପକ୍ଷରେ ଭକ୍ତଙ୍କଠାରୁ ଟଙ୍କା ନେବା ଘଟଣା ଜଣାପଡିବା ପରେ ପୁରୀ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭକ୍ତଙ୍କଠାରୁ ଟଙ୍କା ନେବା ଅଭିଯୋଗରେ ଏସ୍‌ପି ଶୁଭାଶିଷଙ୍କୁ ତାଙ୍କ କାର୍ଯ୍ୟରେ ଅବହେଳା କରିବା (ଯାତ୍ରୀ ଗୁମାସ୍ତାଠୁ ଟଙ୍କା ନେବା) ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ମିଶ୍ର ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ଅଧିକାରୀ କୈଶିକ ନାୟକଙ୍କୁ ଘଟଣାର ତଦନ୍ତ କରି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ୪ ଦ୍ୱାର ଖୋଲିବା ପାଇଁ ପ୍ରଶାସନ ପଦକ୍ଷେପ ନେଉ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୨।୭(ଅନିଲ ଦାସ)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶୃଙ୍ଖଳିତ ଭାବରେ ଦର୍ଶନ କରିବା ପାଇଁ ପୂର୍ବଭଳି ଶ୍ରୀମନ୍ଦିରରେ ୪ ଦ୍ୱାର ଦର୍ଶନର ବ୍ୟବସ୍ଥା କରିବା ଲାଗି ଆଲୋଚନା କରିବା ସହ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ମହାପ୍ରଭୁଙ୍କ ସହ କୋଟି କୋଟି ଭକ୍ତଙ୍କ ପ୍ରତ୍ୟକ୍ଷ ଭାବାବେଗ ଯୋଡ଼ିହୋଇ ରହିଛି। ପୁରୀର ଅଧିବାସୀ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି, ମାଆ ଓ ନାଗରିକଙ୍କ ଜଗା ସାଙ୍ଗରେ ନିତିଦିନିଆ ସମ୍ପର୍କ ରହିଛି। ଏଥିପାଇଁ ହଜାର ବର୍ଷ ପୂର୍ବରୁ ମହାପ୍ରଭୁଙ୍କୁ ଶୃଙ୍ଖଳିତ ଭାବରେ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ୪ ଦ୍ୱାର ଦର୍ଶନର ବ୍ୟବସ୍ଥା କରାଯାଇଥିଲା। ତେଣୁ ଶ୍ରୀମନ୍ଦିରର ୪ ଦ୍ୱାରକୁ ଖୋଲାଯିବା ନିତାନ୍ତ ଜରୁରୀ। ଶ୍ରୀମନ୍ଦିର ପ୍ରଶାସନ ଏହି ପ୍ରସଙ୍ଗରେ ସମ୍ବେଦନଶୀଳ ହୋଇ ସମସ୍ତଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ପାଇଁ ପଦକ୍ଷେପ ନିଅନ୍ତୁ। ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ବାଧକତା ସୃଷ୍ଟି କରା ନ ଯାଉ ବୋଲି ଧର୍ମେନ୍ଦ୍ର କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସମାନ ଦାବି ରଖିଛନ୍ତି। ସେ କହିଛନ୍ତି, ୪ ଦ୍ୱାର ଦେଇ ଭକ୍ତ ସ୍ୱଚ୍ଛନ୍ଦରେ ଶ୍ରୀମନ୍ଦିର ଯାଇପାରିବା ନେଇ ଜନମତ ସୃଷ୍ଟି ହୋଇଛି। ସମସ୍ତେ ଏନେଇ ଦାବି କରୁଛନ୍ତି। ଲୋକଙ୍କ ପ୍ରତିବାଦକୁ ଦେଖି ଓ ଜନମତକୁ ଗ୍ରହଣ କରି ନିଶ୍ଚୟ ସରକାରଙ୍କ ଜ୍ଞାନ ଉଦୟ ହେବ ବୋଲି ଆଶା ରହିଛି। କାରଣ ଜନମତକୁ ସମସ୍ତେ ସମ୍ମାନ ଦେବା କଥା।

### ଠିକ୍ ସମୟ ଆସିଲେ ୪ ଦ୍ୱାର ଖୋଲାଯିବ: ପ୍ରମିଳା

ଏହି ପ୍ରସଙ୍ଗରେ ରାଜ୍ୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଏବେ ପରିକ୍ରମା ପ୍ରକଳ୍ପ କାମ ଚାଲିଛି। ଖାଲଢିପ ହୋଇଛି। ସେଥିପାଇଁ ଶ୍ରୀମନ୍ଦିର ୪ ଦ୍ୱାର ପ୍ରବେଶ ନିମନ୍ତେ ଖୋଲାହୋଇନି। ଯଦି ଭକ୍ତମାନେ ୪ ଦ୍ୱାର ଦେଇ ଯିବେ ତେବେ ଆହତ ହେବାର ଆଶଙ୍କା ରହିଛି। ତେଣୁ ଠିକ୍ ସମୟ ଆସିଲେ ୪ ଦ୍ୱାର ଖୋଲାଯିବ। ରାଜ୍ୟ ସରକାର କୌଣସିଥିରେ ପ୍ରତିବନ୍ଧକ ହୋଇନାହାନ୍ତି। ଜାଣିଶୁଣି ସରକାର ଭକ୍ତଙ୍କ ନିମନ୍ତେ ୪ ଦ୍ୱାର ପ୍ରବେଶ ବନ୍ଦ କରିନାହାନ୍ତି। ଯେତେବେଳେ ଆବଶ୍ୟକ ହେବ ନିଶ୍ଚିତ ପକ୍ଷେ ଖୋଲାଯିବ ବୋଲି ସେ କହିଛନ୍ତି।

# ମୋତିଝରଣ ଜୁ ହେଲା ପ୍ରାଣୀ ଉଦ୍ୟାନ, ଉଦ୍ଧାର କେନ୍ଦ୍ର

**ସମ୍ବଲପୁର,୨୨।୭(ଶୁଭାଶିଷ ପାଢ଼ୀ)**


ପ୍ରାଣୀ ଉଦ୍ୟାନ ଓ ଉଦ୍ଧାର କେନ୍ଦ୍ରରେ ହରିଣ।

ସମ୍ବଲପୁର ମୋତିଝରଣଠାରେ ଥିବା ଜୁ (ଚିଡ଼ିଆଖାନା) ପ୍ରାଣୀ ଉଦ୍ୟାନ ଓ ଉଦ୍ଧାର କେନ୍ଦ୍ର ନାମରେ ନାମିତ ହୋଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଏହାର ନାମ ପରିବର୍ତ୍ତନ କରିଛନ୍ତି।

ହୀରାକୁଦ ୱାଇଲ୍ଡ ଲାଇଫ୍ ଡିଭିଜନ ୬୦୦୦ରୁ ଅଧିକ ଉଦ୍ଭିଦ ସହ ୪ହେକ୍ଟର ପରିମିତ ଅଞ୍ଚଳରେ ଗତବର୍ଷ ବଟାନିକାଲ୍ ବଗିଚା ଆରମ୍ଭ କରିଥିଲା। ଏହା ପ୍ରାଣୀ ଉଦ୍ୟାନର ପ୍ରାଣୀମାନଙ୍କ ପାଇଁ ସବୁଜ ବେଲ୍ଟ ଭାବରେ କାର୍ଯ୍ୟ କରୁଛି। ଏହି ପ୍ରାଣୀ ଉଦ୍ୟାନକୁ ପୂର୍ବରୁ ହରିଣ ପାର୍କ ଓ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ଭାବରେ ନାମିତ କରାଯାଇଥିଲା। ୧୯୮୦ରେ୧୩ ହେକ୍ଟର ଅଞ୍ଚଳରେ ଏହା ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ପ୍ରାଣୀ ଉଦ୍ୟାନରେ ୨୭ ଏନ୍‌କ୍ଲୋଜର ସହ ୧୫ ପ୍ରଜାତିର ୩୩୩ ପ୍ରାଣୀ ଅଛନ୍ତି। ସେମାନଙ୍କ ମଧ୍ୟରେ କଲରାପତରିଆ ବାଘ, ଭାଲୁ, ଚୁସିଙ୍ଗା, ପାଇଥନ ଓ ମୟୂର ରହିଛନ୍ତି। ହରିଣ ସଂଖ୍ୟା ସର୍ବାଧିକ ୧୨୩ ଥିବାବେଳେ ଶମ୍ବର ୪୧ ଓ ୫ଟି ଭାଲୁ ଅଛନ୍ତି। ଏଠାରେ ସାଧାରଣ ଜନତାଙ୍କ ପାଇଁ ବନ୍ୟଜନ୍ତୁ ଉପରେ ସଚେତନତା ସହ ଶିକ୍ଷା ପ୍ରଦାନ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି। ଗତ ୧ବର୍ଷ ମଧ୍ୟରେ ଅଧିକ ଶୌଚାଳୟ, ପାନୀୟ ଜଳ, ସ୍ୱତନ୍ତ୍ର ପାର୍କିଂ, ଶିଶୁ ପାର୍କ, ଡ୍ରେନେଜ ନିର୍ମାଣ ସହ ଏନ୍‌କ୍ଲୋଜର ଭଳି ସୁବିଧା କରାଯାଇଛି। ଏହାଛଡ଼ା ହୀରାକୁଦ ଡିଭିଜନ କର୍ତ୍ତୃପକ୍ଷ ବନ୍ୟଜନ୍ତୁ ଓ ସଂରକ୍ଷଣ ଉପରେ ପ୍ରତି ଶନିବାର ବିଶେଷଜ୍ଞଙ୍କ ଦ୍ୱାରା ଆଲୋଚନା ସଭା କରିବା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

# ଝଡ଼ାଫୁଙ୍କାକରି ମୃତ ମହିଳାଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ

- ସାପକାମୁଡ଼ାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା
- ଗୁଣିଆକୁ ଧରି ଡାକ୍ତରଖାନାରେ ପହଞ୍ଚିଥିଲେ ସମ୍ପର୍କୀୟ
- ଶବ ବ୍ୟବଚ୍ଛେଦ ଘର ନିକଟରେ ଚାଲିଥିଲା ଝଡ଼ାଫୁଙ୍କା
- ପୋଲିସ, ଡାକ୍ତରଙ୍କ ହସ୍ତକ୍ଷେପ ପରେ ବନ୍ଦ ହେଲା

**ଭବାନୀପାଟଣା,୨୨।୭(ଉତ୍ତମ କୁମାର ଦାଶ)**


ଗୁଣିଆ ଜଣକ ମୃତା ମହିଳାଙ୍କୁ ଝଡ଼ାଫୁଙ୍କା କରୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଛି। ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ଜଣେ ମହିଳାଙ୍କୁ ଗୁଣିଆଙ୍କ ଦ୍ୱାରା ଝଡ଼ାଫୁଙ୍କା କରି ବଞ୍ଚାଇବାକୁ ପ୍ରୟାସ କରାଯାଉଥିଲା। ଏହା ଡାକ୍ତରଙ୍କ ନଜରକୁ ଆସିବା ପରେ ସେ ପୋଲିସ ଡକାଇ ଏହାକୁ ବନ୍ଦ କରିଥିଲେ। ପରେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୀତମାଲ ଗ୍ରାମର ରେଣୁକା ନାଗ(୪୦)ଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସାପ କାମୁଡି ଦେଇଥିଲା। ଶନିବାର ସକାଳେ ତାଙ୍କ ସମ୍ପର୍କୀୟମାନେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମହିଳାଙ୍କ ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ତାଙ୍କ ସମ୍ପର୍କୀୟମାନେ ଗାଁର ଜଣେ ଗୁଣିଆ ପାଖକୁ ଯାଇଥିଲେ। ଗୁଣିଆ ମହିଳାଙ୍କୁ ବଞ୍ଚାଇଦେବ ବୋଲି କହିବାରୁ ମହିଳାଙ୍କ ସମ୍ପର୍କୀୟ ଗୁଣିଆ ସହ ସାପକୁ ଧରି ଅପରାହ୍ନରେ ଭବାନୀପାଟଣା ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ମୃତଦେହ ନିକଟକୁ ଯାଇ ଝଡାଫୁଙ୍କା କରିବା ସହ ନିଜ ଚିକିତ୍ସା ଆରମ୍ଭ କରିଥିଲେ। ଏହି ଖବର ପ୍ରଘଟ ହେବା ପରେ ଡାକ୍ତର ଓ ପୋଲିସ ପହଞ୍ଚି ଝଡ଼ାଫୁଙ୍କା ବନ୍ଦ କରିଥିଲେ। ମହିଳାଙ୍କ ସମ୍ପର୍କୀୟ ଓ ଗୁଣିଆ ବିନା ବ୍ୟବଚ୍ଛେଦରେ ମୃତଦେହ ଗାଁକୁ ନେଇ ଯିବାକୁ ଜିଦ ଧରିଥିଲେ। ଶେଷରେ ପୋଲିସ ହସ୍ତକ୍ଷେପକରି ଏହା ଅନ୍ଧବିଶ୍ୱାସ ବୋଲି ମୃତ ମହିଳାଙ୍କ ସମ୍ପର୍କୀୟଙ୍କୁ ବୁଝାଇଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଦ୍ୱିତୀୟ ସର୍ବାଧିକ ଶାସନ: ଆଜି ଜ୍ୟୋତି ବସୁଙ୍କୁ ଅତିକ୍ରମ କରିବେ ନବୀନ



**ଭୁବନେଶ୍ୱର,୨୨।୭(ଅନିଲ ଦାସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ରାଜନୈତିକ କ୍ୟାରିୟରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ସେ ଶନିବାର ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କ ଶାସନ ସମୟର ସମକକ୍ଷ ହୋଇଛନ୍ତି। ରବିବାର ସେ ଦ୍ୱିତୀୟ ସର୍ବାଧିକ କ୍ଷମତାସୀନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିବାକୁ ଯାଉଛନ୍ତି। ଦେଶର ସର୍ବାଧିକ ସମୟ କ୍ଷମତାରେ ରହିବା ରେକର୍ଡ ସିକିମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ପୱନ କୁମାର ଚାମ୍ଲିଙ୍ଗଙ୍କ ନାମରେ ରହିଛି। ସେ ୨୪ ବର୍ଷ ୧୬୬ ଦିନ ମୁଖ୍ୟମନ୍ତ୍ରୀ ଭାବେ ରହିଥିଲେ। ସେହିପରି ଦ୍ୱିତୀୟ ସର୍ବାଧିକ ଶାସନ ରେକର୍ଡ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜ୍ୟୋତି ବସୁଙ୍କ ନାମରେ ରହିଥିଲା। ସେ ପଶ୍ଚିମବଙ୍ଗରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ରହିଥିଲେ। ନବୀନ ମଧ ୨୦୨୩ ଜୁଲାଇ ୨୨ ତାରିଖରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ନବୀନ ୨୦୦୦ରୁ ଲଗାତର ୫ମ ଥର ବିଧାନସଭା ନିର୍ବାଚନରେ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ଅଛନ୍ତି।

# ଶିକାରୀ ଗୁଳିରେ ନିହତ ଡେପୁଟି ରେଞ୍ଜର ମାଥି, ବନରକ୍ଷୀ ବିମଳଙ୍କୁ ମରଣୋତ୍ତର ସମ୍ମାନ

## ସାହସିକତା ପାଇଁ ହିମାଂଶୁଙ୍କୁ ପୁରସ୍କାର




ଡେପୁଟି ରେଞ୍ଜର ମାଥି ହାଁସଦା, ବନରକ୍ଷୀ ବିମଳ କୁମାର ଜେନା ଓ ବନରକ୍ଷୀ ହିମାଂଶୁ ଶେଖର ସେଠୀ।

**ବାରିପଦା, ୨୨।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ନିହତ ହୋଇଥିବା ଡେପୁଟି ରେଞ୍ଜର ମାଥି ହାଁସଦା ଓ ବନରକ୍ଷୀ ବିମଳ କୁମାର ଜେନାଙ୍କୁ 'ବିଶ୍ୱ ବ୍ୟାଘ୍ର ଦିବସ' ଅବସରରେ ଭାରତ ସରକାରଙ୍କ ପକ୍ଷରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ। ଏହାସହ ଅସାଧାରଣ ସାହସିକତା ଓ ବୀରତ୍ୱ ପାଇଁ କର୍ମଚାରୀ ହିମାଂଶୁ ଶେଖର ସେଠୀଙ୍କୁ ପୁରସ୍କୃତ କରାଯିବ। ଏ ସଂକ୍ରାନ୍ତରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ଚଳିତମାସ ୨୯ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର କର୍ବେଟ ଟାଇଗର ରିଜର୍ଭରେ 'ବିଶ୍ୱ ବ୍ୟାଘ୍ର ଦିବସ' ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ କାର୍ଯ୍ୟରତ ଡେପୁଟି ରେଞ୍ଜର ସ୍ୱର୍ଗତ ମାଥି ହାଁସଦା ଜଣେ ସାହସୀ ଓ ନିର୍ଭୀକ କର୍ମଚାରୀ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ଏପରିକି ତାଙ୍କ ଅଞ୍ଚଳରେ ଶିକାରୀଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ଫଳରେ ଶିମିଳିପାଳ ଟାଇଗର ରିଜର୍ଭର ତାଙ୍କ କ୍ଷେତ୍ର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଥିଲା। ତେବେ ଜୁନ ୧୬ତାରିଖ ରାତିରେ ମାଥି ହାଁସଦା ଓ ସହକର୍ମୀ ହିମାଂଶୁ ସେଠୀ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଗୁଳି ଶବ୍ଦ ଶୁଣି ୬ଜଣ ଶିକାରୀଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ହିମାଂଶୁ ସେମାନଙ୍କଠାରୁ ବନ୍ଧୁକ ଛଡାଉଥିବା ବେଳେ ଅଚାନକ ଜଣେ ଶିକାରୀ ହାଁସଦାଙ୍କୁ ଗୁଳି କରିଥିଲେ। ଛାତିରେ ଗୁଳି ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ହିମାଂଶୁ ତାଙ୍କ ଜୀବନ ବଞ୍ଚାଇବାକୁ ତତ୍‌କ୍ଷଣାତ ତାଙ୍କୁ ସେହି ରାତିରେ ଦୀର୍ଘ ପଥ ଅତିକ୍ରମ କରି କରଞ୍ଜିଆ ଡାକ୍ତରଖାନାରେ ପହଞ୍ଚାଇଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ବୀରତ୍ୱର ଉଦ୍ୟମ ହେତୁ ଜଣେ ଶିକାରୀ ଚିହ୍ନଟ ହୋଇ ଧରାପଡିବା ସହିତ ଅନ୍ୟ ଅପରାଧୀଙ୍କୁ ଚିହ୍ନଟ କରିବା ପାଇଁ ତଲାସି ଅଭିଯାନ ଆରମ୍ଭ କରିଥିବା ପୋଲିସକୁ ସୂଚନା ଦିଆଯାଇଥିଲା। ସେହିପରି ବନରକ୍ଷୀ ବିମଳ କୁମାର ଜେନା ମେ' ୨୨ତାରିଖ ସନ୍ଧ୍ୟାରେ କଳସିଡୁବା ଅଞ୍ଚଳରେ ଦୁଇଜଣ ସୁରକ୍ଷା ସହାୟକଙ୍କ ସହ ପାଟ୍ରୋଲିଂ ପାଇଁ ଯାଇଥିଲେ। ସେ ୮ରୁ ୧୦ଜଣ ଶିକାରୀ ହରିଣ ଶିକାର କରି ବୋହି ନେଉଥିବାର ଦେଖି ସେମାନଙ୍କୁ ଅଟକାଇଥିଲେ। ଜଙ୍ଗଲ କର୍ମଚାରୀଙ୍କୁ ଦେଖି ଶିକାରୀମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ସେମାନଙ୍କ ସଂଖ୍ୟା ଅଧିକ ଥିବା ଜାଣି ଅଧିକ ଫୋର୍ସ ମଗାଇବା ପାଇଁ ବନରକ୍ଷୀ ବିମଳ ବାର୍ତ୍ତା ପଠାଇଥିଲେ। ବନ କର୍ମଚାରୀମାନେ ପହଞ୍ଚିବା ପୂର୍ବରୁ ଶିକାରୀମାନେ ଧରାପଡିଯିବା ଜାଣି ପୁନଶ୍ଚ ଫେରି ଆସି ବନପାଳଙ୍କୁ ଗୁଳି କରି ହତ୍ୟା କରିଥିଲେ। ଶିକାର କରିଥିବା ମୃତ ବନ୍ୟପ୍ରାଣୀଙ୍କ ସହ ସେହି ସ୍ଥାନରୁ ପଳାଇଥିଲେ। ନିଜ ଜୀବନକୁ ବାଜି ଲଗାଇ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଏମାନଙ୍କର ଅବଦାନ ଅତୁଳନୀୟ। ଦେଶ, ରାଜ୍ୟ ତଥା ମୟୂରଭଞ୍ଜ ମାଟିକୁ ଗର୍ବିତ କରିଥିବା ସେମାନଙ୍କ ବୀରତ୍ୱ ଓ ସାହସିକତା ଅନ୍ୟ ବନ କର୍ମଚାରୀମାନଙ୍କ ପାଇଁ ନୂତନ ପ୍ରେରଣାର ଉତ୍ସ ସୃଷ୍ଟି କରିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ମୌସୁମୀ ସକ୍ରିୟ: ବିଭିନ୍ନ ସ୍ଥାନରେ ଦୁହାଙ୍କୁ ଦୁହା ବର୍ଷା

**୨୪ରୁ ବଢ଼ିବ ବର୍ଷା**

**ଭୁବନେଶ୍ୱର,୨୨।୭ (ଅନିଲ ଦାସ)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଛତିଶଗଡ଼ ଉପରେ ଏକ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦୁହାଙ୍କୁ ଦୁହା ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଞ୍ଜାମ, ପୁରୀ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

# ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତକଲେ ବିଶେଷଜ୍ଞ ଟିମ୍

**ରସୁଲପୁର,୨୨।୭(ରଞ୍ଜିତ ରାଉତ)**


ବିଶେଷଜ୍ଞ ଟିମ୍ ଘଟଣାସ୍ଥଳରେ ଯାଞ୍ଚ କରୁଛନ୍ତି।

- ପୋଲରେ ବ୍ୟବହୃତ ସାମଗ୍ରୀର ନମୁନା ଓ ଫଟୋ ସଂଗ୍ରହ କଲେ
- ମାସକ ମଧ୍ୟରେ ପ୍ରସ୍ତୁତ ହେବ ଚୂଡ଼ାନ୍ତ ରିପୋର୍ଟ

ଯାଜପୁର ଜିଲା ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ନିକଟ ୧୬ ନମ୍ବର ଜାତୀୟ ରାଜପଥ ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ କରାଯାଇଛି। ଶନିବାର ଦିଲ୍ଲୀରୁ ପୋଲ ନିର୍ମାଣର ବିଶେଷଜ୍ଞ ଆଲୋକ ପାଣ୍ଡେ, ଏ.କେ. ଶ୍ରୀବାସ୍ତବ ଓ ଏସ୍.କେ. ଶର୍ମା ୩ ଜଣିଆ ଟିମ୍ ପହଞ୍ଚି ଭୁଶୁଡ଼ି ପଡ଼ିଥିବା ପୋଲର ବିଭିନ୍ନ ଦିଗକୁ ତଦନ୍ତ କରିଛନ୍ତି। ପୋଲରେ ବ୍ୟବହୃତ ସାମଗ୍ରୀର ନମୁନା, ବ୍ୟବହୃତ ଷ୍ଟିଲ୍, କଂକ୍ରିଟର ମାନ, ପୋଲର ବିଭିନ୍ନ ସ୍ଥାନରେ ଥିବା ଫାଟ ଆଦିକୁ ଯାଞ୍ଚ କରିବା ସହ ସେ ସବୁର ଫଟୋ ଉଠାଇଛନ୍ତି। ଭୁଶୁଡ଼ି ପଡ଼ିଥିବା ପୋଲର ମାପଚୁପ୍ କରିଛନ୍ତି। ଏଥିସହ ରାଜପଥ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା ଆଞ୍ଚଳିକ ଶାଖା କାର୍ଯ୍ୟାଳୟଠାରୁ ପୋଲ ନିର୍ମାଣର ଡକ୍ୟୁମେଣ୍ଟ ସଂଗ୍ରହ କରିଛନ୍ତି।

ପୋଲ ନିର୍ମାଣକୁ ନେଇ ପ୍ରସ୍ତୁତ ନକ୍ସା ଓ ନିର୍ମାଣ ବେଳେ କାର୍ଯ୍ୟକାରୀ ହୋଇଥିବା ତରିକା ଆଦି ଦିଗକୁ ଅନୁଧ୍ୟାନ କରିବାର ୨ ସପ୍ତାହ ମଧ୍ୟରେ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରାଯିବ। ପାଖାପାଖି ମାସକ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହୋଇ କେନ୍ଦ୍ର ସଡ଼କ ଓ ପରିବହନ ବିଭାଗ ଓ ଦିଲ୍ଲୀସ୍ଥିତ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାକୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ବିଶେଷଜ୍ଞ ଟିମ୍‌ର ରିପୋର୍ଟରେ ପୋଲ ପୁନରୁଦ୍ଧାର ପାଇଁ ଆଗକୁ କ'ଣ ପଦକ୍ଷେପ ନିଆଯିବ ସେ ନେଇ ତଥ୍ୟ ଆଞ୍ଚଳିକ କାର୍ଯ୍ୟାଳୟର ହସ୍ତଗତ ହେବା ପରେ ପଦକ୍ଷେପ ନିଆଯିବ ବୋଲି ରାଜପଥ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି। ତଦନ୍ତ ପାଇଁ ଆସିଥିବା ବିଶେଷଜ୍ଞମାନଙ୍କୁ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ଜି.ଏମ୍. ବୀରେନ୍ଦ୍ର ସିଂ, ବାଲେଶ୍ୱର ଶାଖାର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା ଓ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଓଡ଼ିଶା ପ୍ରଦେଶରେ କାର୍ଯ୍ୟରତ ବରିଷ୍ଠ ବୈଷୟିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ସହଯୋଗ କରିଥିଲେ।

କୋଲକାତାରୁ ଚେନ୍ନାଇକୁ ସଂଯୋଗ କରୁଥିବା ଏହି ୧୬ନମ୍ବର ଜାତୀୟ ରାଜପଥର ପୋଲ ଗତ ମଙ୍ଗଳବାର ସକାଳ ପ୍ରାୟ ୬ଟା ୧୫ ମିନିଟ୍‌ରେ ଭୁଶୁଡ଼ି ପଡ଼ିବା ପରେ ଜନସାଧାରଣଙ୍କ ମନରେ ଭୟ ଓ ଆଶଙ୍କା ସୃଷ୍ଟି କରିଛି। ଘଟଣାକୁ ରାଜନେତା, ପ୍ରଶାସନଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ଗୁରୁତର ସହ ନେଇଛନ୍ତି। ପୋଲ ଭୁଶୁଡ଼ିବା ଓ ରାଜପଥ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗକରି ବିଜେଡି ରାସ୍ତାକୁ ଓହ୍ଲାଇ ହୋହଲା କରିଛି। ଜିଲାର ବିଧାୟକ ଓ ଏମ୍‌ପି ରାଜପଥ କର୍ତ୍ତୃପକ୍ଷଙ୍କୁ ଡକାଇ ଘଟଣାର ସମୀକ୍ଷା କରିଛନ୍ତି। ଯାଜପୁର ଜିଲା ଦେଇ ଯାଇଥିବା ରାଜପଥଗୁଡ଼ିକର ବିକଳ ସ୍ଥିତିକୁ ନେଇ ଆହୂତ ସମୀକ୍ଷା ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ଏଥିସହ ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବାକୁ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀମାନଙ୍କୁ ତାଗିଦ କରାଯାଇଛି। ରସୁଲପୁର ବ୍ଲକ ଛକ ନିକଟରେ ଏକ ଗଳିପୋଲ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ରାଜପଥ ନିର୍ମାଣବେଳେ କାର୍ଯ୍ୟର ଗୁଣବତ୍ତାକୁ ପ୍ରାଧାନ୍ୟ ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉପସ୍ଥିତ ଅଧିକାରୀମାନେ ବିଧାୟକ ଓ ଏମ୍‌ପିଙ୍କ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଭୁଶୁଡ଼ି ପଡ଼ିଥିବା ପୋଲର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷକରି ଗମନାଗମନକୁ ସୁଗମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

BADRIPRASAD
Group of Institutions
NURSING PROGRAMMES
B.Sc Nursing
Eligibility : +2 Science PCB with 45% Genral, 40% ST/SC
PB BSc Nursing
Eligibility : GNM Pass with onmrc Registration
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST-SAMBALPUR, PIN-768200
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028, Email : badriprasad.nursing@gmail.com

WALK-IN-INTERVIEW
A Walk-in-Interview will be conducted for the Post of Lect. in Economics, Lect. in Education, Lect. in History, Lect. in Odia & Lect. in Pol. Sc. (1 Post in each subject) on Dt.30.07.2023 at 10.00 A.M. in the Office of the Principal, Jagannath Degree College, Sahajbahal, Dist.: Balangir.
Candidates applying for the above mentioned posts must have passed the P.G. Examination with 55% marks and above. Candidates applying for Lecturer in Economics must have studied Mathematical Economics at Graduation/Post Graduation Level.
Appointment will be given on Contractual Basis. Candidates are requested to attend the Walk-in-Interview with their original documents along with a set of Xerox copies at the time of reporting. No T.A. or D.A. will be given to the candidates.
Sd./- Principal-cum-Secretary
JAGANNATH DEGREE COLLEGE
Sahajbahal, Dist.: Balangir, email: jdcsahajbahal@gmail.com, Mob. No.: 9937386358

WALK IN INTERVIEW
MNC-LEPRA Society, an ISO Certified & NABH accredited eye care centre is inviting applications from intending candidates having requisite qualifications to attend the Walk In Interview scheduled for 2nd August 2023 (Wednesday).
Candidates are requested to bring their CV & relevant documents with them as per below details.

| Position | Qualification | No. of vacancy | Place of interview |
|---|---|---|---|
| Program & Business Development Executive | • Graduate from any recognized university having 2 years of work experience in Sales/Marketing preferably in hospital Mgt or MSW with experience in Business Development/Sales/Event Management/ PR/CSR. | 1 | At- MNC-LEPRA Society, Pandapali, Biramaharajpur, Dist- Subarnapur, Odisha, 767018 Mob.- 9437443354 |

Women candidates are encouraged to apply.
LEPRA Society is an equal opportunity employer
Registration after 11 AM not to be entertained.

FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDARGARH DISTRICT)
Eligible students belonging to all Categories from the 13 BLOCKS (BONAIGARH, HEMGIR, KOIDA KUTRA, GURUNDIA, KUARMUNDA, LAHUNIPADA, LEPHRIPADA, LATHIKATA, NUAGAON RAJGANGPUR, RAJGANGPUR MPL & BIRAMITRAPUR MPL of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2023-24. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with english one of the subject (45% for GEN/OBC 40% for SC/ST candidates) | No Age Limit |
| 2. Diploma in Fornt Office Operation, Food Production, Housekeeping Operation, Food & Beverage Service and Bakery & Confectionery | 1½ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, TITILAGARH ROAD, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484

> ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ୍ୟ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସଚ୍ଚତ୍ୱ, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଉଚ୍ଚରେ ଅତିମାନସ ଚେତନାର ଅଧିକାରୀ। —ଶ୍ରୀଅରବିନ୍ଦ



# ଅଣଦେଖା ଆଚରଣ



**ଆକାର ପଟେଲ**

ମୋର ସମସ୍ୟା ଅଛି ବୋଲି ଯେତେବେଳେ ମୁଁ ସ୍ୱୀକାର ନ କରି ତାହାକୁ ଅଣଦେଖା କରେ ସେତେବେଳେ କି ଲାଭ ହୁଏ ? ଅଣଦେଖା କରିବାରେ ଯଦି ସବୁକିଛି ଚାଲିଯାଏ ବା କ୍ଷତି ହୁଏ ସେତେବେଳେ କ'ଣ ଘଟେ ? ଆସନ୍ତୁ, ମଣିପୁର ସମସ୍ୟା ପରିପ୍ରେକ୍ଷୀରେ ଏଭଳି ପ୍ରଶ୍ନଗୁଡ଼ିକର ପ୍ରାସଙ୍ଗିକତାକୁ ଦେଖିବା। ପ୍ରଧାନମନ୍ତ୍ରୀ ମଣିପୁରରେ ହିଂସା ହେଉ ନ ଥିବାର ୭୯ ଦିନ ଛଳନା ପରେ ତାହାକୁ ସ୍ୱୀକାର କଲେ। ୨ ମାସ ପୂର୍ବର ଏକ ଭିଡିଓ ଲୋକଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିବାରୁ ମଣିପୁରକୁ ସାର୍ବଜନୀନ ବିତର୍କକୁ ଫେରାଇ ଆଣିଲା ଓ ତାହା ପ୍ରଧାନମନ୍ତ୍ରୀଙ୍କୁ ମୁହଁ ଖୋଲିବାକୁ ବାଧ୍ୟକଲା। ଭାରତର ପ୍ରଧାନ ବିଚାରପତି ମଧ୍ୟ କିଛି କ୍ରୋଧ ପ୍ରକାଶ ହେଉଥିବା ଭଳି ଶବ୍ଦ କହିଛନ୍ତି ଏବଂ ସେହି ଘଟଣାରେ ଅବହେଳା କରିଥିବା ମଣିପୁର ପୋଲିସ ଉକ୍ତ ମାମଲାରେ ହଠାତ୍ ଗିରଫଦାରି ଆରମ୍ଭ କରିଦେଲା। ପୋଲିସକୁ କାହିଁକି ଏତେ ସମୟ ଲାଗିଲା ? କାରଣ ହେଲା, ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରୁ ଦୃଷ୍ଟି ହଟାଇ ନେଲେ ଏବଂ ପ୍ରମୁଖ ଗଣମାଧ୍ୟମକୁ ନ କହିବା ପାଇଁ ସଙ୍କେତ ଦେଲେ। ଯେତେବେଳେ ଏହି ଘଟଣା ଘଟୁଥିଲା ସେତେବେଳେ ସେ ବେଙ୍ଗାଲୁରୁରେ ରୋଡ୍ ଶୋ କରୁଥିଲେ। ଏହାପରେ ସେ ଦୁଇଥର ବିଦେଶ ଯାଇ ପାର୍ଟିରେ ଯୋଗଦେଇ ପରେଡ୍ ଦେଖୁଥିଲେ। ଭାରତରେ ବି ସେ ଟ୍ରେନ୍‌ର ଶୁଭାରମ୍ଭ ଏବଂ ଉଦ୍‌ଘାଟନ ଇତ୍ୟାଦି ଜାରି ରଖିଥିଲେ। ସେ ମଣିପୁର ବିଷୟରେ ପଦୁଟିଏ କହି ନ ଥିଲେ। ତେବେ ସମସ୍ତଙ୍କ ସମ୍ମୁଖରେ ଏହି ସମସ୍ୟା ସ୍ପଷ୍ଟ ହୋଇଥିଲେ ମଧ୍ୟ ଏହାକୁ ଏକ ସମସ୍ୟା ଭାବେ ସ୍ୱୀକାର ନ କରିବାରେ ଲାଭ ଅଛି। ଅସ୍ୱୀକାର କରିବାର ପ୍ରଥମ ଲାଭ ହେଉଛି ଏହା ମୋ ସମସ୍ୟା ନୁହେଁ ବୋଲି ସଙ୍କେତ ଦେବା। ଧରାଯାଉ ଯଦି କିଛି ନ ଘଟିବାର ମୁଁ ଛଳନା କରେ ତେବେ ଏହା ମୋର ସମସ୍ୟା ବୋଲି ସ୍ୱୀକାର କରିବି ନାହିଁ ଏବଂ ସେଥିପାଇଁ ମୋତେ ଏହାର ସମାଧାନ କରିବାକୁ ପଡ଼ିବ ନାହିଁ। ଦ୍ୱିତୀୟ ସୁବିଧାଟି ହେଉଛି, ଏକ କଠିନ ପରିସ୍ଥିତିକୁ ତୁରନ୍ତ ସାମ୍ନା କରିବାକୁ ଥିବାରୁ ଏହାକୁ ଜଣେ ଅଣଦେଖା କରନ୍ତି ଏବଂ ସମ୍ଭବତଃ ଏହା ଆପେ ଚାଲିଯିବ ବୋଲି ଭାବି ଏପରି କରିଥାନ୍ତି। କୋଭିଡ୍ ମହାମାରୀର ଦ୍ୱିତୀୟ ଲହରରେ ପ୍ରଧାନମନ୍ତ୍ରୀ ଏହି କୌଶଳ ବ୍ୟବହାର କରିଥିଲେ। ସାଧାରଣତଃ ପ୍ରତିଦିନ କିଛି କାର୍ଯ୍ୟକ୍ରମରେ ଦେଖାଦେଉଥିଲେ। କିନ୍ତୁ ପଶ୍ଚିମବଙ୍ଗରେ ରାଲି ବନ୍ଦ କରିବା ପରେ ସେ ୨୦ ଦିନ ପାଇଁ ଅଦୃଶ୍ୟ ହୋଇଯାଇଥିଲେ। ଅମ୍ଳଜାନ ବିନା ଶତାଧିକ ଲୋକଙ୍କର ମୃତ୍ୟୁ ଘଟୁଥିବାବେଳେ ସେ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ୩ ସପ୍ତାହ ପରେ କମ୍ ମୃତ୍ୟୁ ହେଉଥିବାବେଳେ ସେ ମୁହଁ ଦେଖାଇଲେ ଏବଂ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ସେ ମଧ୍ୟ ଗଲୱାନ୍‌ରେ ସମାନ କାର୍ଯ୍ୟ କରିଥିଲେ। ଗଲୱାନ୍ ସଂଘର୍ଷକୁ ୩ ବର୍ଷ ପୂରିଯାଇଥିଲେ ବି ସେନା ସେ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ବରଂ କିଛିଦିନ ନୀରବତା ପରେ ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ ଏକ ସଂକ୍ଷିପ୍ତ ବିବୃତି ଦେଇ ପୁଣି ଚୁପ୍ ରହିଗଲେ।

ଏକ ସମସ୍ୟାକୁ ଅସ୍ୱୀକାର କରିବାରେ ତୃତୀୟ ଲାଭ ବି ଅଛି। ଏହାଦ୍ୱାରା ମୁଁ ମୋର ପ୍ରତିଛବିକୁ ଅକ୍ଷୁଣ୍ଣ ରଖିପାରେ। ମୋର ଅନୁଗାମୀ ଏବଂ ଭକ୍ତମାନଙ୍କ(ପ୍ରଧାନମନ୍ତ୍ରୀଙ୍କ କ୍ଷେତ୍ରରେ ଏମାମାନଙ୍କ ସଂଖ୍ୟା ଅନେକ) ଭକ୍ତି ଓ ସମର୍ଥନ ଜାରି ରହିଲେ ମୁଁ କିଛି ଭୁଲ୍ କରିନାହିଁ ବୋଲି ନିଜକୁ କହିପାରିବି। ଯଦି ଅଧିକ ସଂଖ୍ୟକ ଲୋକ ମୋ ଉପରେ ବିଶ୍ୱାସ ଜାରି ରଖନ୍ତି, ତେବେ ମୋର କାର୍ଯ୍ୟ ଠିକ୍ ଏବଂ ମୋର ନିଷ୍କ୍ରିୟତା ମଧ୍ୟ ଉଚିତ ମନେହେବ। ଏଥିରେ ଆଉ କିଛି ଛୋଟ ଲାଭ ହୋଇପାରେ। ବୋଧହୁଏ କେତେଜଣ ଲୋକ କେବଳ ଅନେକ ଦାବିକୁ ମନେରଖନ୍ତି ଏବଂ ଖରାପ ଖବରକୁ ଅଣଦେଖା କରାଯିବା ଘଟଣାକୁ ନୁହେଁ। ଭାରତ ଏକ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ବୋଲି କରାଯାଉଥିବା ଦାବିକୁ ଅନେକେ ବିଶ୍ୱାସ କରନ୍ତି। କିନ୍ତୁ ୨୨ ଜୁଲାଇରେ ଭାରତ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ନୁହେଁ ବୋଲି ଏକ ରିପୋର୍ଟ ପ୍ରକାଶ କରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ୨୦୨୨ରେ ସାଉଦି ଆରବ ୮.୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି, ତା'ପରେ ଭିଏତ୍‌ନାମର ରହିଛି ୮ ପ୍ରତିଶତ। ୨୦୨୩ର ପ୍ରଥମ ତ୍ରୈମାସିକରେ ଫିଲିପାଇନ୍ସ ୬.୪ ପ୍ରତିଶତ ଅଭିବୃଦ୍ଧି ହାସଲ କରି ଭାରତକୁ ଟପିଯାଇଛି। ଏହି ସମୟରେ ଯଦି ମୁଁ 'ଦ୍ରୁତ ଅଭିବୃଦ୍ଧି' ବିଷୟରେ ଆଲୋଚନା ନ କରି କିଛି ବର୍ଷ ପରେ ପୁନର୍ବାର ଏହାକୁ ଉପସ୍ଥାପନ କରିବି, ତେବେ ଅନେକେ ଅନୁଭବ କରିବେ ଯେ, ମୁଁ ସର୍ବଦା ଶୀର୍ଷରେ ଅଛି।

ସମସ୍ୟାକୁ ଜଣେ ନେତା ଭାବେ ଅସ୍ୱୀକାର କଲେ କ'ଣ କ୍ଷତି ହୁଏ ଆସନ୍ତୁ ସେ ଦିଗକୁ ଫେରିବା। ପ୍ରଥମଟି ହେଉଛି, ଏହି ସମସ୍ୟା ଲାଗିରହିବ ଏବଂ ଅନେକ ସମୟରେ ମଣିପୁର ଭଳି ଆହୁରି ଖରାପ ହେବ। ଭାରତ ସରକାର ମଣିପୁର ସମସ୍ୟାକୁ ଅଣଦେଖା କରିବା ଯୋଗୁ ହିଂସାରେ କେତେଜଣଙ୍କର ମୃତ୍ୟୁ ଘଟିଛି, ଆଉ କେତେଜଣ ମହିଳା ଓ ବାଳିକାଙ୍କୁ ଆକ୍ରମଣ କରାଯାଇଛି, ଆଉ କେତେ ଘର ପୋଡ଼ିଛି ତାହା ପ୍ରଶ୍ନ ଘେରରେ। ସମ୍ଭବତଃ ଐତିହାସିକମାନେ ଏହାର ହିସାବ କହିବେ, କାରଣ ଅଧିକାଂଶ ଗଣମାଧ୍ୟମ ତାହା କରିବେ ନାହିଁ। ଦ୍ୱିତୀୟ କ୍ଷତି ହେଉଛି ଲୋକମାନେ ଏହାର ଲାଭ ଉଠାଇବେ। ମଣିପୁର ମୁଖ୍ୟମନ୍ତ୍ରୀଙ୍କ କଥା ଦେଖାଯାଉ। ପ୍ରଧାନମନ୍ତ୍ରୀଙ୍କ ଅନୁଯାୟୀ, ଯଦି ମଣିପୁରରେ କୌଣସି ଅସୁବିଧା ନାହିଁ ତେବେ ମଣିପୁର ମୁଖ୍ୟମନ୍ତ୍ରୀ କାହିଁକି ଇସ୍ତଫା ଦେବେ ? ଯେତେବେଳେ କିଛି ବାହ୍ୟ ଚାପ ଥିଲା, ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ପାଇଁ ଏକ ନାଟକ କରିଥିଲେ ଓ ପରେ ନୀରବ ରହିଗଲେ। ସେ ଜାଣିଥିଲେ ଯେ ନୀରବତାକୁ ତାଙ୍କ ସୁବିଧା ପାଇଁ ବ୍ୟବହାର କରିପାରିବେ। ତୃତୀୟ କ୍ଷତିରେ ରହିଛି ଦେଶ କଥା। ଦେଶ ନିଜ ଆଭିମୁଖ୍ୟ ଜାରି ରଖିପାରିବ ଯେ ଏହା ମହାନତା ଆଡ଼କୁ ଗତି କରୁଛି ଏବଂ ଆଭ୍ୟନ୍ତରୀଣ ନିଆଁ ଏହାକୁ ବିଚ୍ୟୁତ କରିପାରିବ ନାହିଁ। ବୋଧହୁଏ ଏସବୁ ଦୁର୍ବଳ ଅବଗଣନାରୁ ପ୍ରଧାନମନ୍ତ୍ରୀଙ୍କର ଅଣଦେଖା ଆଚରଣ ଦେଖାଯାଇଛି କିମ୍ବା ପ୍ରବୃତ୍ତିରୁ ଆସିଛି। ଯେଉଁଟା ବି ସତ ହୋଇଥାଉ, ତାଙ୍କୁ ଏଥିରୁ କ'ଣ ଲାଭ ମିଳିଛି ଏବଂ ଆମର କ'ଣ ସବୁ କ୍ଷତି ଘଟିଛି ତାହାର ପ୍ରମାଣ ୧୦ ବର୍ଷ ଶାସନରେ ରହିଛି।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | | | |
| 3 | 1 | 7 | | | | | | |
| | | | 9 | | 7 | 8 | 1 | |
| 6 | | | | 2 | | | | |
| | 2 | | 8 | 6 | 1 | | | 5 |
| | | | | | 9 | | 2 | 1 |
| | | | | | | | 5 | |
| | 5 | | | | | | 4 | 9 |
| 2 | | | | 3 | | 7 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 2 | 9 | 5 | 6 | 3 | 7 | 4 |
| 6 | 3 | 7 | 4 | 8 | 1 | 2 | 5 | 9 |
| 4 | 9 | 5 | 7 | 3 | 2 | 8 | 6 | 1 |
| 3 | 7 | 9 | 6 | 1 | 5 | 4 | 8 | 2 |
| 5 | 2 | 1 | 8 | 4 | 3 | 7 | 9 | 6 |
| 8 | 6 | 4 | 2 | 9 | 7 | 5 | 1 | 3 |
| 7 | 1 | 3 | 5 | 2 | 9 | 6 | 4 | 8 |
| 9 | 4 | 6 | 3 | 7 | 8 | 1 | 2 | 5 |
| 2 | 5 | 8 | 1 | 6 | 4 | 9 | 3 | 7 |

ଗତ କାଲିର ଉତ୍ତର

# ଚାଷୀର ଚେତାବନୀ



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ଜ୍ଞାନୀ ବିଜ୍ଞାନୀ ବିଦ୍ୟା ବିଶାରଦ ବିଶେଷଜ୍ଞମାନଙ୍କ ଚେତାବନୀ ମଣିଷ ମନରେ ଭୟଙ୍କର କମ୍ପନ ସୃଷ୍ଟି କରାଇଥାଏ। ତା' ଜୀବନଯାତ୍ରାର ଗତି ହଠାତ୍ ମନ୍ଥର ହୋଇପଡ଼େ। ଆଖି ଆଗରେ ଭାସିଉଠେ ସମ୍ଭାବ୍ୟ ବିଭୀଷିକାର କରାଳ ରୂପ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ହେଉ କି କରୋନା ପରି ମହାମାରୀ ବ୍ୟାଧି, ଏମିତି ବହୁ ବିଘଟନର ଆଗାମୀ ସୂଚନା ମଣିଷକୁ ସତର୍କ କରିଦିଏ। ସେ ନିଜକୁ ଏକ ନିରାପଦ ବଳୟ ଭିତରେ ରଖିବାକୁ ଯଥାସାଧ୍ୟ ଉଦ୍ୟମ କରେ। ମାତ୍ର ଯେଉଁଠି ଜୀବନ ପାଇଁ ଏକ ନିଶ୍ଚିତ ବିପଦର ଚେତାବନୀ କୌଣସି ବିଜ୍ଞାନୀ ପଣ୍ଡିତଙ୍କଠୁ ନ ଆସି ବିଦ୍ୟା ଓ ବିଜ୍ଞାନଠାରୁ ଏକ ଅପହଞ୍ଚ ଦୂରରେ ଥିବା ଜଣେ ଗାଉଁଲି ଅପାଠୁଆ ଚାଷୀ ପାଖରୁ ଆସିଥାଏ, ସେଠି ଏବେକାର ସହରୀ ଶିକ୍ଷିତ ମଣିଷଙ୍କ ଚେତନାରେ ଯେ ଚମକ ସୃଷ୍ଟି ହେବ, ଏଭଳି କିଛି ଆଶା କରାଯାଇପାରେନା। ଏହି ଚାଷୀ ଜଣଙ୍କର ଚେତାବନୀ କିଛି ବିଜ୍ଞାନସମ୍ମତ ନୁହେଁ କି ବିଦ୍ୟା ସମର୍ଥିତ ନୁହେଁ। ଉକ୍ତ ଚାଷୀ ଜଣକ କେହି ବିଶେଷଜ୍ଞ ନୁହନ୍ତି କି ବିଶେଷ ବୁଦ୍ଧିଦୀପ୍ତ ବି ନୁହନ୍ତି। ଅଥଚ ତାଙ୍କ ଚେତାବନୀରେ ଭରିରହିଛି ଏକ ଭୟଙ୍କର ଭବିଷ୍ୟତର ଇଙ୍ଗିତ; ଦାରୁଣ ବିଘଟନ ଓ ବିପର୍ଯ୍ୟୟର ସଙ୍କେତ!

ଚାଷବାସ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ଏକ ଦୂର ଗାଁର ଏଇ ଚାଷୀ ଜଣକ ନିକଟରେ ସସ୍ତ୍ରୀକ ପୁରୀ ଆସିଥିଲେ। ଜଗନ୍ନାଥ ଦର୍ଶନ ସାରି ଗାଁକୁ ଫେରିବା ବାଟରେ ଭୁବନେଶ୍ୱରରେ ଘେରାଏ ବୁଲିଯିବା ପାଇଁ ରାଜଧାନୀରେ ରହୁଥିବା ଏ ଲେଖକର ବନ୍ଧୁଙ୍କ ଘରେ ପହଞ୍ଚିଲେ। ଅନ୍ୟ କେବେ ହୋଇଥିଲେ ବନ୍ଧୁ ନିଶ୍ଚୟ ଖୁସି ହୋଇଥା'ନ୍ତେ ସମ୍ପର୍କୀୟ ନାରଣ କକାଙ୍କୁ ସପତ୍ନୀକ ନିଜ ଘରେ ଅତିଥି ହେବାର ଦେଖି। ମାତ୍ର ମହଙ୍ଗା ବଜାର ମାଡ଼ ମଧ୍ୟରେ ଘରର ରୋଷେଇଶାଳ ଯେଉଁଠି କରୁଣ ହୋଇଉଠିଛି, ସେଠି ଅତିଥି ସତ୍କାର ଭଳି ଏକ ସଂଭ୍ରାନ୍ତ ସଉକକୁ ଲାଳିତ କରିବା ବେଶ୍ କଷ୍ଟସାଧ୍ୟ। ଟମାଟୋ କିଲୋ ପିଛା ଦେଢ଼ଶହ, ବାଇଗଣ ଅଶୀ, ଭେଣ୍ଡି, କଲରା ଓ ପୋଟଳ ଆଦି ପରିବାର ଦର ଆକାଶଛୁଆଁ ସହିତ ଡାଲି, ଚାଉଳ ମଧ୍ୟ ଅଦର ଦର। ସୁତରାଂ, ଏମନ୍ତ ବିଷମ ବେଳାରେ ଜଣେ ନିମ୍ନ ମଧ୍ୟବିତ୍ତ ବେତନଭୋଗୀ ଲୋକର ଅନ୍ତରରୁ ଅତିଥି ସତ୍କାରର ଦିବ୍ୟ ଅନୁଭବ ଟିକକ ନିର୍ବାସିତ ହୋଇଯିବାର କିଛି ବୈଚିତ୍ର୍ୟ ନାହିଁ। ତଥାପି ମୁହଁରେ କୃତ୍ରିମ ହସ ଫୁଟାଇ ବନ୍ଧୁ ତାଙ୍କ ସମ୍ପର୍କୀୟଙ୍କୁ ସ୍ୱାଗତ କରିଥିଲେ।

ସେଇ ସନ୍ଧ୍ୟାରେ ପରିବା ହାଟରୁ ସାତଶହ ଟଙ୍କା ବିନିମୟରେ ତଥାପି ନିଜ ଝୁଲା ପୂରାଇବାରେ ଅସମର୍ଥ ବନ୍ଧୁଙ୍କ ବିଷଣ୍ଣ ବଦନ ଦେଖି ନାରଣ କକା ମୁରବିସୁଲଭ ମନ୍ତବ୍ୟ ଦେଲେ, "ଘରକୁ ଲାଗି ଏତେ ଜାଗା ଥାଉ ଥାଉ ବଜାରରୁ ପୁଣି ଶାଗ କିଣୁଛ ? ଶାଗ ମନ୍ଦାଏ କି ଭଣ୍ଡାଗଛ ଦୁଇଟା ଛିଡ଼ା କରାଇଥିଲେ



ଏବେ ତ ପରିବା ଖର୍ଚ୍ଚ କିଛି କମିଯାଇଥା'ନ୍ତା।" କକାଙ୍କ କଣ୍ଠରେ ସହୃଦୟତାର ଆଭାସ ପାଇ ବନ୍ଧୁ କହିଲେ, "ରାଜଧାନୀ ଏକ ଅସତ୍ୟ ସହର କକା! ଏଠି ପ୍ରତ୍ୟେକ ବଜାରରେ ଦୁଇ ପ୍ରକାର ଗରାଖ ଥାଆନ୍ତି। ବିଲାତି କିଲୋ ଦେଢ଼ଶହ ନ ହୋଇ ଅଢ଼େଇ ଶହ ହେଲେ ବି କିଛି ଲୋକଙ୍କର ପରବାୟ ନ ଥାଏ। ସେମାନଙ୍କ ଉପରେ ଦରବୃଦ୍ଧି କୌଣସି ପ୍ରଭାବ ପକାଇ ପାରୁ ନ ଥିବା ବେଳ ଅଢ଼େଇ ଶହ ଗ୍ରାମ୍ ଟମାଟୋ ପାଇଁ ଆମକୁ ପକେଟ ଅଣ୍ଡାଳିବାକୁ ପଡୁଥାଏ।"

ବନ୍ଧୁଙ୍କ କଥାରେ ସନ୍ତୁଷ୍ଟ ହେଲେନାହିଁ ନାରଣ କକା। କହିଲେ, "ଯିଏ ଯେଉଁ କିସମର ଗରାଖ ହୁଅନ୍ତୁ, ଜିନିଷ ଥିଲେ ସିନା ଟଙ୍କା ଦେଇ କିଣିବ। ଖାଲି ବିଡ଼ା ବିଡ଼ା ନୋଟ୍ ଥିଲେ ପେଟ ପୂରିଯାଏନା। ପେଟ ନ ପୂରିଲେ ମଗଜର ବିଦ୍ୟାବୁଦ୍ଧି ନିମିଷକେ କୁଆଡ଼େ ହଜିଯିବ। ମଗଜକୁ ତୁମ ସହରରେ ରଖି ପେଟର ଦାୟିତ୍ୱ ଆମ ଗାଁ ହାତରେ ଟେକି ଦେଇଥିବାରୁ ତ ଆଜି ଟମାଟୋ କିଲୋ ଦେଢ଼ଶହ, ବାଇଗଣ ଅଶୀ ଓ ଶାଗ ବିଡ଼ାକୁ ଦଶଟଙ୍କା।" ବନ୍ଧୁ ସ୍ତମ୍ଭୀଭୂତ ହୋଇଯାଇଥିଲେ ଜଣେ ଗାଉଁଲି ବୁଢ଼ାଙ୍କଠାରୁ ଜଟିଳ ଗ୍ରାମ୍ୟ ଅର୍ଥନୀତି ସମ୍ପର୍କରେ ଏପରି ମନ୍ତବ୍ୟ ଶୁଣି। ଗାଁ ଓ ସହର ମଧ୍ୟରେ ଥିବା ବ୍ୟବଧାନ ବୌଦ୍ଧିକ ପରିସରରେ ଯେଉଁ ବିତର୍କର ସୂତ୍ରପାତ କରେ ଓ ଏହାକୁ ନେଇ ବିଶ୍ୱବିଦ୍ୟାଳୟ ସଭାଗୃହରେ ଯେଉଁ ଆଲୋଚନାଚକ୍ର ଆୟୋଜିତ ହୁଏ; ତାହା ନାରଣ କକାଙ୍କ ପରି ଚାଷୀଙ୍କ ଚେତନାକୁ ଯେ ଆଲୋଡ଼ିତ କରିପାରେ, ଏହା ଜାଣି ସେ ଆଶ୍ଚର୍ଯ୍ୟ ହେଲେ।

ନାରଣ କକାଙ୍କ ଅସନ୍ତୋଷର ଯେମିତି ଶେଷ ନ ଥିଲା। ସେ କହୁଥିଲେ, "ସହରର ସୁଖସ୍ୱାଚ୍ଛନ୍ଦ୍ୟରେ ସିନା ଆମର ଅଧିକାର ନାହିଁ, ହେଲେ ଦୁଃଖ ଦୁର୍ଦ୍ଦଶାରେ କିନ୍ତୁ ଆମର ସମାନ ଭାଗ, ବରଂ ଅଧିକ। ତୁମର ଭତ୍ତା ବଢ଼ିଲେ ବଜାରରେ ଯେଉଁ ଦର ବୃଦ୍ଧି ହୁଏ, ତାହାର ଚାପ ପଡ଼େ ଆମ ଉପରେ। ଦରମା ଭତ୍ତା ବଢ଼ିବ ତୁମର, ଅଥଚ ଦର ବଢ଼ିବ ଆମର। ଦର ବଢ଼ିବ ତ ତୁମ ସାମ୍ପୁ, ସାବୁନ, ପେଷ୍ଟ, ପାଉଡରର ବଢ଼ୁ, ଆମ ଡାଲି ଓ ତେଲର କାହିଁକି ବଢ଼ିବ ? ଆମ ଜିରା, ସୋରିଷ ବା ଅଦା ରସୁଣ କାହିଁକି ମହଙ୍ଗା ହେବ ?"

କକାଙ୍କ କ୍ରୋଧ ଓ ଅଭିମାନକୁ ବନ୍ଧୁ ବୁଝୁଥିଲେ। ନିତ୍ୟବ୍ୟବହାର୍ଯ୍ୟ ଓ ବିଳାସ ସାମଗ୍ରୀ ମଧ୍ୟରେ ସେ ଦେଖୁଥିବା ଫରକ୍‌କୁ ଠିକ୍ ଚିହ୍ନୁଥିଲେ। ତେବେ ଗାଁ ଓ ସହରର ବହୁବିଧ ବ୍ୟବଧାନ ଭିତରେ ଯେଉଁ କଥାଟି ତାଙ୍କର ସବୁଠୁ ମହତ୍ତ୍ୱପୂର୍ଣ୍ଣ ଥିଲା, ସେ କଥାଟି ମଧ୍ୟରେ ଲୁଚି ରହିଥିଲା ସାମ୍ପ୍ରତିକ ସାମାଜିକ ଜୀବନର ସବୁଠୁ ବଡ଼ ବିଡ଼ମ୍ବନା। ସେ କହୁଥିଲେ, "ଗାଁଗୁଡ଼ିକରେ ମାଳମାଳ ବିଲବାଡି ଚାଷ ନ ହୋଇ ଖାଲିପଡ଼ିଛି। ପିଲାମାନେ ଚାଷବାସ ଭୁଲି ଗାଁ ଛାଡ଼ି ସହରମୁହାଁ ହେଉଛନ୍ତି। ପୁଣି ଗାଁରେ ମିଳୁଥିବା ଟଙ୍କିକିଆ ଚାଉଳ ଓ ସହରର ପାଞ୍ଚଟଙ୍କିଆ ଭୋଜନ ସେମାନଙ୍କ ଜୀବନକୁ ଏମିତି କର୍ମକୋଢ଼ି କରିଦେଇଛି ଯେ ବିଲବାଡ଼ିରେ ଚାଷ କରିବାକୁ ଜମିଥିବା ଲୋକର ଆଗ୍ରହ ନାହିଁ କି ଜମି ନ ଥିବା ଲୋକଟି ମୂଲ ଖଟିବାକୁ ପ୍ରସ୍ତୁତ ନୁହେଁ। ସବୁ ଯଦି ସହରରେ ରହି ଚାକିରି କରିବେ, ତେବେ ଚାଷ କରିବ କିଏ ?

ନାରଣ କକାଙ୍କ ଦୁଇଦିନ ରହଣି ମଧ୍ୟରେ ସେ ଯେଉଁ ଏମିତି କିଛି ପ୍ରଶ୍ନ ଏ ଲେଖକର ବନ୍ଧୁଙ୍କ ପାଖରେ ଛାଡ଼ିଦେଇ ଯାଇଥିଲେ, ତାହା ମଧ୍ୟରେ ପ୍ରତିବିମ୍ବିତ ହେଉଥିଲା ଏକ ଭୟଙ୍କର ଭବିଷ୍ୟତ। ସେଇ ଜଗତ, ଯେଉଁଠି ଶିକ୍ଷା ଅଛି, ସଭ୍ୟତା ଅଛି, ବିଦ୍ୟା ଅଛି, ବିଜ୍ଞାନ ଅଛି, ପୁଣି ମୋବାଇଲ ଅଛି, କମ୍ପ୍ୟୁଟର ଅଛି; ଅଥଚ ଆଧୁନିକ ଜୀବନର ଏ ସକଳ ପୂର୍ଣ୍ଣତା ମଧ୍ୟରେ ଦୁଷ୍ପ୍ରାପ୍ୟ ହୋଇଯାଇଛି ମୁଠାଏ ଚାଉଳ, ଦୁଇଟି ବାଇଗଣ ଓ ବିଡାଏ ଶାଗ।"

ମନେପଡୁଥିଲା ବାଲ୍ୟକାଳରେ ପଢ଼ିଥିବା ଏକ ରୋଚକ କାହାଣୀ। ଗୁରୁକୁଳରେ ସାତବର୍ଷ କାଳ ବିଦ୍ୟା ଅଧ୍ୟୟନ କରି ଘରକୁ ଫେରୁଥିବା ଜଣେ ତରୁଣ ବିଦ୍ୟାର୍ଥୀ ନୌକାରେ ନଦୀ ପାର ହେଉଥିବା ବେଳେ ନାଉରୀକୁ ସେ କେଉଁ କେଉଁ ବେଦ ଅଧ୍ୟୟନ କରିଛି ବୋଲି ପଚାରିଲେ। ବିଚରା ମୂର୍ଖ ନାଉରୀ ଜଣକ ସେ କିଛି ବି ବେଦ ପଢ଼ିନାହିଁ ବୋଲି ପଣ୍ଡିତଙ୍କୁ ଜଣାଇବା ପରେ ପଣ୍ଡିତେ ଆସ୍ଫାଳନର ସହ ଘୋଷଣା କଲେ – "କେଡ଼େ ମୂର୍ଖ ତୁମେ। କିଛି ବି ବେଦ ପଢ଼ିନାହିଁ! ତୁମର ଏହି ଅଜ୍ଞତା ପାଇଁ ତୁମ ଜୀବନର ଚାରିଭାଗରୁ ତିନିଭାଗ କଟିଗଲା।" ପଣ୍ଡିତଙ୍କ ଚେତାବନୀକୁ ନାଉରିଆ ସ୍ୱୀକାର କରି ଆସୁଥିବା ବେଳେ ଆକାଶରେ କଳାମେଘ ଘୋଟିଆସିଲା। ନାଉରୀ ପଣ୍ଡିତଙ୍କୁ ପଚାରିଲା– "ବର୍ଷା ହେବା ନିଶ୍ଚିତ। ତା' ସାଙ୍ଗକୁ ଯଦି ପବନ ହୁଏ, ତେବେ ନାଆ ଟଳମଳ ହୋଇପାରେ। ସେପରି ସ୍ଥଳେ ଆପଣ ପହଁରା ଶିଖିଛନ୍ତି ତ ?" ତରୁଣ ନାହିଁ କରିବାରୁ ନାଉରୀଟି ଘୋଷଣା କଲା, "ତେବେ ତ ଏକାଥରେ ତୁମ ଜୀବନର ସମ୍ପୂର୍ଣ୍ଣ ଚାରିଭାଗ କଟିଯିବ!" କାହାଣୀର ସେଇ ନାଉରିଆ ଓ ନାରଣ କକାଙ୍କ ମୁହଁ ଏକାପରି ଲାଗୁଥିଲା ଏ ଲେଖକକୁ!

ଚକେଇସିହାଣୀ, ଭୁବନେଶ୍ୱର,
ମୋ: ୮୮୯୫୬୨୪୧୦୫

# ନୌସେନା ନାୟିକା

ବ୍ୟକ୍ତିତ୍ୱ



ଲିସା ଫ୍ରାଞ୍ଚେଟି

ସାମରିକ କ୍ଷେତ୍ରରେ ବିଶ୍ୱର ଅନ୍ୟତମ ବୃହତ୍ ପ୍ରଭାବଶାଳୀ ରାଷ୍ଟ୍ର ଆମେରିକାର ନେଭି ବା ନୌବାହିନୀର ମୁଖ୍ୟ ଭାବେ ମହିଳା ଆଡ୍‌ମିରାଲ ଲିସା ଫ୍ରାଞ୍ଚେଟିଙ୍କ ନାମ ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି। ସେ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିବା ପରେ ଆମେରିକା ଇତିହାସରେ ପ୍ରଥମ ନେଭି ମହିଳା ଭାବେ ସର୍ବୋଚ୍ଚ ସ୍ଥାନରେ ବସିବାର ଗୌରବ ଅର୍ଜନ କରିବେ। ଏଥିସହିତ ସେ ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ ବିବେଚିତ ହେବେ। ବାଇଡେନ୍ କହିଛନ୍ତି, କମିଶନ୍‌ଡ ଅଫିସର ତଥା ଏବେ ନାଭାଲ ଅପରେଶନ୍ସର ଭାଇସ୍ ଚିଫ୍ ଭାବେ ଲିସାଙ୍କ ଦେଶ ପ୍ରତି ୩୮ ବର୍ଷର ଉତ୍ସର୍ଗୀକୃତ ସେବା ରହିଆସିଛି। ଜଣେ ମହିଳା ଅଧିକାରୀ ଭାବେ ସର୍ଫେସ ଭେସେଲ୍ସ, ଗାଇଡେଡ୍ ମିଜାଇଲ୍ ଡେଷ୍ଟ୍ରୟରର କମାଣ୍ଡ୍ ଦେବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିବା ଲିସା ୟୁରୋପ ଓ ଆଫ୍ରିକାରେ ଆମେରିକା ନାଭାଲ ଫୋର୍ସର ମଧ୍ୟ ଡେପୁଟି କମାଣ୍ଡର ଥିଲେ। ସେପ୍ଟେମ୍ବର ୨୦୨୨ରେ ସେ ନାଭାଲ ଅପରେଶନ୍ସର ଭାଇସ୍ ଚିଫ୍ ହୋଇଥିଲେ। ଆଗକୁ ସବୁ ଠିକ୍‌ଠାକ୍ ରହିଲେ ଲିସା ଆମେରିକା ନୌସେନାର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇ ଇତିହାସ ରଚିବେ ବୋଲି ଚର୍ଚ୍ଚା ହେଉଛି।

ଲିସା ମାରୀ ଫ୍ରାଞ୍ଚେଟି ୧୯୬୪ରେ ନ୍ୟୁୟର୍କସ୍ଥିତ ରୋଚେଷ୍ଟରଠାରେ ଜନ୍ମଗ୍ରହଣ କରିଥିଲେ। ସେ ଇଲିନଏ ଅନ୍ତର୍ଗତ ଇଭାନ୍‌ଷ୍ଟନସ୍ଥିତ ନର୍ଥୱେଷ୍ଟର୍ନ ୟୁନିଭର୍ସିଟିର ମେଡ୍‌ଇଲ୍ ସ୍କୁଲ ଅଫ୍ ଜର୍ନାଲିଜମ୍‌ରୁ ସାମ୍ବାଦିକତାରେ ବାଚେଲର ଅଫ୍ ସାଇନ୍ସ ଡିଗ୍ରୀ ଅର୍ଜନ କରିଥିଲେ। ଏଥିସହିତ ସେଠାରୁ ଇତିହାସରେ ମଧ୍ୟ ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ନାଭାଲ ରିଜର୍ଭ ଅଫିସର ଟ୍ରେନିଂ କର୍ ପ୍ରୋଗ୍ରାମରେ ଯୋଗ ଦେଇଥିଲେ ଏବଂ ୧୯୮୫ରେ ଆୟୁକ୍ତ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପରେ ସେ ଅଧିକ ଶିକ୍ଷା ହାସଲ କରିବାକୁ ଯାଇ ନ୍ୟୁପୋର୍ଟସ୍ଥିତ ନାଭାଲ ୱାର୍ କଲେଜରେ ଯୋଗ ଦେଇଥିଲେ। ଲିସା ମଧ୍ୟ ୟୁନିଭର୍ସିଟି ଅଫ୍ ଫୋନିକ୍ସରୁ ଅର୍ଗାନାଇଜେଶନାଲ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ଯଦି ତାଙ୍କ ଅପରେଶନାଲ କ୍ୟାରିୟର ଦେଖାଯାଏ ତେବେ ସେ ଅକ୍‌ଜିଲାରି ଅଫିସରଠାରୁ ଆରମ୍ଭ କରି ୨୦୧୦ ଯାଏ କମାଣ୍ଡର ଅଫ୍ ପେସିଫିକ୍ ପାର୍ଟନରଶିପ୍ ହୋଇଥିଲେ। ପରବର୍ତ୍ତୀ ସମୟରେ ୟୁନାଇଟେଡ୍ ଷ୍ଟେଟ୍ସ ନାଭାଲ ରିଜର୍ଭ କମାଣ୍ଡର ସେଣ୍ଟ୍ରାଲ ପଏଣ୍ଟ, ୟୁନାଇଟେଡ୍ ଷ୍ଟେଟ୍ସ ଆଟଲାଣ୍ଟିକ୍ ଫ୍ଲିଟ୍‌ର ପ୍ରୋଟୋକଲ ଅଫିସର ଫର୍ ଦି କମାଣ୍ଡର ହୋଇଥିଲେ। କାର୍ଯ୍ୟ ପ୍ରତି ଦୃଢ଼ ଅଙ୍ଗୀକାରବଦ୍ଧତା ଥିବାରୁ ସେ ସେକ୍ରେଟେରି ଅଫ୍ ଷ୍ଟେଟ୍‌ଙ୍କ ଆସିଷ୍ଟାଣ୍ଟ ମଧ୍ୟ ହୋଇପାରିଥିଲେ। ୬ ମେ ୨୦୨୦ରେ ଲିସା ଅନ୍ୟାନ୍ୟ ଦାୟିତ୍ୱ ସହ ୱାର୍ ଫାଇଟିଂ ଡେଭଲପ୍‌ମେଣ୍ଟର ଡେପୁଟି ଚିଫ୍ ଅଫ୍ ନାଭାଲ ଅପରେଶନ୍ସ ପଦବୀକୁ ଉନ୍ନୀତ ହୋଇଥିଲେ। ଏପ୍ରିଲ ୨୦୨୨ରେ ଆଡ୍‌ମିରାଲ ଭାବେ ତାଙ୍କୁ ମନୋନୀତ କରାଯାଇଥିଲା ଓ ସେ ପରବର୍ତ୍ତୀ ସମୟରେ ଭାଇସ୍ ଚିଫ୍ ଅଫ୍ ନାଭାଲ ଅପରେଶନ୍ସ ହୋଇଥିଲେ। ଜୁଲାଇ ୨୦୨୩ରେ ରାଷ୍ଟ୍ରପତି ଜୋ ବାଇଡେନ୍ ଚିଫ୍ ଅଫ୍ ନାଭାଲ ଅପରେଶନ୍ସ (ସିଏନ୍‌ଓ) ଥିବା ମାଇକେଲ ଏମ୍. ଗିଲ୍‌ଡେଙ୍କ ସ୍ଥାନରେ ଲିସାଙ୍କୁ ମନୋନୀତ କରିଛନ୍ତି। ସିନେଟ୍‌ରେ ତାଙ୍କ ନାମ ଅନୁମୋଦନ ହେବା ପରେ ସେ ପ୍ରଥମ ମହିଳା ସିଏନ୍‌ଓ ହେବା ସହିତ ପ୍ରଥମ ମହିଳା ଭାବେ ଜଏଣ୍ଟ ଚିଫ୍‌ସ ଅଫ୍ ଷ୍ଟାଫ୍ ହେବେ।

ଜଣେ ମହିଳା ଅଧିକାରୀ ଭାବେ ଲିସା ନୌସେନାର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସହ ସାମରିକ ନୀତି ନିର୍ଦ୍ଧାରଣ କରିବାରେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି। ସମ୍ଭବତଃ ଏଭଳି ପଦବୀ ପୁରୁଷ ଅଧିକାରୀଙ୍କୁ ମିଳୁଥିବା ବେଳେ ଲିସା ନୌସେନାର ନାୟିକା ଭାବେ ନିଜ ଦକ୍ଷତା ପ୍ରତିପାଦନ କରି ଏହି ସ୍ତରକୁ ଆସିବା ନିଶ୍ଚିତ ଭାବେ ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି।

ଲିସାଙ୍କ ବ୍ୟକ୍ତିଗତ ଜୀବନ କହିଲେ ସ୍ୱାମୀ ଓ ଗୋଟିଏ ସନ୍ତାନକୁ ନେଇ ତାଙ୍କ ସଂସାର।

**– ଜିତେନ୍ଦ୍ର କୁମାର ନାୟକ**

# ପାଠକ ଶ୍ରେଷ୍ଠ ବିଚାରକ

## ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହେଉ

ମହାଶୟ,
ଦେଶର ଆଇନକାନୁନ ଏବଂ ନ୍ୟାୟିକ ବ୍ୟବସ୍ଥାର ନ୍ୟାୟୋଚିତ୍ତ କାର୍ଯ୍ୟକାରିତା ଉପରେ ଲଜ୍ଜାଜନକ ପ୍ରଶ୍ନବାଚୀ ସୃଷ୍ଟି କରିଛି ମଣିପୁରରେ ଘଟିଥିବା ଦୁଇ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ବୁଲାଇବା ପ୍ରସଙ୍ଗ ଉପରେ। ମଣିପୁର ସରକାର ଓ ପୋଲିସ ପ୍ରଶାସନ ଏ ଦୁର୍ଭାଗ୍ୟଜନକ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଥିବା ସତ୍ତ୍ୱେ ୪ ମାସ ନୀରବ ରହିବା ଏହାର ଜ୍ୱଳନ୍ତ ଉଦାହରଣ। ଘଟଣାର ଭିଡିଓ ଭାଇରାଲ ହେବା ପରେ, ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଲଜ୍ଜାରେ ମର୍ମାହତ ଓ ନତମସ୍ତକ ଭାରତର ସଚେତନ ଜନତା, ସମ୍ବିଧାନ ଏବଂ ଆଇନ । ସ୍ଥାନୀୟ ପୋଲିସ ପ୍ରଶାସନ ପୀଡ଼ିତାଙ୍କ ଏତଲା ଗ୍ରହଣ କରିବାରେ ପଛଘୁଞ୍ଚା ଦେବା ଦ୍ୱାରା ଲୋକଙ୍କ ଭରସା ତୁଟିଯାଉଛି ପୋଲିସ ଓ ପ୍ରଶାସନର କାର୍ଯ୍ୟକାରିତାର ସ୍ୱଚ୍ଛତା ଏବଂ ବିଶ୍ୱାସନୀୟତା ଉପରେ। ଦୁଇ ମହିଳାଙ୍କ ଉପରେ ହୋଇଥିବା ଅମାନୁଷିକ ଅତ୍ୟାଚାର ଘଟଣାକୁ ହୃଦୟଙ୍ଗମ କରି ମଣିପୁରର ଅପାରଗ ସରକାରକୁ ଭାଙ୍ଗି ରାଷ୍ଟ୍ରପତି ଶାସନ ଜାରି କରାଯାଉ। ଭାରତର ବିଭିନ୍ନ ରାଜ୍ୟରେ ମଧ୍ୟ ଏହିପରି ନାରୀ ନିର୍ଯାତନା ହେଉଛି। ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ କାର୍ଯ୍ୟକାରିତାର କୋଡ୍ ଓଫ କଣ୍ଡକ୍ଟ ଓ ଭାରତୀୟ ଦଣ୍ଡବିଧି ଆଇନକୁ ସମ୍ପୂର୍ଣ୍ଣ ଭାବେ ବଦଳାଇବାକୁ ହେବ। ଅପରାଧୀର ଅପରାଧକୁ ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ କରିବାକୁ ଆଇନ ପ୍ରଣୟନ କରନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ପରିବା ଦର ନିୟନ୍ତ୍ରଣ କରାଯାଉ

କଟକ ସହର ପରିବା ମାର୍କେଟରେ ଦର ଏବେ ଆକାଶଛୁଆଁ। ଏଥିଯୋଗୁ ଖାଉଟିମାନେ ହନ୍ତସନ୍ତ ହେଉଛନ୍ତି। ଗରିବ ତଥା ମଧ୍ୟବିତ୍ତ ପରିବାର କଥା ନ କହିଲେ ଭଲ। ସରକାର ଦୃଢ଼ ପଦକ୍ଷେପ ନେଇ ଦର ନିୟନ୍ତ୍ରଣ କରିବା ଆବଶ୍ୟକ। ସରକାର କୃତ୍ରିମ ଅଭାବ ପ୍ରତି ସଚେତନ ରହିଲେ ସମସ୍ୟା ସୁଧୁରିଯିବ। ଖାଉଟିମାନଙ୍କ ସ୍ୱାର୍ଥ ପ୍ରତି ଅଧିକ ଧ୍ୟାନ ଦିଆଯାଉ। ମୁନାଫାଖୋର ବ୍ୟବସାୟୀମାନଙ୍କ ଉପରେ କଡ଼ା ନଜର ରଖି ଦର ନିୟନ୍ତ୍ରଣ କରାଯାଉ। ଖାଉଟି କଲ୍ୟାଣ ବିଭାଗ ସକ୍ରିୟ ନ ହେଲେ ଅଭାବ ଦୂର ହେବ ନାହିଁ।

**– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ପିଲାମାନଙ୍କ ମୁହଁରେ ଖୁସି ଦେବା ଲାଗି ପୂଜା ରାୟ ଏବଂ ତାଙ୍କ ସାଥୀମାନେ ପ୍ରୟାସ ଜାରି ରଖିଛନ୍ତି। ବର୍ଜ୍ୟର ପୁନଃ ଉପଯୋଗ କରି ସେମାନେ ପିଲାଙ୍କ ପାଇଁ ଖେଳପଡ଼ିଆ ନିର୍ମାଣ କରୁଛନ୍ତି। ଏହା 'ଅନ୍ଥିଲ କ୍ରିଏଶନ' ସଂସ୍ଥା ମାଧ୍ୟମରେ କରାଯାଉଛି। ବିଭିନ୍ନ ସ୍ଥାନରୁ ଅଦରକାରୀ ଟାୟାର, ଅଏଲ ଓ କେବଲ ଡ୍ରମ୍ ସଂଗ୍ରହ କରି ସେଥିରେ ଏଭଳି ଖେଳପଡ଼ିଆ କରାଯାଉଛି। ଏବେ ସୁଦ୍ଧା ପୂଜା ଓ ତାଙ୍କ ଟିମ୍ ୨୨ ରାଜ୍ୟରେ ୩୮୦ଟି ଖେଳପଡ଼ିଆ କରି ସାରିଲେଣି। ମୁଖ୍ୟତଃ ଏହିସବୁ ପଡ଼ିଆ ସରକାରୀ ବିଦ୍ୟାଳୟଗୁଡ଼ିକରେ ଅଧିକ କରାଯାଉଛି। ସେଠାରେ ସ୍କୁଲ ପିଲାମାନଙ୍କ ପାଇଁ ଖେଳିବାର ନିୟମ ରହିଥିଲେ ବି ନିକଟରେ ଥିବା ଅନ୍ୟ ପିଲାମାନଙ୍କୁ ଅନୁମତି ଦିଆଯାଉଛି। ୨୦୧୫ରେ ପୂଜା ପ୍ରଥମ ଖେଳପଡ଼ିଆ କରିଥିଲେ ଓ ଏଥିରେ ୨୦,୦୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ଖେଳପଡ଼ିଆ ହୋଇଗଲା ପରେ ସମୟ ବ୍ୟବଧାନରେ ଯାଞ୍ଚ କରାଯାଇ ସେଗୁଡ଼ିକର ସୁରକ୍ଷା ନିଶ୍ଚିତ କରାଯାଉଛି। ପୂଜା ଆଇଆଇଟି, ଖଡଗପୁରରେ ଆର୍କିଟେକ୍‌ଚରରେ ପଢ଼ା ଶେଷ କରି ଚାକିରି କରିଥିଲେ। କିନ୍ତୁ ତାହାକୁ ଛାଡ଼ି ପିଲାମାନଙ୍କ ଖେଳ ପାଇଁ ସବୁ ସମୟ ଲଗାଇ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଜୁଲାଇ ୧୯୯୮**

- ଆମେରିକାର ପ୍ରଥମ ମହାକାଶଚାରୀ ଆଲାନ ଶେପାର୍ଡଙ୍କ ୭୪ବର୍ଷ ବୟସରେ ପରଲୋକ।
- ଉତ୍ତରପ୍ରଦେଶ ରାଜ୍ୟ ବିଦ୍ୟୁତ୍ ବୋର୍ଡ ଇଞ୍ଜିନିୟରମାନେ ଧର୍ମଘଟ ଚଳାଇଥିବା ଯୋଗୁଁ ଅନ୍ତର୍ଘାତୀ କାର୍ଯ୍ୟର ଆଶଙ୍କା କରି ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟୁତ୍ ଶକ୍ତି କେନ୍ଦ୍ରଗୁଡ଼ିକରେ ସୈନ୍ୟ ମୁତୟନ।
- କେନ୍ଦ୍ରୀୟ ହାରରେ ଦରମା, ଭତ୍ତା ଦେବା ଆଦି ବିଭିନ୍ନ ଦାବି ନେଇ ରାଜ୍ୟବ୍ୟାପୀ ନର୍ସମାନଙ୍କ ଧାରଣା।

## ଚିରନ୍ତନୀ

ତୈଳହୀନ ପ୍ରଦୀପର କ୍ଷୀଣ ରଶ୍ମିରେଖା
ନିମିଷେକ ଲାଗି ଦିଏ ଦେଖା
ନିମିଷେକ ପରେ ପୁଣି
ନିବିଡ଼ ତମସା ଅନ୍ତରାଳେ
କାହିଁ ଯେ ଉଭେଇ ଯାଏ
ଦେଖିଅଛି କିଏ କେଉଁ କାଳେ ?
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବସ୍‌ଷ୍ଟାଣ୍ଡ ରାସ୍ତା ମରାମତି ହେଲା

ଖଡ଼ିଆଳ,(ସୁଜିତ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳର ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ରାସ୍ତା ଚଳିତ ଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିଲା। ଅନେକ ସ୍ଥାନରେ ଛୋଟ ବଡ ଖାଲ ସୃଷ୍ଟି ହୋଇଥିଲା । ଏନେଇ ବିଭିନ୍ନ ଗଣମାଧମରେ ପ୍ରକାଶ ପରେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବସ୍‌ଷ୍ଟାଣ୍ଡ ଯିବା ରାସ୍ତା ତଥା ପୃଥ୍ୱୀରାଜ ଲଜ୍‌ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ମେଟାଲ ଏବଂ ଡଷ୍ଟ ପକାଇ ସମତୁଲ କରାଯାଇଛି। ଆଗାମୀ ଦିନରେ ବସ୍‌ଷ୍ଟାଣ୍ଡକୁ ସମତୁଲ କରାଯିବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### କନ୍ଦରାଭଟା ଜଳମହାଦେବ ପୀଠର ଉନ୍ନତି ଦାବି

**ଖପ୍ରାଖୋଲ,୨୨।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତର ଗନ୍ଧମାର୍ଦ୍ଦନ ପାହାଡ଼ ତଳି କନ୍ଦରାଭଟା ନିକଟରେ ଜଳମହାଦେବ ପୀଠ ଅବସ୍ଥିତ। ଏହି କ୍ଷେତ୍ରର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଲୋକଙ୍କୁ ନେଇ ସଂକ୍ରାନ୍ତି କମିଟି ନାମରେ ଏକ କମିଟି ଗଠନ କରାଯାଇଛି। ପ୍ରତି ସଂକ୍ରାନ୍ତିରେ ପୂଜା ପାଠ, ଶିବରାତ୍ରୀ, ଶୀତଳ ଷଷ୍ଠୀରେ ଅଷ୍ଟପ୍ରହର ନାମଯଜ୍ଞ ଆଦି ହୋଇଥାଏ। ଏହି କ୍ଷେତ୍ରର ତିନି କିମି ଦୂରରେ ବାଘଝରଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ହରିଶଙ୍କର ମନ୍ଦିରର ପାରିପାର୍ଶିକ ବିକାଶ ହେଉଥିବା ବେଳେ କନ୍ଦରାଭଟା ଓ ବାଘଝରନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବିକାଶ କରିବାକୁ ସାଧାରଣରେ ଦାବି ହେଉଛି। ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ବିଜୟାନନ୍ଦ ସେଠୀ ବାଇକ ଯୋଗେ ସ୍ଥାନୀୟ ଯୁବକଙ୍କ ସହ ପାହାଡ଼ ତଳେ ମାଟି ରାସ୍ତାରେ ଯାଇ ଜଳାମହାଦେବ ପୀଠ ବୁଲି ଦେଖିଥିବା ଜଣାଯାଇଛି। ଏନେଇ ଉପଜିଲାପାଳଙ୍କୁ ପଚାରିବାରୁ କ୍ଷେତ୍ରର ସମନ୍ୱିତ ବିକାଶ ପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି।

### ବାଇକ୍‌କୁ ପୋଡ଼ିଦେଲେ ଦୁର୍ବୃତ୍ତ, ଥାନାରେ ଅଭିଯୋଗ

**କୋକସରା,୨୨।୭(ଦୁଷ୍ମନ୍ତ କୁମାର ପାଇଯୋଷୀ):** ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ବାଇକକୁ ପୋଡି ଦେଇଥିବା ଦେଖିବାକୁ ମିଳିଛି । କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମାଝୀଗୁଡା ପଞ୍ଚାୟତ ଦାବ୍ରିଗୁଡା ଗ୍ରାମ ଠାରେ ସୁଦର୍ଶନ ନାଏକଙ୍କ ଘର ବାରଣ୍ଡାରେ ଥିବା ବାଇକ ନମ୍ବର ଓ ୦୮ ଏଲ ୭୨୭୨କୁ ବିଳମ୍ବିତ ରାତିରେ ଦୁର୍ବୃତ୍ତ ପୋଡି ଦେଇଥିବା ନେଇ କୋକସରା ଥାନାରେ ଅଭିଯୋଗ ହୋଇଛି। ସୁଦର୍ଶନ ନିଜ ଝିଅର ବିବାହ ସମୟରେ ଏହି ବାଇକ ଯୌତୁକରେ ଦେଇଥିଲେ। ହେଲେ କିଛି କାରଣକୁ ନେଇ ବିବାହ ବିଚ୍ଛେଦ ହେବାରୁ ଯୌତୁକ ଦେଇଥିବା ସାମଗ୍ରୀ ସହ ବାଇକକୁ ମଧ ନେଇ ଆସିଥିଲେ। ବାଇକ୍ ନିଆଁରେ ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ତେବେ କିଏ କାହିଁକି ବାଇକକୁ ପୋଡିଛି ତାହାର କାରଣ ଅସ୍ପଷ୍ଟ ରହିଛି। କୋକସରା ପୋଲିସ ଏକ ମାମଲା (ନଂ.୧୯୧/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

### ଶିଶୁ ବିଦ୍ୟାମନ୍ଦିରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଟିଟିଲାଗଡ଼,୨୨।୭(ଶରତ ମିଶ୍ର):** ରୋଟାରି କ୍ଲବ ଟିଟିଲାଗଡ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୃକ୍ଷରୋପଣ ସହ ଏକ ଜଳ ବିଶୋଧନ ଯନ୍ତ୍ର ଉପହାର ପ୍ରଦାନ କରାଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ପ୍ରଧାନାଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ନର ଅଖିଳ ମିଶ୍ରର, ପୂର୍ବତନ ଲାୟନ୍ସ ଡିଜି ସୁନିଲ ପାଠକ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ର ଗତ ମାଟ୍ରିକ ବୋର୍ଡ ପରୀକ୍ଷାରେ ଜିଲାରେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜାଣି ଖୁସିବ୍ୟକ୍ତ କରିଥିଲେ। ଏନେଇ ନିଜ ଉଦ୍‌ବୋଧନରେ ଉଭୟ ଅତିଥି ଛାତ୍ରୀଛାତ୍ର ବଡ ମଣିଷ ସହ ଭଲ ମଣିଷ ହେବା, ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ପ୍ରଦାନ କରିବା, ବୃକ୍ଷକୁ ଭଲ ପାଇବା ଆଦି ପରାମର୍ଶ ଦେଇଥିଲେ। ଏହି ଅବସରରେ ରୋଟାରି କ୍ଲବ ପକ୍ଷରୁ ବିଦ୍ୟାଳୟର ପିଲାଙ୍କ ପାଇଁ ଖେଳ ସାମଗ୍ରୀ, ପ୍ରତ୍ୟେକ ବର୍ଷ କ୍ରୀଡା ଏବଂ ବିଭିନ୍ନ ସୁଜନଶୀଳ ପ୍ରତି ଆୟୋଜନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟୋତିପ୍ରକାଶ ଗଡତ୍ୟା, ରୋଟାରି କ୍ଲବ ଟିଟିଲାଗଡ ଶାଖା ସଭାପତି ମହେଶ ଇନ୍ଦୋରିଆ, ସମ୍ପାଦକ ପ୍ରମୋଦ ପାଳ ତଥା ଗୁରୁଜିଗୁରୁମା ଉପସ୍ଥିତ ଥିଲେ।

# ମଧ୍ୟାହ୍ନଭୋଜନ ଚାଉଳ ନେବାବେଳେ ଧରାପଡ଼ିଲା

କେସିଙ୍ଗା,୨୨।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୋରିଆର ପ୍ରଧାନଶିକ୍ଷୟିତ୍ରୀ ସବିତା ସେଠୀଙ୍କ ସ୍ୱାମୀ ଏକ ଅଟୋ ନମ୍ବର ଓ –୭୭୨୪ରେ ୧୦ ବସ୍ତା ଚାଉଳ ବୋଝେଇ କରି ବିଦ୍ୟାଳୟରୁ ଆଣି ଭବାନୀପାଟଣାସ୍ଥିତ ଶାନ୍ତି ନଗର ପଡ଼ାକୁ ନେଉଥିବାବେଳେ ବୋରିଆ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡିଛନ୍ତି। ଘଟଣାରୁ ପ୍ରକାଶ ଯେ, ଉକ୍ତ ସ୍କୁଲ ଭିତରକୁ ଏକ ଅଟୋ ପଶି ଚାଉଳ ବୋଝେଇ ବାହାରିବା ବେଳେ ବୋରିଆ ଗ୍ରାମର କିଛି ବ୍ୟକ୍ତି ଫଟୋ ଉଠାଇ କେସିଙ୍ଗା ବିଡିଓଙ୍କୁ ଖବର ଦେଇଥିଲେ। ଆଟୋଟିକୁ ଜାତୀୟ ରାଜପଥ ୨୬ ରାସ୍ତାରେ ଅଟକ ରଖି କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦ୍ଦୁ,ବୋରିଆ ସରପଞ୍ଚ ରିମା ନାୟକ, ନାଏବ ସରପଞ୍ଚ, ୱାଡ ସଭ୍ୟଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ କେସିଙ୍ଗା ବିଡ଼ିଓ, ସରପଞ୍ଚ ପହଞ୍ଚିଲା ପରେ ଉକ୍ତେଲା ଫାଣ୍ଡିକୁ ନେଇଥିଲେ। ବର୍ତ୍ତମାନ ଶିକ୍ଷୟିତ୍ରୀ, ତାଙ୍କ ସ୍ୱାମୀ ଏବଂ ଅଟୋ ଡ୍ରାଇଭରଙ୍କ ସମେତ ଅଟୋକୁ ଅଟକ ରଖି ତଦନ୍ତ ଜାରି ରହିଛି। ଶିକ୍ଷୟିତ୍ରୀ ସବିତା ସେଠି ପ୍ରଧାନ ଶିକ୍ଷୟିତ୍ରୀ ଥିବାବେଳେ କାଗଜପତ୍ରରେ ଠିକ ରଖି ବାକିଥିବା ଚାଉଳକୁ ଆତ୍ମସାତ କରୁଥିବା ଅଭିଯୋଗ ଆସୁଛି। ଏହିପରି ପ୍ରଧାନ ଶିକ୍ଷୟିତ୍ରୀ ଜଣକ ମଝିରେ ମଝିରେ ଚୋରେଇ କରି ଘରକୁ ନେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ସେଠୀଙ୍କୁ ମଧ୍ୟାହ୍ନ ଭୋଜନର ଚାଉଳ କାହିଁକି ନିଜ ଘରକୁ ନେଉଥିଲେ ବୋଲି ପଚାରିବାରୁ ବଳକା ଥିବାରୁ ନେଉଥିଲି ବୋଲି ସ୍ୱୀକାର କରିଥିଲେ।



ଅଟୋ ଯୋଗେ ମଧ୍ୟାହ୍ନଭୋଜନ ଚାଉଳ ନିଆଯାଉଛି।

### ୩ କୋର୍ଟ ଚାଲାଣ

ଉକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଏ ନେଇ କେସିଙ୍ଗା ବିଡ଼ିଓ ପ୍ରଫୁଲ୍ଲ କୁମାର ଅଦ୍ଦୁଙ୍କୁ ପଚାରିବାରୁ ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। କେସିଙ୍ଗା ଯୋଗାଣ ସହକାରୀ ଅଧିକାରୀ ଶୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ଘଟଣାଟି ସତ୍ୟ ହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।

# ୨ବାଂଲାଦେଶୀଙ୍କୁ ପୁଣି ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୨୨।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା କଷାକେନ୍ଦୁ ଗ୍ରାମରେ ଗତ ୨୦୨୨ରେ ହୋଇଥିବା ଏକ ଚୋରି ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ଏସ୍‌ଡିଜେଏମ୍ ପି.ସୀତାଲକ୍ଷ୍ମୀ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବାଂଲାଦେଶର ୨ ଅଭିଯୁକ୍ତ ମହମ୍ମଦ ମାସୁଦ ହୁସେନ ଓ ମହମ୍ମଦ ମୁନ୍ନା ମାଜିଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୩ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଆହୁରି ୬ ମାସ ଲେଖାଏଁ ଜେଲଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, କଷାକେନ୍ଦୁରେ ରହୁଥିବା ସୁନ୍ଦର ଜେନା ତାଙ୍କ ପରିବାର ସହ ନୂଆଁଖାଇ ପାଇଁ ଗତ ୨।୯।୨୦୨୨ରେ ନିଜ ଗ୍ରାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଉପରୋକ୍ତ ୨ ଅଭିଯୁକ୍ତ ତାଙ୍କ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା, ସୁନା ଗହଣା ଦିନ ଦ୍ୱିପ୍ରହରରେ ଚୋରି କରିନେଇଥିଲେ। ତେବେ ଘର ଭିତରେ ଲାଗିଥିବା ସିସିଟିଭିରେ ଏହି ଚୋରିର ସମସ୍ତ ଦୃଶ୍ୟ କଏଦ ହୋଇଥିଲା। ଫଳରେ ୨ ଅଭିଯୁକ୍ତଙ୍କୁ ପୋଲିସ ଧରିବାର ସକ୍ଷମ ହେବା ସହ ସେତେବେଳେ କୋର୍ଟ ଚାଲାଣ କରିଥିଲା। ଏପରିକି ଏହି ୨ ଅଭିଯୁକ୍ତ ଉକ୍ତ ଦିନ ଭବାନୀପାଟଣା ସହରର ଅନେକ ଘରୁ ଚୋରି କରିଥିବା ବିଷୟକୁ ନେଇ ଥାନାରେ ମଧ ଏକାଧିକ ମାମଲା ରୁଜୁ ହୋଇଥିଲା। ସେହିପରି ଗତ ୧୯ ତାରିଖ ଭବାନୀପାଟଣା ଏସ୍‌ଡିଜେଏମ ଅନ୍ୟ ଏକ ଚୋରି ମାମଲାରେ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ୨ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ଯୁବ ଏପିପି ଲକ୍ଷ୍ମୀକାନ୍ତ ପାତ୍ର ପରିଚାଳନା କରିଥିଲେ।

# ସୀମାନ୍ତରୁ ଜଙ୍ଗଲୀ ହାତୀ ଓଡ଼ିଶା ମୁହାଁ

ନୂଆପଡା,୨୨।୭(ମକାରୁ ବେମାଲ)

ନୂଆପଡ଼ା ଜିଲାରେ ବାଘ, ଭାଲୁ ଓ ହାତୀ ଆତଙ୍କ ଲାଗି ରହିଛି । ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗତ ଏକ ସପ୍ତାହ ଭିତରେ ଭାଲୁ ଆକ୍ରମଣରେ ବଡ ଅଘଟଣ ଘଟିଯାଇଥିବାରୁ ଲୋକେ ଅଧିକ ଭୟଭୀତ ରହିଥିବା ଜଣାପଡୁଛି। ସୀମାନ୍ତ ଛତିଶଗଡ଼ ରାଜ୍ୟର ଦେଭୋଗ ଅଞ୍ଚଳରେ ଜଙ୍ଗଲି ହାତୀ ବୁଲୁଥିବା ବେଳେ ଏବେ ଓଡ଼ିଶା ମୁହାଁ ହେଉଛି। ଫଳରେ ସୀମାନ୍ତରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସିନାପାଲି ବ୍ଲକର କୁସୁମଯୋରଠାରୁ ମାତ୍ର ୧ କିଲୋମିଟର ଦୂରରେ ଛତିଶଗଡ଼ ରାଜ୍ୟ ଅବସ୍ଥିତ। ଛତିଶଗଡରୁ ଓଡ଼ିଶାକୁ ଆସିବାର ସମ୍ଭାବନା ଥିବାରୁ ସିନାପାଲି ବନ ବିଭାଗ ପକ୍ଷରୁ ଜଙ୍ଗଲ ପାଖ ଗାଁଗୁଡ଼ିକୁ ଯାଇ ସଚେତନ କରୁଛନ୍ତି। ହାତୀ ଛତିଶଗଡ଼ ସୀମାନ୍ତରେ ଥିବାରୁ ଛତିଶଗଡ଼ ବନବିଭାଗ ହାତୀର ଗତିବିଧି ଉପରେ ନଜର ରଖିଛି। ହାତୀ ଦେଖିବା ପାଇଁ ଲୋକଙ୍କ ଭିଡ଼କୁ ଦେଖି ଦେଭୋଗ ପୋଲିସ ମୁତୟନ ରହି ଲୋକମାନଙ୍କୁ ନ ଯିବା ପାଇଁ ବାରଣ କରୁଛନ୍ତି। ଏହି ଦେଭୋଗ ଅଞ୍ଚଳରୁ ସିନାପାଲିର ସୀମାନ୍ତ ଲାଗି ରହିଥିବାବେଳେ ହାତୀ ଚାଲି ଆସିବାର ଆଶଙ୍କା ରହିଛି। ଏଥିପ୍ରତି ସିନାପାଲି ବନବିଭାଗ ସତର୍କ ରହି ଲୋକଙ୍କୁ ସଚେତନ କରୁଛି। ଏହି ହାତୀଟି ଏକାକୀ ରହିଥିବାବେଳେ ବାଟ ହୁଡ଼ି ଚାଲିଆସିଥିବା ଅନୁମାନ କରାଯାଉଛି। ତେବେ ହାତୀପଲ ଆସିବାର ଆଶଙ୍କା ମଧ ରହିଛି। ଏହି ଅଞ୍ଚଳକୁ ଲାଗି ସିନାପାଲି ଅଞ୍ଚଳର ଜଙ୍ଗଲ ରହିଛି। ଏପରିକି ଛତିଶଗଡ଼ ରାଜ୍ୟର ଉଦନ୍ତୀ ଅଭୟାରଣ୍ୟ ମଧ ମିଶିକି ରହିଛି। ତେଣୁ ଅନାୟସରେ ଆସିବାର ସମ୍ଭାବନା ରହିଛି।

# ରାସ୍ତା ମରାମତି କଲା ଆରଡି ବିଭାଗ

କେସିଙ୍ଗା,୨୨।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଦେଓଗାଁ ଗ୍ରାମ ପଞ୍ଚାୟତ ଅଧିନସ୍ଥ ମାଟିଆ ଗ୍ରାମର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ବର୍ଷା ପାଣି ଜମି ରହୁଥିବାରୁ ସ୍କୁଲ ଛାତ୍ରୀଛାତ୍ର ଆଣ୍ଠୁଏ ପାଣି କାଦୁଅରେ ସ୍କୁଲ ଯାଉଥିଲେ। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଆର.ଡ଼ି.ବିଭାଗର ଠିକାଦାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମାଟିଆ ଗ୍ରାମର ମୁଖ୍ୟ ରାସ୍ତାରେ ଶନିବାର ମାଟି କାମ କରାଯାଇଛି। ରବିବାର କ୍ରସର ଗୁଣ୍ଡ ପକାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଥିଲେ। ସ୍କୁଲ ଛାତ୍ରୀଛାତ୍ର ତଥା ଗ୍ରାମବାସୀ ଶନିବାର ଠାରୁ ସେହି ମୁଖ୍ୟ ରାସ୍ତାଦେଇ ସୁରୁଖୁରୁରେ ଭାବେ ଯିବାଆସିବା କରିପାରିବେ ବୋଲି ଆରଡ଼ି ବିଭାଗ ଯନ୍ତ୍ରୀ ପ୍ରକାଶ କରିଥିଲେ।

**ଧରିତ୍ରୀ ପ୍ରଭାବ**

ଗତ ଗୁରୁବାର ଗ୍ରାମବାସୀ ଆରଡ଼ି ବିଭାଗର ଯନ୍ତ୍ରୀ, କେସିଙ୍ଗା ବିଡିଓ, ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରି ନ ଥିଲେ। ଶନିବାର ଧରିତ୍ରୀରେ ଏ ସଂକ୍ରାନ୍ତରେ ଖବର ପ୍ରସାରଣ ପରେ ଆର.ଡ଼ି.ବିଭାଗର ତତ୍ତ୍ୱାବଧାନରେ ମୋରମ ପକାଇ ରାସ୍ତା ମରାମତି କରି ଥିବାରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ବୃଦ୍ଧାବୃଦ୍ଧ ସୁରୁଖୁରୁରେ ଯିବା ଆସିବା କରିପାରିବେ। ଏ ସଂକ୍ରାନ୍ତରେ ଆରଡ଼ି ବିଭାଗର ଯନ୍ତ୍ରୀ ଶୁଖିଶ୍ୟାମ ନାଏକଙ୍କୁ ପଚାରିବାରୁ ମୋରମ ଶନିବାର ପକାଯାଇଛି। ରବିବାର ମୋରମ ଉପରେ ପଥରଗୁଣ୍ଡ ଦେଇ ମରାମତି କରାଯିବ ବୋଲି ପ୍ରକାଶ କରିଥିଲେ।



ମାଟିଆ ଗ୍ରାମର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉପରେ ମୋରମ ପକାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଜିତେନ୍ଦ୍ର



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଙ୍କୁଳସ୍ତରୀୟ ବୈଦିକ ଗଣିତ ପ୍ରଶିକ୍ଷଣ କର୍ମଶାଳା

କୋକସରା,୨୨।୭
(ଦୁଷ୍ମନ୍ତ କୁମାର ପାଇଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ସଦର ମହକୁମାର ସରସ୍ୱତୀ ଶିଶୁ ମନ୍ଦିର ଠାରେ ଶିକ୍ଷା ବିକାଶ ସମିତି ଓଡିଶା ଆନୁକୂଲ୍ୟରେ ଶନିବାର ସଂକୁଳସ୍ତରୀୟ ଗଣିତ କର୍ମଶାଳା ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋକସରା ଶିଶୁ ମନ୍ଦିର ସଭାପତି ବରିଷ୍ଠ ଶିକ୍ଷାବିତ ମିନିକେତନ ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ଜୟପାଟଣା ସରସ୍ୱତୀ ଶିଶୁ ମନ୍ଦିର ବିଶ୍ୱଜୀବନ ପାଢ଼ୀ, ପ୍ରଧାନ ଆଚାର୍ଯ୍ୟ ବିଜମରା ସରସ୍ୱତୀ ଶିଶୁ ମନ୍ଦିର ରଘୁନାଥ ଶବର ଉପସ୍ଥିତ ରହିଥିବା ବେଳେ ବୈଦିକ ଗଣିତ ପ୍ରଶିକ୍ଷକ ଭାବେ ଆଚାର୍ଯ୍ୟ ଧର୍ମଗଡ ସରସ୍ୱତୀ ଶିଶୁ ମନ୍ଦିର ବଟକୃଷ୍ଣ ପଣ୍ଡା, ଆଚାର୍ଯ୍ୟ ଜୟପାଟଣା ସରସ୍ୱତୀ ଶିଶୁ ମନ୍ଦିର ଅଜୟ କୁମାର ପଣ୍ଡା, ଆଚାର୍ଯ୍ୟ ମୁଖୀଗୁଡା ସରସ୍ୱତୀ ଶିଶୁ ମନ୍ଦିର ସୁଜାତା ଶତପଥୀ ଯୋଗଦାନ କରି ବୈଦିକ ଗଣିତ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ କୋକସରା ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ, ଗୁରୁମା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଜଙ୍ଗଲ ସୁରକ୍ଷା ସଚେତନତା ଅଭିଯାନ



ଜବାହାରଲାଲ ନୋଡାଲ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଉଛି।

ଲୋଇସିଂହା, ୨୨।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଜଗନ୍ନାଥ ଯୁବ ପରିଷଦ ଓ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ଜବାହାରଲାଲ ନୋଡାଲ ହାଇସ୍କୁଲରେ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜକିଶୋର ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ହେମନ୍ତ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ସରୋଜ ବେହେରା, ସମିତି ସଭ୍ୟ ବୀରେନ୍ଦ୍ର ସାହୁ, ଜିଲା ଯୁବ ଅଧିକାରୀ ଏ.ଭି.ଏନ କୁମାର, ଟି. ବଳିଆରସିଂ ବରିଆ ଅତିଥି ଭାବେ ଯୋଗଦେଇଥିଲେ। ଜଳବାୟୁ ପରିବର୍ତ୍ତକୁ ଲକ୍ଷ୍ୟ କରି ବ୍ୟାପକ ଚାରା ରୋପଣ କରିବା ସହ ବଞ୍ଚିଥିବା ଜଙ୍ଗଲକୁ ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ ଅତିଥି। ପରେ ବୃକ୍ଷରୋପଣ କରାଯାଇଥିଲା। ସେହିପରି ଗ୍ରାମର ଅନ୍ୟତମ କାର୍ଯ୍ୟକ୍ରମରେ ଜିଲା ଯୁବ ଅଧିକାରୀ ଯୋଗଦେଇ ସିଲେଇ ତାଲିମ ଗ୍ରହଣ କରିଥିବା ଯୁବତୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ନାରାୟଣ ବାରିକ ପରିଚାଳନା କରିଥରଲେ। ସନତ ପଟେଲ, ବେଦ ପ୍ରକାଶ ପଧାନ, ମୋହନ ସେଠ, ଓମ ବାରିକ, ସୋହନ ସେଠ ପ୍ରମୁଖ ସହଯୋଗ କରିଥିଲେ।

# ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ

ଟିଟିଲାଗଡ଼, ୨୨।୭ (ଶରତ ମିଶ୍ର)

ବିଶ୍ୱର ୨୨୦ଟି ଦେଶରେ ରହିଥିବା ରୋଟାରି କ୍ଲବର ଶାଖାଙ୍କ ମଧ୍ୟରେ ସମାଜସେବା ନେଇ ପ୍ରତିଯୋଗିତା ଚାଲିଛି। ଦରିଦ୍ର, ଅସହାୟଙ୍କ ପ୍ରତି ଉତ୍ତରଦାୟିତ୍ୱ, ସ୍ୱାସ୍ଥ୍ୟ ସେବା, ପରିବେଶ ସୁରକ୍ଷା, ଶିକ୍ଷା, ସଂସ୍କାର ପ୍ରତି ସଚେତନତା ଆମର ମୂଳ ଲକ୍ଷ୍ୟ। ସ୍ଥାନୀୟ ଡିଏନ ରିସର୍ଟ ପରିସରରେ ରୋଟାରି କ୍ଲବ ଟିଟିଲାଗଡ ଶାଖାର ୪୫ ତମ ଅଧିଷ୍ଠାନ ଉତ୍ସବ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ନର ଅଖିଳ ମିଶ୍ରା ଏହା କହିଛନ୍ତି। ଆଗାମୀ ଦିନରେ ଟିଟିଲାଗଡ ଶାଖା ଜନସେବା କାର୍ଯ୍ୟରେ ଆହୁରି ତୀବ୍ରତାର ସହ କାମ କରିବ ବୋଲି ସେ ଆଶା ପ୍ରକଟ କରିଥିଲେ। ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ଡ. ଶିବ ପ୍ରସାଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଲାୟନ୍ସ ଡିଜି ସୁନିଲ ପାଠକ, ରୋଟାରି ଆସିଷ୍ଟାଣ୍ଟ ଗଭର୍ନର ମନୋଜ ଜୈନ, ପୂର୍ବତନ ରୋଟାରି ସଭାପତି ମହେଶ ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ମହେଶ ଇନ୍ଦୋରିଆ, ସମ୍ପାଦକ ପ୍ରମୋଦ ପାଳଙ୍କୁ ଡିଜି ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରି କ୍ଲବ ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ଅଗ୍ରୱାଲ, ନୂତନ ସଦସ୍ୟ ବୁଲବୁଲ ମେହେର, ଉତ୍ତମ ଦେ, ଲାୟନ୍ସ କ୍ଲବ ଟିଟିଲାଗଡ ଶାଖା ସଭାପତି ସନ୍ତୋଷ ମହାନ୍ତି, ସଦସ୍ୟ ଈଶ୍ୱର ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।




ଅଧିଷ୍ଠାନ ଉତ୍ସବରେ ମଞ୍ଚାସୀନ ଅତିଥି।


**ପୂର୍ବ ତଟ ରେଳପଥ**

ପେ ଆଣ୍ଡ୍ ୟୁଜ୍ ଶୌଚାଳୟର ଇ-ନିଲାମ

ନିଲାମ କ୍ୟାଟଲଗ୍ ନଂ.: PnU-T-KUR-23-19

ଲଟ ନଂ./ବର୍ଗ : PnU-KUR-KIT-Toi-12-22-1 (Pay and Use-Toilets)

ଷ୍ଟେସନ ଏବଂ ସ୍ଥାନ : ଖଲିକୋଟ (ପରିଚଳନ କ୍ଷେତ୍ରରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.03.08.2023ରିଖ 1100 ଘଟିକା।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.03.08.2023ରିଖ 1130 ଘଟିକା।

ବିସ୍ତୃତ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-371/O/23-24

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, राँची**

**शुद्धि पत्र**

इस कार्यालय द्वारा प्रकाशित ई0–निविदा आमंत्रण सूचना संख्या–RDD/SD/RANCHI/05/2023-24 जिसका P.R. No. 301686 Rural Development (23-24) D है, को इस हद तक संशोधित किया जाता है।

(1) कंडिका –7)निविदा खोलने का स्थान :–e-procurement Cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा, राँची के स्थान पर कार्यपालक अभियंता कार्यालय, ग्रामीण विकास विशेष प्रमंडल, राँची पढ़ा जाए।

निविदा की अन्य शर्ते यथावत् रहेगी।

कार्यपालक अभियंता
ग्रामीण विकास विशेष प्रमंडल, राँची

PR 303033Rural Development(23-24)#D

**OFFICE OF THE CHIEF ENGINEER & BASIN MANAGER**
**TEL BASIN, BHAWANIPATNA, DIST. KALAHANDI**
Tel. No. 06670230209, email- cetelbasinbhp@gmail.com

**Government of Odisha "e" Procurement Notice No.-CE&BM, TEL-05/2023-24**
**Bid Identification No. CETEL-BID-02/2023-24**

No.-A-361:- Online tenders are invited for EPC Contract for "Construction of In-stream storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation. Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders."

| | | |
|---|---|---|
| 1 | Name of work | "Construction of In-steam storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders." |
| 2 | Approximate value of work put to tender | Rs.161,75,42,373/- |
| 3 | Period of completion | 30 calendar months including rainy season |
| 4 | Date & time of availability of bid document in the portal | Date 27.07.2023 from 10.00 A.M. to Date 17.08.2023 upto 5.00 P.M. |
| 5 | Last date / time for receipt of bids in the portal | Date 17.08.2023 upto 5.00 P.M. |
| 6 | Name & address of the officer inviting bid | Chief Engineer & Basin Manager, Tel Basin, Bhawanipatna |

Further details can be seen from the e-procurement portal "https://tendersodisha.gov.in"

Sd./- Chief Engineer & Basin Manager, Tel Basin, Bhawanipatna

OIPR-32317/11/0006/2324

## ବସ୍‌ଷ୍ଟାଣ୍ଡ ରାସ୍ତା ମରାମତି ହେଲା

ଖଡ଼ିଆଳ,(ସୁଜିତ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳର ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ରାସ୍ତା ଚଳିତ ଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିଲା। ଅନେକ ସ୍ଥାନରେ ଛୋଟ ବଡ ଖାଲ ସୃଷ୍ଟି ହୋଇଥିଲା । ଏନେଇ ବିଭିନ୍ନ ଗଣମାଧମରେ ପ୍ରକାଶ ପରେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବସ୍‌ଷ୍ଟାଣ୍ଡ ଯିବା ରାସ୍ତା ତଥା ପୃଥ୍ୱୀରାଜ ଲଜ୍‌ଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ମେଟାଲ ଏବଂ ଡଷ୍ଟ ପକାଇ ସମତୁଲ କରାଯାଇଛି। ଆଗାମୀ ଦିନରେ ବସ୍‌ଷ୍ଟାଣ୍ଡକୁ ସମତୁଲ କରାଯିବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ୩ ଦିନ ହେଲା ଦୁଇ ବିଦ୍ୟାଳୟରେ ପଡ଼ିଛି ତାଲା

#### ଶିକ୍ଷକ ବଦଳି ବାତିଲ ଦାବି

**କନ୍ଧମାଳ,୨୨।୭(ଆଦିତେଶ୍ୱର ମିଶ୍ର):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ସିଲେଟପଡା ଓ ସିମିଲିପଦର ପଞ୍ଚାୟତର ଫଗୁଣମାଳ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ କେନ୍ଦ୍ର କରି ତିନି ଦିନ ହେଲା ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି । ପ୍ରକାଶ ଯେ, ସିଲେଟପଡା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର କହଁରଙ୍କ ବଦଳିକୁ ନେଇ ଏହି ଆନ୍ଦୋଳନ ଚାଲୁ ରହିଛି । ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସଦସ୍ୟାସଦସ୍ୟ ମିଳିତ ଭାବେ ବିଦ୍ୟାଳୟରେ ତାଲା ପକାଇ ଦେଇଥିବା ଜଣାଯାଇଛି । ସେହିପରି ବଦଳି ବାତିଲ ଦାବିରେ ଫଗୁଣମାଳ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ଚାଲୁ ରଖିଛନ୍ତି। ଏହି ଆନ୍ଦୋଳନ ପାଇଁ ସମସ୍ତ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହୋଇଛନ୍ତି। ଏନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଯେ ପର୍ଯ୍ୟନ୍ତ ଶିକ୍ଷକ ବଦଳି ବାତିଲ ନ ହୋଇଛି ସେପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଫଶୁଣମାଳର ରଥି ମେଣ୍ଡିଲି ଚେତାବନୀ ଦେଇଛନ୍ତି। ଏନେଇ ସିଆରସିସି ଶାଶାଙ୍କ ପୋଢ ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଘଣ୍ଟାପଡା,୨୨।୭(ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ



ଘଣ୍ଟାପଡା ଗ୍ରାମର ନରେନ୍ଦ୍ରୀ ସାହୁ (୫୫)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ୪ ବର୍ଷ ହେବ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ତାଙ୍କର ପରଲୋକ ହୋଇଛି । ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ବିଶନାଥ ସାହୁ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ସାହୁ ଧରିତ୍ରୀ ଖବରକାଗଜର ଖବରଦାତା ପ୍ରଭାତ କୁମାର ସାହୁଙ୍କ ଭାଉଜ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ଖଣ୍ଡ ବ୍ୟବସ୍ଥା ପ୍ରମୁଖ ତ୍ରିନାଥ ସାହୁଙ୍କ ସ୍ତ୍ରୀ। ସ୍ୱର୍ଗତା ସାହୁ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ ।

### ଶିଶୁ ବିଦ୍ୟା ମନ୍ଦିରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଟିଟିଲାଗଡ଼,୨୨।୭(ଶରତ ମିଶ୍ର):** ରୋଟାରି କ୍ଲବ ଟିଟିଲାଗଡ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୃକ୍ଷରୋପଣ ସହ ଏକ ଜଳ ବିଶୋଧନ ଯନ୍ତ୍ର ଉପହାର ପ୍ରଦାନ କରାଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ପ୍ରଧାନାଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ନର ଅଖିଳ ମିଶ୍ର, ପୂର୍ବତନ ଲାୟନ୍ସ ଡିଜି ସୁନିଲ ପାଠକ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ର ଗତ ମାଟ୍ରିକ ବୋର୍ଡ ପରୀକ୍ଷାରେ ଜିଲାରେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜାଣି ଖୁସିବ୍ୟକ୍ତ କରିଥିଲେ। ଏନେଇ ନିଜ ଉଦ୍‌ବୋଧନରେ ଉଭୟ ଅତିଥି ଛାତ୍ରୀଛାତ୍ର ବଡ ମଣିଷ ସହ ଭଲ ମଣିଷ ହେବା, ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ପ୍ରଦାନ କରିବା, ବୃକ୍ଷକୁ ଭଲ ପାଇବା ଆଦି ପରାମର୍ଶ ଦେଇଥିଲେ। ଏହି ଅବସରରେ ରୋଟାରି କ୍ଲବ ପକ୍ଷରୁ ବିଦ୍ୟାଳୟର ପିଲାଙ୍କ ପାଇଁ ଖେଳ ସାମଗ୍ରୀ, ପ୍ରତ୍ୟେକ ବର୍ଷ କ୍ରୀଡା ଏବଂ ବିଭିନ୍ନ ସୃଜନଶୀଳ ପ୍ରତି ଆୟୋଜନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ମଧ୍ୟାହ୍ନଭୋଜନ ଚାଉଳ ନେବାବେଳେ ଧରାପଡ଼ିଲା

**କେସିଙ୍ଗା,୨୨।୭(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୋରିଆର ପ୍ରଧାନଶିକ୍ଷୟିତ୍ରୀ ସବିତା ସେଠୀଙ୍କ ସ୍ୱାମୀ ଏକ ଅଟୋ ନମ୍ବର ଓ –୭୭୨୪ରେ ୧୦ ବସ୍ତା ଚାଉଳ ବୋଝେଇ କରି ବିଦ୍ୟାଳୟରୁ ଆଣି ଭବାନୀପାଟଣାସ୍ଥିତ ଶାନ୍ତି ନଗର ପଡ଼ାକୁ ନେଉଥିବାବେଳେ ବୋରିଆ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡିଛନ୍ତି। ଘଟଣାରୁ ପ୍ରକାଶ ଯେ, ଉକ୍ତ ସ୍କୁଲ ଭିତରକୁ ଏକ ଅଟୋ ପଶି ଚାଉଳ ବୋଝେଇ ବାହାରିବା ବେଳେ ବୋରିଆ ଗ୍ରାମର କିଛି ବ୍ୟକ୍ତି ଫଟୋ ଉଠାଇ କେସିଙ୍ଗା ବିଡିଓଙ୍କୁ ଖବର ଦେଇଥିଲେ। ଆଟୋଟିକୁ ଜାତୀୟ ରାଜପଥ ୨୬ ରାସ୍ତାରେ ଅଟକ ରଖି କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ,ବୋରିଆ ସରପଞ୍ଚ ରିମା ନାୟକ, ନାଏବ ସରପଞ୍ଚ, ୱାଡ ସଭ୍ୟଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ କେସିଙ୍ଗା ବିଡ଼ିଓ, ସରପଞ୍ଚ ପହଞ୍ଚିଲା ପରେ ଉକ୍ତେଲା ଫାଣ୍ଡିକୁ ନେଇଥିଲେ। ବର୍ତ୍ତମାନ ଶିକ୍ଷୟିତ୍ରୀ, ତାଙ୍କ ସ୍ୱାମୀ ଏବଂ ଅଟୋ ଡ୍ରାଇଭରଙ୍କ ସମେତ ଅଟୋକୁ ଅଟକ ରଖି ତଦନ୍ତ ଜାରି ରହିଛି। ଶିକ୍ଷୟିତ୍ରୀ ସବିତା ସେଠି ପ୍ରଧାନ ଶିକ୍ଷୟିତ୍ରୀ ଥିବାବେଳେ କାଗଜପତ୍ରରେ ଠିକ ରଖି ବାକିଥିବା ଚାଉଳକୁ ଆତ୍ମସାତ କରୁଥିବା ଅଭିଯୋଗ ଆସୁଛି। ଏହିପରି ପ୍ରଧାନ ଶିକ୍ଷୟିତ୍ରୀ ଜଣକ ମଝିରେ ମଝିରେ ଚୋରେଇ କରି ଘରକୁ ନେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ସେଠୀଙ୍କୁ ମଧ୍ୟାହ୍ନ ଭୋଜନର ଚାଉଳ କାହିଁକି ନିଜ ଘରକୁ ନେଉଥିଲେ ବୋଲି ପଚାରିବାରୁ ବଳକା ଥିବାରୁ ନେଉଥିଲି ବୋଲି ସ୍ୱୀକାର କରିଥିଲେ। ଉକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଏ ନେଇ କେସିଙ୍ଗା ବିଡ଼ିଓ ପ୍ରଫୁଲ୍ଲ କୁମାର ଅଡୁଙ୍କୁ ପଚାରିବାରୁ ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। କେସିଙ୍ଗା ଯୋଗାଣ ସହକାରୀ ଅଧିକାରୀ ଶୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ଘଟଣାଟି ସତ୍ୟ ହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।



ଅଟୋ ଯୋଗେ ମଧ୍ୟାହ୍ନଭୋଜନ ଚାଉଳ ନିଆଯାଉଛି।

### ୩ କୋର୍ଟ ଚାଲାଣ

# ଖଇରମାଲରେ ମାଣ୍ଡିଆ ଚାରାରୋପଣ

**ଅମରପାଲି,୨୨।୭(ପୀତାମ୍ବର ସାହୁ)**

ଓଡ଼ିଶା ମିଲେଟ ମିଶନ ଅଧୀନରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ଖଇରମାଲ ଗ୍ରାମରେ ବିଭିନ୍ନ କିସମର ମାଣ୍ଡିଆ ଚାରା ରୋପଣ କରାଯାଇଛି । ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଗ୍ଲୋବାଲ ଗ୍ରୀନ ଏବଂ ଚାଷୀ ବନ୍ଧୁ ଏଗ୍ରିକଲଚର ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ବୀରମହରାଜପୁର ବ୍ଲକ ସଂଯୋଜକ ରାଜେଶ ପଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ଜିଲା ସଂଯୋଜକ ଭବାନୀଶଙ୍କର ମେହେର ମୁଖ୍ୟଅତିଥି, ଚାଷୀବନ୍ଧୁ ଏଗ୍ରିକଲଚର ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ସିଇଓ ସୁଧାଂଶୁ ଶେଖର ନାଗ, ବ୍ଲକ ଉପ ସଂଯୋଜକ ବିଶ୍ୱେଶ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାଣ୍ଡିଆ ଚାରାର ଯତ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମାଣ୍ଡିଆର ବିଭିନ୍ନ କିସମ ଯଥା– ଦୀପକ, କଙ୍କରା, ଇନ୍ଦ୍ରାବତୀ, ମୟୁରଗୋଡ, ମାଟିକାନି, ଦଶହରି, ଡଙ୍ଗର, ଖୁଟୁନି, ଲାଲସୁରୁ ଓ ସରକାରୀ କିସମ ଭିଏଲ–୩୭୯ ସମେତ ୧୨ଟି କିସମର ଚାରା ପକାଯାଇଥିଲା । ଏଥିରେ ଭୈରବ ସାହୁ, ପ୍ରଦୀପ ପଧାନ, ପ୍ରେମାନନ୍ଦ ନାଏକ, ମାନସ ନନ୍ଦ, ପ୍ରଦୀପ ତାଣ୍ଡିଆ, ରୁପାଞ୍ଜଳି କୁମ୍ଭାର ଓ ଖଗେଶ୍ୱର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସିଆରପି ପ୍ରଦୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।





ମାଣ୍ଡିଆ ରୋପଣ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅଧିକାରୀ ।

# ସୀମାନ୍ତରୁ ଜଙ୍ଗଲୀ ହାତୀ ଓଡ଼ିଶା ମୁହାଁ

**ନୂଆପଡା,୨୨।୭(ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ବାଘ, ଭାଲୁ ଓ ହାତୀ ଆତଙ୍କ ଲାଗି ରହିଛି । ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗତ ଏକ ସପ୍ତାହ ଭିତରେ ଭାଲୁ ଆକ୍ରମଣରେ ବଡ ଅଘଟଣ ଘଟିଯାଇଥିବାରୁ ଲୋକେ ଅଧିକ ଭୟଭୀତ ରହିଥିବା ଜଣାପଡୁଛି। ସୀମାନ୍ତ ଛତିଶଗଡ଼ ରାଜ୍ୟର ଦେଭୋଗ ଅଞ୍ଚଳରେ ଜଙ୍ଗଲି ହାତୀ ବୁଲୁଥିବା ବେଳେ ଏବେ ଓଡ଼ିଶା ମୁହାଁ ହେଉଛି। ଫଳରେ ସୀମାନ୍ତରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସିନାପାଲି ବ୍ଲକର କୁସୁମଯୋରଠାରୁ ମାତ୍ର ୧ କିଲୋମିଟର ଦୂରରେ ଛତିଶଗଡ଼ ରାଜ୍ୟ ଅବସ୍ଥିତ। ଛତିଶଗଡରୁ ଓଡ଼ିଶାକୁ ଆସିବାର ସମ୍ଭାବନା ଥିବାରୁ ସିନାପାଲି ବନ ବିଭାଗ ପକ୍ଷରୁ ଜଙ୍ଗଲ ପାଖ ଗାଁଗୁଡ଼ିକୁ ଯାଇ ସଚେତନ କରୁଛନ୍ତି। ହାତୀ ଛତିଶଗଡ଼ ସୀମାନ୍ତରେ ଥିବାରୁ ଛତିଶଗଡ଼ ବନବିଭାଗ ହାତୀର ଗତିବିଧି ଉପରେ ନଜର ରଖିଛି। ହାତୀ ଦେଖିବା ପାଇଁ ଲୋକଙ୍କ ଭିଡ଼କୁ ଦେଖି ଦେଭୋଗ ପୋଲିସ ମୁତୟନ ରହି ଲୋକମାନଙ୍କୁ ନ ଯିବା ପାଇଁ ବାରଣ କରୁଛନ୍ତି। ଏହି ଦେଭୋଗ ଅଞ୍ଚଳରୁ ସିନାପାଲିର ସୀମାନ୍ତ ଲାଗି ରହିଥିବାବେଳେ ହାତୀ ଚାଲି ଆସିବାର ଆଶଙ୍କା ରହିଛି। ଏଥିପ୍ରତି ସିନାପାଲି ବନବିଭାଗ ସତର୍କ ରହି ଲୋକଙ୍କୁ ସଚେତନ କରୁଛି। ଏହି ହାତୀଟି ଏକାକୀ ରହିଥିବାବେଳେ ବାଟ ହୁଡ଼ି ଚାଲିଆସିଥିବା ଅନୁମାନ କରାଯାଉଛି। ତେବେ ହାତୀପଲ ଆସିବାର ଆଶଙ୍କା ମଧ୍ୟ ରହିଛି। ଏହି ଅଞ୍ଚଳକୁ ଲାଗି ସିନାପାଲି ଅଞ୍ଚଳର ଜଙ୍ଗଲ ରହିଛି। ଏପରିକି ଛତିଶଗଡ଼ ରାଜ୍ୟର ଉଦନ୍ତୀ ଅଭୟାରଣ୍ୟ ମଧ୍ୟ ମିଶିକି ରହିଛି। ତେଣୁ ଅନାୟସରେ ଆସିବାର ସମ୍ଭାବନା ରହିଛି।

# ଲାଗିଲା ୫ଶହ ଆମ୍ବ, ଶହେ ନଡ଼ିଆ ଗଛ

**ବଘିଆପଡା,୨୨।୭(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ପଞ୍ଚମ ଆଇଆରବି ପରିସରରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଆଇଆରବି ଓ ଶାହା ଚାରିଟେବୁଲ ଟ୍ରଷ୍ଟ ଭୁବନେଶ୍ୱରର ମିଳିତ ସହଯୋଗରେ ଆଇଆରବି ପରିସରରେ ୫୦୦ ଆମ୍ବଗଛ ଓ ୧୦୦ ନଡିଆ ଗଛ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଆରବିର ଦୁର୍ଗପତି ଦୁର୍ବାସା ନାୟକ, ଉପ ଦୁର୍ଗପତି ଗୋପବନ୍ଧୁ ତ୍ରିପାଠୀ, ଶ୍ରଦ୍ଧାକର ଧାରୁଆ, ବେଲାର ମେହେର ଓ ଆଇଆରବିର ସମସ୍ତ ଯବାନ ଓ ଚାରିଟେବୁଲ ଟ୍ରଷ୍ଟର ଜୀବନ ବାବା ସାମିଲ ହୋଇ ବୃକ୍ଷରୋପଣ କରିଥିଲେ। ବୃକ୍ଷରୋପଣ ଏକ ମହାନ କାର୍ଯ୍ୟ । ଏହାଦ୍ୱାରା ପ୍ରଚୁର ପରିମାଣରେ ଅମ୍ଳଜାନ ମିଳିବା ସହ ପରିବେଶ ସୁରକ୍ଷିତ ହୋଇଥାଏ। କେବଳ ମଣିଷ ନୁହେଁ ପଶୁପକ୍ଷୀ, କୀଟପତଙ୍ଗ ବୃକ୍ଷ ଦ୍ୱାରା ଉପକୃତ ହୋଇଥାନ୍ତି। ଏଣୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ଗଛ ନ କାଟିବାକୁ ଦୁର୍ଗପତି ନାୟକ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ବୌଦ୍ଧ ଆଇଆରବିକୁ ସରକାରଙ୍କ ପକ୍ଷରୁ ପକୃତି ମିତ୍ର ପୁରସ୍କାରା ମିଳିସାରିଛି।





# ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ବିମଳେନ୍ଦୁ ରାୟ ଓ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର କର୍ମକର୍ତ୍ତା ।

**ସୋନପୁର,୨୨।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଶନିବାର ଜିଲା ସଦର ମହକୁମାର ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ପ୍ରଥମେ ସାମ୍ବାଦିକ ଭବନକୁ ଜିଲାପାଳ ପରିଦର୍ଶନ କରିଥିଲେ। ପରେ ସେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ଲେପ୍ରା ସୋସାଇଟି, ଛିନଛାନ ଡୁଙ୍ଗୁରିସ୍ଥିତ ଯୋଗ ବିହାର ଓ ମହାରାଜା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଅନୁଷ୍ଠାନ ଗୁଡ଼ିକର ବିକାଶ ନିମନ୍ତେ ପରାମର୍ଶ ଦେଇଥିଲେ । ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ମହାରାଜା ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ କର୍ମକର୍ତ୍ତା ଦିଲୀପ କୁମାର ରଥ, ପ୍ରଧାନଶିକ୍ଷକ ଆଶିଷ ରଥ, ଲେପ୍ରା ସୋସାଇଟିର ନୃସିଂହ ଚରଣ ମିଶ୍ର, ଗୋପଲ ରାଓ, ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସଭାନେତ୍ରୀ ମୀନା ମହାରଣା ଓ ଅନ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

**ଅମରପାଲି,୨୨।୭(ପୀତାମ୍ବର ସାହୁ)**

### ପଟ୍ଟା ପାଇଥିବା ଭୂମିହୀନଙ୍କ ଜମି ହୋଇଥିଲା ଜବରଦଖଲ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ସୁବଳୟା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଏକତାଲ ଗ୍ରାମରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ହୋଇଛି। ପ୍ରକାଶ ଯେ, ଏକତାଲ ଗ୍ରାମରେ କେତେଜଣ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରିଥିଲେ। ସୁବଳୟା ଅଞ୍ଚଳର ନୂଆପଡା, କେଲଗାଁ ଓ ଏକତାଲ ଗ୍ରାମର ପ୍ରାୟ ୧୪ଜଣ ଭୂମିହୀନ ବ୍ୟକ୍ତି ଘର ତିଆରି କରିବା ପାଇଁ ସରକାରଙ୍କୁ ଜମି ଦେବାକୁ ଜଣାଇଥିଲେ। ତେଣୁ ଉକ୍ତ ଭୂମିହୀନ ବ୍ୟକ୍ତିଙ୍କୁ ଗତ୧୮।୩।୨୦୨୧ରେ ୩୦ ଡିସମିଲ ଲେଖାଏ ଘରଡିହ ଜମିପଟ୍ଟା ପ୍ରଦାନ କରାଯାଇଥିଲା। କେଲଗାଁ ଗ୍ରାମର ନେତ୍ରାନନ୍ଦ ବେହେରା, ଭିକାରୀ କଅଁର, ବିଶ୍ୱନାଥ କଅଁର, ଝାମ୍ପୁରୁ ବେହେରା, ଭାସ୍କର ବେହେରା, ପୀତବାସ ବେହେରା, ଶିବ ବେହେରା, ଜଗନ୍ନାଥ କଅଁର, ମହେଶ୍ୱର କଅଁର, ଭୋଲାନାଥ କଅଁର, କଳତା ରାଜହଂସ, ସୁବଳୟା ଗ୍ରାମର ଅନାଦି କୁଡା, ନୂଆଁପଡା ଗ୍ରାମର ସୁରେନ୍ଦ୍ର ବର୍ଗର୍ତ୍ତି ଓ ଏକତାଲ ଗ୍ରାମର ନବୀନ ଉର୍ମାଙ୍କୁ ପଟ୍ଟା ପ୍ରଦାନ ହୋଇଥିଲେ ମଧ୍ୟ ଜମି ଚିହ୍ନଟ ହୋଇ ନ ଥିଲା। ଫଳରେ ସେମାନେ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ତିଆରି କରି ପାରୁ ନ ଥିଲେ। ସେମାନେ ଜମି ଚିହ୍ନଟ ପାଇଁ ବୀରମହାରାଜପୁର ତହସିଲଦାରଙ୍କୁ ଜଣାଇଥିଲେ। ଶୁକ୍ରବାର ଅତିରିକ୍ତ ତହସିଲଦାର ସ୍ୱଗତ କୁମାର ପଣ୍ଡା ଓ ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ, ସୁବଳୟା ରାଜସ୍ୱ ନିରୀକ୍ଷକ ଜୟଶ୍ରୀ ମେଣ୍ଡିଲି ଓ ପୋଲିସ ବାହିନୀ ସରକାରୀ ଜମି ଜବରଦଖଲ ସ୍ଥାନକୁ ଯାଇ ଜବରଦଖଲ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ପରେ ପଟ୍ଟା ପାଇଥିବା ୧୪ ଜଣ ହିତାଧିକାରୀଙ୍କ ଜମି ଚିହ୍ନଟ କରାଯାଇଛି। ପରେ ବ୍ଲକ ତରଫରୁ ଯାଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ମହାପାତ୍ର ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଜିଓ ଟ୍ୟାଗ୍ ମଧ୍ୟ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଜିତେନ୍ଦ୍ର



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଙ୍କୁଳସ୍ତରୀୟ ବୈଦିକ ଗଣିତ ପ୍ରଶିକ୍ଷଣ କର୍ମଶାଳା

**କୋକସରା,୨୨।୭ (ଦୁଷ୍ମନ୍ତ କୁମାର ପାଇଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ସଦର ମହକୁମାର ସରସ୍ୱତୀ ଶିଶୁ ମନ୍ଦିର ଠାରେ ଶିକ୍ଷା ବିକାଶ ସମିତି ଓଡିଶା ଆନୁକୂଲ୍ୟରେ ଶନିବାର ସଂକୁଳସ୍ତରୀୟ ଗଣିତ କର୍ମଶାଳା ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋକସରା ଶିଶୁ ମନ୍ଦିର ସଭାପତି ବରିଷ୍ଠ ଶିକ୍ଷାବିତ ମିନିକେତନ ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ଜୟପାଟଣା ସରସ୍ୱତୀ ଶିଶୁ ମନ୍ଦିର ବିଶ୍ୱଜୀବନ ପାଢ଼ୀ, ପ୍ରଧାନ ଆଚାର୍ଯ୍ୟ ବିଜମରା ସରସ୍ୱତୀ ଶିଶୁ ମନ୍ଦିର ରଘୁନାଥ ଶବର ଉପସ୍ଥିତ ରହିଥିବା ବେଳେ ବୈଦିକ ଗଣିତ ପ୍ରଶିକ୍ଷକ ଭାବେ ଆଚାର୍ଯ୍ୟ ଧର୍ମଗଡ ସରସ୍ୱତୀ ଶିଶୁ ମନ୍ଦିର ବଟକୃଷ୍ଣ ପଣ୍ଡା, ଆଚାର୍ଯ୍ୟ ଜୟପାଟଣା ସରସ୍ୱତୀ ଶିଶୁ ମନ୍ଦିର ଅଜୟ କୁମାର ପଣ୍ଡା, ଆଚାର୍ଯ୍ୟ ମୁଖୀଗୁଡା ସରସ୍ୱତୀ ଶିଶୁ ମନ୍ଦିର ସୁଜାତା ଶତପଥୀ ଯୋଗଦାନ କରି ବୈଦିକ ଗଣିତ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ କୋକସରା ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ, ଗୁରୁମା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, राँची**

**शुद्धि पत्र**

इस कार्यालय द्वारा प्रकाशित ई0–निविदा आमंत्रण सूचना संख्या–RDD/SD/RANCHI/05/2023-24 जिसका P.R. No. 301686 Rural Development (23-24) D है, को इस हद तक संशोधित किया जाता है।

(1) कंडिका –7)निविदा खोलने का सीन :–e-procurement Cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा, राँची के स्थान पर कार्यपालक अभियंता कार्यालय, ग्रामीण विकास विशेष प्रमंडल, राँची पढ़ा जाए।

निविदा की अन्य शर्ते यथावत् रहेगी।

कार्यपालक अभियंता
ग्रामीण विकास विशेष प्रमंडल, राँची

PR 303033Rural Development(23-24)#D

**ପୂର୍ବ ତଟ ରେଳପଥ**
**ପେ ଆଣ୍ଡ୍ ୟୁଜ୍ ଶୌଚାଳୟର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: PnU-T-KUR-23-19
ଲଟ ନଂ./ବର୍ଗ : PnU-KUR-KIT-Toi-12-22-1 (Pay and Use-Toilets)
ଷ୍ଟେସନ ଏବଂ ସ୍ଥାନ : ଖଲିକୋଟ (ପରିଚଳନ କ୍ଷେତ୍ରରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.03.08.2023ରିଖ 1100 ଘଟିକା।
ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.03.08.2023ରିଖ 1130 ଘଟିକା।
ବିସ୍ତୃତ ବିବରଣୀ ନିମନ୍ତେ ୱେବସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-371/O/23-24

**OFFICE OF THE CHIEF ENGINEER & BASIN MANAGER**
**TEL BASIN, BHAWANIPATNA, DIST. KALAHANDI**
Tel. No. 06670230209, email- cetelbasinbhp@gmail.com
**Government of Odisha "e" Procurement Notice No.-CE&BM, TEL-05/2023-24**
**Bid Identification No. CETEL-BID-02/2023-24**

No.-A-361:- Online tenders are invited for EPC Contract for "Construction of In-stream storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation. Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders."

| | | |
|---|---|---|
| 1 | Name of work | "Construction of In-steam storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders." |
| 2 | Approximate value of work put to tender | Rs.161,75,42,373/- |
| 3 | Period of completion | 30 calendar months including rainy season |
| 4 | Date & time of availability of bid document in the portal | Date 27.07.2023 from 10.00 A.M. to Date 17.08.2023 upto 5.00 P.M. |
| 5 | Last date / time for receipt of bids in the portal | Date 17.08.2023 upto 5.00 P.M. |
| 6 | Name & address of the officer inviting bid | Chief Engineer & Basin Manager, Tel Basin, Bhawanipatna |

Further details can be seen from the e-procurement portal "https://tendersodisha.gov.in"
Sd./- Chief Engineer & Basin Manager, Tel Basin, Bhawanipatna
OIPR-32317/11/0006/2324

## ସଂକ୍ଷେପରେ

### ବ୍ରଜରାଜନଗରକୁ ଗଡ଼ିବ ମୋ ବସ୍

**ବ୍ରଜରାଜନଗର,୨୨।୭ (ବିଜୟ ବରାଡ):** ରାଜ୍ୟ ସରକାରଙ୍କ ପକ୍ଷରୁ ଝାରସୁଗୁଡ଼ାରେ ମୋ ବସ୍ ଚଳାଚଳ କରୁଛି। ଏହା ଏବେ ବ୍ରଜରାଜନଗର ପର୍ଯ୍ୟନ୍ତ ଚାଲିବ। ଶନିବାର ସ୍ଥାନୀୟ ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ମୋ ବସ୍ ଝାରସୁଗୁଡ଼ାରୁ ବାହାରି ଗାନ୍ଧୀ ଛକ, ବିଜୁ ପଟ୍ଟନାୟକ ଛକ, ଲମତିବାହାଲ ଦେଇ ବେଲପାହାଡ଼ ଅଭିମୁଖେ ଯିବ। ଏ ନେଇ ଏକ ରୁଟ୍ ଚାଟ ମଧ କରାଯାଇଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ପରିବହନ ଅଧିକାରୀ ଅଭିଷେକ ଯତୀନ ପ୍ରମୁଖ ସୂଚନା ଦେଇଥିଲେ।

### ବନ୍ଧମୁଣ୍ଡାରେ ବନ୍ଦ ଘରୁ ଚୋରି

**ରାଉରକେଲା, ୨୨।୭(ସଙ୍ଗୀତା ଜେନା):** ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଏ ସେକ୍ଟର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ବନ୍ଦ ଘରୁ କେହି ଦୁର୍ବୃତ୍ତ ଘର ତାଲାଭାଙ୍ଗି ସୁନାଗହଣା ଓ ନଗଦ ଟଙ୍କା ଚୋରି କରି ନେଇଛନ୍ତି। କିଛିଦିନ ତଳେ ଏ ସେକ୍ଟରର ବିଦିତ ଦେଙ୍କ ଶାଶୁ ମରିଯାଇଥିବାରୁ ସେ ଗ୍ରାମକୁ ଯାଇଥିଲେ। ବନ୍ଧମୁଣ୍ଡା ଘର ବନ୍ଦ ଥିବା ସୁଯୋଗ ନେଇ କେହି ଚୋରି କରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୧୬।୨୩) ରୁଜୁ କରି ତଦନ୍ତ କରୁଛି।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ରାଉରକେଲା,୨୨।୭(ସଙ୍ଗୀତା ଜେନା):** ଟାଙ୍ଗରପାଲି ଥାନା ଅନ୍ତର୍ଗତ କନଷ୍ଟ୍ରକ୍ସନ କଲୋନୀ ସ୍ଥିତ ଲେଙ୍ଗଡ଼ା ବସା ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ପଡୋଶୀଙ୍କୁ ରୁହା ରଡ୍‌ରେ ମରଣାନ୍ତକ ଆକ୍ରମଣ କରଛନ୍ତି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୦୯।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସମରା ବିରୁଆ(୩୨)। ସୂଚନାଯୋଗ୍ୟ, ସମରା ତାଙ୍କ ପଡୋଶୀ ସୀତା ସିନକୋ(୫୦)ଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମହିଳାଙ୍କ ନାକ ହାଡ଼ ଭାଙ୍ଗିଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ ଆରଜିଏଚ୍ ଓ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି।

# ୫ ଆନ୍ତଃଜିଲା ଡକାୟତ ଗିରଫ

**ସୁନ୍ଦରଗଡ,୨୨।୭(ଜୟ ନାରାୟଣ ମେଣ୍ଟୁଳି)**

### ୫୦ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଚୋରି ସାମଗ୍ରୀ ଜବତ



ଗିରଫ ଡକାୟତ ଗ୍ୟାଙ୍ଗ ସହ ପୋଲିସ।

୫ ଜଣିଆ ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ସୁନ୍ଦରଗଡ଼ ପୋଲିସ। ସେମାନଙ୍କ ନିକଟରୁ ପ୍ରାୟ ୫୦ ଲକ୍ଷ ଟଙ୍କା ମୂଲ୍ୟର ଚୋରି ସାମଗ୍ରୀ ସହ ଗୋଟିଏ ବୋଲେରୋ, ଗୋଟିଏ ଟାଟା ମ୍ୟାଜିକ ଗାଡି ଓ ଗୋଟିଏ ବାଇକକୁ ପୋଲିସ ଜବତ କରିଛି। ଏନେଇ ଶନିବାର ସୁନ୍ଦରଗଡ ସଦର ଏସ୍‌ଡିପିଓ ହିମାଂଶୁ ବେହେରା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବଡଗାଁ ଥାନା ଭେଲୁଆ ବାହାଲ ଗ୍ରାମର ସଞ୍ଜୟ କେଶରୀ (୪୫), ବଡଗାଁ ଥାନା ମୁଣ୍ଡା ଗାଁର ଚିତ୍ରସେନ ମଗର(୩୭), ସମ୍ବଲପୁର ଜିଲା ମହୁଲପାଲି ଥାନା ସର୍ଗିଡିହି ଗ୍ରାମର ପଦ୍ମନ ପାତ୍ର(୩୮), ଭେଲୁଆ ବାହାଲ ଗ୍ରାମର ସ୍ୱରୂପ କେଶରୀ (୩୭) ଏବଂ ଚୋରି ସାମଗ୍ରୀ କିଣିଥିବା ଜଗତସିଂହପୁର ଜିଲା କୁଜଙ୍ଗ ଥାନା ସାହାରଦିଆ ଗ୍ରାମର ଦୁଷ୍ମନ୍ତ ସ୍ୱାଇଁ (୩୬)। ଏହି ଡକାୟତ ଦଳ ସୁନ୍ଦରଗଡ ସଦର, କିଞ୍ଜିରିକେଲା, ଧରୁଆଡିହି ଓ ତଳସରା ଥାନା ଅଞ୍ଚଳରେ ଥିବା ବିଭିନ୍ନ ୫-ଟି ସ୍କୁଲ, ଅଙ୍ଗନ୍‌ୱାଡି କେନ୍ଦ୍ର, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରୁ ଚୋରି କରୁଥିଲେ। ପୋଲିସ ଏମାନଙ୍କ ନିକଟରୁ ୬୫ଇଞ୍ଚର ୩ ଟି ସ୍ମାର୍ଟ ଏଲଇଡିଟିଭି, ୧୬ ଇନଭଟର ବ୍ୟାଟେରୀ, ୩ଟି ସିଲିଙ୍ଗ ପଙ୍ଖା, ୭ଟି କାନ୍ଥ ପଙ୍ଖା, ୭ ଗ୍ୟାସ ସିଲିଣ୍ଡର,୪ ଇନଭର୍ଟର, ୨ଟି ପ୍ରିଣ୍ଟର ମେଶିନ, ୨ଟି ରେଫ୍ରିଜେଟର, ୨୬ଟି ସୋଲାର ପାନେଲ, ଚାଉଳ ବସ୍ତା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏସଡିପିଓ ବେହେରା କହିଛନ୍ତି ଯେ,ଏହି ଡକାୟତ ଦଳ ଅଭିନବ ଉପାୟରେ ତାଲାକାଟି ମୂଲ୍ୟବାନ ସାମଗ୍ରୀ ସବୁ ଲୁଟି ନେଉଥିଲେ। ଚୋରି ବେଳେ କୌଣସି ପ୍ରମାଣ ଯେମିତି ନ ରୁହେ ସେଭଳି କରୁଥିଲେ। ଫଳରେ ଚୋରଙ୍କୁ ଠାବ କରିବାରେ ପୋଲିସ ତଥା ସାଇଣ୍ଟିଫିକ ଟିମ୍‌କୁ କାଠିକର ପାଠ ହେଉଥିଲା। ଗତ ୧୧ ଓ ୧୨ ରାତିରେ ସଦରଥାନା ଅନ୍ତର୍ଗତ ୫-ଟି ଅଧୀନ ଟାଙ୍ଗରପାଲି ପଞ୍ଚାୟତ ହାଇସ୍କୁଲରୁ ସ୍ମାର୍ଟ କ୍ଲାସ ପାଇଁ ଲଗାଯାଇଥିବା ସାଢେ ୩ ଲକ୍ଷ ଟଙ୍କା ମୂଲ୍ୟର ଏଲଇଡି ଟିଭି, ଇନଭଟର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି ହେବାନେଇ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହିଭଳିଭାବେ ଅନେକ ସ୍କୁଲ, ଅଙ୍ଗବାଡି କେନ୍ଦ୍ର ଓ ପଞ୍ଚାୟତ ଅଫିସ ଗୁଡିକରୁ ସିରିଜ ଚୋରି ହେବା ପରେ ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ହିମାଂଶୁ ବେହେରାଙ୍କ ତତ୍ତ୍ୱାବଧାନରେ ସଦରଥାନା ଆଇଆଇସି ରମେଶକୁମାର ମାହାନା, କିଞ୍ଜିରିକେଲା ଆଇଆଇସି ଜଗଦୀଶ ବାରା, ତଳସରା ଆଇଆଇସି ପିକେ ସାହୁ, ଟାଉନ ଥାନା ଏସ୍‌ଆଇ ପିକେ. ନନ୍ଦ, ଡୋଳାମଣି ନାଏକ, ସଦରଥାନା ଏସ୍‌ଆଇ ବିଜୟ ଲକ୍ଷ୍ମୀ ରାଉତରାୟ, ପିଏସ୍‌ଆଇ ବିବେକାନନ୍ଦ ବେହେରା, ସିତେଶ ନାୟକ, ଧରୁଆଡିହି ଥାନା ଏଏସ୍‌ଆଇ ଶ୍ରୀନିବାସ ଦାସ, ହାବିଲଦାର ଏସକେ ସାହୁ, ଜେବିଟିରୁ ପି. କରିଆ, କନେଷ୍ଟବଳ ଏମ୍ ଲାକ୍ରା ଓ ଅନ୍ୟମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ଚୋରି ସାମଗ୍ରୀ ଗୁଡିକୁ କମ ମୂଲ୍ୟରେ ଦୁଷ୍ମନ୍ତ ସ୍ୱାଇଁ କିଣି ଜଗତସିଂହପୁର ନେଇଯାଇଥିଲେ। ପୋଲିସ ସେଠାରେ ଚଢ଼ାଉ କରି ଉକ୍ତ ସାମଗ୍ରୀ ଜବତ କରିଛି।

# ରାତିସାରା ଡାକ୍ତରଖାନାରେ ପଡ଼ିରହିଲା ମୃତଦେହ

**ଟେନ୍‌ସା,୨୨।୭(ସମୀର କୁମାର ପାଢ଼ୀ)**



- ମିଳିଲାନି ଆମ୍ବୁଲାନ୍ସ
- ସହାୟତାର ହାତ ବଢ଼ାଇଲା କୋଇଡା ସାମ୍ବାଦିକ ସଂଘ

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ମାଲଦା ପଞ୍ଚାୟତ ଗଣୁଆଁ ପଟବେଡା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ମାତୃତ୍ୱ ଲାଭ କରିବାକୁ ଯାଇ ଚାଲିଗଲା ଉଭୟ ମା' ଓ ନବଜାତ ଶିଶୁଙ୍କ ଜୀବନ। ମୃତା ମହିଳା ହେଲେ ସାରା ମୁଣ୍ଡାଙ୍କ ସ୍ତ୍ରୀ ବୁବେଇ ମୁଣ୍ଡା(୩୩)। ଶୁକ୍ରବାର ହଠାତ୍ ବୁବେଇଙ୍କ ଦେହ ଖରାପ ହୋଇଥିଲା। ଅଧିକ ରକ୍ତ ସ୍ରାବ ହେବାରୁ ସ୍ଥାନୀୟ ଆଶା ଦିଦି କେଶବତୀ ପାତ୍ର, ସାମାଜିକକର୍ମୀ ବାଦଲ ବାରିକ ସହାୟତାରେ ତାଙ୍କୁ କେନ୍ଦୁଝର ଜିଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଏକ ରକ୍ତ ପ୍ରଦାନ କରାଇ ତାଙ୍କୁ କଟକ ବଡ଼ ମେଡିକାଲ୍ ପଠାଇ ଦିଆଯାଇଥିଲା। ସେଠାରେ ଅସ୍ତ୍ରୋପଚାର କରାଗଲା ସତ, ହେଲେ ମା' ଓ ଶିଶୁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଅସହାୟ ଗରିବ ପରିବାର ପାଖରେ ଟଙ୍କା ନ ଥିବାରୁ ଆମ୍ବୁଲାନ୍ସ ମିଳିପାରି ନ ଥିଲା। ଫଳରେ ରାତି ସାରା ମୃତଦେହ ଡାକ୍ତରଖାନାରେ ସେମିତି ପଡି ରହିଥିଲା। ସାଥୀରେ ଯାଇଥିବା ଆଶା ଦିଦି ଓ ମୃତା ସ୍ତ୍ରୀଙ୍କ ସ୍ୱାମୀ ସେଠାରେ ଥିବା ଅଧିକାରୀଙ୍କୁ ଆମ୍ବୁଲାନ୍ସପାଇଁ ଗୁହାରି କରିଥିଲେ ମଧ୍ୟ କେହି ଶୁଣି ନଥିଲେ। ବେସରକାରୀ ଆମ୍ବୁଲାନ୍ସ ୯ ରୁ ୧୦ ହଜାର ଟଙ୍କା ଲାଗିବ ବୋଲି କହିଥିଲେ। ହେଲେ ଆଶା ଦିଦିଙ୍କ ପାଖରେ କି ମୃତା ସ୍ତ୍ରୀଙ୍କ ସ୍ୱାମୀଙ୍କ ନିକଟରେ ଏତେ ଟଙ୍କା ନଥିଲା। ସନ୍ଧ୍ୟାରୁ ସକାଳ ଯାଏ ମୃତଦେହ ସେମିତି ପଡ଼ି ରହିଥାଏ। ଏହି ଖବର କୋଇଡା ୟୁନିୟନ ଅଫ ଜୋନାଲିଷ୍ଟ ଆସୋସିଏଶନ ପାଇବା ପରେ ମୃତ ଦେହ କିପରି ନିଜ ଗ୍ରାମରେ ପହଞ୍ଚିବ ସେଥିପାଇଁ ଆପ୍ରାଣ ଚେଷ୍ଟା କରିଥିଲେ। ତୁରନ୍ତ ଏକ ଆମ୍ବୁଲାନ୍ସ ଭଡା କରି ମୃତଦେହ ଗ୍ରାମରେ ପହଞ୍ଚାଇବା ସହ ଶେଷକୃତ୍ୟ ପାଇଁ ସହାୟତା ପ୍ରଦାନ କରିଥିଲେ। ବର୍ଷା ହେଉ ଥିଲେ ମଧ କୋଇଡା ସାମ୍ବାଦିକ ସଂଘ ସଭାପତି ସଞ୍ଜୀବ ମହାପାତ୍ର, ଉପ ସଭାପତି ତଥା କାର୍ଯ୍ୟକାରୀ ସଭାପତି ସମୀର ପାଢୀ, ସମ୍ପାଦକ ଅବିନାଶ ଶର୍ମା, କୋଷାଧ୍ୟକ୍ଷ ସୁଶାନ୍ତ ଦାଶ, ଯୁଗ୍ମ ସମ୍ପାଦକ ପ୍ରମିଳା ନାୟକ, ରାକେଶ ମହାନ୍ତି, ସୁଦାମ ବାରିକ, ଆକାଶ ଶର୍ମା, ଗଣେଶ ଆପଟ, ଦିଲୀପ ମହାକୁଡ, ସରୋଜ ମାହାନା ପ୍ରମୁଖ ସଦସ୍ୟ ଶେଷ କୃତ୍ୟ ସମ୍ପନ୍ନ କରି ଫେରିଥିଲେ।


ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com




@ ଜିତେନ୍ଦ୍ର



@ ସରୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚର୍ମବିଣ୍ଡି ରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ

**ଦେବଗଡ, ୨୨।୭(ଶଶାଙ୍କ ଶେଖର ଝାଙ୍କର)**

### ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଟିକାକରଣ

ଦେବଗଡ ପୌରାଞ୍ଚଳରେ ଗୋରୁଙ୍କ ଦେହରେ ଲମ୍ପିସ୍କିନ ବା ଚର୍ମବିଣ୍ଡି ରୋଗ ବ୍ୟାପିବାରେ ଲାଗିଛି । ଗୋରୁଙ୍କ ଦେହ ସାରା ଚର୍ମ ବିଣ୍ଡି ସୃଷ୍ଟି ହେବାସହ ସମୟ କ୍ରମେ ଏଗୁଡିକ ଫାଟି ମାଂସ ଛିଣ୍ଡି ଯାଉଛି। ଇତିମଧ୍ୟରେ ଦେବଗଡ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟ ରଞ୍ଜନ ରାଉତ ଓ ଡେପୁଟି ଡାଇରେକ୍ଟର ଡାକ୍ତର ରଶ୍ମିରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଂକ୍ରମିତ ଗୋରୁଙ୍କ ଚିକିତ୍ସା କରାଯିବା ସହ ପ୍ରତିଷେଧକ ଟୀକା ପ୍ରଦାନ କରାଯାଉଛି। ଶନିବାର ଟାଇଁସର ଲାଇଭ ଷ୍ଟକ ଇନ୍ସପେକ୍ଟର (ଏଲଆଇ) ମଦନ ମୋହନ ପ୍ରଧାନ ଓ ସୁଗୁଡା ଏଲଆଇ ସୁମନ୍ତ କୁମାର ବେହେରା ଦେବଗଡ ପୌରାଞ୍ଚଳର ଘରକୁ ଘର ଯାଇ ସଂକ୍ରମିତ ଗୋରୁଙ୍କୁ ଔଷଧ ପ୍ରଲେପ ଏବଂ ଇଞ୍ଜେକ୍ସନ ଦ୍ୱାରା ଚିକିତ୍ସା କରିଥିଲେ। ସେହିପରି ତିଲେଇବଣି ବ୍ଲକ ଅନ୍ତର୍ଗତ କଂସର ଏଲଆଇ ପାବନୀ ବେହେରା, ଫୁଲପଥରଖୋଲ ଏଲଆଇ ଦେବରାଜ ବେହେରା, ପାଳକୁଦର ଏଲଆଇ ରେଖାରାଣୀ ପ୍ରଧାନ, ଲଇମୁରା ଏଲଆଇ ସୁନୀତା ଲୁହା ଗୋପାଳକ ମାନଙ୍କ ଘରକୁ ଯାଇ ପ୍ରତିଷେଧକ ଟୀକା ପ୍ରଦାନ କରିଥିଲେ ।

# ରାସ୍ତା ମରାମତି କଲା ଆରଡି ବିଭାଗ

**କେସିଙ୍ଗା,୨୨।୭(ଡୁମେଶ୍ୱର ସାହୁ)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଦେଓଗାଁ ଗ୍ରାମ ପଞ୍ଚାୟତ ଅଧିନସ୍ଥ ମାଟିଆ ଗ୍ରାମର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ବର୍ଷା ପାଣି ଜମି ରହୁଥିବାରୁ ସ୍କୁଲ ଛାତ୍ରୀଛାତ୍ର ଆଣ୍ଠୁଏ ପାଣି କାଦୁଅରେ ସ୍କୁଲ ଯାଉଥିଲେ। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଆର.ଡ଼ି.ବିଭାଗର ଠିକାଦାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମାଟିଆ ଗ୍ରାମର ମୁଖ୍ୟ ରାସ୍ତାରେ ଶନିବାର ମାଟି କାମ କରାଯାଇଛି। ରବିବାର କ୍ରସର ଗୁଣ୍ଡ ପକାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଥିଲେ। ସ୍କୁଲ ଛାତ୍ରୀଛାତ୍ର ତଥା ଗ୍ରାମବାସୀ ଶନିବାର ଠାରୁ ସେହି ମୁଖ୍ୟ ରାସ୍ତାଦେଇ ସୁରୁଖୁରୁରେ ଭାବେ ଯିବାଆସିବା କରିପାରିବେ ବୋଲି ଆରଡ଼ି ବିଭାଗ ଯନ୍ତ୍ରୀ ପ୍ରକାଶ କରିଥିଲେ। ଗତ ଗୁରୁବାର ଗ୍ରାମବାସୀ ଆରଡ଼ି ବିଭାଗର ଯନ୍ତ୍ରୀ, କେସିଙ୍ଗା ବିଡିଓ, ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରି ନ ଥିଲେ। ଶନିବାର ଧରିତ୍ରୀରେ ଏ ସଂକ୍ରାନ୍ତରେ ଖବର ପ୍ରସାରଣ ପରେ ଆର.ଡ଼ି.ବିଭାଗର ତତ୍ତ୍ୱାବଧାନରେ ମୋରମ ପକାଇ ରାସ୍ତା ମରାମତି କରି ଥିବାରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ବୃଦ୍ଧାବୃଦ୍ଧ ସୁରୁଖୁରୁରେ ଯିବା ଆସିବା କରିପାରିବେ। ଏ ସଂକ୍ରାନ୍ତରେ ଆରଡ଼ି ବିଭାଗର ଯନ୍ତ୍ରୀ ଶୁଖିଶ୍ୟାମ ନାଏକଙ୍କୁ ପଚାରିବାରୁ ମୋରମ ଶନିବାର ପକାଯାଇଛି। ରବିବାର ମୋରମ ଉପରେ ପଥରଗୁଣ୍ଡ ଦେଇ ମରାମତି କରାଯିବ ବୋଲି ପ୍ରକାଶ କରିଥିଲେ।

# ଗାଙ୍ଗପୁର ସାଂସ୍କୃତିକ ପରିଷଦ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା



ଆଇଆଇସିଙ୍କୁ ଜଗନ୍ନାଥଙ୍କ ଫଟୋ ଚିତ୍ର ଭେଟି ଦିଆଯାଉଛି।

**ରାଜଗାଙ୍ଗପୁର,୨୨।୭(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଥିବା ବହୁ ପୁରାତନ ସଂଘ ଗାଙ୍ଗପୁର ସାଂସ୍କୃତିକ ପରିଷଦ ପକ୍ଷରୁ ରାଜଗାଙ୍ଗପୁର ଆଇଆଇସି ବିଭସ୍ୱ ପ୍ରଧାନଙ୍କୁ ସ୍ଥାନୀୟ ଡାକବଙ୍ଗଳାରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପରିଷଦର କାର୍ଯ୍ୟକାରୀ ସଭାପତି ଅମରେଶ ପଣ୍ଡାଙ୍କ ଦ୍ୱାରା ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପରିଷଦର ବରିଷ୍ଠ ସଦସ୍ୟ ସଞ୍ଜୀବ ବେହୁରା, ଅଶୋକ ପାଣି, ମୁରଲିଧର ଦାସ, ରାଜେନ୍ଦ୍ର ବେହେରା, ଅଶୋକ ଦାସଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଆଇଆଇସି ତଥା ପରିଷଦର ସଭାପତି ବିଭସ୍ୱ ପ୍ରଧାନଙ୍କ କାର୍ଯ୍ୟ ଦକ୍ଷତାକୁ ସେମାନେ ପ୍ରଶଂସା କରିଥିଲେ। ଏହା ସହ ବିଦାୟୀ ଅଧିକାରୀଙ୍କୁ ଉପଢୌକନ ଦେବା ସହ ଜଗନ୍ନାଥଙ୍କ ଫଟୋ ଚିତ୍ର ଭେଟି ଦେଇଥିଲେ।


**ପୂର୍ବ ତଟ ରେଳପଥ**

ପେ ଆଣ୍ଡ ୟୁଜ୍ ଶୌଚାଳୟର ଇ-ନିଲାମ

ନିଲାମ କ୍ୟାଟାଲଗ୍ ନଂ.: PnU-T-KUR-23-19

ଲଟ ନଂ./ବର୍ଗ : PnU-KUR-KIT-Toi-12-22-1 (Pay and Use-Toilets)

ଷ୍ଟେସନ ଏବଂ ସ୍ଥାନ : ଖଲିକୋଟ (ପରିଚାଳନ କ୍ଷେତ୍ରରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.03.08.2023ରିଖ 1100 ଘଟିକା।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.03.08.2023ରିଖ 1130 ଘଟିକା।

ବିସ୍ତୃତ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-371/O/23-24

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, राँची**

**शुद्धि पत्र**

इस कार्यालय द्वारा प्रकाशित ई0–निविदा आमंत्रण सूचना संख्या–RDD/SD/RANCHI/05/2023-24 जिसका P.R. No. 301686 Rural Development (23-24) D है, को इस हद तक संशोधित किया जाता है।

(1) कंडिका –7)निविदा खोलने का सीन :–e-procurement Cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा, राँची के स्थान पर कार्यपालक अभियंता कार्यालय, ग्रामीण विकास विशेष प्रमंडल, राँची पढ़ा जाए।

निविदा की अन्य शर्ते यथावत् रहेगी।

कार्यपालक अभियंता
ग्रामीण विकास विशेष प्रमंडल,
राँची

PR 303033Rural Development(23-24)#D


# ୫୧୯ ଛାତ୍ରୀଛାତ୍ରଙ୍କୁ ୫ ଶ୍ରେଣୀ ଗୃହ

**ଟେନ୍‌ସା,୨୨।୭(ସମୀର କୁମାର ପାଢ଼ୀ)**

### ୫-ଟି ରୂପାନ୍ତରିତ ଗୋପବନ୍ଧୁ ହାଇସ୍କୁଲ




୪୬ ବର୍ଷର ପୁରୁଣା ସରକାରୀ ଉଚ୍ଚ ବିଦ୍ୟାଳୟରକୁ ଭାଙ୍ଗି ୫-ଟି ବିଦ୍ୟାଳୟରେ ପରିଣତ କରାଗଲା। ବିଦ୍ୟାଳୟରେ ଯେଉଁ ଶ୍ରେଣୀଗୃହ ସବୁ ଥିଲା ତାହାକୁ ବିଭିନ୍ନ ପ୍ରକାର ରଙ୍ଗରେ ସୁସଜ୍ଜିତ କରାଯିବା ସହ ପାଚେରୀ ଗୁଡିକୁ ଚୂନ ମରାଯାଇ ବିଭିନ୍ନ ପ୍ରକାର ଚିତ୍ର ବିଚିତ୍ର କରି ଦିଆଗଲା। ଆଧୁନିକତାକରଣ ବିଦ୍ୟାଳୟ ଗୁଡିକର ଆଗ ଚକାଚକ ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଜିଟାଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ହେଲେ ଛାତ୍ରୀଛାତ୍ର ବସିବାକୁ ଶ୍ରେଣୀ ଗୃହ ନାହିଁ କି ଶୌଚାଳ ନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଗତ ମାର୍ଚ୍ଚ ମାସରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଆଗ ଚକାଚକ ଦେଖି ଖୁସୀ ବି ହେଲେ। କିନ୍ତୁ ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ପଦଟିଏ ବି ପଚାରିଲେ ନାହିଁ। ନୂତମ ଜ୍ଞାନ କୌଶଳରେ ପିଲାଙ୍କ ମନକୁ ଛୁଇଁବା ଭଳି କ୍ଲାସ ରୁମ୍, ବ୍ଲାକ ବୋର୍ଡ ସହିତ ବିଦ୍ୟାଳୟ ଚାରୀ ପାଖରେ ପାଚେରୀ ନିର୍ମାଣ ପାଇଁ ୫- ଟି ଅଧିନରେ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ସରକାର ବିଦ୍ୟାଳୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କଲେ। ହେଲେ ଏହାର ଠିକ ବିନିଯୋଗ ହୋଇଛି କି ନାହିଁ ତାହା ତଦାରଖ କରିବାକୁ କେହିନାହାଁନ୍ତି। ଏହି ବିଦ୍ୟାଳୟରେ କେବଳ ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ପାଠପଢ଼ିଥାନ୍ତି। ଏମାନଙ୍କ ପାଇଁ ମାତ୍ର ୫ଟି ଶ୍ରେଣୀ ଗୃହ ରହିଛି। ତେବେ ୫୧୯ ପିଲା ୫ଟି ଶ୍ରେଣୀଗୃହରେ ପାଠପଢ଼ିବା ସମ୍ଭବ ହେଉନାହିଁ। ୯ମରେ ଛାତ୍ରୀ ସଂଖ୍ୟା ୧୦୯ ଥିବାବେଳେ ଛାତ୍ର ୧୨୭ ଏବଂ ୧୦ମ ଶ୍ରେଣୀରେ ଛାତ୍ରୀ ୧୪୯ ଓ ଛାତ୍ର ୧୩୪ ଜଣ ରହିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଗୋଟିଏ ଶ୍ରେଣୀ ଗୃହରେ ୪୦ଜଣ ଛାତ୍ରଛାତ୍ରୀ ପାଠ ପଢିବା କଥା। ପିଲାଙ୍କ ସଂଖ୍ୟା ହିସାବରେ୧୨ଟି ଶ୍ରେଣୀ ଗୃହ ଆବଶ୍ୟକ ଥିଲା ବେଳେ ମାତ୍ର ୫ଟି ଶ୍ରେଣୀ ଗୃହ ଅଛି। ବିଦ୍ୟାଳୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ଶ୍ରେଣୀ ଗୃହ ନ ଥିବାରୁ ଛାତ୍ରୀଛାତ୍ରମାନେ ଠିକଭାବେ ପାଠପଢ଼ି ପାରୁ ନାହାନ୍ତି। ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀଗୃହରେ ବସି ପଢିବା ସମ୍ଭବପର ହେଉନାହିଁ। ଏଥିସହ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କୁ ମିଶାଇ ୧୪ଶିକ୍ଷୟିତ୍ରୀ ଶିକ୍ଷକ ରହିବା କଥା, କିନ୍ତୁ ଅଛନ୍ତି ୯ଜଣ। ଗତ ଏକ ସପ୍ତାହ ତଳେ ଶ୍ରମମନ୍ତ୍ରୀ ସାରଦା ପ୍ରଶାଦ ନାୟକ କୋଇଡା ବ୍ଲକ ଗ୍ରସ୍ତ କରି ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ ମଧ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତି ଦୃଷ୍ଟି ନ ଦେବା ବଡ଼ ଦୁଃଖର ବିଷୟ ବୋଲି କୋଇଡାବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ମାହାନ୍ତଙ୍କୁ ପଚାରିବାରୁ, ପ୍ରଶାସନଙ୍କ ଭୟରେ କିଛି ନ କହି ଆପଣ ସବୁ ବୁଲିକି ଦେଖିଲେ ଆମେ ଆଉ ଅଧିକ କ'ଣ କହିବୁ ବୋଲି ପ୍ରକାଶ କରିଥିଲେ। ଏନେଇ ବଣେଇର ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ବେହେରୁଙ୍କୁ ପଚାରିବାରୁ, ୫-ଟି ସ୍କୁଲ କଲେ ସତ। ହେଲେ ପିଲାବସିବାକୁ ଶ୍ରେଣୀଗୃହ ନାହିଁ। ଏଥିପ୍ରତି ଦୃଷ୍ଟି ଦେବା ଆଶ୍ୟକ ଥିଲା। ତେଣୁ ଏହା ଏକ ପ୍ରହସନ ବୋଲି ସେ ପ୍ରକାଶ କରିଥିଲେ।


**OFFICE OF THE CHIEF ENGINEER & BASIN MANAGER**
**TEL BASIN, BHAWANIPATNA, DIST. KALAHANDI**
Tel. No. 06670230209, email- cetelbasinbhp@gmail.com

Government of Odisha "e" Procurement Notice No.-CE&BM, TEL-05/2023-24

Bid Identification No. CETEL-BID-02/2023-24

No.-A-361:- Online tenders are invited for EPC Contract for "Construction of In-stream storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation. Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders."

| | | |
|---|---|---|
| 1 | Name of work | "Construction of In-steam storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders." |
| 2 | Approximate value of work put to tender | Rs.161,75,42,373/- |
| 3 | Period of completion | 30 calendar months including rainy season |
| 4 | Date & time of availability of bid document in the portal | Date 27.07.2023 from 10.00 A.M. to Date 17.08.2023 upto 5.00 P.M. |
| 5 | Last date / time for receipt of bids in the portal | Date 17.08.2023 upto 5.00 P.M. |
| 6 | Name & address of the officer inviting bid | Chief Engineer & Basin Manager, Tel Basin, Bhawanipatna |

Further details can be seen from the e-procurement portal "https://tendersodisha.gov.in"

Sd./- Chief Engineer & Basin Manager, Tel Basin, Bhawanipatna

OIPR-32317/11/0006/2324

## ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତୀୟ ପ୍ରଶିକ୍ଷଣ ବର୍ଗ ଶିବିର ଉଦ୍‌ଘାଟିତ

ନୂଆପଡା,୨୨।୭ (ମକାରୁ ବେମାଲ)

ନୂଆପଡା ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରଚାର ପ୍ରସାର ବିଭାଗର ପ୍ରଶିକ୍ଷଣ ବର୍ଗର ଶୁକ୍ରବାର ୨ ଦିନିକିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇ ଯାଇଛି। ପ୍ରାନ୍ତିୟ ସହ ପ୍ରଚାର ପ୍ରମୁଖ ପବିତ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଲିକତାରୁ ଆସିଥିବା ଅଖିଳ ଭାରତୀୟ ପ୍ରଚାର ପ୍ରସାର ପ୍ରମୁଖ ସଚିନ୍ଦ୍ର ନାଥ ସିହ୍ନା ମୁଖ୍ୟ ଅତିଥି,ସମ୍ବଲପୁର ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ, ସାଳିହା ମନ୍ଦିର ପ୍ରମୁଖ ସଦାନନ୍ଦ ଜୀ ଭାରତୀ, ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟ ନାରାୟଣ ଥନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ପରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରଚାର ପ୍ରସାର କାର୍ଯ୍ୟ ଧାରା ଉପରେ ଆଲୋଚନା କରା ଯାଇଥିଲା। ବର୍ତ୍ତମାନ ବିଭିନ୍ନ ପ୍ରକାର ସାମାଜିକ ଗଣମାଧ୍ୟମ ଯୁବପିଢିକୁ ପଥଭ୍ରଷ୍ଟ କରୁଛି। ସେଥିରୁ ଦୁରେଇ ରହିବାକୁ ଅତିଥିମାନେ ମାର୍ଗ ଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ, ପ୍ରଚାର ପ୍ରସାର ବିଭାଗ ଟୋଲି ସଦସ୍ୟ ଘନଶ୍ୟାମ ଭୋଇ, ଶରତ କୁମାର ପଣ୍ଡା,ନିକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସୁଧୁରୁନି ଶିକ୍ଷା ବ୍ୟବସ୍ଥା

ସୋନପୁର,୨୨।୭(ମୃତ୍ୟୁଞ୍ଜୟ ଶତପଥୀ)

**■ହାଇସ୍କୁଲରେ ନାହାନ୍ତି ପ୍ରଧାନ ଶିକ୍ଷକ**

**■ଇନ୍‌ଚାର୍ଜରେ ଚାଲିଛି କାମ**

ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜ୍ୟ ସରକାର ହାଇସ୍କୁଲ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିବା କହୁଛନ୍ତି। ୫-ଟି ଜରିଆରେ ବିଦ୍ୟାଳୟ ଭିତ୍ତିଭୂମିର ନବୀକରଣ ସହ ଆଧୁନିକ ଶିକ୍ଷା ପ୍ରଣାଳୀ ପ୍ରଣୟନ କରୁଛନ୍ତି। ୩ ଟି ପର୍ଯ୍ୟାୟରେ ୫-ଟି ଅଧୀନରେ ସୁବର୍ଣ୍ଣପୁର ଜିଲାର ୯୯ଟି ହାଇସ୍କୁଲକୁ ରୂପାନ୍ତରଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଏହାର ଲୋକାର୍ପଣ କରିଚନ୍ତି। ଚତୁର୍ଥ ପର୍ଯ୍ୟାୟରେ ୨୫ଟି ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ଏହିସବୁ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀଗୃହ, ଅଡିଓ ଭିଜୁଆଲ ମାଧମରେ ଡିଜିଟାଲ ଶିକ୍ଷା, ଇ-ଲାଇବ୍ରେରୀ, ବିଜ୍ଞାନାଗାର, ଶୌଚାଳୟ, ପାନୀୟ ଜଳ ଓ ଖେଳପଡିଆର ବ୍ୟବସ୍ଥା କରାଯାଇଛି। ତେବେ ବାହାରୁ ଚକାଚକ୍ ଦେଖା ଯାଉଥିବା ହାଇସ୍କୁଲଗୁଡିକୁ ଦେଖିଲେ ଯିଏ ବି କହିବ ପାଠପଢା ନିହାତି ଭଲ ହେଉଥିବ। ହେଲେ ଜିଲାର ସମସ୍ତ ହାଇସ୍କୁଲଗୁଡିକର ସ୍ଥିତି ଦେଖିଲେ ସୁବର୍ଣ୍ଣପୁର ଜିଲାରେ ଶିକ୍ଷକ ମରୁଡି ଏକ ପ୍ରମୁଖ ସମସ୍ୟା। ଅନେକ ସରକାରୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ନାହାନ୍ତି। ଏପରିକି



ସୋନପୁର ମହାରାଜା ହାଇସ୍କୁଲ।

ଶତାଧିକ ଶିକ୍ଷକ ପଦବୀ ଖାଲି ପଡିଛି। ତେଣୁ ଜିଲାର ଶିକ୍ଷା ବ୍ୟବସ୍ଥା ସୁଧୁରୁନି।

ସରକାରୀ ତଥ୍ୟ ଅନୁଯାୟୀ, ଜିଲାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ମହାରାଜା ହାଇସ୍କୁଲ, ସୋନପୁର ସରକାରୀ ଗାର୍ଲ୍ସ ହାଇସ୍କୁଲ ଓ ତରଭା ହାଇସ୍କୁଲରେ ଦୀର୍ଘ ବର୍ଷ ହେବ ପ୍ରଧାନଶିକ୍ଷକ ପଦବୀ ପୂରଣ ହେଉନି। ଏହି ବିଦ୍ୟାଳୟଗୁଡିକରେ କ୍ଲାସ-୨ ର୍ୟାଙ୍କର ପ୍ରଧାନ ଶିକ୍ଷକ ନିଯୁକ୍ତ ହୋଇଥାନ୍ତି। ପ୍ରଧାନଶିକ୍ଷକମାନେ ଉକ୍ତ ବିଦ୍ୟାଳୟର ଡ୍ରଇଂ ଡିସବର୍ସିଂ ଅଫିସର। ତେବେ ପଦବୀ ପୂରଣ ହେଉ ନ ଥିବାରୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଏହି ୩ଟି ଯାକ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱରେ ଅଛନ୍ତି। ସେହିପରି ଜିଲାରେ ୬୨ଟି ସରକାରୀ ହାଇସ୍କୁଲ ରହିଛି। ଉକ୍ତ ହାଇସ୍କୁଲଗୁଡିକରେ ବରିଷ୍ଠ ମାଧ୍ୟମିକ ଶିକ୍ଷା ସେବା(ପ୍ରଧାନ ଶିକ୍ଷକ) ନିଯୁକ୍ତ ହୁଅନ୍ତି। ପ୍ରଧାନଶିକ୍ଷକ ପଦବୀ ସଂଖ୍ୟା ୬୨ ବଦଳରେ ଅଛନ୍ତି ୪୭। ୧୫ଟି ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି। ଜିଲାରେ ୭ଟି ଅନୁଦାନପ୍ରାପ୍ତ ହାଇସ୍କୁଲରେ ୬ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି। ସେହିପରି ୪୪ଟି ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ସ୍ଥିତି ସମାନ ରହିଛି। ୬ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି। ଇନ୍‌ଚାର୍ଜ ପ୍ରଧାନ ଶିକ୍ଷକରେ ବିଦ୍ୟାଳୟ କାମ ଚାଲିଛି। ସେହିପରି ଟିଜିଟି ଆର୍ଟ୍ସ, ଟିଜିଟି ସିବିଜେଡ୍, ଟିଜିଟି ପିସିଏମ୍, କ୍ଲାସିକାଲ ଟିଚର, ହିନ୍ଦୀ ଶିକ୍ଷକ, ଟ୍ରେନ୍‌ଡ ଇଣ୍ଟରମିଡିଏଟ, ଟ୍ରେନ୍‌ଡ ମାଟ୍ରିକ୍, ପିଇଟି, ଜୁନିୟର କ୍ଲର୍କ ଓ ପିଅନ ଆଦି ଅନେକ ପଦବୀ ଖାଲି ପଡିଛି। ଏମିତି ସ୍ଥିତିରେ ଜିଲାରେ ଶିକ୍ଷା ବ୍ୟବସ୍ଥା କେମିତି ସୁଦୃଢ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟ ଭିତ୍ତିଭୂମି ବିକାଶ ଓ ବିଦ୍ୟାଳୟ ସଜେଇବାକୁ ଯେତିକି ଗୁରୁତ୍ୱ ଦିଆଯାଇଛି ସେହି ଅନୁସାରେ ପ୍ରଧାନଶିକ୍ଷକ ଶିକ୍ଷକ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ ପୂରଣ ଦିଗରେ ଧ୍ୟାନ ଦିଆଯାଉନି। ତେଣୁ ସ୍ମାର୍ଟ ସ୍କୁଲର ମୂଳ ଉଦ୍ଦେଶ୍ୟ ପୂରଣ ହୋଇପାରୁନି କହିଲେ ଚଳେ। ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ପ୍ରଧାନଶିକ୍ଷକ ଓ ଶିକ୍ଷକ ନିଯୁକ୍ତି ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଜିଲାର ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ୧୨ ଘଣ୍ଟିଆ ବେଲପଡା ବନ୍ଦ ଶାନ୍ତିପୂର୍ଣ୍ଣ




ବନ୍ଦ ପାଳନକାରୀ ବେଲପଡାରେ ଶୋଭାଯାତ୍ରା କରୁଛନ୍ତି।

ବେଲପଡା,୨୨।୭(ମନୋଜ କୁମାର ମିଶ୍ର)

ପାଟଣାଗଡ଼ର ପର୍ଶୁରାମ ଛକରେ ଭଗବାନ ପର୍ଶୁରାମଙ୍କ ଫଟୋ ହଟାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବିରୋଧରେ ଶନିବାର ସକାଳ ୬ଟାରୁ ସନ୍ଧ୍ୟା ୬ଟାଏ ୧୨ଘଣ୍ଟିଆ ବେଲପଡା ବନ୍ଦ ପାଳନ କରାଯାଇଥିଲା। ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ବନ୍ଦ ପ୍ରଭାବରେ ସହରର ଦୋକାନ ବଜାର, ସରକାରୀ, ବେସରକାରୀ ଅଫିସ, ସ୍କୁଲ, କଲେଜ ବନ୍ଦ ରହିଥିଲା। ପର୍ଶୁରାମ ବାହିନୀ ଏବଂ ବଜରଙ୍ଗ ଦଳ ସହ ଅନ୍ୟାନ ସଂଗଠନ ବନ୍ଦରେ ସାମିଲ ହୋଇଥିଲେ। ବନ୍ଦ ଡାକରାରେ ବଣିକ ସଂଘ ସମର୍ଥନ ଜଣାଇ ଦୋକାନ ବଜାର ବନ୍ଦ ରଖିଥିଲେ। ହେଲେ ଗାଡି ମୋଟର ଚଳାଚଳ ସ୍ୱାଭାବିକ ରହିଥିଲା। ଗଣ୍ଡଗୋଳ ଆଶଙ୍କା କରି ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଶନିବାର ପଞ୍ଚମ ଦିନରେ ହିନ୍ଦୁ ସମାଜ ପକ୍ଷରୁ ଧାରଣା ଜାରି ରହିଛି।

## ସୁରକ୍ଷା ଲାଗି ସଫା କରାଯାଉଛି ଲଟାବୁଦା




ଲଟାବୁଦା ସଫା କରାଯାଉଛି।

ନୂଆପଡା,୨୨।୭ (ମକାରୁ ବେମାଲ)

**ଭାଲୁ ଆତଙ୍କ**

ନୂଆପଡା ଜିଲା କୋମନା ବ୍ଲକ କୋନାବିରା ପଞ୍ଚାୟତ ଅନ୍ତର୍ଗତ ବିରୁନପଦର ଗାଁ ବିଜାଖମନ ଜଙ୍ଗଲକୁ ଲାଗି କରି ରହିଛି। ଏବେ ଗ୍ରାମବାସୀ ଭାଲୁ ଆତଙ୍କରେ ଆତଙ୍କିତ ହୋଇ ରହିଛନ୍ତି। ଗାଁକୁ ସୁରକ୍ଷା ଦେବା ସହ ଜଙ୍ଗଲ ଭିତରେ କୌଣସି ହିଂସ୍ରଜନ୍ତୁ ଯାଉଥିଲେ ଦୁରରୁ ଦେଖାଯିବା ଲକ୍ଷ୍ୟରେ କୋମନା ବନ ବିଭାଗ ଜଙ୍ଗଲକୁ ଲାଗି ରହିଥିବା ଲଟାବୁଦା ସବୁ ସଫା କରୁଛି। ୩୫୩ ନମ୍ବର ଜାତୀୟ ରାଜପଥଠାରୁ ବିରୁନପଦର ଗାଁକୁ ବିଜାଖମନ ଜଙ୍ଗଲ ଦେଇଯିବାକୁ ପଡେ। ଘଟଣା ଘଟିଗଲା ଦିନଠାରୁ ସେହି ରାସ୍ତାରେ ଲୋକେ ଯିବା ପାଇ ଭୟ କରୁଛନ୍ତି। ବିରନପଦରର ଲୋକେ ପାଣ୍ଡେଲବାହାଲି, ବିଲେଇଅଞ୍ଚର ଦେଇ ୩୫୩ ନମ୍ବର ଜାତୀୟ ରାଜପଥକୁ ଆସୁଛନ୍ତି । ଜାତୀୟ ରାଜପଥକୁ ଆସିଲା ପରେ ଯିଏ ଯେଉଁ ବାଟେ ଯିବା କଥା ଯାଏ । ଭୟରେ ୧ କିମି ପରିବର୍ତ୍ତେ ୫ କିମି ବୁଲି କି ଯିବାକୁ ପଡୁଛି। ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଲଟାବୁଦା ସହ ଜଙ୍ଗଲ ଭିତରେ ଥିବା ଲଟା ଓ ବୁଦା ସବୁ ସଫା କରାଯାଉଛି। ୩୫୩ ନମ୍ବର ଜାତୀୟ ରାଜପଥର ଡାହାଣକୁ ବିଜା ଖମନ ରହିଥିବା ବେଳେ ବାମକୁ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ,କୃଷି ବଭାଗ,ସମନ୍ୱିତ ଶିଶୁ ବିଭାଗ,ଅଗ୍ନିଶମ ବିଭାଗ ସହ ଅନ୍ୟାନ୍ୟ କାର୍ଯ୍ୟାଳୟ ମାନ ରହିଛି । କାର୍ଯ୍ୟାଳୟକୁ ଲାଗି ଛୋଟ ବଡ ଦୋକାନ ମଧ୍ୟ ରହିଛି। ଭାଲୁ ଆତଙ୍କ ପରଠାରୁ ଅଫିସ ମାନଙ୍କୁ ମଧ୍ୟ ଲୋକେ ଆସିବା ପାଇଁ ଡରୁଛନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ସଫା କରାଯାଉଛି। ଦୁରରୁ ଦେଖିଲେ ସବୁ ଜଣା ପଡିବ ବୋଲି ରେଞ୍ଜର ଦେବଦତ ସୂତାର ପ୍ରକାଶ କରିଛନ୍ତି।

# ବର୍ଷା ହେଲେ ଇଟା ପକାଇ ପାଠ ପଢୁଛନ୍ତି ଛାତ୍ରୀଛାତ୍ର





ଛାତ୍ରୀଛାତ୍ର ଇଟା ପକାଇ ବସି ପାଠ ପଢୁଛନ୍ତି।

ବିନିକା,୨୨।୭(ରାମ ଗୋପାଳ ବାଘ)

**ନୂଆପାଲି ପ୍ରାଥମିକ ବିଦ୍ୟାଳୟ**

**■ଶିକ୍ଷା ବିଭାଗର ବିକଳ ଚିତ୍ର**

**■ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳର ୧୨ ନମ୍ବର ୱାର୍ଡରେ ଥିବା ନୂଆପାଲି ପ୍ରାଥମିକ ବିଦ୍ୟାଳୟ ନା ନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ଦୁଇଟି ଶ୍ରେଣୀ ଗୃହ ରହିଛି। ସେଥିରୁ ଗୋଟିଏ କୋଠା ଘର ହୋଇଥିବା ବେଳେ ଗୋଟିଏ ଘରର ଆଜବେଷ୍ଟସ ଛାତ ରହିଛି । ଗତ ଲଗାଣ ବର୍ଷାରେ ବିଦ୍ୟାଳୟ କୋଠରୀ ଭିତରେ ପାଣି ଜମି ରହିଥିବାରୁ ଛାତ୍ରୀଛାତ୍ର ଇଟା ପକାଇ ତା ଉପରେ ବସି ପାଠ ପଢିବା ଦେଖିବାକୁ ମିଳିଥିଲା । ଆଜବେଷ୍ଟସ ଭାଙ୍ଗି ଯାଇଥିବାରୁ ବର୍ଷା ହେଲେ ପାଣି ଗଳୁଛି। ଫଳରେ ଶ୍ରେଣୀଗୃହରେ ପାଣି ଜମି ପାଠପଢା ବ୍ୟାହତ ହେଉଛି। ଏନେଇ ବାରମ୍ବାର ଅଭିଯୋଗ କରାଗଲେ ମଧ କୌଣସି ପ୍ରତିକାର କରାଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି । ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଥିବା କହୁଥିବା ବେଳେ ଏଠାରେ ତାର ବିକଳ ଚିତ୍ର ଦେଖିବାକୁ ମିଳିଛି। ବାରଣ୍ଡାରେ ଛାତ୍ରୀଛାତ୍ରଙ୍କୁ ନ ବସାଇବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ ଶ୍ରେଣୀ କୋଠରୀ ଅଭାବରୁ ବାରଣ୍ଡାରେ ପାଠ ପଢାଇବାକୁ ଶିକ୍ଷୟିତ୍ରୀଶିକ୍ଷକ ବାଧ ହେଉଛନ୍ତି। ସେହିପରି ୨୦୦୮ ମସିହାରୁ ଆରମ୍ଭ ହୋଇଥିବା ରୋଷଇ ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଛି। ଏଥିଯୋଗୁ ମଧ୍ୟାହ୍ନ ଭୋଜନ ପାଇଁ ସମସ୍ୟା ହେଉଛି। ଗ୍ରାମବାସୀ ବିଗତ ଦିନରେ ବିଭିନ୍ନ ସମସ୍ୟା ନେଇ ବହୁବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଜିଲାପାଳ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜିପର୍ଯ୍ୟନ୍ତ ପରିସ୍ଥିତି ବଦଳିନାହିଁ। ବିନିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ କରାଯାଇଛି। କିନ୍ତୁ କେହି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କୁ ପଚାରିବାରେ ବିଡିଓଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର

ଭବାନୀପାଟଣା,୨୨।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଘରୋଇ ସ୍କୁଲ ସଂଘର କର୍ମକର୍ତ୍ତାମାନେ ଶନିବାର ଜିଲା ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରିଛନ୍ତି। ସିଓଆର ଓ ଆରଟିଇ ପ୍ରତିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆରଟିଇ ଅର୍ଥ ମଞ୍ଜୁର ହୋଇ ପଡ଼ିରହିଥିବା ସତ୍ତ୍ୱେ ସ୍କୁଲଗୁଡିକୁ ପ୍ରତିପୂରଣ ଦିଆଯାଉ ନ ଥିବାରୁ ସରକାର ଶୀଘ୍ର ବକେୟା ରାଶି ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଘରୋଇ ସ୍କୁଲଗୁଡିକ ସରକାରୀ ନିୟମ ମୁତାବକ ୨୫ ପ୍ରତିଶତ ମାଗଣା ଶିକ୍ଷା ଦାନ ଦେଇଥାନ୍ତି। ଯାହାକୁ ସରକାର ସମୟାନୁସାରେ ପ୍ରତିପୂରଣ କରିବା ନିୟମ ରହିଛି। କିନ୍ତୁ ବର୍ଷ ବର୍ଷ ଧରି ଏହି ପ୍ରାପ୍ୟ ନ ଦେବାରୁ ସ୍କୁଲଗୁଡିକ ଉପରେ ବୋଝ ବଢ଼ିଯାଉଛି। ନିଜ ଭିତ୍ତିଭୂମି ଥିବା ଘରୋଇ ସ୍କୁଲକୁ ଆଜୀବନ ଓ ଭଡା ଘରେ ପରିଚାଳନା ହେଉଥିବା ଘରୋଇ ସ୍କୁଲକୁ ୧୦ ବର୍ଷର ସିଓଆର ଦେବା ପାଇଁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ କଳାହାଣ୍ଡି ଜିଲା ଘରୋଇ ସ୍କୁଲ ସଂଘର ଚେୟାରମ୍ୟାନ ଡ଼. ଶିବରାମ ନାୟକ, ଭାଇସ ଚ୍ୟାୟରମ୍ୟାନ ଯୌସୁଭ ଅହମ୍ମଦ, ସମ୍ପାଦକ ଡ. ଯାହାଙ୍ଗୀର ଖାଁ, ସଦସ୍ୟ ଅଜୟ ପଣ୍ଡା, ମୀନକେତନ ବାଗ, ସିମାଞ୍ଚଳ ତ୍ରିପାଠୀ, ବୃଷଭ ଦାସ, ନରେଶ ସୁନାନୀ, ଶୁଭମ ଦାସ, ସୁଶାନ୍ତ ନାଏକ, ସୁରେନ୍ଦ୍ର ଚନ୍ଦନ, ରଘୁନାଥ ଭୋଇ, ସୁଦାମ ଦୁବେ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଦ୍ୟାଳୟ କ୍ୟାବିନେଟ ସଦସ୍ୟ ଶପଥ ନେଲେ

ଅମରପାଲି,୨୨।୭(ପୀତାମ୍ବର ସାହୁ)

**କୁମାରକେଲି ୟୁପି ସ୍କୁଲରେ ଛାତ୍ର କ୍ୟାବିନେଟ ଗଠନ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଛାତ୍ର କ୍ୟାବିନେଟର ମନ୍ତ୍ରୀମାନେ ଶନିବାର ଶପଥ ଗ୍ରହଣ କରିଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୬ ଜଣ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଧାରଣ ସଭା ଆୟୋଜନ କରାଯାଇ ଛାତ୍ର କ୍ୟାବିନେଟ ଗଠନ କରାଯାଇଛି । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲୀପ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଶିକ୍ଷକ ଶିବରାମ ଚାନ୍ଦ ବିଦ୍ୟାଳୟରେ ମନ୍ତ୍ରୀ ମଣ୍ଡଳର ଆବଶ୍ୟକତା ଓ ଗଠନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧାରଣ ସଭାରେ ମନୋନୟନ ପ୍ରକ୍ରିୟାରେ ଅଷ୍ଟମ ଶ୍ରେଣୀ ଛାତ୍ର ରଜତ ବେହେରା ମୁଖ୍ୟମନ୍ତ୍ରୀ ରୂପେ ମନୋନୀତ ହୋଇଥିବା ବେଳେ ସେହି ଶ୍ରେଣୀର ଛାତ୍ରୀ ସବ୍ୟାସିନୀ ମେହେର ଉପ ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହୋଇଛନ୍ତି । ଶିକ୍ଷା ବିଭାଗ ପାଇଁ ତରଣୀ ପଧାନ କ୍ୟାବିନେଟ ଓ ଇପ୍ସିତା ଶତପଥୀ ଉପମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ପାଇଁ ଅଞ୍ଜଳି ବେହେରା କ୍ୟାବିନେଟ ଓ ଆକାଶ ନାଏକ ଉପ ମନ୍ତ୍ରୀ, କ୍ରୀଡା ଓ ସଂସ୍କୃତି ମନ୍ତ୍ରଣାଳୟ ପାଇଁ ବଲ୍ଲଭି ମହାପାତ୍ର କ୍ୟାବିନେଟ ଓ ଟିକୁ ବେହେରା ଉପ ମନ୍ତ୍ରୀ, ପରିବେଶ ମନ୍ତ୍ରୀ ଭାବେ ମୁକେଶ ପଧାନ କ୍ୟାବିନେଟ ଓ ଜ୍ୟୋତି ବାରିକ ଉପ ମନ୍ତ୍ରୀ, ଖାଦ୍ୟ ବିଭାଗ ପାଇଁ ଦିବ୍ୟାଂଶୁ ପଧାନ କ୍ୟାବିନେଟ ଓ ନମ୍ରତା ଭୋଇ ଉପ ମନ୍ତ୍ରୀ ଏବଂ ସୂଚନା ବିଭାଗ ପାଇଁ ସୁନନ୍ଦା ପଧାନ କ୍ୟାବିନେଟ ଓ ଥବୀର ବେହେରା ଉପ ମନ୍ତ୍ରୀ ଭାବେ ମନୋନୀତ ହୋଇଥିଲେ । ବିଦ୍ୟାଳୟର ଅନ୍ୟତମ ସହକାରୀ ଶିକ୍ଷକ ନରେନ୍ଦ୍ର ନାଗ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିବା ବେଳେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଛାତ୍ର ତ୍ରିଲୋଚନ ପେରା ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହୃଷୀକେଶ ଚାନ୍ଦ ପରିଚାଳନା କରିଥିଲେ। ମନ୍ତ୍ରୀମାନେ ବିଦ୍ୟାଳୟର ସମସ୍ତ ନିୟମ କାନୁନ ମାନିବା ସହ ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ କରିବା ଏବଂ ସର୍ବୋପରି ବିଦ୍ୟାଳୟର ନାଁ ରଖିବାକୁ ଶପଥ ନେଇଥିଲେ। ଛାତ୍ର କ୍ୟାବିନେଟ ଗଠନ ସହ କେବଳ ଛାତ୍ରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ମୀନା ମନ୍ତ୍ରୀ ଭାବେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରୁ ୧୫ ଜଣ ଛାତ୍ରୀ ମନୋନୀତ ହୋଇଛନ୍ତି ।



କୁମାରକେଲି ୟୁପି ସ୍କୁଲର ସ୍କୁଲ କ୍ୟାବିନେଟର ମନ୍ତ୍ରିମଣ୍ଡଳ ଓ ଶିକ୍ଷକମାନେ।

# ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟିତଳୁ ଜବତ ହେଲା ଶିଶୁ ମୃତଦେହ

ଡୁଙ୍ଗୁରିପାଲି,୨୨।୭(ଦୀନବନ୍ଧୁ ସୁନା)

**■ଓଭରଡୋଜ୍ ଭାକ୍ସିନ୍ ଦେବାରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ**

**■ରାମପୁର ଥାନାରେ ବାପାଙ୍କ ଅଭିଯୋଗ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅଞ୍ଚଳରେ ଓଭରଡୋଜ୍ ଭାକ୍ସିନ୍ ଦେବାରୁ ଏକ ଦୁଇମାସର ଶିଶୁପୁତ୍ରର ଅକାଳ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ଶିଶୁପୁତ୍ରର ପିତା ଧାନବସା ଗ୍ରାମର ନରେନ୍ଦ୍ର ସାଣ୍ଢ ଗୁରୁବାର ଥାନାରେ ଅଭିଯୋଗ କରି ନ୍ୟାୟ ପାଇଁ ନିବେଦନ କରିବାର ଦିନକ ପରେ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟିତଳୁ ଶିଶୁପୁତ୍ରର ମୃତଦେହ ଜବତ କରିଛି ।

ପ୍ରକାଶ ଯେ,ରାମପୁର ଥାନା ମାୟାବର୍ହା ପଞ୍ଚାୟତ ଧାନବସା ଗ୍ରାମର ନରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ପ୍ରମୋଦିନୀ ଶିଶୁପୁତ୍ରକୁ ଭାକ୍ସିନ୍ ଦେବା ପାଇଁ ବୁଧବାର ସକାଳେ ମାୟାବର୍ହାସ୍ଥିତ ଜୀବନଦାଦର ଅଙ୍ଗନବାଡି କେନ୍ଦ୍ର (କ)କୁ ଯାଇଥିଲେ। ସେଠାରେ ମାୟାବର୍ହା ସାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ୍(ସ୍ୱାସ୍ଥ୍ୟକର୍ମୀ)ଏକାସାଙ୍ଗରେ ଚାରୋଟି ଭାକ୍ସିନ୍ ଶିଶୁକୁ ଦେଇଥିଲେ। ପୁଅକୁ ଧରି ମା’ ବାପା ଘରକୁ ଚାଲି ଆସିଥିଲେ। କିନ୍ତୁ ଭାକ୍ସିନ୍ ନେଇଥିବା ଶିଶୁପୁତ୍ର ସେହିଦିନ ବିଳମ୍ବିତ ରାତିରେ ଅଚେତ ହୋଇ ପଡ଼ିଥିଲା। ଫଳରେ ଉଭୟ ମା’ବାପା ପୁଅକୁ ଧରି ବରପାଲି ମେଡିକାଲକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ନେଉଥିବା ବେଳେ ବାଟରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା। ଫଳରେ ଶିଶୁକୁ ଧରି ସେମାନେ ଘରକୁ ଫେରିବା ସହ ଗାଁ ମଶାଣିରେ ମୃତଦେହ ପୋତି ଦେଇଥିଲେ। ଏନେଇ ଶିଶୁର ପିତା ସାଣ୍ଢ ଥାନାରେ ଅଭିଯୋଗ କରିବା ପରେ ରାମପୁର ଥାନା ଏସ୍‌ଆଇ ଅବିନାଶ ପଧାନ, ଏଏସଆଇ ଜେ.ଡି. ମୋହନ ପଧାନ ଶନିବାର ସକାଳେ ଧାନବସା ଗ୍ରାମକୁ ଯାଇଥିଲେ। ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧାଙ୍କ ଉପସ୍ଥିତିରେ ଗାଁ ମଶାଣି ପଡିଆର ଯେଉଁସ୍ଥାନରେ ଶିଶୁକୁ ପୋତା ଯାଇଥିଲା, ସେଠାରେ ମାଟି ଖୋଳାଯାଇ ମୃତଦେହ ଜବତ କରାଯାଇଥିଲା। ମୃତଦେହ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ରାମପୁର ଥାନାରେ ଆଇପିସିର ଦଫା ୩୦୪(ଏ)ରେ ଏକ ମାମଲା ରୁଜୁ ହୋଇଛି। କେସ୍ ନମ୍ବର ୮୧/୨୩। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଆହୁରି ଅଧିକ ତଥ୍ୟ ଜଣାପଡିବ ବୋଲି ଏସ୍‌ଆଇ ପଧାନ ପ୍ରକାଶ କରିଛନ୍ତି। ତଦନ୍ତ ଜାରି ରହିଛି।



ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଓ ପୋଲିସ।

## ସଂକ୍ଷେପରେ

### ଟଙ୍କା ନେଣଦେଣକୁ ନେଇ ମାର ପିଟ୍

**ବଡ଼ଗାଁ,୨୨।୭(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ଗ୍ରାମରେ ଟଙ୍କା ନେଣଦେଣକୁ ନେଇ ୨ ପକ୍ଷ ମଧ୍ୟରେ ମାଡପିଟ ହେଇଛି। ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ରାଜନ୍ ପଲେଇ ଓ ପ୍ରକାଶ ପଲେଇଙ୍କ ମଧ୍ୟରେ ଟଙ୍କା ଫେରସ୍ତକୁ ନେଇ ଗଣ୍ଡଗୋଳ ଓ ମାରପିଟ୍ ହୋଇଥିଲା। ରାଜନଙ୍କ ଅଭିଯୋଗ ଆଧାରରେ ପୋଲିସ ପ୍ରକାଶ ଓ ତାଙ୍କ ପୁଅ ସୁରଜ୍‌ଙ୍କ ନାମରେ ମାମଲା ରୁଜୁ କରିଥିଲାବେଳେ ପ୍ରକାଶଙ୍କ ଅଭିଯୋଗ ଆଧାରରେ ରାଜନଙ୍କ ନାମରେ ମାମଲା ରୁଜୁ ହୋଇଛି।

### ସର୍ପାଘାତରେ ଯୁବକ ମୃତ

**ବଡ଼ଗାଁ,୨୨।୭(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଲେଲେପଡା ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ମହେନ୍ଦ୍ର ପ୍ରଧାନ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ରାତିରେ ଖାଇପିଇ ମହେନ୍ଦ୍ର ଘରେ ସୋଇଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଥିଲା। ପରିବାର ଲୋକେ ଜାଣିବାପରେ ପ୍ରଥମେ ତାଙ୍କୁ ବଡ଼ଗାଁ ଓ ପରେ ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହେଲେ ସଞ୍ଜିତା

**ବିଶ୍ରା,୨୨।୭(ବଟକୃଷ୍ଣ ସ୍ୱାଇଁ):** ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ବାରସୁଆଁ ଗ୍ରାମର ସଞ୍ଜିତା ମାହାନ୍ତ ଓଡ଼ିଶା ସରକାରଙ୍କ କଲ୍ୟାଣ ବିଭାଗରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଭାବେ ନିଯୁକ୍ତି ପାଇଛନ୍ତି। ସେ ବାରସୁଆଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଅଶୋକ କୁମାର ମାହାନ୍ତ, ମାତା ସରସ୍ୱତୀଙ୍କ ଝିଅ। ଏହି ଖବର ପ୍ରକାଶ ପରେ ସଞ୍ଜିତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଲୋକସଭା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୨୯ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

### କଡ଼ାକଡ଼ି ହେଉ ପାଟ୍ରୋଲିଂ



**ସବ୍‌ଡେଗା,୨୨।୭(ଅନନ୍ତ ପଟେଲ):** ସୁନ୍ଦରଗଡ ଜିଲା ସବ୍‌ଡେଗା ଅଞ୍ଚଳରେ ଦିନକୁ ଦିନ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏନେଇ ରାତିରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ତଳସରା ଥାନାରେ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ଥାନା ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ରାତିର ସୁଯୋଗ ନେଇ ଚୋରମାନେ କାହାଗାଡିର ବ୍ୟାଟେରୀ, ଟ୍ରାକ୍ଟର ଲଙ୍ଗଳ, ମୋଟର ପମ୍ପ ତ କେତେବେଳେ ଟ୍ରାନ୍ସଫର୍ମରରୁ ତମ୍ବା ତାର ଚୋରି କରୁଥିବାର ନଜରକୁ ଆସୁଛି। ଏଥି ପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ରାତ୍ରି ପାଟ୍ରୋଲିଂ କୁ କଡାକଡି କଲେ ଚୋରଙ୍କ ମନରେ ଭୟ ପଶିବ ବୋଲି ଗ୍ରାମବାସୀ କହିଛନ୍ତି।

# ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ

- ସମଲାଇମୁଣ୍ଡା ମିଶନ ବିଦ୍ୟାଳୟ
- ଗୋଟିଏ ଶ୍ରେଣୀଗୃହରେ ପାଠପଢ଼ୁଛନ୍ତି ଛାତ୍ରୀଛାତ୍ର

**କୁତ୍ରା,୨୨।୭(ଦେବାଶିଷ ସାହୁ)**



ବିପର୍ଯ୍ୟସ୍ତ ଶ୍ରେଣୀଗୃହରେ ଛାତ୍ରୀଛାତ୍ରମାନେ ପାଠପଢ଼ୁଛନ୍ତି।

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା କରୁଛନ୍ତି। ବିଦ୍ୟାଳୟଗୁଡିକୁ ୫-ଟିରେ ଅନ୍ତର୍ଭୁକ୍ତ କରି ରୂପାନ୍ତରଣ କାର୍ଯ୍ୟ କରୁଛନ୍ତି। କିନ୍ତୁ ଅନେକ ବିଦ୍ୟାଳୟ ଏବେ ମଧ୍ୟ ସରକାରଙ୍କ ଆଢୁଆଳରେ ରହି ଯାଇଛି। ଏଭଳି ବିଦ୍ୟାଳୟ ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ସମଲାଇମୁଣ୍ଡା ଗ୍ରାମରେ। ଏଠାରେ ରହିଛି ମିଶନ ପ୍ରାଥମିକ ବିଦ୍ୟାଳୟ। ବର୍ତ୍ତମାନର ସ୍ଥିତିକୁ ଦେଖିବାକୁ ଗଲେ ଏହି ବିଦ୍ୟାଳୟରେ ଜଣେ ମଧ୍ୟ ଶିକ୍ଷକ ଶିକ୍ଷା ବିଭାଗ ପକ୍ଷରୁ ନିୟୋଜିତ ହୋଇନାହାନ୍ତି। କେବଳ ୨ ଜଣ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିୟୋଜିତ ହୋଇ ପାଠ ପଢାଉଛନ୍ତି। ଏଠାରେ ଚାଲିଥିବା ଶିକ୍ଷା ବ୍ୟବସ୍ଥାକୁ ଦେଖିଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରାରମ୍ଭିକ ଶିକ୍ଷାରୁ କେତେ ବିପର୍ଯ୍ୟସ୍ତ ବେଶ ଅନୁମେୟ ହେଉଛି। ଏହି ବିଦ୍ୟାଳୟଟି ସରକାରୀ ସାହାଯ୍ୟପ୍ରାପ୍ତ ହୋଇଥିବା ବେଳେ କ୍ୟାଥଲିକ ବୋର୍ଡ ଅଫ ଏଜୁକେଶନ ଦ୍ୱାରା ପରିଚାଳିତ। ବର୍ତ୍ତମାନ ପ୍ରଥମରୁ ୫ମ ଶ୍ରେଣୀରେ ସମୁଦାୟ ୨୭ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଶ୍ରେଣୀ ଗୃହ ଅଭାବରୁ ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ର ଗୋଟିଏ ଶ୍ରେଣୀ ଗୃହ ଏବଂ ୪ର୍ଥ ଓ ୫ମ ଶ୍ରେଣୀର ଛାତ୍ରୀଛାତ୍ର ଅନ୍ୟ ଏକ ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି। ଏଠାରେ ନିଯୁକ୍ତି ପାଇଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ୫ ବର୍ଷ ପୂର୍ବେ ଅନ୍ୟ ଏକ ବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇ ଡେପୁଟେସନରେ ପଠାଯାଇଥିଲା। ସେହି ଦିନଠାରୁ ସେ କେବଳ ଅଫିସିଆଲ କୌଣସି କାର୍ଯ୍ୟ ରହିଲେ ବିଦ୍ୟାଳୟକୁ ଆସିଥାନ୍ତି। କାମ ସରିଲାପରେ ପୁଣି ଚାଲିଯାଆନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟର ଗୃହଗୁଡିକ ମଧ୍ୟ ପାଠପଢା ନିମନ୍ତେ ଅନୁପଯୁକ୍ତ ଥିବା ଦେଖିବାକୁ ମିଳିଛି। ତେଣୁ ଏଠାରେ ଶ୍ରେଣୀ ଗୃହ ଗୁଡିକର ଉନ୍ନତୀକରଣ ସହ ଶୀଘ୍ର ଶିକ୍ଷକ ନିଯୁକ୍ତି ପ୍ରଦାନ ପାଇଁ ଅଭିଭାବକ ତଥା ସ୍ଥାନୀୟ ଜନସାଧାରଣ ଦାବି କରୁଛନ୍ତି। ଏନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ କୁମାର ପତିଙ୍କୁ ପଚାରିବାରୁ, ମିଶନ ସ୍କୁଲରେ ଶିକ୍ଷକ କିମ୍ବା କୌଣସି ନିର୍ମାଣ କାର୍ଯ୍ୟ ଶିକ୍ଷା ବିଭାଗ କରିପାରିବ ନାହିଁ। ଏହା କେବଳ ମିଶନାରୀ ବିଭାଗ ବୁଝିବ ବୋଲି ସେ କହିଥିଲେ।

# ୧୨ ଘଣ୍ଟିଆ ବେଲପଡା ବନ୍ଦ ଶାନ୍ତିପୂର୍ଣ୍ଣ

**ବେଲପଡା,୨୨।୭(ମନୋଜ କୁମାର ମିଶ୍ର)**

ପାଟଣାଗଡ଼ର ପର୍ଶୁରାମ ଛକରେ ଭଗବାନ ପର୍ଶୁରାମଙ୍କ ଫଟୋ ହଟାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବିରୋଧରେ ଶନିବାର ସକାଳ ୬ଟାରୁ ସନ୍ଧ୍ୟା ୬ଟାଏ ୧୨ଘଣ୍ଟିଆ ବେଲପଡା ବନ୍ଦ ପାଳନ କରାଯାଇଥିଲା। ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ବନ୍ଦ ପ୍ରଭାବରେ ସହରର ଦୋକାନ ବଜାର, ସରକାରୀ, ବେସରକାରୀ ଅଫିସ, ସ୍କୁଲ, କଲେଜ ବନ୍ଦ ରହିଥିଲା। ପର୍ଶୁରାମ ବାହିନୀ ଏବଂ ବଜରଙ୍ଗ ଦଳ ସହ ଅନ୍ୟାନ ସଂଗଠନ ବନ୍ଦରେ ସାମିଲ ହୋଇଥିଲେ। ବନ୍ଦ ଡାକରାରେ ବଣିକ ସଂଘ ସମର୍ଥନ ଜଣାଇ ଦୋକାନ ବଜାର ବନ୍ଦ ରଖିଥିଲେ। ହେଲେ ଗାଡି ମୋଟର ଚଳାଚଳ ସ୍ୱାଭାବିକ ରହିଥିଲା। ଗଣ୍ଡଗୋଳ ଆଶଙ୍କା କରି ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଶନିବାର ପଞ୍ଚମ ଦିନରେ ହିନ୍ଦୁ ସମାଜ ପକ୍ଷରୁ ଧାରଣା ଜାରି ରହିଛି।

# ଜବରଦଖଲ ଉଚ୍ଛେଦ ପାଇଁ ରାସ୍ତା ଅବରୋଧ



ଧାରଣାରେ ବସିଥିବା ଗ୍ରାମବାସୀ।

**ଲହୁଣୀପଡା,୨୨।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଦର୍ଜୀଂ ପଞ୍ଚାୟତ ଗୌଡୁଣୀପୋଷ ମୁଣ୍ଡା ସାହରେ ରାସ୍ତା ନିର୍ମାଣ ପାଇଁ ବେନିୟମ ଜବର ଦଖଲକାରୀମାନେ ଜାଗା ନ ଛାଡିବାରୁ ଗ୍ରାମବାସୀ ଶନିବାର ୧୪୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଲୋକଙ୍କ ସହିତ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ୟା ଉପରେ ଅବଗତ ହେବା ସହିତ ଜବରଦଖଲକାରୀ ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ ନ କଲେ ପୋଲିସ ଓ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ। ଏଥିସହ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଇଥିଲେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୌଡୁଣୀପୋଷ ଗ୍ରାମର କୁମ୍ଭାର ସାହିଠାରୁ ମୁଣ୍ଡା ସାହି ଲୋକଙ୍କ ପାଇଁ ଏକ ରାସ୍ତା ଅଛି। ଉକ୍ତ ରାସ୍ତାର ଚଉଡା ୧୫ ଫୁଟରୁ ଉର୍ଦ୍ଧ୍ୱ ଥିବାବେଳେ ବର୍ତ୍ତମାନ ସଙ୍କୁଚିତ ହୋଇ ପ୍ରାୟ ୬/୮ ଫୁଟରେ ପରିଣତ ହୋଇଛି। ତଥାପି ଲୋକେ ଉକ୍ତ ସଙ୍କୁଚିତ ରାସ୍ତା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଉକ୍ତ ସାହିର ୩ ରୁ ୪ ପରିବାର ସରକାରୀ ରାସ୍ତାକୁ ବେନିୟମଭାବେ ବଳପୂର୍ବକ ଜବରଦଖଲ କରିବାରୁ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ହୋଇ ପାରିନାହିଁ। ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ଯୋଜନାର ପାଣ୍ଠି ଆସୁଥିଲେ ମଧ୍ୟ ସେମାନଙ୍କ ବିରୋଧ ଯୋଗୁଁ ପାଣ୍ଠି ପଡି ରହିବା କିମ୍ବା ଫେରିଯିବା ଭଳି ସମସ୍ୟା ହେଉଛି। ଏ ସଂକ୍ରାନ୍ତରେ ସାହିରଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିବାରୁ ୨୦୧୩-୧୪ରେ ରାସ୍ତାର ଚିହ୍ନଟ କରାଯାଇଥିଲା। ରାସ୍ତା ନିର୍ମାଣ ସମୟରେ ସରକାରୀ ଜାଗାକୁ ଛାଡ଼ିଦେବୁ ବୋଲି ପ୍ରଶାସନ ନିକଟରେ ଜବରଦଖଲକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କାମ ସମୟରେ ବିଭିନ୍ନ ପ୍ରକାର ଆଳ ଦେଖାଇ ଜାଗା ଛାଡୁ ନଥିଲେ। ଫଳରେ ଉକ୍ତ ସାହିର ପ୍ରାୟ ୨୫ ପରିବାର ଭଲ ରାସ୍ତା ପାଇବାରୁ ବଞ୍ଚିତ ହେବା ସହିତ ବର୍ଷା ଦିନରେ ଆଜିବି କାଦୁଅ ପଚ ପଚ ରାସ୍ତାରେ ନିର୍ଭର କରି ଆସୁଛନ୍ତି। ଏ ସଂକ୍ରାନ୍ତରେ ଉକ୍ତ ସାହିର ଲୋକମାନେ ଜିଲା ପାଳଙ୍କ ଯୁଗ୍ମ ଜନ ଶୁଣାଣୀରେ ଭିନ୍ନ ଭିନ୍ନ ସ୍ଥାନରେ ପହଞ୍ଚି ଲିଖିତ ଅଭିଯୋଗ ଦେଇଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ପୁନଶ୍ଚ ଉକ୍ତ ରାସ୍ତା ନିର୍ମାଣ ପାଇଁ ଲହୁଣୀପଡା ବ୍ଲକ ଦର୍ଜୀଂ ପଞ୍ଚାୟତ ତରଫରୁ ଅନୁଦାନ ଦିଆଯାଇଥିଲା। କାମ ଆରମ୍ଭ ହେବାରୁ ବେନିୟମ ଜବରଦଖଲ କାରୀମାନେ ପ୍ରବଳ ବିରୋଧ କରି ରାସ୍ତା ଅବରୋଧ କରିଥିଲେ।

### ବଳାତ୍କାର ଅଭିଯୋଗରେ ୩ ଗିରଫ

### ନିଶା ପାଇଁ ସାଙ୍ଗ ହାତରେ ସ୍ତ୍ରୀକୁ ଟେକିଦେଲେ ସ୍ୱାମୀ

**ରାଉରକେଲା, ୨୨।୭ (ସଙ୍ଗୀତା ଜେନା)**

ନିଶା ପାଇଁ ମଣିଷ ଯେକୌଣସି ଅପରାଧ କରିବାକୁ ପଛାଏ ନାହିଁ। ଏଭଳି ଏକ ଘଟଣା ଶନିବାର ଲୋକଲୋଚନକୁ ଆସିଛି। ଡ୍ରଗ୍ସ ପାଇଁ ସ୍ୱାମୀ ନିଜ ସ୍ତ୍ରୀକୁ ଅନ୍ୟ ପୁରୁଷମାନଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ଏପରିକି ସ୍ୱାମୀ ନିଶାଗ୍ରସ୍ତ ହୋଇ ସ୍ତ୍ରୀକୁ ଜଣେ ସାଙ୍ଗ ହାତରେ ଟେକି ଦେବା ପରେ ସାଙ୍ଗ ଜଣଙ୍କ ତାଙ୍କୁ ଏକ କାର୍ ଯୋଗେ ନେଇ ଯାଇଥିଲେ। ପରେ ଏ ନେଇ ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ସମ୍ବେଦନଶୀଳ ମାମଲାର ତଦନ୍ତ କରି ସ୍ୱାମୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାନପୋଷ ଜାମିଆ କଲୋନୀର ମୋଜାମ୍ମିଲ ହୁସେନ(୩୧), ନୁର ମସଜିଦ୍‌ର ଏମଡ଼ି ଅଫ୍ରୋଜ (୩୮) ଏବଂ କାର୍ ଚାଳକ ଜାମିଆ କଲୋନୀର ଦାନିଶ ହୁସେନ୍(୨୯)। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଏକ ମାମଲା (ନଂ.୨୪୫।୨୩) ରୁଜୁ ହୋଇଛି।

# ବର୍ଷାପାଣି ଘେରରେ ଡାକ ବଙ୍ଗଳା



ପାଣି ଘେରରେ ଡାକ ବଙ୍ଗଳା।

**ଲହୁଣୀପଡା,୨୨।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡାସ୍ଥିତ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଡାକ ବଙ୍ଗଳା ଜଳବନ୍ଦୀ ହୋଇ ରହିଥିବା ଦେଖିବାକୁ ମିଳିଛି। ବ୍ଲକ ସଦର ମହକୁମାରେ ମାତ୍ର ଗୋଟିଏ ଡାକ ବଙ୍ଗଳା ଥିବାରୁ ସରକାରୀ ଅଧିକାରୀ, ରାଜନୈତିକ ନେତା ଏବଂ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସାଧାରଣ ଲୋକେ ନିର୍ଭର କରିଥାନ୍ତି। ଏଥି ସହିତ ରାତ୍ରି ଯାପନ ପାଇଁ ମଧ୍ୟ ପରିଦର୍ଶକମାନେ ନିର୍ଭରଶୀଳ ହୋଇଥାନ୍ତି। ହେଲେ ସାମାନ୍ୟ ବର୍ଷା ହେଲେ ଡାକ ବଙ୍ଗଳା ମୁଖ୍ୟ ଫାଟକରେ ପାଣି ଜମି ଯାଇଥିବା ବେଳେ ଅଧିକ ବର୍ଷା ହେଲେ ଡାକ ବଙ୍ଗଳା ଭିତରେ ମଧ୍ୟ ପାଣି ଜମି ରହୁଛି। ଅନ୍ୟପକ୍ଷେ ଡାକ ବଙ୍ଗଳାର ସମ୍ମୁଖ ଭାଗରେ ଥିବା ଡ୍ରେନ ପୋତି ହୋଇ ଯାଇଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଡାକ ବଙ୍ଗଳା ପଟରୁ ପାଣି ନିଷ୍କାସନ ହେବାପାଇଁ ଏକ ହୋମ ପାଇପ ପୋଲ ନିର୍ମାଣ କରାଯାଇଥିଲା। ହେଲେ ଏହା ପୋତି ହୋଇଯାଇ ଥିବାରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ଫଳରେ ବର୍ଷା ହେଲେ ଡାକ ବଙ୍ଗଳା ଜଳ ଘେରା ମଧ୍ୟରେ ରହୁଛି।

# ପୁଣି ଘର ଭାଙ୍ଗିଲେ ହାତୀପଲ



ହାତୀ ଭାଙ୍ଗିଥିବା ଘର।

**କୁତ୍ରା,୨୨।୭(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଜଙ୍ଗଲ ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ଦିନକୁ ଦିନ ହାତୀ ଆତଙ୍କ ବଢିବାରେ ଲାଗିଛି। ଫଳରେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସନ୍ଧ୍ୟା ହେବା ମାତ୍ରେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ଶୁକ୍ରବାର ଛୁରିଚୋଖା ଗ୍ରାମରେ ୧୯ ଟିକିଆ ହାତୀ ପଲ ଜଣଙ୍କ ଘର ଭାଙ୍ଗିଥିବା ବେଳେ ଶନିବାର ଦ୍ୱିତୀୟ ଦିନରେ ନୂଆଗାଁ ଲୁହରାଡିପା ଗ୍ରାମର ଓସକାର ଡୁଙ୍ଗଡୁଙ୍ଗଘର ଭାଙ୍ଗିଥିବା ଜଣାପଡିଛି। ଘର ଭାଙ୍ଗିବା ସହିତ ଧାନ ଓ ଚାଉଳ ଖାଇ ଦଳି ମକଚି ନଷ୍ଟ କରିଦେଇଛନ୍ତି। ଗଛରୁ ପାଚିଲା ପଣସ ମଧ୍ୟ ଖାଇଛନ୍ତି। ବର୍ତ୍ତମାନ ହାତୀପଲ ନୂଆଗାଁ ଜଡାକୁଦର ଜଙ୍ଗଲରେ ଥିବା ଜଣାପଡିଛି। ତେବେ ହାତୀପଲ ପଣସ ଖାଇବା ପାଇଁ ଗାଁରେ ପଶୁଥିବା କୁହାଯାଉଛି। ଏ ଦିଗରେ ବନ ବିଭାଗ ଦୃଷ୍ଟିଦେଇ ହାତୀପଲଙ୍କୁ ଘଉଡେଇବା ପାଇଁ ଦାବିହେଉଛି। ନଚେତ୍ ଆଗକୁ ଏହି ହାତୀପଲ ଅଞ୍ଚଳରେ ଆହୁରି କ୍ଷୟକ୍ଷତି କରିବେ ବୋଲି କୁହାଯାଉଛି।

# ବିନା ପ୍ରଧାନ ଶିକ୍ଷକରେ ଚାଲିଛି ୬୧୨ ବିଦ୍ୟାଳୟ

**ସୁନ୍ଦରଗଡ,୨୨।୭(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲାରେ ମୋଟ ୧୨୯୫ ବିଦ୍ୟାଳୟର ମଞ୍ଜୁରୀପ୍ରାପ୍ତ ପ୍ରଧାନ ଶିକ୍ଷକ ପଦବୀ ମଧ୍ୟରୁ ୬୧୨ଟି ବିଦ୍ୟାଳୟରେ କେହି ପ୍ରଧାନ ଶିକ୍ଷକ ନାହାନ୍ତି। ସେହିସବୁ ବିଦ୍ୟାଳୟ ଗୁଡିକରେ ଜଣେ ଲେଖାଏଁ ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଛନ୍ତି। ପ୍ରଧାନ ଶିକ୍ଷକ ପଦବୀ ଗୁଡିକୁ ପଦୋନ୍ନତି ମାଧ୍ୟମରେ ପୂରଣ କରିବାପାଇଁ ସରକାର ଚାହୁଁଥିଲେ ମଧ୍ୟ ଶିକ୍ଷକଙ୍କ ମଧ୍ୟରେ ଅନ୍ତ କନ୍ଦଳ ଯୋଗୁଁ ବିଳମ୍ବ ଘଟୁଛି। କେତେକ ଶିକ୍ଷକ ନିଜ ପାଳି ନ ଆସିବା ପର୍ଯ୍ୟନ୍ତ ଅପେକ୍ଷା ନ କରି ଶୀଘ୍ର ପଦୋନ୍ନତି ପାଇବା ଆଶାରେ ସର୍ବଦା ଅସଫଳ ପ୍ରୟାସ କରୁଥିବା ଯୋଗୁଁ ଏବଂ କେତେକ ଶିକ୍ଷକ ନ୍ୟାୟାଳୟର ଆଶ୍ରୟ ନେଉ ଥିବାରୁ ଜିଲାରେ ଏହି ପଦୋନ୍ନତି ପ୍ରକ୍ରିୟା ଆଗେଇ ପାରୁନାହିଁ। ଦୀର୍ଘ ୩ବର୍ଷ ହେଲା ସୁରୁଖୁରୁରେ ପଦୋନ୍ନତି କାର୍ଯ୍ୟ ଚାଲିଥିବା ବେଳେ ହଠାତ ଚଳିତ ବର୍ଷ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଗୋଟିଏ ଚିଠିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଏବଂ ପୁଣି ଉଚ୍ଚ ନ୍ୟାୟାଳୟରେ ମାମଲା ଦାୟର ହୋଇ ରହିତାଦେଶ ହେବା, ଶିକ୍ଷା ନିର୍ଦ୍ଦେଶକ ପରେ ଉକ୍ତ ଚିଠିକୁ ପ୍ରତ୍ୟାହାର କରିବା ଭଳି କାରଣ ଯୋଗୁ ସୁନ୍ଦରଗଡ ଜିଲାରେ ପଦୋନ୍ନତି ହୋଇ ପାରିନାହିଁ। ଗତ ୩୧। ୫। ୨୦୨୩ ସୁଦ୍ଧା ଯେଉଁ ପଦୋନ୍ନତି କାର୍ଯ୍ୟ ଶେଷ ହେବା କଥା ତାହା ଏବେ ଆରମ୍ଭ ହୋଇଛି। ଜିଲା ଶିକ୍ଷା ପ୍ରଶାସନ ଶୁକ୍ରବାର ପ୍ରୋଭିଜିନାଲ ଗ୍ରେଡେସନ ପ୍ରକାଶ କରି ଆସନ୍ତା ୨୫। ୭। ୨୦୨୪ରିଖ ସୁଦ୍ଧା ଆପତ୍ତି ଅଭିଯୋଗ ଆହ୍ୱାନ କରିଥିବା ଜଣାଯାଇଛି। ଯଦି କାର୍ଯ୍ୟ ଦ୍ୱାରାନ୍ୱିତ ହୁଏ ତେବେ ଚଳିତ ମାସ କିମ୍ବା ଅଗଷ୍ଟ ପ୍ରଥମ ସପ୍ତାହରେ ଜିଲାରେ ୪୭୧ ଉଚ୍ଚ ପ୍ରାଥମିକ ଓ ୧୪୧ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତ ହେବେ ବୋଲି ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ଆଶାବ୍ୟକ୍ତ କରିଛନ୍ତି।

# କିଡ୍‌ନୀ ପୀଡ଼ିତାଙ୍କୁ ସହାୟତା କଲା ଜଗନ୍ନାଥ ଟ୍ରକ ଆସୋସିଏଶନ୍

**ସୁନ୍ଦରଗଡ,୨୨।୭(ଜୟ ନାରାୟଣ ମେଣ୍ଡୁଲି)**




ଆରିକା ଫାତିମାଙ୍କ ମା'ଙ୍କୁ ଚେକ ପ୍ରଦାନ କରାଯାଉଛି।

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ମୂଳବାସିନ୍ଦା ମୋଇନ୍ ଓ ନାଜିଆଙ୍କ ୧୦ ବର୍ଷର ଝିଅ ଆରିକା ଫାତିମା କିଡ୍‌ନୀ ରୋଗରେ ପୀଡ଼ିତ। ୨ଟି ଯାକ କିଡନୀ ଅଚଳ ଯୋଗୁ ସେ ଏବେ ଜୀବନ ସହ ଲଢ଼େଇ କରୁଛନ୍ତି। ନିୟମିତ ଡାଏଲିସିସ ଓ ରକ୍ତଦାନରେ ଚାଲିଛି ତାଙ୍କ ଜୀବନ ସଂଘର୍ଷ। ଏହି ଖବର ଜାଣିବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ମିଳିଛି। ଏଥିସହ ଅନେକ ବଦାନ୍ୟ ବ୍ୟକ୍ତି ମଧ୍ୟ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଏହି କ୍ରମରେ ସ୍ଥାନୀୟ ଜୟ ଜଗନ୍ନାଥ ଟ୍ରକ୍ ଆସୋସିଏଶନ ପକ୍ଷରୁ ଫାତିମାଙ୍କୁ ସହଯୋଗ କରାଯାଇଛି। ସଂଘର ଜନ କଲ୍ୟାଣ ଲକ୍ଷ୍ୟକୁ ଆଗେଇ ନେବା ପାଇଁ ଅଧ୍ୟକ୍ଷ ସଞ୍ଜୟ ନନ୍ଦ ଜେଜେଟିଏ ତରଫରୁ ଏକ ଲକ୍ଷ ଟଙ୍କାର ଏକ ଚେକ୍ ଫାତୀମାଙ୍କ ମା'ଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ନନ୍ଦ ମୁଖ୍ୟମନ୍ତ୍ରୀଙ୍କ ବଦାନ୍ୟତା ପାଇଁ କୃତଜ୍ଞତା ଜ୍ଞାପନ କରିବା ସହିତ ସୁନ୍ଦରଗଡର ସମସ୍ତ ନାଗରିକ ଫାତିମାଙ୍କ ସହିତ ଅଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହ ସେ ଫାତିମାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ ଯୋଗେଶ ସିଂ, ସୁନ୍ଦରଗଡ ପୌରପାଳିକା ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ସଂଘ କୋଷାଧ୍ୟକ୍ଷ ଅବଦୁଲ ସାଜିଦ୍, ସଦସ୍ୟ ଜୟନ୍ତ ଧଳ, ପ୍ରଶାନ୍ତ ବିଷି, ରିଣ୍ଟୁ ବହିଦାର , ପଞ୍ଚାନନ ବାର୍ଲା, ନିର୍ମଳ ବୋଷ, ଅଶୋକ ମହାନ୍ତି, କୁନୁ ବିଶ୍ୱକର୍ମା, ଉମେଶ ଶର୍ମା ଏବଂ ବିଶ୍ୱରଞ୍ଜନ ହୋତା ଉପସ୍ଥିତଥିଲେ। ଜୟ ଜଗନ୍ନାଥ ଟ୍ରକ୍ ଆସୋସିଏଶନ ସଦାସର୍ବଦା ଲୋକଙ୍କ ସେବାରେ ବ୍ରତୀ ଏବଂ ଆଗରୁ ମଧ୍ୟ ଚିକିତ୍ସା ପାଇଁ ଅନେକ ଥର ସାହାଯ୍ୟ କରି ଆସିଛି ବୋଲି ନନ୍ଦ ସୂଚନା ଦେଇଥିଲେ। ପ୍ରକାଶ ଯୋଗ୍ୟଯେ, ଜେଜେଟିଏ ସମାଜକଲ୍ୟାଣ ଉଦ୍ଦେଶ୍ୟରେ ଆମ୍ବୁଲାନ୍ସ, ଶବବାହକ ଯାନ ଓ ଶବସଂରକ୍ଷକ ଯନ୍ତ୍ର ବହୁ ଆଗରୁ ଲୋକାର୍ପିତ କରିସାରିଛି।

# ଉଠିଲା ପିଚୁ, ଦବିଲା ରାସ୍ତା

**ନିର୍ମାଣର ମାସେ ପରେ ରାସ୍ତା ଅବସ୍ଥା ଶୋଚନୀୟ**

**କୁତ୍ରା,୨୨।୭(ଦେବାଶିଷ ସାହୁ)**



ରାସ୍ତାରୁ ପିଚୁ ଉଠିଯାଇଛି।

ଲୋକଙ୍କ ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ଠିକଭାବେ ରାସ୍ତା ନିର୍ମାଣ କରିବା ପରିବର୍ତ୍ତେ ନିମ୍ନମାନ କାର୍ଯ୍ୟ କରୁଛନ୍ତି। ଏଭଳି ନିମ୍ନ ମାନର କାର୍ଯ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ପୂର୍କାପାଲି ପଞ୍ଚାୟତ ଅଧିନରେ ଥିବା ଭୁଜାପଡାରୁ ଟୁଙ୍ଗରିପଡାକୁ ସଂଯୋଗ କରୁଥିବା ୧.୯୦୦ କିଲୋମିଟର ରାସ୍ତା। ଏହି ରାସ୍ତା ଗ୍ରାମ୍ୟ ନିର୍ମାଣ ମନ୍ତ୍ରାଳୟ ଓଡ଼ିଶା ସରକାର ତରଫରୁ ନିର୍ମାଣ କରାଯାଇଛି। ୧୨୫.୧୨ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇ ଆମ୍ବାଡସି ତରଫରୁ ଏହି ରାସ୍ତା କାମ କରାଯାଇଛି। ହେଲେ ରାସ୍ତା ନିର୍ମାଣ ହେବାର ଗୋଟିଏ ମାସ ନ ପୂରୁଣୁ ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇ ଦବି ଗଲାଣି। କଲଭର୍ଟ ନିର୍ମାଣ ସ୍ଥାନ ଗୁଡିକରେ ସିମେଣ୍ଟ ଧୋଇଯାଇ ଚିହ୍ନ ଦେଖାଯାଉଛି। ତେବେ ପିଚୁ ଉଠିଥିବା ସ୍ଥାନ ଗୁଡିକୁ ଲୁଚାଇବା ପାଇଁ ବର୍ତ୍ତମାନ ତରବରିଆଭାବେ ମାଟି ପକାଇ ଲୁଚାଇବାକୁ ଚେଷ୍ଟା କରାଯାଉଛି। ୧୨୫.୧୨ ଲକ୍ଷ ଟଙ୍କାର ରାସ୍ତା ଗୋଟିଏ ମାସ ଭିତରେ ଦବିବା ସହ କାର୍ଯ୍ୟ ତଦାରଖକାରୀ ସଂସ୍ଥା ଗ୍ରାମ୍ୟ ନିର୍ମାଣ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟକାରିତା ଉପରେ ଏବେ ପ୍ରଶ୍ନ ଉଠୁଛି। ଏଥିରେ ଲକ୍ଷ ଲକ୍ଷ ଟଙ୍କା ବାଟମାରଣା ହୋଇଥିବା ଏଥିରୁ ଜଳ ଜଳ ଦେଖାଯାଉଛି। ଏହାକୁ ନେଇ ଗ୍ରାମବାସୀ ଚକ୍ରଧର ମାଝି, ବିକାଶ ମାଝି, ବିଜୟ ଲାକଡା,ଦୀପକ ଲାକଡା, ଜିତେନ୍ଦ୍ର ଲାକଡା ପ୍ରମୁଖ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଜିଲାପାଳଙ୍କୁ ଉକ୍ତ ରାସ୍ତା ତଦାରଖ କରିବା ପାଇଁ ନିବେଦନ କରିଛନ୍ତି। ତେବେ ଏହାକୁ ନେଇ ବିଭାଗୀୟ ଏସଡିଓ ମହେନ୍ଦ୍ର କଲେଟଙ୍କୁ ପଚାରିବାରୁ, ଏହାର ଉତ୍ତର ଠିକଭାବେ ଦେଇ ନ ପାରି ଏହାର ତଦନ୍ତ କରାଯିବ ବୋଲି କହିଥିଲେ।

**ବାଇକ ଚୋରି ଅଭିଯୋଗ**

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲଣ ଦେଓଗାଁ ଥାନା ଅନ୍ତର୍ଗତ ମହଲାଇ ଗ୍ରାମରୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇକ ଚୋରି ହୋଇଛି। ଗାଁର ତୋଫାନ ମହାଲିଙ୍ଗ ରାତିରେ ଘରେ ଶୋଇଥିବା ବେଳେ ହିରୋ ଗ୍ଲେମର ଓଡି୦୩ଏଲ ୪୯୮୩ ଗାଡିକୁ କେହି ଚୋରି କରିନେଇଥିବା ଅଭିଯୋଗ କରିଛନ୍ତି। ଘରର ସିସିଟିଭି କ୍ୟାମେରା ଦେଖିବାରୁ ତିନିଜଣ ଦୁର୍ବୃତ୍ତ ଗାଡିକୁ ଚୋରି କରିନେଉଥିବା ଫୁଟେଜରୁ ଜଣାପଡୁଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଅବସରପ୍ରାପ୍ତ ବ୍ୟାଙ୍କ ମାନେଜରଙ୍କ ମୃତ୍ୟୁ

ଖଡ଼ିଆଳ,୨୨।୭(ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପୃଥ୍ୱୀରାଜ ଲଜ ନିକଟରେ ଶନିବାର ଦୁଇ ବାଇକ ମଧରେ ଧକ୍କା ଯୋଗୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପୂର୍ବତନ ଆଞ୍ଚଳିକ ବ୍ୟାଙ୍କ ମ୍ୟାନେଜର ଅବଦୁଲ୍ଲା ଖାନ(୬୫)। ସେ ଖରିଆରଠାରେ ରହୁଥିଲେ। ତାଙ୍କ ସ୍ତ୍ରୀ ବର୍ତ୍ତମାନ ଖଡ଼ିଆଳ ବ୍ଲକ ବରଗାଁ ଆଞ୍ଚଳିକ ବ୍ୟାଙ୍କରେ କାର୍ଯ୍ୟରତ। ସେ ଶୁକ୍ରବାର ରାତିରେ ଘରକୁ ଫେରୁଥିବା ବେଳେ ସାମନା ପଟୁ ଆସୁଥିବା ବାଇକ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଖରିଆର ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସ୍ୱର୍ଗତ ଖାନଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି।

### ବର୍ଷାନାହିଁ, ଆଗଉନି ରୁଆବେଉଷଣ

ଖଡ଼ିଆଳ,୨୨।୭(ସୁଜିତ କୁମାର ପ୍ରଧାନ): ଲଘୁଚାପ ଜନିତ ଲଗାଣ ବର୍ଷା ନୂଆପଡ଼ା ଜିଲା ଖଡିଆଳ ବ୍ଲକରେ ଚାଷକାମକୁ ଆଗେଇବାରେ ସାହଯ୍ୟ କରି ପାରିନି। ଜମିରେ ଟୋପାଏ ପାଣି ନାହିଁ । ଫଳରେ ଚାଷୀ ସେମାନଙ୍କ ଚାଷ କାମ ଆଗେଇ ପାରୁନାହାନ୍ତି। ଖଡିଆଳ ବ୍ଲକର ଜଳସେଚିତ କିଛି ଜମିରେ ଚାଷୀ ରୁଆ ବେଉଷଣ କରିଥିବା ବେଳେ ବର୍ଷା ପାଣି ଉପରେ ନିର୍ଭର କରୁଥିବା ଜମି ସେମିତି ପଡ଼ିରହିଛି। ଲଗାତାର ୫ବର୍ଷ ଧରି ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇଥିବା ଚାଷୀ ଚଳିତ ବର୍ଷର ମରୁଡ଼ିସ୍ଥିତିକୁ ଦେଖି ଚାଷୀ ମଧରେ ନିରାଶାଭାବ ଦେଖାଦେଇଛି। ଅନ୍ୟପକ୍ଷରେ କୃଷିବୀମା, ଇନପୁଟ ସବ୍‌ସିଡ, କାଳିଆ ଟଙ୍କା ନ ମିଳିବା ଚାଷୀକୂଳକୁ ଆହୁରି ହତାଶ କରିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

### ଆଦିବାସୀ ହଷ୍ଟେଲ ଉଦ୍‌ଘାଟିତ

ଖଡ଼ିଆଳ,୨୨।୭(ସୁଜିତ କୁମାର ପ୍ରଧାନ) ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଙ୍କାପୁରସ୍ଥିତ ଓମ ଖାସବାହାଲ ହାଇସ୍କୁଲଠାରେ ୧୦୦ଶଯ୍ୟା ବିଶିଷ୍ଟ ଆଦିବାସୀ ବାଳକ ହଷ୍ଟେଲ ଶନିବାର ଉଦ୍‌ଘାଟିତ ହୋଇଛି। ବିଡିଓ ବୀରସେନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ହଷ୍ଟେଲର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ହଷ୍ଟେଲ ଅନ୍ତେବାସୀ ଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା, ହାଇସ୍କୁଲ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ବେହେରା, ସମିତି ସଭ୍ୟ ହେମନ୍ତ ଶବର, ଏଇ ଗିରିଶ ପାତ୍ର, ଲଳିତ ପ୍ରଧାନ, ନେହେରୁଲାଲ ବେହେରା, ବୈଷ୍ଣବ ନାଏକ, ନିତ୍ୟାନନ୍ଦ ଗହୀର, ମନୋଜ ବେହେରା, ଅନ୍ତରାମ ଜ୍ୟୋତିଷ, ଦକ୍ଷ ଚରଣ ବେହେରା, ଖଗେଶର ନିଆଲ, ଲକ୍ଷେଶ୍ୱର ଭୋଇ, ଚିନ୍ତାମଣି ଭୋଇଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ଜନ ପ୍ରତିନିଧିଙ୍କ ଖାତାରେ ପଡୁଛି ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା

ଲାଠୋର,୨୨।୭(ଭୁବନେଶ୍ୱର ବାରିକ): ଦାଦନ ଶ୍ରମିକ ଚାଲାଣରେ ରୋକ ଲଗାଇବା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଶ୍ରମିକଙ୍କୁ ବର୍ଷକୁ ୩ ଶହ ଦିନର କାମ ଯୋଗାଇ ଦିଆଯାଉଛି। ହେଲେ ଶ୍ରମିକଙ୍କ ଖାତାରେ ଟଙ୍କା ଜମା ହେବା ବଦଳରେ କାମ କରି ନଥିବା ଲୋକଙ୍କ ଖାତାରେ ଟଙ୍କା ପଡୁଛି। ଏପରିକି ଜନ ପ୍ରତିନିଧି ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ଖାତାରେ ଟଙ୍କା ପଡୁଛି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୁରୁଆଝର ପଞ୍ଚାୟତରେ ଏହିଭଳି ଘଟଣା ଘଟିଥିବା ନେଇ ଗାଁ ସାଥୀ ସଂଘ ସଭାପତି କୁଞ୍ଜ ଭୋଇ ଅଭିଯୋଗ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ କରୁଆଝର ଗ୍ରାମର ମକର୍ଦା ତାଣ୍ଡିଙ୍କ ନାମରେ ଥିବା ଗୋଷ୍ଠୀଗତ ଜମି ଉନ୍ନତୀକରଣ ଏବଂ ଲୁଦରଢୁଡ଼ା ନାଳର ୬୦ଟି ଷ୍ଟପଡ୍ୟାମରେ କାମ କରି ନ ଥିଲେ ମଧ ଜଣେ ସମିତି ସଭ୍ୟ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ଟଙ୍କା ଜମା ହୋଇ ଉଠାଣ ହୋଇଛି। ସେହିପରି ଖଲଖଲି ନାଳରେ ୬୦ଟି ଷ୍ଟପଡ୍ୟାମ ଏବଂ ମକର୍ଦା ତାଣ୍ଡିଙ୍କ ନାମରେ ଥିବା ଗୋଷ୍ଠୀଗତ ଜମି ଉନ୍ନତୀକରଣ କାମରେ ଜଣେ ସରପଞ୍ଚଙ୍କ ପୁଅ କାମ ନ କରି ମଧ ତାଙ୍କ ନାମରେ ଟଙ୍କା ଜମା ହୋଇ ଉଠାଣ ହୋଇଛି। ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖପ୍ରାଖୋଲ ବିଡ଼ିଓ ବିଜୟ କୁମାର ହୋତା କହିଛନ୍ତି। ଅଭିଯୋଗର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାନଗୁର୍ଜିଭଟା ଗ୍ରାମର ଘନଶ୍ୟାମ ସରାଫ, କାମାକ୍ଷା ପ୍ରସାଦ ଭୋଇ, ହରି କୁମ୍ଭାର ଏବଂ ବଶିଷ୍ଟ ନାଗ ଦାବି କରିଛନ୍ତି।



ସୁକ୍‌ତେଲ ଡ୍ୟାମ୍ ଠେଲା ପାଣିରେ ଗଡଶଙ୍କର ଡୁଙ୍ଗୁରିପାଲି ଗାଁର ଭରତ ସାହୁଙ୍କ ଘର ବୁଡିବା ଆରମ୍ଭ କରିଛି।



ଗଡଶଙ୍କର ଡୁଙ୍ଗୁରିପାଲିର ଭରତ ସାହୁଙ୍କ ଘର ଉପରୁ ଲୋକେ ଡ୍ୟାମର ଠେଲା ପାଣି ଦେଖୁଛନ୍ତି।

## ଲୋୟର ସୁକ୍‌ତେଲ ଡ୍ୟାମ୍

# ବଢୁଛି ପାଣି, ଘାରୁଛି ଚିନ୍ତା

ବଲାଙ୍ଗୀର/ ଲୋଇସିଂହା, ୨୨।୭ (ବୀରେନ୍ଦ୍ର କୁମାର ଝାଙ୍କର/ ସୁଶାନ୍ତ ବାରିକ)

- ଗଡଶଙ୍କର ଡୁଙ୍ଗୁରିପାଲି ଗାଁରେ ପ୍ରଶାସନର ହାଇଆଲର୍ଟ
- ଡ୍ୟାମ ଠେଲା ପାଣିରେ ବୁଡିବା ଆରମ୍ଭ ହେଲାଣି ଘର
- ବିସ୍ଥାପିତ କହିଲେ ସହଜ ବିସ୍ଥାପନ ପାଇଁ ସମୟ ଦେଉନାହିଁ ପ୍ରଶାସନ
- କୋହଭରା ପରିବେଶରେ ଗାଁ ଛାଡୁଛନ୍ତି ବିସ୍ଥାପିତ

ଲୋୟର ସୁକ୍‌ତେଲ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ଉଭୟ ବୁଡି ଅଞ୍ଚଳବାସୀ ଓ ଜିଲା ପ୍ରଶାସନକୁ ଚିନ୍ତାରେ ପକାଇଛି। ସୁକ୍‌ତେଲ ନଦୀ ଉପରମୁଣ୍ଡରେ ଦୁଇଦିନର ଲଗାଣ ବର୍ଷା ଫଳରେ ଡ୍ୟାମ୍‌ରେ ହଠାତ୍ ଜଳସ୍ତର ବଢ଼ିବାରେ ଲାଗିଥିଲା। ଡ୍ୟାମ୍ ଠେଲା ପାଣି ଗଡଶଙ୍କର ଡୁଙ୍ଗୁରିପାଲି ଗାଁକୁ ମାଡିଯାଇଥିଲା। ଏଭଳିକି ଗାଁକୁ ତିନି ଦିଗରୁ ଘେରି ଯାଇଥିଲା। ଗଡଶଙ୍କର ଡୁଙ୍ଗୁରିପାଲି-ବନ୍‌ଛୋରପାଲି ରାସ୍ତା ଉପରେ ପାଣି ମାଡିଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଶୁକ୍ରବାର ରାତିରେ କ୍ଷୀପ୍ରଗତିରେ ଜଳସ୍ତର ବଢୁଥିବା ଖବର ପାଇବା ପରେ ଜିଲା ପ୍ରଶାସନ ଓ ନଦୀଖଣ୍ଡି ଗାଁ ଲୋକଙ୍କ ଚିନ୍ତା ବଢ଼ିଥିଲା। ଜିଲା ପ୍ରଶାସନ ପକ୍ଷରୁ ବୁଡି ଅଞ୍ଚଳର ବିଭିନ୍ନ ଗାଁରେ ସତର୍କ ସୂଚନା ଜାରି କରାଯିବା ସହ ଓଡ୍ରାଫ, ଅଗ୍ନିଶମ ଏବଂ ପୋଲିସ ବାହିନୀ ମୁତୟନ କରାଯାଇଥିଲା। ଜିଲାପାଳ ଚଞ୍ଚଳ ରାଣା ଏବଂ ଏସ୍‌ପି ଋଷିକେଶ ଖିଲାରି ସ୍ଥିତି ଉପରେ ନଜର ରଖିବା ସହ ଗଡଶଙ୍କର ଶଙ୍କର ଡୁଙ୍ଗୁରିପାଲି ଗାଁରେ ରାତି ପ୍ରାୟ ୧୧ଟାରେ ପହଞ୍ଚିଥିଲେ। ଲୋକଙ୍କୁ ଜଳସ୍ତର ବଢୁଥିବା ସୂଚନା ଦେଇ ଗାଁ ଛାଡି ବିସ୍ଥାପିତଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଆଇଟିଆଇ ସ୍ଥିତ ଆଶ୍ରୟସ୍ଥଳୀକୁ ଯିବା ପାଇଁ ନିବେଦନ କରିଥିଲେ। ଗଡଶଙ୍କର ଡୁଙ୍ଗୁରିପାଲି ଜଗନ୍ନାଥ ମନ୍ଦିରରେ ରାତିରେ ମହିଳା ଏବଂ ପୁରୁଷମାନଙ୍କ ସହ ଆଲୋଚନା କରିଥିଲେ। ସୁକ୍‌ତେଲ ଡ୍ୟାମ୍ ପାଇଁ ଅନେକ ସହଯୋଗ କଲେଣି ଆଉଟିକେ ସହଯୋଗ କରିବାକୁ କହିଥିଲେ। ଘର ଭିତରକୁ ଡ୍ୟାମ୍‌ର ଠେଲା ପାଣି ପଶିବା ପୂର୍ବରୁ ଘର ଛାଡି ନିରାପଦ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ। ଗାଁର ଭରତ ସାହୁଙ୍କ ଘର ଭିତରକୁ ରାତିରେ ପାଣି ପଶିବା ଆରମ୍ଭ କରିଥିଲା। ଏହାପରେ ଜିଲା ପ୍ରଶାସନ ସେମାନଙ୍କୁ ଆଇଟିଆଇକୁ ସ୍ଥାନାନ୍ତର କରିଥିଲେ। ବିଳମ୍ବିତ ରାତିରେ ଭରତ ସାହୁ, ଶତ୍ରୁଘ୍ନ ସାହୁ, ଦେବାନନ୍ଦ ସାହୁଙ୍କ ପରିବାର ଘର ଛାଡିଥିଲେ। ସେମାନଙ୍କୁ ଆଇଟିଆଇକୁ ନିଆଯାଇଥିଲା। ଗାଁର ଅନ୍ୟମାନଙ୍କୁ ବି ଘର ଛାଡିବାକୁ ଜିଲାପାଳ ରାଣା କହିଥିଲେ। ତେବେ ଗ୍ରାମବାସୀ ରାତିରେ କୌଣସି ପରିସ୍ଥିତିରେ ଗାଁ ଛାଡିହେବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଥିଲେ। ବର୍ଷାଋତୁରେ ବିସ୍ଥାପିତ କରିବାକୁ ନେଇ ପ୍ରଶାସନକୁ ସେମାନଙ୍କ ଅସନ୍ତୋଷ ଜାହିର କରିଥିଲେ। ରାତିରେ ଘରଦ୍ୱାର, ଆସବାବପତ୍ର, ଗାଈ ଛେଳି ଧରି କେଉଁଠିକୁ ଯିବେ। ଝାଙ୍କରପାଲିଠାରେ ବିସ୍ଥାପିତଙ୍କ ପାଇଁ ଯେଉଁ ଅସ୍ଥାୟୀ ଘର ତିଆରି ହୋଇଛି ସେଠାରେ ବି ରହିହେବନାହିଁ। ସେମାନେ କେଉଁଠିକୁ ଯିବେ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ଜିଲା ପ୍ରଶାସନର ଟିମ୍ ସେଠାରୁ ଫେରିଥିଲେ।

ଶନିବାର ସକାଳୁ ଡୁଙ୍ଗୁରିପାଲି, ବନ୍‌ଛୋରପାଲି, ଖଗସାବାହାଲ, କେଇଣ୍ଡାପାଲି, ସାନ୍‌ତେଲେନପାଲି ଗାଁର ପ୍ରଶାସନିକ ଟିମ୍ ହାଇଆଲର୍ଟ ଜାରି କରିଥିଲେ। ଗଡଶଙ୍କର ଡୁଙ୍ଗୁରିପାଲିରୁ କେତେକ ପରିବାର ସେମାନଙ୍କ ଜିନିଷପତ୍ର ଧରି ଗାଁ ଛାଡି କାନ୍ଦି କାନ୍ଦି ସବୁଦିନ ପାଇଁ ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ଉପଜିଲାପାଳ କୁମାର ନାଗଭୂଷଣ, ଆଇପିଏସ୍ ଟ୍ରେନି ଅଫିସର, ଆଡିସନାଲ ଏସ୍‌ପି ସୁରେଶ ନାଏକ, ଏସ୍‌ଡିପିଓ ତୋଫାନ୍ ବାଗ ସହ ପ୍ରଶାସନିକଟ ଟିମ ଡୁଙ୍ଗୁରିପାଲିରେ ଉପସ୍ଥିତ ରହି ସ୍ଥିତି ତଦାରଖ କରିଥିଲେ। ଜିଲାପାଳ ରାଣା ଡ୍ୟାମ୍ ସାଇଟ୍ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ଗଡଶଙ୍କର ଡୁଙ୍ଗୁରିପାଲିକୁ କେତେଜଣ ଶ୍ରମିକ ପଠାଯାଇ ବିସ୍ଥାପିତଙ୍କୁ ସହାୟତା କରିବା ବ୍ୟବସ୍ଥା କରାଯାଇଥିବା ଜଣାପଡିଥିଲା। ଗାଁର ମୀନକେତନ ଚାନ୍ଦ, ବିବେକାନନ୍ଦ ସାହୁ, ପାଞ୍ଚାଳୀ ପ୍ରଧାନ କହିଛନ୍ତି ଯେ, ବର୍ଷାଦିନରେ ପ୍ରଶାସନର ଏଭଳି ତରବରିଆ ବିସ୍ଥାପନ ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଅସ୍ଥାୟୀ କଲୋନୀରେ ନିମ୍ନମାନର ଅସ୍ଥାୟୀ ଘର ସେମାନଙ୍କ ଅଡୁଆକୁ ବହୁ ଗୁଣରେ ବଢ଼ାଉଛି। ପ୍ରଶାସନ କେବଳ ବିସ୍ଥାପନ ପ୍ରକ୍ରିୟାକୁ ଧ୍ୟାନ ଦେଉଛି। ଜିଲାର ସ୍ୱାର୍ଥ ପାଇଁ ଭିଟାମାଟି ଛାଡିଥିବା ଲୋକଙ୍କୁ ମାତ୍ର ୩/୪ ମାସ ସମୟ ନଦେବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ଜିଲାପାଳ ରାଣା କହିଛନ୍ତି ଯେ, ବିସ୍ଥାପନ ଏକ ସହଜସାଧ୍ୟ ପ୍ରକ୍ରିୟା ନୁହେଁ। ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ସୁବିଧା କରିବାକୁ ପ୍ରଶାସନ ସବୁ ପ୍ରକାର ଉଦ୍ୟମ କରୁଛି। ଅସ୍ଥାୟୀ କଲୋନୀ ତିଆରି କରିବା ସହ ସେମାନେ କିଭଳି ସ୍ଥାୟୀ ଘର ତିଆରି ସେଠାରେ ରହିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ସୁକ୍‌ତେଲ ପ୍ରକଳ୍ପ ଜିଲାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ। ବିସ୍ଥାପିତ ଲୋକଙ୍କୁ କିଭଳି ସବୁ ପ୍ରକାର ସୁବିଧା ଯୋଗାଯିବ ସେଦିଗରେ ପ୍ରଶାସନ ସବୁଠୁ ବେଶୀ ଜୋର ଦେଉଛି ବୋଲି କହିଥିଲେ।

### ଶିକ୍ଷକ ବଦଳି ବାତିଲ ଦାବି

**ଅଭିଭାବକଙ୍କ ଅସନ୍ତୋଷ, ଆନ୍ଦୋଳନ ଚେତାବନୀ**

ଦେଓଗାଁ,୨୨।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଦୁଇ ଅଭିଜ୍ଞ ଶିକ୍ଷକଙ୍କ ଏକ ସପ୍ତାହ ମଧରେ ବଦଳି ହୋଇଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ୨୦ରୁ ଉର୍ଦ୍ଧ୍ୱ ଅଭିଭାବକ ବିଦ୍ୟାଳୟକୁ ଆସି ଆଚାର୍ଯ୍ୟ ଭବାନୀ ପୁରୋହିତଙ୍କ ବଦଳିକୁ ବାତିଲ କରିବା ପାଇଁ ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କଠାରେ ଦାବି କରିଥିଲେ। ଏ ସଂକ୍ରାନ୍ତରେ ଅଭିଭାବକମାନେ କମିଟି ସଭାପତି ଜୟନ୍ତୀ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ଦିଗରେ ଶିକ୍ଷାବିକାଶ ସମିତି ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଦେଓଗାଁ ବ୍ଲକ ଅଞ୍ଚଳର ଦୁଇଟି ସରକାରୀ ସ୍କୁଲର ପ୍ରଧାନଶିକ୍ଷକ ଶିଶୁମନ୍ଦିର ସଂକୁଳ ପ୍ରମୁଖ ଓ ଶିଶୁମନ୍ଦିର ପରିଚାଳନା କମିଟି ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ତେବେ ଉକ୍ତ ସରକାରୀ ଶିକ୍ଷକଦ୍ୱୟ କେମିତି ଏକ ଘରୋଇ ଶିକ୍ଷାନୁଷ୍ଠାନର ପ୍ରମୁଖ ଦାୟିତ୍ୱରେ ରହିଛନ୍ତି ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଥିଲେ। ଏ ଦିଗରେ ଜିଲା ଶିକ୍ଷାବିଭାଗ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି ହେଉଛି। ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରାଙ୍କୁ ପଚାରିବାରୁ ସରକାରୀ ସ୍କୁଲରେ ଚାକିରି କରି ଅନ୍ୟସ୍କୁଲର ଦାୟିତ୍ୱରେ ରହିବା ଉଚିତ ନୁହେଁ। ଏ ବିଷୟରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବି ବୋଲି ସେ କହିଥିଲେ।

## କାମରେ ଲାଗୁନି ଆବର୍ଜନାକୁଣ୍ଡ

ଦେଓଗାଁ,୨୨।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଗାଁକୁ ସ୍ୱଚ୍ଛ ରଖିବା ପାଇଁ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ଆବର୍ଜନାକୁଣ୍ଡ ତିଆରି କରାଯାଉଛି। ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପ୍ରତି ଆବର୍ଜନାକୁଣ୍ଡ ନିର୍ମାଣ ପାଇଁ ୯୫ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ଏଥିରୁ ୧୫ଟି ଆବର୍ଜନା କୁଣ୍ଡ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୧ଟି ଅଧାପନ୍ତରିଆ ହୋଇ ପଡିରହିଛି। କେନ୍ଦ୍ରୀୟ ଅର୍ଥ ଅନୁଦାନ ପାଣ୍ଠିରୁ ୭୦ ପ୍ରତିଶତ ଓ ରାଜ୍ୟ ଅର୍ଥ କମିଶନ ଅନୁଦାନ ପାଣ୍ଠିରୁ ୩୦ ପ୍ରତିଶତ ଟଙ୍କା ଖର୍ଚ୍ଚ କରି ଆବର୍ଜନା କୁଣ୍ଡ ତିଆରି ଚାଲିଛି । ହେଲେ ପ୍ରାୟ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ଆବର୍ଜନା କୁଣ୍ଡଗୁଡିକ ସମ୍ପୂର୍ଣ୍ଣ ହୋଇଥିବାବେଳେ କାର୍ଯ୍ୟକ୍ଷମ ନ ହୋଇ ତାଲା ଝୁଲୁଛି। ଆବର୍ଜନା କୁଣ୍ଡ କେଉଁ ସ୍ଥାନରେ ତିଆରି କଲେ ତାହା ଜନସାଧାରଣଙ୍କ କାମରେ ଲାଗିବ ସେଦିଗରେ କାହାରି ଚିନ୍ତା ନାହିଁ। ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇସାରିଥିବା ୧୫ଟି ଆବର୍ଜନା କୁଣ୍ଡ କିପରି କାର୍ଯ୍ୟକ୍ଷମ ହେବ ସେ ଦିଗରେ ପଞ୍ଚାୟତ ଅଧିକାରୀ ବା ବ୍ଲକ ପ୍ରଶାସନ କାହାରି ଚିନ୍ତା ନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଏହି ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।




ଆବର୍ଜନା କୁଣ୍ଡରେ ତାଲା ଝୁଲୁଛି ।

### ଯୋଗୀସର୍ଡା ଗସ୍ତରେ ଜିଲାପାଳ,ଏସ୍‌ପି

ଲୋଇସିଂହା,୨୨।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରୀ ଶୁକ୍ରବାର ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗସ୍ତ କରିଥିଲେ। ଏହି ଅବସରରେ ସେମାନେ ୫ଟିରେ ରୂପାନ୍ତରିତ ହୋଇଥିବା ସ୍ଥାନୀୟ ନୋଡାଲ ହାଇସ୍କୁଲ ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପ୍ରସିଦ୍ଧ ଯୋଗେଶ୍ୱର ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଆସନ୍ତା ଅଗଷ୍ଟ ୪ ଓ ୫ତାରିଖ ୫ଟି ସଚିବଙ୍କ ବଲାଙ୍ଗୀର ଗସ୍ତ ରହିଛି। ଏହି ପରିପ୍ରେକ୍ଷୀରେ ୫ଟି ସଚିବ ଲୋଇସିଂହା ବ୍ଲକ ଅଧୀନ ଯୋଗୀସର୍ଡା ଗସ୍ତ ରହିଥିବାରୁ ଜିଲାପାଳ ଓ ଏସ୍‌ପି ସ୍ଥିତି ସମୀକ୍ଷା କରିଥିବା ଆଲୋଚନା ହେଉଛି।

### ନୂତନ ହିତାଧିକାରୀଙ୍କୁ ଭତ୍ତାଟଙ୍କା ପ୍ରଦାନ

ଲାଞ୍ଜିଗଡ଼,୨୨।୭ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡିଜିଲା ଲାଞ୍ଜିଗଡ଼ ବ୍ଲକ ବାତେଲିମା ଗ୍ରାମପଞ୍ଚାୟତରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ଶନିବାର ଭତ୍ତା ପ୍ରଦାନ କରାଯାଇଛି। ବାତେଲିମା ଗ୍ରାମପଞ୍ଚାୟତ ସରପଞ୍ଚ କରୁଣା ମାଝୀ ଏବଂ ସମିତି ସଭ୍ୟ ଗୋବିନ୍ଦ ନାଏକଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟରେ ସମସ୍ତ ନୂତନ ହିତାଧିକାରୀଙ୍କୁ ଭତ୍ତା କାର୍ଡ ସହ ଟଙ୍କା ପ୍ରଦାନ କରାଯାଇଛି। ବାରମ୍ବାର ଅଭିଯୋଗ ଏବଂ ଆବେଦନ ପରେ ବି ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ରହିଥିଲେ ହିତାଧିକାରୀ। ଏବେ ନୂତନ ସରପଞ୍ଚ ଏବଂ ପଞ୍ଚାୟତ ପ୍ରତିନିଧିଙ୍କ ଦ୍ୱାରା ଭତ୍ତାଟଙ୍କା ପାଇପାରିଛୁ ବୋଲି ହିତାଧିକାରୀ ଖୁସିବ୍ୟକ୍ତ କରି କହିଥିଲେ। ବାତେଲିମା ପଞ୍ଚାୟତର ସମସ୍ତ ଯୋଗ୍ୟ ହିତାଧିକାରୀ ଏବଂ ଭତ୍ତାରୁ ବଞ୍ଚିତ ରହିଥିବା ହିତାଧିକାରୀମାନେ ମଧ କେମିତି ଆଗକୁ ଭତ୍ତା ପାଇପାରିବେ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସରପଞ୍ଚ କରୁଣା ମାଝୀ, ସମିତି ସଭ୍ୟ ଗୋବିନ୍ଦ ନାଏକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ସମେତ ୩୧ ଜଣ ହିତାଧିକାରୀଙ୍କୁ ଭତ୍ତାକାର୍ଡ ଓ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାଧବାନନ୍ଦ କରୁଆଁ, ବାତେଲିମା ପଞ୍ଚାୟତର ଚିତ୍ତରଞ୍ଜନ ପାତ୍ର, ମୁରଲୀ ନାୟକ, ଭଗବାନ ପାତ୍ର, ରମ୍ୟରଞ୍ଜନ ସାମଲ, ଶିବ ମାଝୀ, ଭକ୍ତ ଦୋରାଙ୍କ ସମେତ ସମସ୍ତ ୱାର୍ଡର ସଭ୍ୟ ଓ ସଭ୍ୟା ପ୍ରମୁଖ ସହଯୋଗ କରିଥିଲେ।

## ଇନ୍ଦ୍ର ନଗର ରାସ୍ତା ଶୋଚନୀୟ

ଖଡ଼ିଆଳ,୨୨।୭(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲ୍ଲା ଖଡିଆଳ ସହରକୁ ଲାଗି ରହିଛି ଗଡ଼ରାମୁଣ୍ଡା ଗ୍ରାମ ପଞ୍ଚାୟତ। ଏହି ପଞ୍ଚାୟତ ୩୫୩ଜାତୀୟ ରାଜପଥକୁ ଲାଗିଛି। ତିଖାଲି ଡ୍ୟାମ ବିସ୍ଥାପିତମାନେ ୧୫ବର୍ଷରୁ ଅଧିକ ସମୟ ହେବ ଏହି ପଡା ବସାଇଛନ୍ତି। ଏହି ପଡାର ନାମକରଣ ଇନ୍ଦ୍ର ନଗର ରଖାଯାଇଛି। ବିସ୍ଥାପିତମାନେ ଇନ୍ଦ୍ରନଗର ପଡା ବସାଇଥିଲେ ମଧ ଏବେ ସେଠାରେ ଜମି କିଣି ଘର କରିସାରିଛନ୍ତି। ଏହି ଇନ୍ଦ୍ର ନଗରକୁ ଯାତାୟତ ପାଇଁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଏକ ପିଚୁ ରାସ୍ତା କରିଥିଲା। ବର୍ତ୍ତମାନ ଏହିରାସ୍ତା ଶୋଚନୀୟ ହୋଇ ପଡିଛି। ସ୍ଥାନେସ୍ଥାନେ ଏକ ଫୁଟ, ଦେଢଫୁଟର ଗର୍ତ୍ତ ହୋଇଛି। ବର୍ଷା ପରେ ଏହି ଗର୍ତ୍ତରେ ପାଣି ଜମି ରହୁଛି। ଫଳରେ ଯାତାୟତ ବେଳେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହେଉଛି। ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବିଷୟରେ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆ ଯାଉ ନ ଥିବା ପ୍ରକାଶ କରିଛନ୍ତି। ଏ ବିଷୟରେ ବିଡିଓ ବୀରସେନ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ଗଡରାମୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ପିଇଓଙ୍କ ସହିତ ଆଲୋଚନା କରି ରାସ୍ତାର ମରାମତି ତୁରନ୍ତ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଖଡିଆଳ ଇନ୍ଦ୍ର ନଗର ରାସ୍ତାରେ ଗର୍ତ୍ତ ହୋଇ ପାଣି ଜମିଛି।

## ଉନ୍ନତୀକରଣ ହେଉନି, ଲୋକେ ହଟହଟା

ମୁରିବାହାଲ,୨୨।୭(ଶ୍ରୀବତ୍ସ ବେହେରା)

- ମୁରିବାହାଲ ବ୍ଲକ ସଦର ମହୁକୁମାର ସମସ୍ତ ରାସ୍ତା ଶୋଚନୀୟ
- ନିୟମିତ ଘଟୁଛି ଛୋଟବଡ ଦୁର୍ଘଟଣା
- ଉନ୍ନତୀକରଣ ପାଇଁ ପ୍ରସ୍ତାବ ଯାଇଛି: ସରପଞ୍ଚ
- କେତେକ ରାସ୍ତା ରଏତି ଜମି ହୋଇଥବାରୁ ସମସ୍ୟା ହେଉଛି: ବିଡିଓ

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହୁକୁମାର ସମସ୍ତ ରାସ୍ତା ଶୋଚନୀୟ ହୋଇ ପଡିଛି। ସ୍ୱାମୀ ବିବେକାନନ୍ଦ ଛକ ଟିକଟରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ରେଲୱେ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତା ଅତି ଶୋଚନୀୟ ହୋଇ ପଡିଛି। ମୁରିବାହାଲ ଥାନାରୁ ଡିଭାଇନ ସ୍କୁଲ ଦେଇ ଯାଇଥିବା ରାସ୍ତା ଅବସ୍ଥା ନ କହିଲେ ଭଲ। ଏହି ରାସ୍ତାର କାମ ୨୦ବର୍ଷ ତଳେ କରାଯାଇଥିଲା। ଉଭୟ ପଟୁ କାର୍ଯ୍ୟ ହେବା ପରେ ବାକି ରହିଥିବା ସ୍ଥାନରେ ବର୍ତ୍ତମାନ ଅଣ୍ଟୁଏ ଲେଖାଇ ଗାଡ ସହ ପାଣି ଜମୁଛି। ଫଳରେ ଏହି ରାସ୍ତାରେ ନିୟମିତ ଦୁର୍ଘଟଣା ଘଟୁଛି। ସେହିପରି ମୁରିବାହାଲ ରାଧକୃଷ୍ଣ ଶିବ ମନ୍ଦିରଠାରୁ ସରସ୍ୱତୀ ଶିଶୁ ମନ୍ଦିର ରାସ୍ତା ମଧ ଢେରଦିନ ହେଲା କାମ ହୋଇନାହିଁ। ଏହିରାସ୍ତାରେ ଗର୍ତ୍ତ ସହ ସଂକୀର୍ଣ୍ଣ ହୋଇଛି। ଅନୁରୂପଭାବେ ବଜାର ପଡାଠାରୁ ମୁରିବାହାଲ ବସ୍ତି ପର୍ଯ୍ୟନ୍ତ ରାସ୍ତାରେ ଥିବା ଖଜୁରୀବନ୍ଧ କାମ ହେଉଥିବାରୁ ସାମାନ୍ୟ ବର୍ଷାରେ ମାଟିରାସ୍ତା କାଦୁଅ ପଚପଚ ହୋଇଛି। ବ୍ଲକ କଲୋନୀ ବିଦ୍ୟାଳୟ ସମ୍ମୁଖରେ ବଜାରପଡାର ଭିତର ରାସ୍ତା, ଧୂବାପାଡ଼ର ରାସ୍ତା, ମହାରପଡା, ଷ୍ଟେଶନପଡା ପ୍ରଭୃତି ରାସ୍ତା ଏତେ ଖରାପ ହୋଇଛି ଯେ, ଯାତାୟାତ କାଠିକର ହେଉଛି। ଏସବୁ ମଧରେ ଜଳଯୋଗାଣ ପାଇଁ ବିଛା ଯାଉଥିବା ପାଇପ ପାଇଁ ରାସ୍ତା ଖୋଳାଯାଉଛି। ପାଇପ ବିଛା ପରେ ଖୋଳା ଯାଉଥିବା ସ୍ଥାନର ମରାମତି କରାଯାଉନାହିଁ। ରାସ୍ତା ଦୁରାବସ୍ଥା ନେଇ ଅଞ୍ଚଳବାସୀ ସ୍ଥାନୀୟ ବିଡିଓ, ଜିଲାପାଳ ଓ ଜନ ପ୍ରତିନିଧିଙ୍କୁ ଅବଗତ କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଏ ନେଇ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀଙ୍କୁ ପଚାରିବାରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ବଜାର ଓ ବସ୍ତି ରାସ୍ତା କାମ ପାଇଁ ପଞ୍ଚାୟତ ତରଫରୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଅନୁଦାନ ଆସିଲେ କାମ କରାଯିବ ବୋଲି କହିଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପୁଟେଲ କହିଛନ୍ତି, ମୁରିବାହାଲ ଗ୍ରାମର କେତେକ ରାସ୍ତା ରଏତି ଜମି ହୋଇଥବାରୁ କାମ କରିବାରେ ବାଧା ସୃଷ୍ଟି ହେଉଛି। ଆଗାମୀ ଦିନରେ ଏ ସମସ୍ୟାର ସମାଧାନ କରି ରାସ୍ତାର ଉନ୍ନତୀକରଣ କରାଯିବ। ତେବେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏ ଦିଗରେ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ସଂକୀର୍ଣ୍ଣ ଓ ଖାଲଖମାରେ ଭରା ମୁରିବାହାଲ ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ

**ବରପାଲି,୨୨।୭ (ଚିତ୍ତରଞ୍ଜନ ସାହୁ):** ବରପାଲି ଥାନା ଅଞ୍ଚଳରେ ଜଣେ ନବବିବାହିତା ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ କରୁଛି। ସୂଚନା ଅନୁସାରେ, ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ପେଣ୍ଡରାମାଲ ଗ୍ରାମର ମାଳତୀ ନାୟକ (୩୪) ବରପାଲି ସହରର ୱାର୍ଡ ନମ୍ବର ୨ର ଅମିତ ନାୟକଙ୍କୁ ଗତ ଫେବୃୟାରୀ ୨୪ ତାରିଖରେ ବିବାହ କରିଥିଲେ। ବିବାହ ବେଳେ କନ୍ୟାପକ୍ଷ ସାମର୍ଥ୍ୟ ଅନୁସାରେ ଜାନି ଯୌତୁକ ଦେଇଥିଲେ। ହେଲେ ଅଧିକ ଯୌତୁକ ଦାବି କରି ସ୍ୱାମୀ ଓ ଶାଶୁ ନବବଧୂଙ୍କୁ ବିଭିନ୍ନ ସମୟରେ ମାଡ଼ ମାରିଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଲୋଚନାଚକ୍ର

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ମାସିକ ଆଭାସୀ ଆଲୋଚନାଚକ୍ର ମାଟିର ମହକ ଅନୁଷ୍ଠିତ ହୋଇଛି। ଡ. ସୁବାସ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାହିତ୍ୟିକ ଡ. ରଘୁନାଥ ମେହେର ନିଜ ବକ୍ତବ୍ୟ ଉପସ୍ଥାପନା କରି ବରଗଡ଼ ଜିଲାର ଶୈବପୀଠ, ଐତିହାସିକ ପୃଷ୍ଠଭୂମି, ପରମ୍ପରା ଉପରେ ବର୍ଣ୍ଣନା କରିଥିଲେ। କେଦାର ନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଅମିତ ଆର୍ଯ୍ୟ ବେଦମନ୍ତ୍ର ପାଠ କରିଥିଲେ। ଶିଶୁ ସାହିତ୍ୟିକ ଡ. ରବି ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକ

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବିଜେପୁର ବ୍ଲକ ଜାରିଂ ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ଘନଶ୍ୟାମ



ସାହୁଙ୍କ ଶନିବାର ପରଲୋକ ହୋଇଛି । ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ସାହୁ ବିଜେପୁର କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିବାବେଳେ ଜାରିଂ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ବିଜେପୁରସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ମୃତଦେହକୁ ଜାରିଂ ଗ୍ରାମକୁ ଅଣାଯାଇଥିଲା। ଗ୍ରାମବାସୀ ଶେଷ ଦର୍ଶନ ସହିତ ସ୍ୱର୍ଗତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁତୁରା ପ୍ରଜାପତି ମୁଖାଗ୍ନି ଦେଇଥିଲେ ।

### ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହର ଉପକଣ୍ଠ ମାଷ୍ଟରଟିକ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଏହା ସହିତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରି ସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡେଙ୍ଗୁକୁ ଡାକୁଛି ଡାକ୍ତରଖାନା

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ)**

- ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର
- ସବୁଆଡ଼େ ଆବର୍ଜନା, ସଚେତନତା ନାମକୁ ମାତ୍ର
- ଜିଲାରେ ଜଣେ ରୋଗୀ ଚିହ୍ନଟ, ଚିକିତ୍ସା ପରେ ସୁସ୍ଥ

ରାଜ୍ୟର ବିଭିନ୍ନ ସ୍ଥାନରେ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ଡେଙ୍ଗୁକୁ ନେଇ ସବୁଆଡ଼େ ଭୟ ଘାରିଛି। ଏଥିରୁ ବରଗଡ଼ ଜିଲା ମଧ୍ୟ ବାଦ୍ ପଡ଼ିନାହିଁ। ଇତିମଧ୍ୟରେ ଜିଲାରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇସାରିଥିଲେ ମଧ ଡେଙ୍ଗୁକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଭୟ ଦୂର ହୋଇନାହିଁ। ଅନ୍ୟପଟେ ଡେଙ୍ଗୁ ପ୍ରତିକାର ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପରିଷ୍କାର, ପରିଚ୍ଛନ୍ନତା ଆଦି ଉପରେ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ହେଲେ ତାହା କେବଳ ସଚେତନତା କାର୍ଯ୍ୟକ୍ରମରେ ସୀମିତ ରହିଯାଉଛି। ଏପରିକି ଖୋଦ୍ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅପରିଷ୍କୃତ ହୋଇ ପଡ଼ିରହୁଛି। ଏଥିରୁ ଜିଲାରେ ଡେଙ୍ଗୁ ସଚେତନତା କିଭଳି ଚାଲିଛି, ତାହା ସହଜରେ ଜଣାପଡୁଛି।

ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ସ୍ଥିତି ଜଳଜଳ ହୋଇ ଦିଶୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଛି ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର। ସେଠାରେ ଭଙ୍ଗା ଦଦରା ତଥା ଖୋଲା ଅବସ୍ଥାରେ କୋଠରୀ ରହିଛି। କାନ୍ଥରେ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର ମଧ୍ୟ ଲେଖା ହୋଇଛି। ହେଲେ ସେହି କୋଠରୀ ମଧ୍ୟରେ ସେଭଳି କିଛି ବର୍ଜ୍ୟବସ୍ତୁ ନାହିଁ। ସେହି କୋଠରୀ ସମ୍ମୁଖରେ ସ୍ତୁପ ଭଳି ଡାକ୍ତରଖାନାର ବର୍ଜ୍ୟବସ୍ତୁ, ଖଲିଦନା, ପ୍ଲେଟ ଆଦି ପଡ଼ି ରହିଛି। ଗାଈଗୋରୁ ପଶି ସେଠାରେ ବିଚରଣ କରୁଛନ୍ତି। ଅନ୍ୟପଟେ ସହର ମଝିରେ ରହିଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ନିତିଦିନିଆ ଘଟଣା ହୋଇଥିବାବେଳେ ସେହି ସ୍ଥାନର ଅନତିଦୂରରେ ଜନୌଷଧି, ନିରାମୟ କେନ୍ଦ୍ର, ଔଷଧ ଦୋକାନ, ଡ୍ରେସିଂରୁମ ରହିଛି। ପରୀକ୍ଷାଗାର, ରକ୍ତ ଭଣ୍ଡାର ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗ ମଧ୍ୟ ବେଶୀ ଦୂରରେ ନାହିଁ ।

କେବଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏଭଳି ଅବସ୍ଥାରେ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର ରହିଛି, ତାହା ନୁହେଁ ସେଠାରେ ରହିଥିବା ଡ୍ରେନଗୁଡ଼ିକ ମଇଳା, ଆବର୍ଜନାରେ ପୋତି ହୋଇଛି। ଫଳରେ ନିଷ୍କାସନ ହୋଇ ନ ପାରି ପାଣି ଜମା ହୋଇ ରହୁଛି। ସେହିପରି ରକ୍ତ ଭଣ୍ଡାର ସମ୍ମୁଖ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ବିଭିନ୍ନ ସ୍ଥାନ ଅପରିଷ୍କୃତ ହୋଇ ପଡ଼ିଛି। ଏପରିକି ଡାକ୍ତରଖାନା ବାହାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଡାକ୍ତରଖାନାକୁ ଲାଗି ରହିଥିବା କାନ୍ଥ ତଥା ସମ୍ମୁଖ ରାସ୍ତାର ବାମପାର୍ଶ୍ୱରେ ସ୍ତୁପ ଭଳି ମଇଳା, ଆବର୍ଜନା ଗଦା ହେବା ନିତିଦିନିଆ ଘଟଣା ହୋଇଛି। ସେହି ସ୍ଥାନ ମଧ୍ୟ ଅପରିଷ୍କୃତ ହୋଇଥିବାବେଳେ ସେଠାରେ ଗାଈଗୋରୁ, କୁକୁର ବିଚରଣ କରୁଥିବା ଦେଖିବାକୁ ମିଳୁଛି। ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଯଦି ଏଭଳି ଅପରିଷ୍କାର ରହୁଛି, ତେବେ ଅନ୍ୟଆଡ଼େ ପରିମଳ ବ୍ୟବସ୍ଥା କିଭଳି ରହିଥିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

ଅନ୍ୟପଟେ ଜିଲା ମ୍ୟାଲେରିଆ ଅଧିକାରୀ ଡା. ସାଧୁଚରଣ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାର ଖୁଣ୍ଟପାଲିରେ ଏପର୍ଯ୍ୟନ୍ତ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେ ଭୁବନେଶ୍ୱରରେ ରହୁଥିବାବେଳେ ଗ୍ରାମକୁ ଆସିଥିଲେ ଏବଂ ଜ୍ୱର ହେବାରୁ ରକ୍ତ ପରୀକ୍ଷାରୁ ତାଙ୍କୁ ଡେଙ୍ଗୁ ହୋଇଥିବା ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ଖୁଣ୍ଟପାଲି ଗ୍ରାମକୁ ଯାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରୀକ୍ଷା ନିରୀକ୍ଷା କରି ସଚେତନତା ସୃଷ୍ଟି କରାଯାଇଛି। ଏହାସହିତ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇ ସେଥିପ୍ରତି ନଜର ରଖାଯାଇଛି। ଡେଙ୍ଗୁକୁ ନେଇ ଆସନ୍ତା ଅଗଷ୍ଟ ୧୦ରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ମଧ୍ୟ ରହିଛି ଏବଂ ମୋଟାମୋଟି ଭାବେ ଡେଙ୍ଗୁକୁ ନେଇ ବରଗଡ଼ ନିରାପଦ ରହିଛି ବୋଲି ଡା. ଦାଶ କହିଥିଲେ।



ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର ପରିସର।

## ଚାରା ରୋପଣ, ବଣ୍ଟନ କାର୍ଯ୍ୟକ୍ରମ

**ଗାଇସିଲେଟ୍,୨୨।୭ (ବେଦପ୍ରକାଶ କଲେତ୍)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଫିରିଙ୍ଗିମାଲ ପଞ୍ଚାୟତ ଘଡ଼ଘଡ଼ିମାଳ ଗ୍ରାମର ପ୍ରଗତି ଅନୁଷ୍ଠାନ ପକ୍ଷରୁ ଚାରା ବଣ୍ଟନ ଏବଂ ରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଫଳଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାସ୍ତାପାର୍ଶ୍ୱରେ ମଧ୍ୟ ଚାରାରୋପଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ତପନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରଙ୍କୁ ଫଳଚାରା ବଣ୍ଟନ କରାଯାଉଛି ।

## ବି-ଟେକ୍ ପରୀକ୍ଷାରେ ବିକାଶର ସଫଳତା



ମୋନାଲିସା ମହାପାତ୍ର



ଟ୍ୱିଙ୍କିଲ କୁଷ୍ଟା



ଆୟୁଷ କୁମାର ଟୁଙ୍ଗୋ



ଆଶିଷ ବିଶି

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ)**

ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଦ୍ୱାରା ସଦ୍ୟ ପ୍ରକାଶିତ ୨୦୨୨-୨୩ ଶିକ୍ଷାବର୍ଷ ବି-ଟେକ୍ ଇଞ୍ଜିନିୟରିଂ ପରୀକ୍ଷାଫଳରେ ବରଗଡ଼ର ବିକାଶ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଶତପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ସଫଳତା ହାସଲ କରିଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନର ଜଣେ ଛାତ୍ରୀ ୯ସିଜିପିଏରୁ ଊର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୨୦ଜଣ ୮ସିଜିପିଏରୁ ଅଧିକ ମାର୍କ ରଖିଛନ୍ତି । ସିଭିଲ ବିଭାଗର ମୋନାଲିସା ମହାପାତ୍ର ୯.୦୭ ସିଜିପିଏ, କମ୍ପ୍ୟୁଟର ସାଇନ୍ସ ବିଭାଗର ଆୟୁଷ କୁମାର ଟୁଙ୍ଗୋ ୮.୮୯ ସିଜିପିଏ, ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ବିଭାଗର ଟ୍ୱିଙ୍କିଲ କୁଷ୍ଟା ୮.୭୭ ସିଜିପିଏ, ମେକାନିକାଲ ବିଭାଗର ଆଶିଷ ବିଶି ୮.୫୧ ସିଜିପିଏ ମାର୍କ ରଖି ବ୍ରାଞ୍ଚ ଟପ୍ପର ହୋଇଛନ୍ତି। କମ୍ପ୍ୟୁଟର ବିଭାଗର ଓମ୍କାର ୮.୭୯, ରିସିତା ୮.୬୧, ସାଗରିକା ୮.୫୬, ଯଶୋବନ୍ତ ୮.୫୬, କିରନ ୮.୫୧, ମନ୍ଦାକିନୀ ୮.୪୧, ଚନ୍ଦ୍ରିକା ୮.୪୧, ପ୍ରିୟଙ୍କା ୮.୩୮ ସିଜିପିଏ, ସିଭିଲ ବିଭାଗର ରଞ୍ଜନ ୮.୭୯, ବିନିତା ୮.୭୧, ରାଜେଶ୍ୱରୀ ୮.୫୫, ସଦାନନ୍ଦ ୮.୩୬ ସିଜିପିଏ, ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ବିଭାଗର ସୁଜିତ ୮.୬୬, ରାଜା ୮.୪୬, ଆଲୋକ ୮.୩୮, ଚିନ୍ମୟ ୮.୩୬ ମାର୍କ ରଖିଛନ୍ତି ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଅଜୟ କୁମାର ମହାପାତ୍ର ପ୍ରକାଶ କରିବା ସହିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିକାଶ ଗ୍ରୁପ୍ର ଚେୟାରମ୍ୟାନ ଡି. ମୁରଲୀ କୃଷ୍ଣା ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିକାଶ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଉଚ୍ଚମାନର ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ବିକାଶ ଗ୍ରୁପ୍ର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଏହି ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ମହାପାତ୍ର, ଉପାଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନେକ ପ୍ରତିଷ୍ଠିତ କମ୍ପାନୀମାନଙ୍କ ଦ୍ୱାରା ମନୋନିତ ହେବା ସହିତ ବହୁ ଛାତ୍ରୀଛାତ୍ର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ଲାଭ ପାଇଁ ମନୋନିତ ହୋଇଛନ୍ତି ।

## ବ୍ୟାଙ୍କ ଅଧିକାରୀଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ୟାଙ୍କ କଲୋନୀ ନିବାସୀ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ପରଲୋକ ହୋଇଛି। ତାଙ୍କୁ ୭୨ବର୍ଷ ହୋଇଥିଲା। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୦ତାରିଖରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କ ପରଲୋକରେ ଶନିବାର ବରଗଡ଼ରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ ଶ୍ରୀମୁଖ ପ୍ରଧାନ, ଭୁବନେଶ୍ୱରୀ ପ୍ରସାଦ ମିଶ୍ର, ଭକ୍ତ ପ୍ରଧାନ, କେଦାର ମିଶ୍ର, ଦିଲୀପ ମିଶ୍ର, ସୋମଦତ୍ତ ବାବୁ ପ୍ରମୁଖ ଉପସ୍ଥିତ ରହି ନୀରବ ପ୍ରାର୍ଥନା ସହିତ ସ୍ୱର୍ଗତ ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ବ୍ୟାଙ୍କ ଅଧିକରୀଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା ।

## ରାସ୍ତା ମରାମତି କଲେ ଯୁବଗୋଷ୍ଠୀ



ଭାଲୁଡୁଙ୍ଗୁରୀ ଗ୍ରାମର ଯୁବଗୋଷ୍ଠୀ ରାସ୍ତା ମରାମତି କରୁଛନ୍ତି।

**ପଦ୍ମପୁର,୨୨।୭ (ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିତା ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲିରୁ ଭାଲୁଡୁଙ୍ଗୁରି ୨ କି.ମି ରାସ୍ତା ଶୋଚନୀୟ ହୋଇପଡିଛି। ଛାତ୍ରୀଛାତ୍ର ସ୍କୁଲ ଯାଇପାରୁନାହାନ୍ତି। ଗାଁକୁ ଆମ୍ବୁଲାନ୍ସ ଆସିପାରୁନି ଏବଂ ଗ୍ରାମବାସୀ ପଞ୍ଚାୟତ, ବ୍ୟାଙ୍କ, ମେଡିକାଲ, ବଜାର ଆସିଲା ବେଳେ ହଇରାଣ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବହୁବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି। ଫଳରେ ଶନିବାର ଭାଲୁଡୁଙ୍ଗୁରି ଗ୍ରାମର ଯୁବଗୋଷ୍ଠୀ ନିଜେ ଶ୍ରମ ଦାନ କରି ରାସ୍ତା ମରାମତି କରିଛନ୍ତି।

## କଠିନ ପରିଶ୍ରମ ସଫଳତାର ମୂଳମନ୍ତ୍ର

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ସ୍କୁଲର ପୂର୍ବତନ ଶିକ୍ଷୟିତ୍ରୀ ଭାବନା ସାହୁଙ୍କୁ ଶନିବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାହୁ ବର୍ତ୍ତମାନ ଅମ୍ବାଭୋନା ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା, ମୀନା ପଣ୍ଡା, ସୁଧାଂଶୁ ଶେଖର ସାହୁ, ଡାକ୍ତର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅତିଥିବୃନ୍ଦ ବ୍ଲକ ଶିକ୍ଷାଧିକାରୀ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନିରନ୍ତର ଉଦ୍ୟମ, କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର ବୋଲି ସମ୍ବର୍ଦ୍ଧନାର ଉତ୍ତରରେ ସାହୁ କହିଥିଲେ। ଶିକ୍ଷୟିତ୍ରୀ ସୁନିତା ମିଶ୍ର, ଗୀତା ଜାଲ, ଜ୍ୟୋତ୍ସ୍ନା ତ୍ରିପାଠୀ, ବବିତା ନାଏକ ନନ୍ଦିତା ସାହୁ, ନୀଳିମା ପ୍ରଧାନ, ତପସ୍ୱିନୀ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ଅଶ୍ଲେଷା ମହାନନ୍ଦ, ରେଣୁକା ଭୋଇ, ଡୋଲେଶ୍ୱରୀ ସୁନା, ସାଲିନୀ ସା, ଅନ୍ନପୂର୍ଣ୍ଣା ଦାଶ ପ୍ରମୁଖ ଉପହାର ପ୍ରଦାନ କରିଥିଲେ ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼,୨୨।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ଚାଲିଥିବା ନିଶା କାରବାର ଏବଂ ନିଶା ଜନିତ ଅପରାଧ ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ନିଶା ବିରୋଧରେ ଶୁକ୍ରବାର ରାତିରେ ସ୍ଥାନୀୟ ୱାର୍ଡ ନଂ-୧ କେଶବ ନଗରର ଶତାଧିକ ମହିଳା ସ୍ଥାନୀୟ ଟାଉନ ଥାନାକୁ ଆସି ନିଶା କାରବାର ବନ୍ଦ ଦାବି କରିଥିଲେ। ଏହାପରେ ଶନିବାର ବରଗଡ଼ ଟାଉନ ଥାନା ପୋଲିସ କେଶବ ନଗରକୁ ଯାଇ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ କରିଥିଲା। ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ଏବଂ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି ନିଶା ନିବାରଣ ଉପରେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ନିଶା କାରବାରରୁ ନିବୃତ୍ତ ରହିବାକୁ ପଡ଼ାବାସୀଙ୍କୁ ପରାମର୍ଶ ଦେଇଥିଲେ।



## ଚାଷୀ ପଞ୍ଜୀକରଣ ତାରିଖକୁ ନେଇ ଅଡୁଆ

**ଭେଡେନ,୨୨।୭(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ନିଅଣ୍ଟିଆ ବର୍ଷା ଯୋଗୁ ଚଳିତ ଖରିଫ ଚାଷ କାମ ଧିମେଇ ଯାଇଛି। କେବଳ ହୀରାକୁଦ ସେଚାଞ୍ଚଳ ଏବଂ ଉଠାସେଚ ପ୍ରକଳ୍ପ ଅଞ୍ଚଳରେ ରୁଆ ବେଉଷୁଣ କାମ ଚାଲିଛି। ଏପରିକି କେତେକ ଜମିରେ ତଳିପକା ମଧ ସରିନାହିଁ। ଏହା ଭିତରେ ସରକାର ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଅବଧି ଧାର୍ଯ୍ୟ କରିଛନ୍ତି। ଚଳିତ ଖରିଫ ଧାନ ବିକ୍ରି ପାଇଁ ଗତ ୧୫ରୁ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ଏହା ଚାଷୀଙ୍କୁ ଅଡୁଆରେ ପକାଇଛି। ଏବେ ଚାଷୀ ଚାଷକାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ପଞ୍ଜୀକରଣ ପାଇଁ ସମୟ ବାହାର କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି । ଫଳରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଚାଷୀ କେତେ ଧାନ ବିକ୍ରି କରିବ ପଞ୍ଜୀକରଣ ଫର୍ମରେ ତାହା ଏବେଠୁ ଦର୍ଶାଇବାକୁ ପଡ଼ିବ। ଅପରପକ୍ଷେ ପଞ୍ଜୀକରଣ କାମ ପାକ୍ସ କରୁଥିବାରୁ କେତେ ଜମି ପଞ୍ଜୀକରଣ ହେଉଛି ତାର ଠିକ୍ ତଥ୍ୟ ମିଳିପାରୁନାହିଁ। କେତେ ଜଳସେଚିତ ଏବଂ କେତେ ଅଣଜଳସେଚିତ ଜମିରେ ଚାଷ ହୋଇଛି ତାହା ସ୍ପଷ୍ଟ ହେଉନାହିଁ। ଏହାଦ୍ୱାରା ଅନେକ ଚାଷୀ ଧାନ ଚାଷ କରି ମଧ ଉକ୍ତ ଜମିର ଉତ୍ପାଦିତ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ସେହିପରି ଅନେକ ଚାଷୀ କମ୍ ଜମି ଥିବାରୁ ପଞ୍ଜୀକରଣ କରୁ ନ ଥିବା ଦେଖିବାକୁ ମିଳୁଛି। ଏଥିପାଇଁ ରାଜସ୍ୱ ଏବଂ କୃଷି ବିଭାଗକୁ ମିଳିତ ଭାବେ ଦାୟିତ୍ୱ ଦିଆଯିବାକୁ ଅନେକ ସମୟରେ ଚାଷୀ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି ଅଭିଯୋଗ ହେଉଛି । କେନ୍ଦ୍ରୀୟ ପରିବର୍ତ୍ତେ ଜିଲାସ୍ତରରେ ଧାନ କିଣାବିକା ପ୍ରକ୍ରିୟା ଗ୍ରହଣ କରାଗଲେ ଚାଷୀମାନେ ଲାଭବାନ ହୁଅନ୍ତେ ବୋଲି ଚାଷୀନେତା ଆର୍ତ୍ତତ୍ରାଣ ତ୍ରିପାଠୀ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

ସୂଚନାଯୋଗ୍ୟ, ରବି ଋତୁରେ ଧାନ ବିକ୍ରି କରିବା ପାଇଁ ମାର୍ଚ୍ଚ ୧ରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଚାଷୀ ସମବାୟ ସମିତି ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ଫର୍ମ ଦାଖଲ କରିପାରିବେ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ରବିଋତୁ ଧାନ ବିକ୍ରି ପାଇଁ ବରଗଡ ଜିଲା ଭେଡେନ ବ୍ଲକ ୪ଟି ପାକ୍ସ ଜରିଆରେ ୧୩ ହଜାର ୨୪ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ଭେଡେନ ପାକ୍ସରେ ୪୪୧୫ ଜଣ, ସଂକ୍ରିଡା ୩୪୨୨, ସିଆଲଖଣ୍ଡହଥା ୩୦୭୦ ଏବଂ ରୁଷୁଡା ପାକ୍ସରେ ୨୧୧୭ ଜଣ ଚାଷୀ ଫର୍ମ ଦାଖଲ କରିଛନ୍ତି। ସେହିପରି ଭେଡେନରେ ୪୦୯୯ ନବୀକରଣ, ନୂତନ ୩୧୬, ସଂକ୍ରୀଡାରେ ୩୨୪୬ ନବୀକରଣ, ନୂତନ ୧୭୬, ସିଆଲଖଣ୍ଡହଥାରେ ୨୭୩୦ ନବୀକରଣ, ନୂତନ ୩୪୦ ଏବଂ ରୁଷୁଡା ପାକ୍ସରେ ୧୮୮୮ ଜଣ ନବୀକରଣ କରିଥିବା ବେଳେ ୨୨୯ ଜଣ ଚାଷୀ ନୂତନ ଭାବେ ପଞ୍ଜୀକରଣ କରିଛନ୍ତି। ବ୍ଲକରେ ସମୁଦାୟ ୧ ହଜାର ୬୧ ଜଣ ନୂତନ ଚାଷୀ ଫର୍ମ ଦାଖଲ କରିଥିଲେ।

## ପଦ୍ମପୁର ଜିଲା ଦାବି ତେଜିଲା

**ପଦ୍ମପୁର,୨୨।୭ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଓକିଲ ସଂଘ ସମ୍ମିଳନୀ କକ୍ଷରେ ପ୍ରସ୍ତାବିତ ପଦ୍ମପୁର ଜିଲା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ସନ୍ତୋଷ ଶତପଥି ଓ ସମ୍ପାଦକ ଚିନ୍ମୟ କୁମାର ପଣ୍ଡାଙ୍କ ସମ୍ପାଦନାରେ ଏହି ବୈଠକ ହୋଇଥିଲା। ସନ୍ତୋଷ ସତପଥି କହିଥିଲେ, ଉପ ନିର୍ବାଚନ ସମୟରେ ପଦ୍ମପୁରକୁ ଜିଲା ମାନ୍ୟତା ଦାବି ଜୋର ଧରିଥିଲା ଏବଂ ଶାସକ ଦଳ ଜିଲା ଗଠନକୁ ସୁନିଶ୍ଚିତ କରିଥିଲା। କିନ୍ତୁ ଅଦ୍ୟାବଧି ତାର ଆନୁଷଙ୍ଗିକ କୌଣସି ପଦକ୍ଷେପ ନେଇନାହିଁ। ଏହି ପରିପ୍ରେକ୍ଷୀରେ ସେ ଅଞ୍ଚଳବାସୀଙ୍କ ମତ ଆହ୍ୱାନ କରିଥିଲେ। ଝାରବନ୍ଧ, ପାଇକମାଳ, ଗାଇସିଲେଟ, ପଦ୍ମପୁର ଓ ଅନ୍ୟାନ୍ୟ ଅଞ୍ଚଳରୁ ପ୍ରତିନିଧି ଯୋଗଦାନ କରି ଜିଲା ଗଠନର ପରବର୍ତ୍ତୀ ପଦକ୍ଷେପ ପାଇଁ ମତ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଗୌନ୍ତିଆ ସାହୁ, ଅନ୍ନଦା ସରାଫ, ମନୋଜ ତ୍ରିବେଦୀ (ପାଇକମାଳ), ରମେଶ ବାରିକ (ଝାରବନ୍ଧ), ଲାୟନ୍ସ କ୍ଲବର ପ୍ରୀତମ ମେହେର, ତୁଳାରାମ ବେହେରା (ଜମଲା), ନାଟ୍ୟକାର ଅଶୋକ ବହିଦାର, ରାଜବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ, ଲିଙ୍ଗରାଜ ପ୍ରଧାନ, ବଣିକ ସଂଘର ରାଧାମାଧବ ଦୋରା, ରାଜବୋଡାସମ୍ବର କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥି, ଅରବିନ୍ଦ ପଣ୍ଡା, ଷ୍ଟାମ୍ପ ଭେଣ୍ଡର ସଂଘର ସନ୍ତୋଷ ମହାନ୍ତି, ଚାଷୀନେତା ବିମଳ ଦେବତା, ରାମପ୍ରସାଦ କଣ୍ଟା, ସୁବ୍ରତ ସାହୁ ପ୍ରମୁଖ ଜିଲା ଗଠନ ଦାବିକୁ ଆନ୍ଦୋଳନର ରୂପ ଦେବାକୁ ମତବ୍ୟକ୍ତ କରିଥିଲେ। ଆଗାମୀ ୨୯ରେ ରାଜାଜୀ ଟାଉନ ହଲରେ ପରବର୍ତ୍ତୀ ବୈଠକ ହେବ ଏବଂ ଏହି ବୈଠକରେ ବିଧାୟକ, ପୂର୍ବତନ ବିଧାୟକମାନଙ୍କୁ ଆମନ୍ତ୍ରଣ କରାଯିବ। ଜିଲା ଗଠନ କାର୍ଯ୍ୟ ସରକାରୀ ସ୍ତରରେ କେତେଦୂର ଅଗ୍ରଗତି ହୋଇଛି ତାର ସମୀକ୍ଷା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ସମ୍ପାଦକ ଚିନ୍ମୟ ପଣ୍ଡା ଘୋଷଣା କରିଥିଲେ। ପଦ୍ମପୁର ସହରର ସମସ୍ତ ପ୍ରତିଷ୍ଠାନର ପ୍ରତିନିଧି ଯୋଗଦାନ କରିଥିଲେ।



ପଦ୍ମପୁର ଓକିଲ ସଂଘର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପ୍ରତିନିଧିଗଣ।

## ଆଜି କ'ଣ କେଉଁଠି

ରାଉରକେଲା
- କର୍କଟ ରୋଗ ସଚେତନତା ଶିବିର, ହୋଟେଲ ସୋଲେସ, ସକାଳ ୧୦ଟା।
- ନାଗରିକ ସୁରକ୍ଷା କମିଟି ପକ୍ଷରୁ ମହିଳା ସମ୍ମିଳନୀ, ସେକ୍ଟର-୫, ଭଞ୍ଜ ଭବନ, ସକାଳ ୧୦ଟା।
- କରାଟେ ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସେକ୍ଟର-୨୦, ରାଉରକେଲା କ୍ଲବ, ସକାଳ ୭ଟା।
- ଜିଲାସ୍ତରୀୟ ଯୋଗ କର୍ମଶାଳା, ଡିଏଭି ବିଦ୍ୟାଳୟ, ବାସନ୍ତୀ କଲୋନୀ, ସକାଳ ୭ଟା ।
- ନାରାୟଣ ସ୍ୱେଚ୍ଛାସେବୀ ସଙ୍ଗଠନ ବୈଠକ, ଜଗଦା କମ୍ୟୁନିଟି ସେଣ୍ଟର, ସନ୍ଧ୍ୟା ୭ଟା।
- ଜିଲାସ୍ତରୀୟ ଓଷ୍ଟା ସମ୍ମିଳନୀ, ଛେଣ୍ଡ ହୃଷୀକେଶ ରାୟ କଲେଜ, ପୂର୍ବାହ୍ନ ୧୧ଟା।



ମଣିପୁର ହିଂସାର ପ୍ରତିବାଦରେ ଶନିବାର ବିଶ୍ରା ଛକରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । (ଫଟୋ: ବିବେକ)

## ମଣିପୁର ହିଂସା ପ୍ରତିବାଦରେ ବିକ୍ଷୋଭ

**ରାଉରକେଲା, ୨୨।୭(ସଙ୍ଗୀତା ଜେନା)**

ମଣିପୁରରେ ଅଢ଼େଇ ମାସରୁ ଉର୍ଦ୍ଧ୍ୱ ସମୟ ଧରି ହିଂସା ଏବଂ ମହିଳାଙ୍କୁ ବଳାତ୍କାର ଓ ଉଲଗ୍ନ କରି ପରେଡ୍ କରାଇବା ଘଟଣାରେ ଦେଶବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି। ଉକ୍ତ ଜଘନ୍ୟ କାଣ୍ଡକୁ ଲୁଚାଇବା ପାଇଁ ହୀନ ପ୍ରୟାସ କରାଯାଉଛି। ତେବେ ସତ୍ୟ କେବେ ଲୁଚି ରହିପାରିବ ନାହିଁ। ଶନିବାର ସନ୍ଧ୍ୟାରେ ବିଶ୍ରା ଛକରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ଏଭଳି କହିବା ସହ ଉକ୍ତ ଘଟଣାକୁ କଡ଼ା ନିନ୍ଦା କରିଛନ୍ତି। ଏହି ଅବସରରେ ସଙ୍ଗଠନର କାର୍ଯ୍ୟକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଆଇଏମ୍‌ଏସ୍‌ଏସ୍‌ର ଜିଲା ସଭାନେତ୍ରୀ ଲିଓନ ତିର୍କୀ, ସମ୍ପାଦିକା ବିଦ୍ୟୁତ ମହାନ୍ତି, ଗୀତାଞ୍ଜଳୀ ମହାନ୍ତି, କବିତା ମହାନ୍ତି, ପ୍ରତିଭା ଦଣ୍ଡପାଟ, ଅସୀମା ବେହେରା, ମହିଳା ସଙ୍ଗଠିକା ତାରିଣୀ ସେଠୀ, ରେଖା କୋଠାରୀ, ଭଗବତୀ ବିଶ୍ୱାଳ, ଜୟନ୍ତୀ ସାହୁ, ସୀତା ସାହୁ, ବିରେନ ନାଏକ, ସଂଗ୍ରାମ ପରିଡ଼ାଙ୍କ ସମେତ ଶତାଧିକ ମହିଳା, ଶ୍ରମିକ, ବୁଦ୍ଧିଜୀବୀ ବିକ୍ଷୋଭରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମଣିପୁର ହିଂସା, ମହମବତି ଜଳାଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ



**ରାଉରକେଲା, ୨୨।୭(ସଙ୍ଗୀତା ଜେନା):** ମଣିପୁର ହିଂସାର ପ୍ରତିବାଦରେ ଛେଣ୍ଡ କଳିଙ୍ଗ ବିହାର ବିଜୁ ପଟ୍ଟନାୟକ ଛକରେ ଶନିବାର ସନ୍ଧ୍ୟାରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ମହମବତୀ ଜଳାଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। କାର୍ଯ୍ୟକ୍ରମରେ ସମାଜସେବୀ ବିଶ୍ୱଜିତ ରାଉତ, ସରିତା ପଲେଇ, ରାଜୀବ ପଲେଇ, ବିଜୟାନନ୍ଦ ସୁନ୍ଦରରାୟ, ଦୀପ୍ତି ସୁନ୍ଦରରାୟ, ଗ୍ରେସୀ ଡେଭିଡ୍, ଗାରିମା ପତ୍ରୀ, ଅରୁନ୍ଧତୀ ସ୍ୱାଇଁ, ସରୋଜ ପ୍ରଧାନ, ପାର୍ଥ ସାରଥୀ ଦାସ, ସରୋଜ ଡୁଙ୍ଗଡୁଙ୍ଗଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଛେଣ୍ଡରେ ବୃକ୍ଷରୋପଣ, ସଚେତନତା ସଭା

**ରାଉରକେଲା,୨୨।୭(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲାସ୍ଥିତ ବସୁଧୈବ କୁଟୁମ୍ବକମ୍ ଅନୁଷ୍ଠାନ ପକ୍ଷରୁ ଶନିବାର କଳ୍ପତରୁ ଆଶ୍ରମର ଅନ୍ତେବାସୀଙ୍କୁ ନେଇ ଛେଣ୍ଡ ପ୍ରାଥମିକ ବିଦ୍ୟାଳୟ, ଛେଣ୍ଡ ବସ୍ତି ଓ ରାମକୃଷ୍ଣ ମିଶନ ହାଇସ୍କୁଲରେ ବୃକ୍ଷରୋପଣ ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଶିକ୍ଷାବିତ୍ ରାଜକୁମାର ମହାନ୍ତି, ପୂର୍ବତନ ଜିଲା ଶିକ୍ଷା ନିରୀକ୍ଷିକା ରଶ୍ମୀବାଳା ରାଉତରାୟ ଓ ମୃଣାଳ ରଥ ଯୋଗଦେଇ ବୃକ୍ଷରୋପଣର ଉପକାରିତା ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ଆଶ୍ରମ ଅଧକ୍ଷା ସରୋଜିନୀ ଦେବୀ, ଗୋବିନ୍ଦ ଗୋପାଳ, ଶିକ୍ଷୟିତ୍ରୀ ପ୍ରତିମାବାଳା ମିଶ୍ର, ଶିକ୍ଷକ ନିରଞ୍ଜନ ମହନ୍ତ ଓ ସିଆରସିସି ବିଦ୍ୟୁତ୍‌ଲତା ସୁତାର, ରାମକୃଷ୍ଣ ମିଶନ ହାଇସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ସ୍କୁଲ ପିଲା ଓ ଆଶ୍ରମ ଅନ୍ତେବାସୀଙ୍କ ସହିତ ମିଶି ନିମ୍ବ, ଆମ୍ବ ଏବଂ ଜାମୁ ଆଦି ବୃକ୍ଷଚାରା ରୋପଣ କରିଥିଲେ। କବିତା ରଥ, ପ୍ରଶାନ୍ତ କୁମାର ଦାସ ଅଧିକାରୀ, ସୂର୍ଯ୍ୟ ନାରାୟଣ ପଣ୍ଡା, ଶ୍ରୀଧର ଚନ୍ଦ୍ର ସାମଲ, ରତିକାନ୍ତ ବେହେରା ସହଯୋଗ କରିଥିଲେ। ସମ୍ପାଦକ ଅନୀଲ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପଦେଷ୍ଟା ହରିହର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

# ଜମାଟଙ୍କା ପାଇବାକୁ ନେଇ ଦ୍ୱନ୍ଦ୍ୱ

**ରାଉରକେଲା,୨୨।୭(ସଙ୍ଗୀତା ଜେନା)**


ଭେଷଜ ମହାନ୍ତ


ଯଶୋଦା ତିର୍କୀ


ରୀତା ସାମଲ

ଗତ କିଛି ବର୍ଷ ତଳେ ରାଜ୍ୟରେ ଅଧିକ ଲାଭ ଆଶାରେ ଅଣବ୍ୟାଙ୍କିଙ୍ଗ ସଂସ୍ଥାଗୁଡ଼ିକରେ ଲୋକେ ନିଜର ପୁଞ୍ଜିକୁ ନିବେଶ କରିଥିଲେ। ତେବେ ଗୋଟିଏ ପରେ ଗୋଟିଏ ଉକ୍ତ ସଂସ୍ଥା ଉଭାନ ହୋଇଯିବା ପରେ ଲୋକଙ୍କ ମଧ୍ୟରେ ନିଜ ଜମାଟଙ୍କା ଫେରିପାଇବା ନେଇ ସଂଶୟ ପ୍ରକାଶ ପାଇଥିଲା। ଏହି ଅଣବ୍ୟାଙ୍କିଙ୍ଗ ସଂସ୍ଥା ଅନେକ ଭୂତ ଠିକଣା ଦେଇ ଲୋକଙ୍କୁ ଠକିଥିଲେ। ଏପରିକି ସେମାନଙ୍କ ସ୍ଥାନୀୟ ଠିକଣା ମଧ୍ୟ ନକଲି ଥିଲା। ଏଭଳି ସଂସ୍ଥାକୁ ଲୋକେ ଆଉ ବିଶ୍ୱାସ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ଏକ ଅଣବ୍ୟାଙ୍କିଙ୍ଗ ସଂସ୍ଥା ସାହାରା ଇଣ୍ଡିଆ ପରିବାରକୁ ନେଇ ମଧ୍ୟ ଲୋକେ ସମାନ ମତ ପୋଷଣ କରିଥିଲେ। କୋଟି କୋଟି ଟଙ୍କା ଫେରସ୍ତ ପାଇବା ଆଶା ଦେଖାଇ କମ୍ପାନୀର ଏଜେଣ୍ଟମାନେ ସାଧାରଣ ଖଟିଖିଆ, ଶ୍ରମିକ, ରିକ୍ସାବାଲା ତଥା ଗରିବ ଶ୍ରେଣୀୟ ଲୋକଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ସାହାରା ପରିବାରରର ହାଲତ ବିଗିଡ଼ିବା ପରେ ନିବେଶକଙ୍କ ଟଙ୍କା ଫେରିବା ବାଟ ବନ୍ଦ ହୋଇଯାଇଥିବା ଆଲୋଚନା ହୋଇଥିଲା। ତେବେ ଗତ ୧୮ ତାରିଖରେ ନୂଆଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହା ସାହାରା ପରିବାର ନିବେଶକଙ୍କ ସପକ୍ଷରେ ଏକ ନିର୍ଦ୍ଦେଶ ଜାରି କରିବା ଜମାକାରୀ ନିଜ ପୁଞ୍ଜି ଫେରିପାଇବା ଆଶା ଉଜ୍ଜୀବିତ ହୋଇଛି।

ଗୃହମନ୍ତ୍ରୀ ଶାହା ଜମାକାରୀ ନିବେଶ ଟଙ୍କା ଫେରି ପାଇବା ପାଇଁ ଅନ୍‌ଲାଇନ ବ୍ୟବସ୍ଥା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଏକ ପୋର୍ଟାଲ (ସାହାରା ରିଫଣ୍ଡ ପୋର୍ଟାଲ) ମଧ୍ୟ ଲୋକାର୍ପିତ କରିଛନ୍ତି। ହେଲେ ଏହି ପୋର୍ଟାଲର ପ୍ରଚାର ପ୍ରସାର ହୋଇ ନ ଥିବାରୁ ସାହାରା ନିବେଶକମାନେ ଟଙ୍କା ରାଣି ପାଇବା ନେଇ ସଂଶୟ ଜାରି ରହିଛି। ସମୟେ ସମୟେ ପୋର୍ଟାଲ କାର୍ଯ୍ୟ କରୁ ନ ଥିବା ଭଳି ଗୁଜବ ଶୁଣିବାକୁ ମିଳୁଛି। କେହି କେହି ମାତ୍ର ୧୦ ପ୍ରତିଶତ ଟଙ୍କା ମିଳିବ ବୋଲି କହୁଥିବା ବେଳେ ଆଉ କେତେକ ଏହାକୁ ଧୂଆଁବାଣ ବୋଲି କହୁଛନ୍ତି। ଏଭଳି ଦ୍ୱନ୍ଦ୍ୱ ଯୋଗୁ ନିବେଶକାରୀ ଗରିବ ଲୋକେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ଏଜେଣ୍ଟମାନେ ସଚେତନ ନ ଥିବାରୁ ସେମାନେ ମଧ୍ୟ ଠିକ୍ ପରାମର୍ଶ ଦେଇ ପାରୁ ନାହାନ୍ତି ବୋଲି ଅଭିଯୋଗ ହେଉଛି। ଜଗଦା ଅଞ୍ଚଳର ଜଣେ ମହିଳା ରୀତା ସାମଲ ପ୍ରାୟ ୧୫ ବର୍ଷ ତଳେ ସାହାରାରେ ନିବେଶ କରିଥିଲେ। ୨୦୨୭ରେ ସେହି ପଲିସିଗୁଡିକର ଅବଧି ଶେଷ ହେଉଛି। ହେଲେଏଜେଣ୍ଟ ଧରାଛୁଆଁ ଦେଉ ନ

### ସରକାରୀ ପୋର୍ଟାଲର ପ୍ରଚାର ଅଭାବ, ଜାଣିପାରୁନାହାନ୍ତି ନିବେଶକ

ଥିବାରୁ ଲାଭକୁ ଛାଡ଼ି ମୂଳ ଟଙ୍କା ମଧ୍ୟ ହରାଇବାକୁ ପଡ଼ିବ ବୋଲି ସାମଲ ଆଶଙ୍କା ପ୍ରକାଶ କରିଛନ୍ତି। ଝିରପାଣିର ଅନ୍ୟ ଜଣେ ମହିଳା ଯଶୋଦା ତିର୍କୀ କହିଛନ୍ତି, ଏଜେଣ୍ଟ ବୁଝାଶୁଝା କରି ଫିକ୍ସ୍ ଡିପୋଜିଟ ସାଙ୍ଗକୁ ଆର୍‌ଡ଼ି ସ୍କିମ୍‌ରେ ୨ଟି ପଲିସି କରିଥିଲେ। ହେଲେ ଟଙ୍କା ଫେରସ୍ତ ମିଳିଲା ନାହିଁ। ଏପରିକି ସ୍ୱାମୀଙ୍କ ଦେହ ଖରାପ ଥିବାବେଳେ ଟଙ୍କା ମଗାଯାଇଥିଲେ ମଧ ସେମାନେ ଦେଲେନାହିଁ ବୋଲି ତିର୍କୀ କହିଛନ୍ତି। ଅନ୍ୟ ଜଣେ ନିବେଶକ ତଥା ଆରଏସପି କର୍ମଚାରୀ ଭେଷଜ ମହାନ୍ତି କହିଛନ୍ତି, ଆବେଦନ କରାଯାଇଛି। କୋଟି କୋଟି ଟଙ୍କାର ପ୍ରଶ୍ନ ରହିଛି। କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ଏହା ନିଶ୍ଚୟ ସମ୍ଭବ ହେବ ବୋଲି ମହାନ୍ତ କହିଥିଲେ। ଏ ସମ୍ପର୍କରେ ରାଉରକେଲା ମେନ୍‌ରୋଡ ସ୍ଥିତ ସିଂ ବିଲ୍‌ଡ଼ିଂରେ ସାହାରା ପରିବାର ସେକ୍ଟର କାର୍ଯ୍ୟାଳୟ ଶାଖା ପରିଚାଳକ ମହାପ୍ରତାପ ସିଂଙ୍କୁ ପଚରାଯିବାରୁ ସେ କହିଲେ, ଲୋକଙ୍କ ବିଶ୍ୱାସ ଧାରା ବଜାୟ ରହିବ। ସେବି, ଆର୍‌ବିଆଇ, ସୁପ୍ରିମକୋର୍ଟ ସମସ୍ତ ବ୍ୟବସ୍ଥା କରିଛନ୍ତି। ୧୮ ତାରିଖ ପରେ ଏଜେଣ୍ଟମାନଙ୍କୁ ଶାଖାରେ ନିବେଶକମାନଙ୍କ ସହ ଯୋଗାଯୋଗ କରିବାକୁ ତାଲିମ ଦିଆଯାଉଛି। ଦୂରଦୂରାନ୍ତ ଅଞ୍ଚଳରେ କମନ ସର୍ଭିସ ସେଣ୍ଟର (ସିଏସ୍‌ସି) ଦ୍ୱାରା ଲୋକଙ୍କୁ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦିଆଯାଉଛି। ଶତପ୍ରତିଶତ ଲୋକେ ତାଙ୍କ ଟଙ୍କା ଫେରିପାଇବେ। ସାଧାରଣ ଲୋକଙ୍କୁ ଟୋଲ ଫ୍ରି ନମ୍ବର (୦୧୧୨୦୮୪୯୦୦୫)ରେ ଯୋଗାଯୋଗ କରିବାକୁ କୁହାଯାଉଛି। ଆବେଦନର ୪୫ ଦିନ ମଧ୍ୟରେ ଲୋକେ ନିବେଶ ଟଙ୍କା ଫେରିପାଇବେ ବୋଲି ସିଂ କହିଥିଲେ।

ସୂଚନାଯୋଗ୍ୟ, ରାଉରକେଲା ଓ ସୁନ୍ଦରଗଡ଼ ଜିଲାରେ ମେନରୋଡ ପାନପୋଷ, ଫର୍ଟିଲାଇଜର, କୋଏଲନଗର, ବିଶ୍ରା, ବନ୍ଧମୁଣ୍ଡା, ରାଜଗାଙ୍ଗପୁର, ବିରମିତ୍ରପୁର, ବଡ଼ଗାଁ, ସୁନ୍ଦରଗଡ଼ (ସଦର) ଆଦି ଅଞ୍ଚଳରେ ସାହାରର ଶାଖା ରହିଛି। ସେହିପରି ଜିଲାରେ ଅଢ଼େଇ ଲକ୍ଷରୁ ଉର୍ଦ୍ଧ୍ୱ ନିବେଶକ ରହିଥିବା ଜଣାପଡ଼ିଛି।

## ଡିଓପି ମାନୁଆଲ ଉନ୍ମୋଚିତ

**ରାଉରକେଲା,୨୨।୭(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଅଧୀନସ୍ଥ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ଡିଓପି ମାନୁଆଲକୁ କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି ଇଡି(ପି ଏଣ୍ଡ ଆଇ)ଙ୍କ ଅଫିସରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର. ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ହୋତା, ବିତ୍ତ ଏବଂ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ଖଣି ବିଭାଗର ସିଜିଏମ ଇନଚାର୍ଜ ପି. କେ. ରଥ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବିଇ ଓ ଆଇଇଡି ବିଭାଗର ଜିଏମ ଇନଚାର୍ଜ ସୁଶ୍ରୀ ଚୈତାଳି ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭିକ୍ଷାବୃତ୍ତି, ଶବଦାହ କରୁଛନ୍ତି ନାବାଳକ

**ରାଉରକେଲା,୨୨।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ବେଦବ୍ୟାସ ପୀଠରେ ନାବାଳକମାନେ ଭିକ୍ଷାବୃତ୍ତି ଓ ଶବଦାହ କରୁଥିବା ଦେଖିବାକୁ ମିଳିଛି। ପ୍ରଶାସନର ଉଦ୍ୟମ ସତ୍ତ୍ୱେ ଏଥିରେ ରୋକ୍ ଲାଗିପାରିନାହିଁ। କିଛିଦିନ ତଳେ ବେଦବ୍ୟାସରେ ଭିକ୍ଷାବୃତ୍ତି କରୁଥିବା ୧୫ଜଣଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରି ସେମାନଙ୍କ ଅଭିଭାବକଙ୍କ ଜିମା ଦିଆଯିବା ସହ ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହା ପୂର୍ବରୁ ମଧ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ବିଦ୍ୟାଳୟ ତରଫରୁ ଏଭଳି ଭିକ୍ଷାବୃତ୍ତି କରୁଥିବା ୮୮ଜଣ ପିଲାଙ୍କୁ ଭିକ୍ଷାବୃତ୍ତିରୁ ନିବୃତ କରାଇ ଶିକ୍ଷା ପ୍ରଦାନ କରାଯାଇଥିଲା। ମାତ୍ର କିଛିଦିନ ପରେ ପୁଣି ବେଦବ୍ୟାସ ନିକଟ ନଇକୁଲିଆ ଅଞ୍ଚଳର ପିଲାମାନେ ଏଭଳି ଭିକ୍ଷାବୃତ୍ତି ଆରମ୍ଭ କରିଛନ୍ତି। ସେହିପରି ଏହି ନାବାଳକମାନେ ବେଦବ୍ୟାସର ସ୍ୱର୍ଗଦ୍ୱାରରେ ଶବଦାହ କାର୍ଯ୍ୟରେ ମଧ ନିୟୋଜିତ ହେଉଛନ୍ତି। ଏହି ପିଲାମାନଙ୍କ ନାଁ ସ୍କୁଲରେ ଥିବାବେଳେ ସେମାନେ ବହି ପୋଷାକ ପାଉଛନ୍ତି। ମାତ୍ର ସେମାନେ ସ୍କୁଲ ନ ଯାଇ ଭିକ୍ଷାବୃତ୍ତି ଓ ଶବଦାହ କରୁଛନ୍ତି। ସୂଚନାଯୋଗ୍ୟ, ରାଉରକେଲା ସହରରେ ଗତ ଜାନୁୟାରୀ ୧ତାରିଖରୁ ଭିକାରୀମୁକ୍ତ ସହର ଯୋଜନା କାର୍ଯ୍ୟକାରୀ କରାଯାଇଛି। ସହରର ରେଲୱେ ଷ୍ଟେଶନ, ମନ୍ଦିର, ମସଜିଦ ଆଦି ସ୍ଥାନରୁ ଭିକ୍ଷୁକଙ୍କୁ ଉଦ୍ଧାର କରି ବିଭିନ୍ନ ସ୍ଥାନରେ ଆଶ୍ରୟ ଦିଆଯାଉଛି। ଅନାଥ ପିଲାମାନଙ୍କୁ ଥଇଥାନ କରାଯାଉଛି। ଏହାସତ୍ତ୍ୱେ ବେଦବ୍ୟାସ ପୀଠ ଭିକ୍ଷୁକମୁକ୍ତ ହୋଇପାରିନାହିଁ। ସ୍ଥାନୀୟ ଜଣେ ସଚେତନ ଯୁବକ ସୋନୁ ଲାକ୍ରା କୁହନ୍ତି, ବେଦବ୍ୟାସ ପୀଠରେ ୧୫ରୁ ଉର୍ଦ୍ଧ୍ୱ ପିଲା ଭିକ୍ଷା ମାଗୁଛନ୍ତି ଏବଂ ୬ରୁ ଉର୍ଦ୍ଧ୍ୱ ପିଲା ସ୍ୱର୍ଗଦ୍ୱାରରେ ଶବଦାହ କରୁଛନ୍ତି। ସରକାର ଓ ପ୍ରଶାସନ ଦୃଷ୍ଟି ଦେଲେ ଏମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୁଅନ୍ତା ବୋଲି ସେ କହିଥିଲେ। ଏ ନେଇ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା କୁହନ୍ତି, ଏଥିରେ ପ୍ରଶାସନ ଯେତିକି ଦାୟୀ ତାଠାରୁ ପିଲାଙ୍କ ଅଭିଭାବକ ଅଧିକ ଦାୟୀ। କେତେକ ଅଭିଭାବକ ନିଜର ସୁଖ ପାଇଁ ପିଲାଛୁଆଙ୍କୁ ସ୍କୁଲ ପରିବର୍ତ୍ତେ ଭିକ୍ଷାବୃତ୍ତି କରିବାକୁ ପ୍ରବର୍ତ୍ତାଉଛନ୍ତି। ଆମେ ବହୁଆଗରୁ ୮୮ଜଣ ପିଲାଙ୍କୁ ଗୁରୁକୁଳ ସଂସ୍କୃତ ବିଦ୍ୟାଳୟରେ ଜ୍ଞାନାଲୋକରେ ସାମିଲ କରିଛୁ। ମାତ୍ର ଉଦ୍ଧାର ହୋଇଥିବା ପିଲାଙ୍କ ମଧ୍ୟରୁ ୪୦ ଭାଗ ପିଲା ପୁଣି ଭିକ୍ଷାବୃତ୍ତି କରୁଥିବା ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ଆରଏମସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ବେଦବ୍ୟାସ ପୀଠରେ ଭିକ୍ଷାବୃତ୍ତି କରୁଥିବା ଅନୁନ୍ନତ ବର୍ଗର ପିଲାମାନଙ୍କୁ ତୁରନ୍ତ ଉଦ୍ଧାର କରି ଥଇଥାନ କରାଯିବ ବୋଲି ସେ କହିଥିଲେ।

### ସରକାରୀ ଯୋଜନା ଫେଲ୍

## ବିଜୁ ପାର୍କରେ ସେଲ୍‌ଫି ପଏଣ୍ଟ




**ରାଉରକେଲା,୨୨।୭(ବିପ୍ଳବ ରଞ୍ଜନ ଦାଶ)**

ସେଲ୍ ଆର୍‌ଏସ୍‌ପି ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନ ବରସୁଆଁ ଲୁହାଖଣି ପକ୍ଷରୁ ବଣେଇ ସ୍ଥିତ ବିଜୁ ପାର୍କରେ ଏକ ସେଲ୍ଫି ପଏଣ୍ଟକୁ ଉପଜିଲାପାଳ ସୁରନ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ସୁଦୀପ କୁମାର ଟପ୍ପୋ, ତହସିଲଦାର ହାବିଲ ଶାଖା, ଏସ୍‌ଡିପିଓ ସ୍ୱରାଜ କୁମାର ଦେବତା, ସରପଞ୍ଚ ନମିତା ନାଗ, କୋଇଲା ଖଣି ବିଭାଗର ଉପନିର୍ଦ୍ଦେଶକ ଅସିତ କୁମାର ବେହେରା, ବରସୁଆଁ ଓ ଟେନ୍‌ସା ଲୌହଖଣିର ଜିଏମ୍ ଇନ୍‌ଚାର୍ଜ ତିଳକ ପଟ୍ଟନାୟକଙ୍କ ସମେତ ବଣେଇ ସବ୍‌ଡିଭିଜନ ଏବଂ ବରସୁଆଁ ଲୌହ ଖଣିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସିଏସ୍‌ଆର ବିଭାଗର ସହକାରୀ ପରିଚାଳକ ଅମିୟ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆସ ପଢ଼ିବା ଆମ ଭାଷା ପୁସ୍ତିକା ଉନ୍ମୋଚିତ

**ରାଉରକେଲା,୨୨।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବିର୍ସା ଡାହାର ରୋଡ୍ ସ୍ଥିତ ଇଣ୍ଡୋ ଇଂରାଜୀ ସ୍କୁଲ ସଭାଗୃହରେ ଶନିବାର 'ଆସ ପଢିବା ଆମ ଭାଷା' ପୁସ୍ତକ ଶନିବାର ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି ମୁଖ୍ୟଅତିଥି ଭାବେ ଯୋଗଦାନ କରି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ସାମାଜିକ ଦାୟିତ୍ୱବୋଧ ବିଭାଗ ପକ୍ଷରୁ ଏହି ପୁସ୍ତକର ରଚନା ପାଇଁ ସମସ୍ତ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ଏନ୍‌ଆଇଟି ମାନବଜାତି ଏବଂ ସାମାଜିକ ବିଜ୍ଞାନ ବିଭାଗ ପ୍ରଫେସର ସମୀତା ମହାନ୍ତିଙ୍କ ଗବେଷଣାତ୍ମକ ସଙ୍କଳନ କ୍ରମେ ଏହି ପୁସ୍ତକ ମୁଦ୍ରିତ ହୋଇଛି। ସମାରୋହରେ ରାଉରକେଲା ଏନ୍‌ଆଇଟି ପ୍ରଫେସର ସୀମିତା ମହାନ୍ତି, ଆର୍‌ଏସ୍‌ପି ସିଜିଏମ୍ ପି. କେ. ସ୍ୱାଇଁ, ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ଜିଏମ୍ ମୁନ୍‌ମୁନ୍ ମିତ୍ର, ଇଣ୍ଡୋ ଇଂରାଜୀ ସ୍କୁଲ ପ୍ରତିଷ୍ଠାତା ଅଧକ୍ଷା ମଞ୍ଜୁ ମୁଖାର୍ଜୀ, ସ୍କୁଲ ଅଧକ୍ଷା ବାସନ୍ତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଏକାଡେମିକ ମୁଖ୍ୟ ଡାକ୍ତର କେ. ବିଶ୍ୱନାଥ ସଭା ପରିଚାଳନା କରିଥିଲେ । ତେବେ ଭାଷା ହିଁ ଆମକୁ ମଣିଷ କରେ। ଭାଷା ପ୍ରତ୍ୟେକ ଜାତିର ଅସଲ ପରିଚୟ। ଆଭ୍ୟନ୍ତରୀଣ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଭାଷାଗୁଡିକୁ ଲିପିବଦ୍ଧ କରି ନ ରଖିଲେ ଅନ୍ୟ ପ୍ରଚଳିତ ପ୍ରମୁଖ ଭାଷା ପ୍ରଭାବରେ ଏହା ସମୟ କ୍ରମେ ସେମାନଙ୍କ ଅସ୍ତିତ୍ୱ ହରାଇ ବସିବେ ବୋଲି ପ୍ରଫେସର ସୀମିତା ମହାନ୍ତି କହିଥିଲେ। ପୁସ୍ତକରେ ଆଦିବାସୀ, ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ଭାଷାଗୁଡିକୁ ସଂଗୃହୀତ କରାଯାଇଛି। ଏଥିରେ ୯ଭିନ୍ନ ଭାଷାରେ ପଢିବାର ସୁଯୋଗ ମିଳିବ। ଶିକ୍ଷୟିତ୍ରୀ କାଞ୍ଚନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି। (ଫଟୋ: ବିବେକ)

# ଅଚଳ ୱାଟର ଟ୍ୟାଙ୍କର, ମିଳୁନି ପାଣି

**ରାଉରକେଲା,୨୨।୭(ଦିନେଶ ମିଶ୍ର)**

ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ୱାଟର ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ମାତ୍ର ଏହି ୱାଟର ଟ୍ୟାଙ୍କର ଅଚଳ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀ ନାନା ଅସୁବିଧା ଭୋଗୁଛନ୍ତି।

ସୂଚନା ଅନୁସାରେ, ରାଉରକେଲା ସରକାରୀ ଡାକ୍ତରଖାନାରେ ଚକ୍ଷୁ, ଆଉଟଡୋର, ଇନ୍‌ଡୋର, ରକ୍ତଦାନ ଭଳି ଏକାଧିକ ବିଭାଗ ରହିଛି। ଏହିସବୁ ବିଭାଗରେ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ସାଙ୍ଗକୁ ମୌଳିକ ସୁବିଧା ଯୋଗାଇ ଦିଆଯାଉଛି। କିନ୍ତୁ ଡାକ୍ତରଖାନା ଆଉଟ୍‌ଡୋର ବିଭାଗ ପ୍ରବେଶ ପଥରେ ଲାଗିଥିବା ୱାଟର ଟ୍ୟାଙ୍କରରୁ ଆଜିକୁ ୩ ମାସ ହେଲା ପାଣି ଆସୁନାହିଁ। ଫଳରେ ରୋଗୀମାନେ ଏ ୱାର୍ଡରୁ ସେ ୱାର୍ଡ ଘୁରି ବୁଲୁଛନ୍ତି। ଆର୍‌ଜିଏଚ୍‌ର ଇନ୍‌ଡୋର ବିଭାଗ ପ୍ରବେଶ ପଥ ସମ୍ମୁଖରେ ଏକ ୱାଟର ଟ୍ୟାଙ୍କର ବ୍ୟବସ୍ଥା ଥିବାବେଳେ ଏହା ଭଗ୍ନ ଅବସ୍ଥାରେ ପଡିରହିଛି। ଏହାର ୪ଟି ଟ୍ୟାପ୍ ୨ ମାସ ଧରି ଅଚଳ ହୋଇପଡିଛି। ଫଳରେ ଇନଡୋରର ବିଭିନ୍ନ ୱାର୍ଡରେ ଚିକିତ୍ସାଧୀନ ରୋଗୀମାନେ ଆର୍‌ଜିଏଚ୍ ରକ୍ତଭଣ୍ଡାର ପଛପଟେ ଥିବା ୱାଟର ଟ୍ୟାଙ୍କର ଉପରେ ନିର୍ଭର କରୁଛନ୍ତି। ସେହିପରି ଆରଜିଏଚ୍ ମୁଖ୍ୟ ଗେଟ୍ ସମ୍ମୁଖରେ ଥିବା ୱାଟର ଏଟିଏମ୍ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଚଳ ଅବସ୍ଥାରେ ପଡିଛି। ଫଳରେ ରୋଗୀମାନେ ପାଣି ବୋତଲ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଆରଜିଏଚ୍



ଆର୍‌ଜିଏଚ୍ ଆଉଟ୍‌ଡୋର୍ ସାମ୍ନାରେ ଥିବା ଅଚଳ ୱାଟର ଟ୍ୟାଙ୍କର।

### ରାଉରକେଲା ସରକାରୀ ଡାକ୍ତରଖାନା

ସହରର ଏକ ପ୍ରମୁଖ ଡାକ୍ତରଖାନା ହୋଇଥିବାବେଳେ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଶିଳ୍ପ କାରଖାନା ପକ୍ଷରୁ ରୋଗୀମାନଙ୍କ ପାଇଁ ଗରମ ପାଣି ଓ ୱାଟର ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ଏସବୁ ସହାୟତା ସତ୍ତ୍ୱେ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ୱାଟର ଟ୍ୟାଙ୍କର ଅଚଳ ହୋଇପଡିଛି। ଏ ନେଇ ଆର୍‌ଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବଙ୍କୁ ପଚାରିବାରୁ ସେ କହିଥିଲେ, ଆର୍‌ଜିଏଚ୍‌ରେ ୱାଟର ଟ୍ୟାଙ୍କର ଅଚଳ ବ୍ୟବସ୍ଥାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଡାକ୍ତରଖାନା ପରିସରରେ ଥିବା ୱାଟର ଟ୍ୟାଙ୍କରଗୁଡ଼ିକୁ ଦେଖିବା ପରେ ଦୁଇଦିନ ଭିତରେ ଏହାକୁ ରୋଗୀଙ୍କ ବ୍ୟବହାର ଉପଯୋଗୀ କରାଯିବ ବୋଲି ଶ୍ରୀବାସ୍ତବ କହିଥିଲେ।

## ସଂକ୍ଷେପରେ

### ଦେଶୀ ମଦ, ମହୁଲି ପୋଚ ନଷ୍ଟ

**ସମ୍ବଲପୁର,୨୨।୭(ବି.ଶଙ୍କର):** ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଏକ ଟିମ୍ ତିଲେଇମାଲ ଓରାମପଡ଼ାରେ ଶନିବାର ଚଢ଼ାଉ କରି ୨ ହଜାର ଲିଟର ଦେଶୀ ରନ୍ଧା ମଦ ଓ ୩ ହଜାର ଲିଟର ମହୁଲି ପୋଚ ନଷ୍ଟ କରିଛି। ଏ ନେଇ ସମ୍ବଲପୁର ଭୁତାପଡ଼ାସ୍ଥିତ ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ସବ୍‌ଇନ୍ସପେକ୍ଟର ବିଷ୍ଣୁଚରଣ ମଲ୍ଲିକଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲା।

### କଫ୍ ସିରପ ଜବତ, ଜଣେ ଗିରଫ

**ସମ୍ବଲପୁର,୨୨।୭(ବି.ଶଙ୍କର):** ସମ୍ବଲପୁର ସଦର ପୋଲିସ ଶନିବାର ଧନକଉଡାଠାରେ ଚଢ଼ାଉ କରି ବହୁ ପରିମାଣରେ କଫ୍ ସିରପ ଓ ନିଶା ବଟିକା ଜବତ କରିଛି। ଏଥିସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଚନ୍ଦନ କୁମାର ସାହୁ। ଏ ନେଇ ପୋଲିସ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ସଦର ପୋଲିସ ଧନକଉଡ଼ା ନିକଟରେ ଏକ ପ୍ଲାଷ୍ଟିକ ଜାରରେ ଥିବା ୧୪ ଲିଟର ଅପମିଶ୍ରିତ କଫ୍ ସିରପ, ୧୦ ଗୋଟି ସିଲ୍ କଫ୍ ସିରଫ, କିଛି ନିଶା ବଟିକା, ନଗଦ ୭୫୦ ଟଙ୍କା ଓ ଏକ କାର୍‌କୁ ଜବତ କରିଛି।

### ମାରପିଟ ନେଇ ଥାନାରେ ମାମଲା

**ସମ୍ବଲପୁର,୨୨।୭(ବି.ଶଙ୍କର):** ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଚର୍ଚ୍ଚ ଛକରେ ଶନିବାର କେତେଜଣ ଯୁବକଙ୍କୁ ଛୁରିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସମ୍ବଲପୁର ହସ୍ପିଟାଲ ପଟରୁ ୨ଟି ବାଇକ୍‌ରେ ୪ ଜଣ ଯୁବକ ନିଜ ଘରକୁ ଫେରୁଥିବା ବେଳେ ଚର୍ଚ୍ଚ ଛକ ନିକଟରେ ୨ ଜଣ ଯୁବକ ପ୍ରଥମେ ସେମାନଙ୍କୁ ଅଟକାଇଥିଲେ। ଏହାପରେ ସେମାନେ ସାଙ୍ଗମାନଙ୍କୁ ଡକାଇ ମାରପିଟ କରିଥିଲେ। ଏଥିରେ ବାଇକ୍‌ରେ ଥିବା ଯୁବକମାନେ ଆହତ ହୋଇଥିବା ବେଳେ ମେଡିକାଲରେ ସେମାନଙ୍କୁ ଚିକିତ୍ସା କରାଯାଇଥିଲା। ଏ ନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଅଭିଯୋଗ ପରେ ବଦଳିଲେ ବିପିଏମ୍

**ଜମନକିରା,୨୨।୭ (ରବୀନ୍ଦ୍ର ପ୍ରସାଦ ଦାନି):** ଜିଲାପାଳଙ୍କ ପତ୍ର ସଂଖ୍ୟା ୨୭୫/୧୯।୭।୨୩ରେ ଜମନକିରା ବ୍ଲକରେ ଅବସ୍ଥାପିତ ଥିବା ବିପିଏମ୍‌ଙ୍କ ଯୁଯୁମୁରା ବ୍ଲକକୁ ବଦଳି ହୋଇଛି। ସୂଚନା ଅନୁସାରେ ଜମନକିରା ବ୍ଲକ ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ମିଶନ ଶକ୍ତି ଓ ଜୀବିକା ମିଶନ ଭଳି ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ବିପିଏମ୍ ଥିବା ଅଧିକାରୀ ଦୁର୍ନୀତି କରୁଥିବା ନେଇ ଗତ ଜୁନ ୯ ତାରିଖରେ ଅନୁଷ୍ଠିତ ସମିତି ବୈଠକରେ ଜନପ୍ରତିନିଧି ଅଭିଯୋଗ ଆଣିଥିଲେ। କୃଷି ଯନ୍ତ୍ରପାତି କିଣା, ଟ୍ରାକ୍ଟର କିଣା, କୁକୁଡ଼ା ଚିଆଁ କିଣା, ଅଫିସ କାର୍ଯ୍ୟ ପାଇଁ ଗାଡ଼ି ବ୍ୟବହାର ଇତ୍ୟାଦିରେ ଦୁର୍ନୀତି ହୋଇଥିବା ନେଇ ଅଲୋଚନା ପରେ ସମ୍ପୃକ୍ତ ଅଧିକାରୀଙ୍କ ତୁରନ୍ତ ବଦଳି ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ତଦନୁଯାୟୀ ଜିଲାପାଳ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଏ ନେଇ ବିଡ଼ିଓ ପ୍ରସନ୍ନ କୁମାର ପଟେଲଙ୍କୁ ପଚାରିବାରୁ ବଦଳି ନିର୍ଦ୍ଦେଶ ହୋଇଛି, ରବିବାର ତାଙ୍କୁ ଭାରମୁକ୍ତ କରାଯିବ ବୋଲି କହିଥିଲେ।

# ଓଷ୍ଟା ଜିଲାଶାଖାର ଶିକ୍ଷୟିତ୍ରୀଶିକ୍ଷକ ସମାବେଶ



ଓଷ୍ଟା ଜିଲାସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

- ଅଗଷ୍ଟ ୯ରେ ଡିଇଓ ଅଫିସ ସମ୍ମୁଖରେ ବିକ୍ଷୋଭ
- ଅଗଷ୍ଟ ୧୬ରେ ଦାବି ଦିବସ

**ସମ୍ବଲପୁର,୨୨।୭(ବି.ଶଙ୍କର)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ସମ୍ବଲପୁର ଜିଲା ଶାଖାର ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ସମାବେଶରେ ସଭାପତି କୁଳଧର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ତଥା ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ଯୋଗ ଦେଇଥିଲେ। ବିଭିନ୍ନ ସମସ୍ୟାକୁ ନେଇ ଆସନ୍ତା ଅଗଷ୍ଟ ୯ରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଓଡ଼ିଶା ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟଶାସନ ସଚିବଙ୍କୁ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଏଥିସହ ଅଗଷ୍ଟ ୧୬ରେ ଭୁବନେଶ୍ୱରଠାରେ ଦାବି ଦିବସରେ ଏକ ବିଶାଳ ସମାବେଶ ପାଇଁ ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକସ୍ଥଳେ ଅହୋରାତ୍ର ଗଣଧାରଣା ଦିଆଯିବାକୁ ଆଲୋଚନା ହୋଇଛି।

ଅନୁଦାନଯୋଗ୍ୟ ୧୯୪ ଉଚ୍ଚ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ପ୍ରଦାନ, ୨୨୬ ଓ ୩୯୯ ବର୍ଗର ବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ ପରିସରଭୁକ୍ତ କରିବା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ୬୦୮ ବିଦ୍ୟାଳୟର ସରକାରୀକରଣ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୨୮୦୦ ଗ୍ରେଡ ପେ ପାଉଥିବା ହିନ୍ଦୀ, ସଂସ୍କୃତ ଓ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ଦରମାଗତ ଅସଂଗତି ଦୂର କରିବା, ସମାନ ଇନକ୍ରିମେଣ୍ଟ ପ୍ରଦାନ, ଏନପିଏସ ବଦଳରେ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା, ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଅଫିସ ସହକାରୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି, ୫-ଟି ରୂପାନ୍ତରିତ ବିଦ୍ୟାଳୟଗୁଡିକରେ ବିଜ୍ଞାନାଗାର ସହାୟକ ଓ ପାଠାଗାର ସହାୟକ ନିଯୁକ୍ତି, ଚାକିରି ବୟସ ସୀମା ୬୨ ବର୍ଷକୁ ବୃଦ୍ଧି ପ୍ରଭୃତି ଦାବି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସମ୍ବଲପୁର ଓଷ୍ଟା ଜିଲା ସମ୍ପାଦକ ହରି ନାରାୟଣ ପଣ୍ଡା ସମାବେଶକୁ ପରିଚାଳନା କରିଥିଲେ। ଜିଲାର ସମସ୍ତ ବ୍ଲକର ସମ୍ପାଦକ ତଥା ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷାକର୍ମଚାରୀ ଯୋଗଦାନ କରି ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନ ଜୋରଦାର କରିବାକୁ ଶପଥ ନେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ସ୍ୱାଇଁ, ଉପସଭାପତି କ୍ଷୀରୋଦ କୁମାର ପଣ୍ଡା, ପ୍ରେମାନନ୍ଦ ଖମାରି, ସାଗରିକା ହୋତା, ଯୁଗ୍ମସମ୍ପାଦକ ବିଭୂତି ଭୂଷଣ ଚାନ୍ଦ, ବିଶ୍ୱାମିତ୍ର ଦୀପ, ସସ୍ମିତା ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେଶବ ଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

# ଚାଇନା ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାଗନେବେ ସମ୍ବଲପୁର ଛାତ୍ରୀଛାତ୍ର



ମନୋନୀତ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ସମ୍ବଲପୁର,୨୨।୭(ଶୁଭାଶିଷ ପାଢ଼ୀ)**

ଚାଇନାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ତିନିଜଣ କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଖେଳଗୁଡିକ ଜୁଲାଇ ୨୮ରେ ଆରମ୍ଭ ହୋଇ ଅଗଷ୍ଟ ୮ରେ ଶେଷ ହେବ। ଚାଇନାରେ ଦେଶକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ହେଉଛନ୍ତି ମନୀଷା ମେରେଲ, ହରି ବେହେରା ଓ ସ୍ୱାଧୀନ ମାଝି। ମନୀଷା ବରଗଡର ଇମ୍ପେରିଆଲ କଲେଜର ଛାତ୍ରୀ ହୋଇଥିବାବେଳେ ହରି ଓ ସ୍ୱାଧୀନ ଧମାର ମା' ଝଡ଼େଶ୍ୱରୀ କଲେଜ ଛାତ୍ର। ମନୀଷା ଲଙ୍ଗ ଜମ୍ପ, ହରି ଡିସ୍କସ ଥ୍ରୋ ଓ ସ୍ୱାଧୀନ ହାଇ ଜମ୍ପ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଚୟନ ପ୍ରକ୍ରିୟା ପୂର୍ବ ଜୋନ ଆନ୍ତ-ବିଶ୍ୱବିଦ୍ୟାଳୟ ଖେଳଗୁଡିକରେ ସେମାନେ ଉଲ୍ଲେଖନୀୟ ପ୍ରଦର୍ଶନ ସହ ସମସ୍ତ ବିଶ୍ୱବିଦ୍ୟାଳୟ ଖେଳରେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦର ସଚିବ ଦେବେନ୍ଦ୍ର କୁମାର ମହାଲିକ୍ କହିଛନ୍ତି, ଚାଇନାରେ ହେବାକୁ ଥିବା ବିଶ୍ୱବିଶ୍ୱବିଦ୍ୟାଳୟ ଗେମ୍ସରେ ଅଂଶଗ୍ରହଣ ପାଇଁ ମୋଟ ଖର୍ଚ୍ଚର ୭୫% ରାଜ୍ୟ ସରକାର ବହନ କରିବେ। ଅବଶିଷ୍ଟ ୨୫% ବିଶ୍ୱବିଦ୍ୟାଳୟ ସହଯୋଗ କରିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଁ ଏହା ଅତ୍ୟନ୍ତ ଗର୍ବର ବିଷୟ। ସରକାରୀ ସୂତ୍ରରୁ ପ୍ରକାଶ ଯେ ଚାଇନାରେ ହେବାକୁ ଥିବା ବିଶ୍ୱବିଶ୍ୱବିଦ୍ୟାଳୟ ଗେମ୍ସରେ ଖେଳିବାକୁ ଓଡ଼ିଶାରୁ ମୋଟ ୧୯ ଜଣ ଛାତ୍ର ଚୟନ କରାଯାଇଛି।

# ଇଣ୍ଡିଆନ ଅଏଲର ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ



ପମ୍ପିଂ ଷ୍ଟେସନରେ ଜରୁରିକାଳୀନ ମକ୍‌ଡ୍ରିଲରେ ଯୋଗଦେଇଥିବା ଅତିଥିମାନେ।

**ସମ୍ବଲପୁର,୨୨।୭(ଶୁଭାଶିଷ ପାଢ଼ୀ)**

ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ ପକ୍ଷରୁ ଜିଲା ପ୍ରଶାସନ ଓ କାରଖାନା ଏବଂ ବଏଲର ନିର୍ଦ୍ଦେଶନାରେ ସମ୍ବଲପୁରର ମଧ୍ୟବର୍ତ୍ତୀ ପମ୍ପିଂ ଷ୍ଟେଶନରେ ଜରୁରିକାଳୀନ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଡିଏମ୍ ପ୍ରଦୀପ କୁମାର ସାହୁ, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ସହକାରୀ ନିର୍ଦ୍ଦେଶକ (କାରଖାନା ଓ ବଏଲର) ସାମନ୍ତ ରାୟ, ଡେପୁଟି କଲେକ୍ଟର ଆଦିତ୍ୟ କୁମାର ପଣ୍ଡା, ସିଡିଏମ୍‌ଓ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ପେଟ୍ରୋଲିୟମ ଉତ୍ପାଦ ଲିକ୍ ହେତୁ ଅଗ୍ନିକାଣ୍ଡ ଘଟିଥିଲା। ଯୋଗାଯୋଗ ଟିମ୍ ତୁରନ୍ତ ଜରୁରୀକାଳୀନ ପରିସ୍ଥିତି ବିଷୟରେ ପ୍ରଶାସନକୁ ଅବଗତ କରାଇଥିବାବେଳେ ଆଇଓସିଏଲ ଓ ଜିଲା ଅଗ୍ନିଶମ ସେବା ମିଳିତ ଭାବେ ନିଆଁକୁ ଆୟତ୍ତ କରିଥିଲେ। ଅପରେସନ୍‌ସମୟରେ ଦୁଇଜଣ ସଦସ୍ୟ ଧୂଆଁ ଯୋଗୁଁ ଚେତାଶୂନ୍ୟ ହୋଇଯାଇଥିଲେ। ଉଦ୍ଧାରକାରୀ ଦଳ ଏନ୍‌ଡିଆର୍‌ଏଫ୍ ସହଯୋଗରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ।

# ବ୍ୟାଙ୍କ ମ୍ୟାନେଜର ଅନ୍‌ଲାଇନ ଠକେଇର ଶିକାର

**ଦେବଗଡ଼,୨୨।୭**
**(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଆକ୍ସିସ ବ୍ୟାଙ୍କ ମ୍ୟାନେଜର (ଅପରେସନ) ଅନ୍‌ଲାଇନ ଠକେଇର ଶିକାର ହୋଇ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରାଇଛନ୍ତି। ସୂଚନା ଅନୁଯାୟୀ ଗତ ୨୦ ତାରିଖରେ ଦେବଗଡ ଆକ୍ସିସ ବ୍ୟାଙ୍କ ମ୍ୟାନେଜର (ଅପରେସନ) ଭାବେ କାର୍ଯ୍ୟରତ ଭୁବନେଶ୍ୱର ଏୟାରଫିଲ୍ଡ ଥାନାଞ୍ଚଳର ପ୍ରବେଶ ଚନ୍ଦ୍ର ଦାସଙ୍କ ନିକଟକୁ ଏକ ଟେଲିଗ୍ରାମ ବାର୍ତ୍ତା ଆସିଥିଲା। ୧୦ ହଜାର ଟଙ୍କା ଜମା କଲେ ମାତ୍ର ଅଧଘଣ୍ଟା ମଧ୍ୟରେ ୧୪ ହଜାର ଟଙ୍କା ଫେରସ୍ତ କରାଯିବ ବୋଲି ଉକ୍ତ ବାର୍ତ୍ତାରେ କୁହାଯାଇଥିଲା। ଏଥିସହ ଟଙ୍କା ଜମା କରିବା ପାଇଁ ତାଙ୍କ ମୋବାଇଲକୁ ଏକ ୟୁପିଆଇ ଆଇଡି ମଧ୍ୟ ଆସିଥିଲା। ଏଥିରେ ପ୍ରଲୋଭିତ ହୋଇ ସେ ଉକ୍ତ ୟୁପିଆଇ ଆଇଡିରେ ୧୦ ହଜାର ଟଙ୍କା ଜମା କରିଥିଲେ। ଏହାର ପ୍ରାୟ ଏକଘଣ୍ଟା ପରେ ତାଙ୍କ ମୋବାଇଲକୁ ଅନ୍ୟ ଏକ ବାର୍ତ୍ତା ଆସି ୫୮୮୮୦ ଟଙ୍କା ଜମା କଲେ ପୂର୍ବର ୧୪ ହଜାର ଟଙ୍କାକୁ ମିଶାଇ ୯୬୪୩୩ ଟଙ୍କା ପ୍ରଦାନର ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ସେ ୫୮୮୮୦ ଟଙ୍କା ଜମା କରିଥିଲେ। ପ୍ରାୟ ଅଢେଇ ଘଣ୍ଟା ପରେ ତାଙ୍କ ମୋବାଇଲକୁ ଅନ୍ୟ ଏକ ବାର୍ତ୍ତା ଆସିଥିଲା। ୧୮୮୮୮୦ ଟଙ୍କା ଜମା କଲେ ପୂର୍ବର ୯୬୪୩୩ ଟଙ୍କା ସହିତ ଅଧିକ ୨୨୨୪୩୩ ଟଙ୍କା ପ୍ରଦାନର ପ୍ରତିଶ୍ରୁତି ସହ ଟଙ୍କା ଜମା କରିବା ପାଇଁ ଅନ୍ୟ ଏକ ଏକାଉଣ୍ଟ ନମ୍ବର ଦିଆଯାଇଥିଲା। ଏହାର କିଛିସମୟ ପରେ ପ୍ରବେଶ ଠକେଇର ଶିକାର ହୋଇଥିବା ଜାଣି ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୪୧୯, ୪୨୦ ଓ ୬୬ (ସି)/୬୬ (ଡି) ଆଇଟି ଆକ୍ଟରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଆଇଏଏସ୍ ଅଧିକାରୀଙ୍କ ଚିଲି କ୍ଲଷ୍ଟର ପରିଦର୍ଶନ

**କୁଚିଣ୍ଡା,୨୨।୭(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲାରେ ପ୍ରଶିକ୍ଷଣ ନେଉଥିବା ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଆରୁଗୁଲା ସ୍ନେହା ବକ୍ସମା ପଞ୍ଚାୟତ ଜିପିଏଲ୍‌ଏଫ୍ ପକ୍ଷରୁ ଭେଲୁଆଁପାଲଠାରେ କରାଯାଇଥିବା ଚିଲି କ୍ଲଷ୍ଟର ପରିଦର୍ଶନ କରି ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଆଇଏଏସ୍ ସ୍ନେହା ଶୁକ୍ରବାର କୁଚିଣ୍ଡାରେ ପହଞ୍ଚିବା ପରେ କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ, ବିଡ଼ିଓ ନିରଞ୍ଜନ ସା, ବିପିଏମ୍ ଟିପେନ୍‌ସନ୍ ବେହେରା ପ୍ରମୁଖଙ୍କ ସହ ଚିଲି କ୍ଲଷ୍ଟରକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ଲଙ୍କା ମରିଚ ଚାଷର ପ୍ରଣାଳୀ, ଏଥିରେ ଥିବା ବିଭିନ୍ନ ସମସ୍ୟା, ରୋଗପୋକ ଓ ଏହାର ନିରାକରଣ ବାବଦରେ ଆଲୋଚନା କରିଥିଲେ। ସେଠାରେ ଉପସ୍ଥିତ ଥିବା ବିପିଏମ୍ ଟିପେନସନ ବେହେରା ଓ ଏମ୍‌ବିକେ ହୁମାସିନୀ ଠାକୁର ତାଙ୍କୁ ଲଙ୍କା ମରିଚ ଚାଷ ବାବଦରେ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ସମସ୍ତ ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର, ଜିପିଏଲ୍‌ଏଫ୍‌ର ସଭାନେତ୍ରୀ ପଙ୍କଜିନୀ ନାୟକ ଓ ସମ୍ପାଦିକା ସବିତା ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ବକ୍ସମାରେ ଆଇଏଏସ୍ ଅଧିକାରୀଙ୍କ ସହ ଅନ୍ୟମାନେ।

# ବିଶ୍ୱ ତମାଖୁ ବର୍ଜନ ଦିବସ

**ସମ୍ବଲପୁର,୨୨।୭(ବି.ଶଙ୍କର)**

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଶନିବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅଇଁଠାପାଲି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ତମାଖୁ ସେବନର ଅପକାରିତା ବିଷୟରେ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ତମାଖୁ ବର୍ଜନ ପାଇଁ ଶପଥ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ହରି ନାରାୟଣ ପଣ୍ଡା ଓ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ଜୀବନବୀମା ଅଭିକର୍ତ୍ତା ସଂଘ ବୈଠକ



କାର୍ଯ୍ୟକାରୀ କମିଟି ବୈଠକରେ କର୍ମକର୍ତ୍ତାମାନେ।

**ସମ୍ବଲପୁର,୨୨।୭(ବି.ଶଙ୍କର)**

ସମ୍ବଲପୁର ଜୀବନବୀମା ଅଭିକର୍ତ୍ତା ସଂଘର କାର୍ଯ୍ୟକାରୀ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜୀବନବୀମା କାର୍ଯ୍ୟାଳୟ-୧ ସଭାକକ୍ଷରେ ସଭା ହୋଇଥିଲା। ସମ୍ବଲପୁର ଜୀବନବୀମା ଅଭିକର୍ତ୍ତା ସଂଘର ଡିଭିଜନ ସଭାପତି ଦାମୋଦର କର, ଅଭିକର୍ତ୍ତା ସଂଘ ଶାଖା -୧ର ସଭାପତି ଯଯାତି ମହାପାତ୍ର ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ସଂଘର କାର୍ଯ୍ୟକଳାପ ଉପରେ ମଧ୍ୟ ସଭ୍ୟାସଭ୍ୟ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସେହିପରି ଜୀବନବୀମା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଭିକର୍ତ୍ତାମାନଙ୍କ ପାଇଁ ବର୍ତ୍ତମାନ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ତାହାର ସମାଧାନ କିଭଳି କରାଯାଇ ପାରିବ ସେ ନେଇ ନେତୃବୃନ୍ଦ ପର୍ଯ୍ୟାଲୋଚନା କରିଥିଲେ । ଏହାସହ ଜୀବନବୀମା ଅଭିକର୍ତ୍ତା ସଂଘ ଶାଖା -୧ର ସଂଗଠନକୁ କିଭଳି ଅଧିକ ମଜଭୁତ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା।

# ଭାଲୁ ଆକ୍ରମଣରେ ଯୁବକ ଆହତ

**ଦେବଗଡ, ୨୨।୭**
**(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଥାନା ଟାଇଁସର ଗ୍ରାମ ପଞ୍ଚାୟତର ଶାନ୍ତିନଗର ଗ୍ରାମର ଜଣେ ଯୁବକ ଜାଳକାଠ ସଂଗ୍ରହ ପାଇଁ କାଇଝରଣ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ସେ ହେଲେ ଇଭ୍ରାଲ ଗୁଡିଆ(୨୪)। ଗ୍ରାମର ଅନିଲ ଲାକ୍ରାଙ୍କ ସହ ସେ ଶନିବାର କାଇଝରଣ ଜଙ୍ଗଲକୁ ଯାଇଥିଲେ। ସେମାନେ ଜଙ୍ଗଲରୁ ଜାଳକାଠ ସଂଗ୍ରହ କରୁଥିବା ବେଳେ ଅପରାହ୍ନ ପ୍ରାୟ ୧ଟାରେ ସେଠାରେ ୨ଟି ଶାବକ ସହିତ ବିଚରଣ କରୁଥିବା ଏକ ମାଈ ଭାଲୁ ଇଭ୍ରାଲଙ୍କୁ ଅତର୍କିତ ଆକ୍ରମଣ କରିବା ସହ ତାଙ୍କ ଜଂଘଙ୍କୁ କାମୁଡି ଦେଇଥିଲା । ତେବେ ସାଙ୍ଗରେ ଥିବା ଅନିଲ ଚିତ୍କାର କରିବା ସହ ଠେଙ୍ଗାରେ ଭୟଭୀତ କରି ଭାଲୁକୁ ଘଉଡାଇ ଥିଲେ। ପରେ ଇଭ୍ରାଲଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଇଭ୍ରାଲଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ଜିଏମ୍‌ୟୁ ଗ୍ରନ୍ଥାଗାର, ସୂଚନା ବିଭାଗରେ ଛାତ୍ର ସମାବେଶ

**ସମ୍ବଲପୁର,୨୨।୭(ବି.ଶଙ୍କର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଗ୍ରନ୍ଥାଗାର ଓ ସୂଚନା ବିଭାଗ ପକ୍ଷରୁ ଶନିବାର ପୁରାତନ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଜୟେନ୍ଦ୍ର କୁମାର ସିଂ ଏଥିରେ ସଭାପତିତ୍ୱ କରିଥିଲେ। ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ଅଧ୍ୟାପିକା ଡ. ରୋଜାଲିନ ରାଉତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଦେଶ ଗଠନ, ମାନବ ଚରିତ୍ର ଗଠନରେ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାବେଶରେ ୫୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏତଦ୍‌ବ୍ୟତୀତ ଆଭାସି ଜରିଆରେ ମଧ୍ୟ ବହୁ ପୁରାତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରାତନ ଛାତ୍ରୀଛାତ୍ରୀ ନୂତନ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବା ସହ ଜିଏମ୍‌ୟୁ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ ।




ସମାବେଶରେ ଯୋଗଦେଇଥିବା ପୁରାତନ ଛାତ୍ର।

# ରାଜଯୋଗ ହିଁ ନିଶାମୁକ୍ତିର ମହୌଷଧି

**ସମ୍ବଲପୁର,୨୨।୭(ବି.ଶଙ୍କର)**

ସମ୍ବଲପୁରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜନରେ ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ପାର୍ବତୀଙ୍କ ପରିଚାଳନାରେ ପଶ୍ଚିମ ଓଡ଼ିଶାର ୮ ଜିଲାରେ ଏହି ଅଭିଯାନ ଗତ ୯ତାରିଖରୁ ଆରମ୍ଭ ହୋଇଛି। ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟଠାରେ ଏହି ଅଭିଯାନ ସମ୍ପର୍କିତ ଆଲୋଚନାଚକ୍ର ହୋଇଥିଲା। ସମ୍ପ୍ରତି ଯୁବବର୍ଗ ଆଧୁନିକତାକୁ ପାଥେୟ କରି ନିଶା ସେବନ କରିବାରେ ଲାଗିଛନ୍ତି। ଏହା ସ୍ୱାସ୍ଥ୍ୟ ସକାଶେ କ୍ଷତିକାରକ। ତେଣୁ ନିଶାରୁ ମୁକ୍ତି ହେବା ଲାଗି ରାଜଯୋଗର ଆବଶ୍ୟକତା ରହିଛି। ଏହା ପ୍ରକୃତ ପକ୍ଷେ ନିଶାମୁକ୍ତିର ମହୌଷଧି ବୋଲି ଅତିଥିମାନେ କହିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଡ.ପ୍ରଶାନ୍ତ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯେ କୌଣସି ନିଶା ସେବନ ଦ୍ୱାରା ମଣିଷର କ୍ଷତି ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା କ୍ରାଇମ୍‌ବ୍ରାଞ୍ଚ



ଜିଏମ୍‌ୟୁରେ ଛାତ୍ରୀଛାତ୍ର ଶପଥ ପାଠ କରୁଛନ୍ତି।

## ନିଶାମୁକ୍ତ ଭାରତ ଅଭିଯାନ

ଇନ୍ସପେକ୍ଟର ଉମେଶ ଚନ୍ଦ୍ର ବେହେରା ନିଶାସକ୍ତ ହେବାର କାରଣ ଓ ପ୍ରତିକାରର ଉପାୟ କହିଲେ। ସମ୍ମାନିତ ଅତିଥି ଡା. ରାମ ଚରଣ ପ୍ରଧାନ ନିଶାର ଶରୀର ଉପରେ ପ୍ରଭାବ ସମ୍ପର୍କରେ ବୁଝାଇଥିଲେ। ବ୍ରହ୍ମାକୁମାରୀ ଦୀପା ରାଜଯୋଗ ହିଁ ନିଶାରୁ ଉର୍ଦ୍ଧ୍ୱରେ ରହିବାରେ ସାହାଯ୍ୟ କରେ ବୋଲି କହିଥିଲେ। ସେହିପରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ମଧ୍ୟ ନିଶାମୁକ୍ତ ଅଭିଯାନ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱବିଦ୍ୟାଳୟ ମନୋବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ସଂଯୁକ୍ତା ମୁଖ୍ୟବକ୍ତା ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଶାମୁକ୍ତ ରାଷ୍ଟ୍ର ଗଠନ କରିବାକୁ ଶପଥ ପାଠ କରିଥିଲେ।

# ସେପ୍ଟେମ୍ବର ସୁଦ୍ଧା ଭୁବନେଶ୍ୱରରୁ ଏୟାର କାର୍ଗୋ ସେବା

ଭୁବନେଶ୍ୱର,୨୨।୭ (ଅଭୟ ଦାଶ)




ୱାର୍ଲଡ ଟ୍ରେଡ୍ ସେଣ୍ଟର (ଡବ୍ଲ୍ୟୁଟିସି) ଭୁବନେଶ୍ୱର ପକ୍ଷରୁ ଆୟୋଜିତ ବିଶ୍ୱ ବାଣିଜ୍ୟ ଦିବସ ଏବଂ ବାର୍ଷିକ ସଦସ୍ୟ ସମ୍ମିଳନୀ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ସନ୍ତୋଷ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୩୦ ସୁଦ୍ଧା ଭାରତ ୨ଟ୍ରିଲିୟନ୍ ଡଲାର ରପ୍ତାନି ଲକ୍ଷ୍ୟ ରଖିଥିବାବେଳେ ସାମଗ୍ରୀ ଓ ସେବା କ୍ଷେତ୍ରରେ ୧ଟ୍ରିଲିୟନ ଡଲାର ରପ୍ତାନି କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ବର୍ତ୍ତମାନ ଆମର ରପ୍ତାନି ୪୫୦ ବିଲିୟନ ଡଲାର ରହିଛି। ସେହିଭଳି ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦରରୁ ଏୟାର କାର୍ଗୋ ସେବା ଆରମ୍ଭ ହୋଇଯିବ,ଯାହାକି ରାଜ୍ୟର ରପ୍ତାନିକାରୀମାନଙ୍କୁ ଅନ୍ତର୍ଜାତୀୟ ବଜାରରେ ଉନ୍ନତି କରିବା ପାଇଁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବ। ବିଶେଷକରି ଏୟାର କାର୍ଗୋ ସେବା ଆରମ୍ଭ କରିବା ଲାଗି ବିମାନବନ୍ଦରରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜୋର୍‌ସୋରରେ ଆଗେଇ ଚାଲିଛି। ଖୁବ୍‌ଶୀଘ୍ର ଏହା ଶେଷ ହେବ ବୋଲି ଅନୁମାନ ମଧ୍ୟ କରାଯାଉଛି। ଏହାପରେ ବ୍ୟୁରୋ ଅଫ୍ ସିଭିଲ ଆଭିଏଶନର ଅଧିକାରୀମାନେ ଉକ୍ତ ଅଞ୍ଚଳ ଗସ୍ତକରି ବିକାଶର ଅନୁଧ୍ୟାନ କରିବେ। ରାଜ୍ୟ ରପ୍ତାନି ନୀତିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବେ ଆଲୋକପାତ କରିବା ସହ ରପ୍ତାନିକାରୀଙ୍କ ପ୍ରକ୍ରିୟାକୁ ସରଳ କରିବା ପାଇଁ ନିଆଯାଇଥିବା ଡିଜିଟାଲ ପଦକ୍ଷେପ ସମ୍ପର୍କରେ ମିଶ୍ର ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଇଣ୍ଡୋ-ଅଷ୍ଟ୍ରେଲିଆନ୍ ଚାମ୍ବର ଅଫ୍ କମର୍ସର ସିଇଓ ମିସ୍ ପେଟୁଲା ଥୋମାସ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଓଡ଼ିଶାର ଶିଳ୍ପ ସହ ଯୋଡ଼ିହୋଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଆମ ପାଇଁ ଏକ ବୃହତ୍ ସୁଯୋଗ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ସହ ଆମେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛୁ। ଅପରପକ୍ଷରେ ଡବ୍ଲ୍ୟୁଟିସି ମୁମ୍ବାଇର ଅଧ୍ୟକ୍ଷ ଡ. ବିଜୟ କାଲାବୀ କହିଛନ୍ତି, ଭାରତ ୧ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଚାହୁଁଥିବାରୁ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଏମ୍ଏସ୍ଏମ୍ଇକୁ ରପ୍ତାନି କ୍ଷେତ୍ରରେ ପ୍ରମୁଖ ଭୂମିକା ତୁଲାଇବାକୁ ପଡ଼ିବ। ସେହିଭଳି ଡବ୍ଲ୍ୟୁଟିସି ଭୁବନେଶ୍ୱରର ଅଧ୍ୟକ୍ଷ କ୍ୟାପ୍ଟେନ୍ ସୋମେଶ ବାତ୍ରା କହିଛନ୍ତି, ସମସ୍ତ ହିତାଧିକାରୀ ଏବଂ ଓଡ଼ିଶା ସରକାରଙ୍କ ସହାୟତା ସହ ଆମେ ବୃହତ୍ କାର୍ଯ୍ୟାଳୟ ଏବଂ ପ୍ରଦର୍ଶନୀ କେନ୍ଦ୍ର ଓ ସମ୍ମିଳନୀ କେନ୍ଦ୍ର ସହିତ ଆହୁରି ବୃହତ୍ ଆକାରରେ ବୃଦ୍ଧି କରିପାରିବା। ଏହି ଲକ୍ଷ୍ୟ ପୂରଣ ଲାଗି ଆମ ଦଳ କଠିନ ପରିଶ୍ରମ କରୁଛି। ସେହିପରି ଡବ୍ଲ୍ୟୁଟିସି ଭୁବନେଶ୍ୱରର ଅବୈତନିକ ସଂଯୋଜକ ରାଜେନ୍ ପାଢ଼ୀ କହିଥିଲେ, ରପ୍ତାନି ଦୃଷ୍ଟିରୁ ଓଡ଼ିଶାର ଝାରସୁଗୁଡ଼ା ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲା ମଧ୍ୟରେ ରହିଥିବା ବେଳେ ଓଡ଼ିଶାର ଏମ୍ଏସ୍ଏମ୍ଇମାନଙ୍କୁ ଅନ୍ତର୍ଜାତୀୟ ବଜାରରେ ପହଞ୍ଚିବାରେ ସାହାଯ୍ୟ କରିବା ଲାଗି ଓଡ଼ିଶା କ୍ଷୁଦ୍ରଶିଳ୍ପ ସଂଘ (ଓସିଆ) ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

## ଓଡ଼ିଶା ବଜାରରେ କ୍ଲେଆନ୍ ଉତ୍ପାଦର ଶୁଭାରମ୍ଭ




ଭୁବନେଶ୍ୱର, ୨୨।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବ୍ୟାଟେରି ଉତ୍ପାଦକ କ୍ଲେଆନ୍ ପାୱାର ଟେକ୍ ସଲ୍ୟୁଶନର ବ୍ୟାପକ ବ୍ୟାଟେରି ସମ୍ଭାର ସହ ଘରୋଇ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଓଡ଼ିଶା ବଜାରରେ ଉତ୍ପାଦର ଶୁଭାରମ୍ଭ ସହ ବଜାର ପ୍ରବେଶ କରିଛି। ବିଶେଷକରି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା ଡିଷ୍ଟ୍ରିବ୍ୟୁଟର ରାଜ୍ ଏନର୍ଜି ଜରିଆରେ ଓଡ଼ିଶା ବଜାରରେ କାରବାର କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଶୁକ୍ରବାର କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କ୍ଲେଆନ୍ ପାୱାର ଟେକ୍ ସଲ୍ୟୁଶନର ସିଇଓ ନୀତିନ ଗୋସାଇଁ, ସିଓଓ ଅରୁଣ କୁମାର ଅଗ୍ରୱାଲ, ଭିପି ରାଜେନ୍ଦ୍ର ପ୍ରସାଦ ଦ୍ୱିବେଦୀ,ଆର୍ଏମ୍ ଓଡ଼ିଶା ସୁଶାନ୍ତ କୁମାର ବାରିକ ଏବଂ ରାଜ୍ ଏନର୍ଜି ଭୁବନେଶ୍ୱରର ସ୍ୱତ୍ୱାଧିକାରୀ କୈଳାସ ଚନ୍ଦ୍ର ସୁଆର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କ୍ଲେଆନ୍ ପାୱାର ଟେକ୍ ସଲ୍ୟୁଶନର ସିଇଓ ଗୋସାଇଁ କହିଛନ୍ତି, ଦୀର୍ଘ ଦିନର ରପ୍ତାନି କାରବାର ପରେ କମ୍ପାନୀ ବର୍ତ୍ତମାନ ଘରୋଇ ବଜାରରେ କାରବାର କରିବାକୁ ଯାଉଛି। ଏପରିକି ମହାପ୍ରଭୁ ଜଗନ୍ନାଥଙ୍କ ଧାମ ଓଡ଼ିଶାରୁ କମ୍ପାନୀର ଘରୋଇ ବଜାର ପ୍ରବେଶ ସହ ଉତ୍ପାଦର ଶୁଭାରମ୍ଭ ଆମକୁ ବେଶ୍ ଉତ୍ସାହିତ କରିଛି।

## ୫୪ତମ ଓସିଏ ସମ୍ମିଳନୀ

ଭୁବନେଶ୍ୱର,୨୨।୭

ବିୟୁଟିଫୁଲ ମାଇଣ୍ଡସ୍ ୟୁଥ୍ ମେଣ୍ଟରିଂ ଫାଉଣ୍ଡେଶନ (ବିଏମ୍‌ୱାଇଏମ୍‌ଏଫ୍) ପକ୍ଷରୁ ନିକଟରେ ଏକ ଅଭିନବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ଯୁବଗୋଷ୍ଠୀଙ୍କ ମଧ୍ୟରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ (ଷ୍ଟେମ୍) ଭିତ୍ତିକ ଶିକ୍ଷାକୁ ସମର୍ଥନ କରିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓସିଏ)ର ୫୪ତମ ବାର୍ଷିକ ସମ୍ମିଳନୀ ଶିକାଗୋଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ୩ ଦିନିଆ ଓସିଏ ସମ୍ମିଳନୀରେ ବୈଜ୍ଞାନିକ ଅନୁସନ୍ଧାନ ଏବଂ ପତ୍ରିକାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଉତ୍ତର ଆମେରିକାର ଯୁବକ ଓଡ଼ିଆ ଯୁବକମାନଙ୍କୁ ଷ୍ଟେମ୍‌ଭିତ୍ତିକ ପ୍ରତିଯୋଗିତାରେ ଭାଗନେବାକୁ ଉତ୍ସାହିତ କରିବା ପାଇଁ ଉକ୍ତ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସେହିଭଳି ଶିକାଗୋରେ ଅବସ୍ଥିତ ଭାରତର କନ୍‌ସୁଲ୍ ଜେନେରାଲ ସୋମନାଥ ଘୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବବୈଜ୍ଞାନିକମାନଙ୍କୁ ଭାରତରେ ଷ୍ଟେମ୍ ସମ୍ବନ୍ଧୀୟ ଶିକ୍ଷା କ୍ଷେତ୍ରର ଅଗ୍ରଗତି ତଥା ଭାରତୀୟ ମୂଳ ଯୁବକମାନଙ୍କ ଭବିଷ୍ୟତରେ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୱାଶିଂଟନ୍ ଡିସିରୁ ଡ. ଅଜୟ ମହାନ୍ତି,ଶିକାଗୋରୁ ଗୋକୁଳ ମିଶ୍ର ଏବଂ ବିଏମ୍‌ୱାଇଏମ୍‌ଏଫ୍‌ର ପ୍ରତିଷ୍ଠାତା ସଭାପତି ଡ. ଶୁଚିସ୍ମିତା ପଣ୍ଡା ପ୍ରମୁଖ ବିଚାରପତି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକାଗୋର ଶୁଭେନ୍ଦୁ ଷଡ଼ଙ୍ଗୀ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସମସ୍ତ ପ୍ରତିଯୋଗୀଙ୍କୁ ବିଏମ୍‌ୱାଇଏମ୍‌ଏଫ୍‌ର ପ୍ରତିଷ୍ଠାତା ସଭାପତି ଡ. ଶୁଚିସ୍ମିତା ପଣ୍ଡା ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ପରିଶେଷରେ ପ୍ରତିଯୋଗିତାର ବିଭିନ୍ନ କାଟେଗୋରିର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

## ଓସିବିଏର ପ୍ରଥମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୨।୭




ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ (ଓସିବିଏ)ର ପ୍ରଥମ ପ୍ରତିଷ୍ଠା ଦିବସ ଶନିବାର ଭୁବନେଶ୍ୱର ନିକଟସ୍ଥ ଗଣ୍ଡମୁଣ୍ଡା ବିବେକାନନ୍ଦ ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। କେନ୍ଦ୍ର ବୈଦେଶିକ ବାଣିଜ୍ୟ ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ତର୍ଜାତୀୟ କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ସଭାପତି ଶଙ୍କର.ପି.ସିନ୍ଧେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିଭଳି ଶାଶ୍ୱତ ମିଶ୍ର, ପ୍ରମୁଖ ସଚିବ,ଏମ୍ଏସ୍ଏମ୍ଇ ବିଭାଗ ଓଡ଼ିଶା ସରକାର, ସତେନ୍ଦ୍ର କୁମାର ସିଂହ, ମୁଖ୍ୟ କମିଶନର ଜିଏସ୍‌ଟି, ସିଏକ୍ସ ଏବଂ କଷ୍ଟମ ଭୁବନେଶ୍ୱର, ମାଧବ ଚନ୍ଦ୍ର ମିଶ୍ର କମିଶନର କଷ୍ଟମ ବିଭାଗ,ଭୁବନେଶ୍ୱର, ପି.ଏଲ୍.ହାରାନ୍ଧ ଚେୟାରମ୍ୟାନ୍ ପାରାଦୀପ ପୋର୍ଟ ଟ୍ରଷ୍ଟ ଅଥରିଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶେଷକରି ରାଜ୍ୟରେ ଗଢ଼ି ଉଠିଥିବା ୩ଟି ପୋର୍ଟ, ୩ଟି ଆଇଡିସିକୁ ନେଇ ଗଠନ କରାଯାଇଥିବା ଓସିବିଏର ମହତ୍ ଉଦ୍ଦେଶ୍ୟକୁ ପରିବ୍ୟାପ୍ତକରି ରାଜ୍ୟ ଓ ଦେଶର ସ୍ୱାର୍ଥ ପାଇଁ କରାଯାଇଥିବା ଉଦ୍ୟମକୁ ଅତିଥିମାନେ ଭୂୟସୀ ପ୍ରଂଶସା କରିଥିଲେ। ସେହିଭଳି ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ କିପରି ନିଜର କଳେବର ବୃଦ୍ଧିକରି ରାଜ୍ୟରେ ଚାଲିଥିବା ରପ୍ତାନି ଓ ଆମଦାନୀ କାରବାରକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇପାରିବ ସେ ସମ୍ପର୍କରେ ଅତିଥିମାନେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ମୁଖ୍ୟ ଲକ୍ଷ୍ୟ ରାଜ୍ୟ କିପରି ନିଯୁକ୍ତି ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅଗ୍ରସର କରିପାରିବ। ଓଡ଼ିଶା କଷ୍ଟମ୍ସ୍ ବ୍ରୋକର୍ସ ଆସୋସିଏସନର ଏପରି ମହତ୍ ଉଦ୍ଦେଶ୍ୟକୁ ସ୍ୱାଗତ ଜଣାଇଥିଲେ। ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ ଉକ୍ତ ସଭା ପରିଚାଳନା କରିଥିଲେ।

## ସମ୍ବଲପୁରରେ ଏସ୍ଏମ୍ଇଏଲ୍‌ର ନୂତନ ପ୍ରକଳ୍ପ

ଭୁବନେଶ୍ୱର,୨୨।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା କୋଲକାତା ସ୍ଥିତ ଏକ ଅଗ୍ରଣୀ ଇଣ୍ଟିଗ୍ରେଟେଡ୍ ଧାତୁ ଉତ୍ପାଦନକାରୀ କମ୍ପାନୀ ଶ୍ୟାମ୍ ମେଟାଲିକ୍ ଆଣ୍ଡ ଏନର୍ଜି ଲିମିଟେଡ୍ (ଏସ୍ଏମ୍ଇଏଲ୍)ର ନୂତନ ପ୍ରକଳ୍ପ ସ୍ଥାପନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀ ଓଡ଼ିଶାରେ ୫୦ମେଗାୱାଟ୍ କ୍ୟାପ୍ଟିଭ୍ ଫ୍ଲୋଟିଂ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରୁଛି। ଏପରିକି ଉକ୍ତ ପଦକ୍ଷେପ ସହ ଶ୍ୟାମ୍ ମେଟାଲିକ୍ ଓଡ଼ିଶାରେ ପ୍ରଥମ ଧାତୁ ଉତ୍ପାଦନକାରୀ ସଂସ୍ଥା ହେବାକୁ ଲକ୍ଷ୍ୟ ରଖିଛି। ଏହା ସହ ଅଙ୍ଗାରକାମ୍ଳ ପାଦଚିହ୍ନକୁ କମ୍ କରିବାକୁ କମ୍ପାନୀ ସକ୍ଷମ ହୋଇଛି,ଯାହା ପରିବେଶ ପ୍ରତି ସେମାନଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି।

ଏ ସମ୍ପର୍କରେ ଏସ୍ଏମ୍ଇଏଲ୍‌ର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜଭୂଷଣ ଅଗ୍ରୱାଲ କହିଛନ୍ତି, ପରିବେଶର ପରିବର୍ତ୍ତନ ତଥା ବିଶ୍ୱବ୍ୟାପୀ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆମେ ପରିବେଶ ତଥା ସାମାଜିକ ଦାୟିତ୍ୱ ପ୍ରାପ୍ତ ପ୍ରଯୁକ୍ତିବିଦ୍ୟା ଏବଂ ପଦକ୍ଷେପ ପାଇଁ ବିନିଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏପରିକି ଓଡ଼ିଶାରେ ବ୍ୟବସାୟ କରିବାର ସହଜ ମନୋଭାବ ଏବଂ ସହଜତା ଦ୍ୱାରା ଆମେ ଗଭୀର ଭାବେ ଉତ୍ସାହିତ ଅଛୁ। ତେଣୁ କମ୍ପାନୀ ଅଧିକ ପୁଞ୍ଜି ବିନିଯୋଗ ପାଇଁ ନିଷ୍ପତ୍ତି ନେଇଛି ଏବଂ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରେ ଫ୍ଲୋଟିଂ ସୋଲାର ଜେନେରେଶନ କ୍ଷମତା ବିଶିଷ୍ଟ ୫୦ ମେଗାୱାଟ୍ (୭୨ ମେଗାୱାଟ୍ ଡିସି) ସହ ଏକ କ୍ୟାପ୍ଟିଭ୍ ଗ୍ରୀନ୍ ଏନର୍ଜି ପ୍ରୋଜେକ୍ଟ ସ୍ଥାପନ କରିବାକୁ ୪୫୦କୋଟି ଟଙ୍କା ଧାର୍ଯ୍ୟ କରିଛି। ବିଶେଷକରି ଆମେ ୫୦ ମେଗାୱାଟ୍ ଭାସମାନ ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଗ୍ରୀଡ୍ ସଂଯୋଗ ସହ ହୀରାକୁଦ ଜଳଭଣ୍ଡାରରେ ୨୫୦ ଏକର ଜମି ଦେବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରୁଛୁ।

ଫୁରସତ୍

# ନିଜର ବ୍ରେନ୍ ସର୍ଜରି କଲେ

ମସ୍କୋ



ଜଣେ ବ୍ୟକ୍ତି ନିକଟରେ ତାଙ୍କ ଶୋଇବା ଘରେ ମୁଣ୍ଡର ସର୍ଜରି କରିଛନ୍ତି। ସେ ନିଜ ସ୍ୱପ୍ନକୁ ଆୟତ୍ତ କରିବା ପାଇଁ ମୁଣ୍ଡରେ ଏକ ଇଲେକ୍ଟ୍ରୋଡ୍ ଚିପ୍ ଭର୍ତ୍ତି କରିଛନ୍ତି। ରୁଷିଆର ନୋଭୋସିବିର୍କସ୍‌ର ଜଣେ ଲେଖକ ତଥା ରିସର୍ଚ୍ଚର ୪୦ ବର୍ଷୀୟ ମିଚେଲ ରଡୁଗା ଏ ନେଇ ଗତ ୧୭ ତାରିଖରେ ଟ୍ୱିଟରରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ ଜଣେ ରିସର୍ଚ୍ଚର ହୋଇଥିବାବେଳେ ତାଙ୍କ ପାଖରେ ନ୍ୟୁରୋସର୍ଜରି ଅଭିଜ୍ଞତା ନାହିଁ। ୟୁଟ୍ୟୁବ୍ ଜରିଆରେ ଭିଡିଓ ଦେଖି ସେ ୪ ଘଣ୍ଟାରେ ତାଙ୍କ ମୁଣ୍ଡର ସର୍ଜରି କରିଥିଲେ। ଏହା ମଧ୍ୟରେ ତାଙ୍କର ୧ ଲିଟର ରକ୍ତ ନଷ୍ଟ ହୋଇଯାଇଛି। ସେ ତାଙ୍କ ଲ୍ୟୁସିଡ୍ ଡ୍ରିମ୍(ମନମୁତାବକ ସ୍ୱପ୍ନ)କୁ ଆୟତ୍ତ କରିବାକୁ ଚାହୁଁଥିଲେ। ରିପୋର୍ଟ ମୁତାବକ, ମିଚେଲ ପେସାରେ ଜଣେ ଡାକ୍ତର ନୁହନ୍ତି। ତାଙ୍କର ଫେଜ୍ ରିସର୍ଚ୍ଚ ସେଣ୍ଟର ନାମକ ଏକ ପ୍ରତିଷ୍ଠାନ ରହିଛି। ଯଦି କାହାକୁ ସ୍ଲିପ୍ ପାରାଲିସିସ୍ ହୋଇଥାଏ, ତେବେ ସେ ତାକୁ ଶରୀର ଉପରେ ଅନୁଭବ କରି ଏହା ଉପରେ ମାର୍ଗଦର୍ଶନ ଦେଇପାରନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ନ୍ୟୁରୋସର୍ଜନ ଏଲେକ୍ସ ଗ୍ରୀନ୍ ମିଚେଲଙ୍କ ଏପରି କାର୍ଯ୍ୟରେ କହିଛନ୍ତି, ଏହି କାର୍ଯ୍ୟ ବହୁତ ବିପଦପୂର୍ଣ୍ଣ। ଏହା ଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇପାରେ। ସେ କହିଛନ୍ତି, ଯଦି ଇଣ୍ଟ୍ରାସେଲେବ୍ରାଲ ଭେସେଲ୍ ଫାଟିଯାଏ, ତେବେ ବ୍ୟକ୍ତିଙ୍କ ଷ୍ଟ୍ରୋକ୍ କିମ୍ବା ମୃତ୍ୟୁ ହୋଇପାରେ। ମିଚେଲ ମଧ୍ୟ ଏଲେକ୍ସଙ୍କ କଥାରେ ସହମତି ଦେଖାଇଛନ୍ତି। ସେ କହିଛନ୍ତି, ସର୍ଜରିର ୩୦ ମିନିଟ୍ ପରେ ସେ ହାର୍ ମାନି ଯାଇଥିଲେ। କାରଣ ତାଙ୍କର ପାଖାପାଖି ୧ ଲିଟର ରକ୍ତ ବୋହିଯାଇଥିଲା ଏବଂ ତାଙ୍କୁ ଡର ଥିଲା କି ସେ ସଂଜ୍ଞାହୀନ ହୋଇ ନ ଯାନ୍ତୁ। ହେଲେ ସେ ସର୍ଜରି କରିବାରେ ସଫଳ ହୋଇଥିଲେ। ଏହା ପରେ ସେ ଗାଧୋଇବା ସହ ୧୦ ଘଣ୍ଟା ପର୍ଯ୍ୟନ୍ତ କାମ ମଧ୍ୟ କରିଥିବା କହିଛନ୍ତି।

# ବିମାନରେ ଉର୍ଫିଙ୍କୁ ଅସଦାଚରଣ

ମୁମ୍ବାଇ



ନିକଟରେ ମୁମ୍ବାଇ- ଗୋଆ ବିମାନ ଯାତ୍ରା ସମୟରେ ଅଭିନେତ୍ରୀ ଉର୍ଫି ଜାଭେଦ ଅସଦାଚରଣର ଶିକାର ହୋଇଥିବା ସେ ଏକ ପୋଷ୍ଟ ଜରିଆରେ ଜଣାଇଛନ୍ତି। ଉର୍ଫି ଇକୋନୋମି କ୍ଲାସ୍‌ରେ ଯାତ୍ରା କରୁଥିବାବେଳେ ସେଠାରେ ଏକ ନିଶାସକ୍ତ ଗ୍ରୁପ୍ ତାଙ୍କୁ ଅସଦାଚରଣ କରିଥିଲେ। ସେଠାରେ ସେମାନେ ତାଙ୍କ ନାଁ ନେଇ ମଜା କରିବା ସହ ଅନେକ ଖରାପ ଭାଷାରେ କଥା ମଧ୍ୟ ହେଉଥିଲେ। ଏଥିରେ ଉର୍ଫି ସେମାନଙ୍କୁ ବିରୋଧ କରିଥିଲେ। ନିଶାରେ ଥିବା ବ୍ୟକ୍ତି ମହିଳାଙ୍କୁ ଅସଦାଚରଣ କରିପାରିବ ଏହା ଭୁଲ। ସେ ପବ୍ଲିକ ଫିଗର ହୋଇଥାଇପାରନ୍ତି, କିନ୍ତୁ ପବ୍ଲିକ ପ୍ରପର୍ଟି ନୁହେଁ ବୋଲି ଉର୍ଫି କହିଥିଲେ। ଏନେଇ ସେ ଏକ ଭିଡିଓ ମଧ୍ୟ ଶେୟାର କରି ଏଭଳି କାଣ୍ଡ ବିଷୟରେ ଜଣାଇଛନ୍ତି। ତାଙ୍କର ଏହି ପୋଷ୍ଟରେ ଅନେକେ ତାଙ୍କୁ ସପୋର୍ଟ କରିଥିବା ଦେଖିବାକୁ ମିଳିଛି। ସେ ପ୍ରଥମ କରି ୨୦୧୬ରେ ଟେଲିଭିଜନ ଶୋ' 'ବଡ଼େ ଭୟାକି ଦୁଲ୍ହନିୟା'ରେ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଅନେକ ଶୋ' 'ମେରି ଦୁର୍ଗା', 'ବେପହ୍ନା', 'ସାଥ ଫେରୋ କି ହେରା ଫେରି', 'ଜିଜି ମା', 'ଡାୟନ', 'କସୋଟି ଜିନ୍ଦେଗି କି', 'ଏ ମେରେ ହମସଫର', 'ବିଗ୍‌ବସ୍ ସିଜନ୍-୧', 'ପଞ୍ଚ ବିଟ୍', 'ଏମ୍‌ଟିଭି ସ୍ପିଲ୍ଟସ ଭିଲ୍ଲା ସିଜନ୍-୧୪'ରେ ନଜରକୁ ଆସିଥିଲେ।

## ସ୍କୁଲରେ ୭୬ ଜଣଙ୍କ ମୁହଁ ଏକାଭଳି



ଚଣ୍ଡିଗଡ଼

କୁହାଯାଏ, ଦୁନିଆରେ ଏକ ମୁହଁର ଅନେକ ଲୋକ ଥାନ୍ତି। କିନ୍ତୁ ସେମାନଙ୍କୁ ଏକାସାଙ୍ଗରେ ଦେଖିବା ଘଟଣା କମ୍ ଦେଖିବାକୁ ମିଳିଥାଏ। ହେଲେ ଏପରି ଏକ ସ୍କୁଲ ଅଛି, ଯେଉଁଥିରେ ପାଖାପାଖି ଏକା ମୁହଁର ଅନେକ ପିଲା ପାଠ ପଢୁଛନ୍ତି। ପଞ୍ଜାବର ଜଳନ୍ଧରରେ ଏକ ପୋଲିସ ଡିଏଭି ସ୍କୁଲରେ ଏପରି ଘଟଣା ଦେଖିବାକୁ ମିଳିଛି। ସ୍କୁଲରେ ୭୬ ଛାତ୍ରୀଛାତ୍ରଙ୍କ ମୁହଁ ଦେଖିବାକୁ ପାଖାପାଖି ଏକା ଭଳି। ଏଠାରେ ଅନେକ ଛାତ୍ରୀଛାତ୍ର ଯାଆଁଳା ଭଉଣୀ ମଧ୍ୟ ପଢୁଛନ୍ତି। ଉକ୍ତ ସ୍କୁଲର ଜଣେ ଛାତ୍ର କହିଛନ୍ତି, ଯେତେବେଳେ ଏଠାରେ କେହି ଭୁଲ କରନ୍ତି, ସେତେବେଳେ ତାଙ୍କ ମୁହଁ ଭଳି ଦେଖାଯାଉଥିବା ଅନ୍ୟ ଜଣଙ୍କୁ ବେଳେବେଳେ ତା'ର ଦଣ୍ଡ ମିଳିଥାଏ। ଅନେକ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାଙ୍କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି। ସେଥିପାଇଁ ଅନେକ ସମୟରେ ଜଣଙ୍କ ବଦଳରେ ଅନ୍ୟ ଜଣଙ୍କୁ ଶିକ୍ଷକଙ୍କଠୁ ଗାଳି ଶୁଣିବାକୁ ପଡ଼ିଥାଏ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି, ତାଙ୍କ ସ୍କୁଲରେ ୭୦ରୁ ଊର୍ଦ୍ଧ୍ୱ ଏକା ମୁହଁ ଥିବା ପିଲା ପଢୁଥିବା ସେ ଯେତେବେଳେ ଜାଣିବାକୁ ପାଇଲେ ସେ ଆଶ୍ଚର୍ଯ୍ୟ ହୋଇଥିଲେ। ଏହାପରେ ସେ ତାଙ୍କ ସ୍କୁଲର ନାମକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ଲେଖାଇଥିବା କହିଛନ୍ତି।

## ମହିଳାଙ୍କ ପେଟରୁ ବାହାରିଲା ୯ କିଲୋ ସିଷ୍ଟ

ବ୍ୟାଙ୍କକ

ଅନେକ ଲୋକ ମୋଟାପଣର ଶିକାର ହୋଇଥାନ୍ତି। କେତେକ ବ୍ୟକ୍ତି ତାଙ୍କର ଏହି ମୋଟାପଣକୁ କମ୍ କରିବାରେ ସଫଳ ହୋଇଥିବାବେଳେ ଆଉ କିଛି ଚେଷ୍ଟା କଲେ ମଧ୍ୟ ତାହା କମି ନ ଥାଏ। ନିକଟରେ ଜଣେ ମହିଳାଙ୍କ ସହ ଏପରି ହୋଇଛି। ମୋଟାପଣ କମ୍ କରିବାକୁ ସେ ଅନେକ ପ୍ରକାର ପ୍ରଣାଳୀ ଆପଣେଇ ସାରିଥିଲେ ମଧ୍ୟ ତାହା କମି ନ ଥିଲା। ଫଳରେ ସେ ବାଧ ହୋଇ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କ ଯାଞ୍ଚ ପରେ ତାଙ୍କ ପେଟରେ ଏକ ବଡ଼ ସିଷ୍ଟ(ମାଂସ ପିଣ୍ଡୁଳା ଭିତରେ ପାଣି ରହିବା) ଥିବା ଜଣାପଡ଼ିଥିଲା। ରିପୋର୍ଟ ମୁତାବକ, ଥାଇଲାଣ୍ଡର ଜଣେ ଡାକ୍ତର ଏହି ଘଟଣା ବିଷୟରେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଡାକ୍ତର କହିଛନ୍ତି, ମହିଳାଙ୍କ ଶରୀର ବହୁତ ମୋଟା ଥିଲା। ମହିଳାଙ୍କ ଡିମ୍ବାଶୟରେ ୯ କିଲୋରୁ ଅଧିକ ଓଜନର ଅଲସର ଥିଲା। ଯଦି ମହିଳା ଏହାର ଯାଞ୍ଚ କରି ନ ଥାନ୍ତେ, ତେବେ ଏହା ପରେ ଟ୍ୟୁମରର ରୂପ ନେଇଯାଇଥାନ୍ତା ବୋଲି ଡାକ୍ତର କହିଛନ୍ତି। ଏହା ଡିମ୍ବାଗ୍ରନ୍ଥି ଅଲସର ଥିଲା, ଯାହା ଡିମ୍ବାଶୟରେ ବିକଶିତ ହୋଇଯାଇଥିଲା। ସାଧାରଣତଃ ଏହା ବଡ଼ ହୋଇ ଚେରି କୋଳି କିମ୍ବା ଆମ୍ବ ଆକାରର ହୋଇଥାଏ। ରିପୋର୍ଟ ମୁତାବକ, କେବଳ ୮ ପ୍ରତିଶତ ମହିଳାଙ୍କ ଦେହରେ ଡିମ୍ବାଗ୍ରନ୍ଥି ଅଲସର ହୋଇଥାଏ, ହେଲେ ଏତେ ବଡ଼ ଅଲସର ଡାକ୍ତର ପ୍ରଥମ ଥର ଦେଖିଥିବା କହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଜୁଲାଇ, ୨୦୨୩




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଯଶ୍
ପରିବାରବର୍ଗ


ଗୁଡୁନି
ପରିବାରବର୍ଗ


ଇଶାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ଶଙ୍ଖଭବନଠାରେ ଶନିବାର ଅନୁଷ୍ଠିତ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଭିଡିଓ କନ୍‌ଫରେନ୍ସରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ଦଳରେ କେହି ଅସନ୍ତୁଷ୍ଟ ନାହାନ୍ତି: ଶରତ

ଭୁବନେଶ୍ୱର,୨୨।୭(ଅନିଲ ଦାସ)

ରାଜ୍ୟ କଂଗ୍ରେସରୁ ୨ଜଣ ବରିଷ୍ଠ ନେତା ବିଧାୟକ ମହମ୍ମଦ ମୋକିମ ଏବଂ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ନିଲମ୍ବିତ କରିବା ପରେ ରାଜ୍ୟ କଂଗ୍ରେସରେ ଦୁଇଟି ଗୋଷ୍ଠୀ ମୁଣ୍ଡ ଟେକିଛି।

ଗୋଟିଏ ପଟେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଅନ୍ୟପଟେ ଦଳୀୟ ଶୀର୍ଷ ନେତାଙ୍କ ନିଷ୍ପତ୍ତି ଓ ନେତୃତ୍ୱକୁ ବିରୋଧ କରାଯାଇଛି। କେବଳ ସେତିକି ନୁହେଁ, କାର୍ଯ୍ୟକାରିଣୀ ପୂର୍ବରୁ ବସିଥିବା ରାଜନୈତିକ ବ୍ୟାପାର ବୈଠକରେ ମୋକିମ ଏବଂ ଚିରଞ୍ଜୀବଙ୍କ ନିଲମ୍ବନ ପ୍ରସଙ୍ଗ ଉଠିଥିଲା। ଗୋଟିଏ ଗୋଷ୍ଠୀ ସମର୍ଥନରେ ବାହାରିଥିବା ବେଳେ ଆଉ କେତେକ ନିଲମ୍ବନକୁ ବିରୋଧ କରିଥିଲେ। ରାଜସ୍ଥାନର ଗେହଲଟ-ପାଇଲଟ୍ ବିବାଦକୁ ଯେପରି ବିନା କାର୍ଯ୍ୟାନୁଷ୍ଠାନରେ ଆଲୋଚନା ମାଧ୍ୟମରେ ସମାଧାନ କରାଗଲା, ଓଡ଼ିଶାରେ କାହିଁକି ସେଭଳି ନୀତି ଆପଣା ଗଲାନାହିଁ ବୋଲି ମଧ୍ୟ ବୈଠକରେ ମତପ୍ରକାଶ ପାଇଛି। ଏହାଛଡ଼ା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଦରଦାମ ବୃଦ୍ଧି, ବେକାରି, ଚିଟ୍‌ଫଣ୍ଡ, ପଛୁଆ ବର୍ଗ ପ୍ରତି ଅବହେଳା, ମହିଳାଙ୍କ ସୁରକ୍ଷା, ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହାକୁ ଆଧାର କରି ୨୦୨୪ ରଣନୀତି ପ୍ରସ୍ତୁତ କରିବାକୁ ଦଳ ଯୋଜନା କରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ବରିଷ୍ଠ ନେତା ଓ କର୍ମକର୍ତ୍ତା ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।



ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ**

- ଦରଦାମ ବୃଦ୍ଧି, ବେକାରି, ଚିଟ୍‌ଫଣ୍ଡ, ପଛୁଆ ବର୍ଗ ପ୍ରତି ଅବହେଳା, ମହିଳାଙ୍କ ସୁରକ୍ଷା, ଛାତ୍ର ସଂସଦ ନିର୍ବାଚନ ହେବ ମୁଖ୍ୟ ପ୍ରସଙ୍ଗ
- ଦୁଇନେତାଙ୍କ ନିଲମ୍ବନକୁ ନେଇ କର୍ମୀ ମହଲରେ ଅସନ୍ତୋଷ

ଅନ୍ୟପକ୍ଷରେ ନିଲମ୍ବନକୁ ମୋକିମ-ଚିରଞ୍ଜୀବଙ୍କ ସମର୍ଥକ ସହଜରେ ହଜମ କରିପାରୁନାହାନ୍ତି। ପ୍ରତିବାଦର ସ୍ୱର ଥମିବାର ନାଁ ଧରୁନି । ଶୁକ୍ରବାର କଂଗ୍ରେସ ଭବନରେ ହୋହଲ୍ଲା କରିବା ପରେ ଶନିବାର କଟକରେ ବହୁ କଂଗ୍ରେସ କର୍ମୀ ମୌନ ପ୍ରତିବାଦ କରି ଦୁଇ ନେତାଙ୍କ ନିଲମ୍ବନ ହଟାଇବାକୁ ଦାବି କରିଛନ୍ତି। ଫଳରେ କଂଗ୍ରେସ କନ୍ଦଳ ବଢ଼ି ବଢ଼ି ଚାଲିଛି। ଏପରି ସ୍ଥଳେ ଦଳ ବିଦ୍ରୋହୀଙ୍କୁ କିପରି ପରିଚାଳନା କରି ନିର୍ବାଚନକୁ ଓହ୍ଲାଇବ ତାହା ବଡ଼ ପ୍ରଶ୍ନ ହୋଇଛି। ତେବେ ପିସିସି ସଭାପତି ଶରତ କହିଛନ୍ତି, ଦଳରେ କୌଣସି ଲୋକ ଅସନ୍ତୁଷ୍ଟ ନାହାନ୍ତି। ସମସ୍ତେ ସନ୍ତୁଷ୍ଟ ଅଛନ୍ତି। ଯାହା ବି ହୋଇଛି ତାହା କଂଗ୍ରେସ ପରିବାରର କଥା।

# ମହିଳା ସଶକ୍ତୀକରଣ ସ୍ଲୋଗାନ ନୁହେଁ, ଆମ ପ୍ରଗତିର ମନ୍ତ୍ର: ନବୀନ

ଭୁବନେଶ୍ୱର,୨୨।୭(ଅନିଲ ଦାସ)

ମହିଳା ସଶକ୍ତୀକରଣ ଆମ ପାଇଁ ଏକ ସ୍ଲୋଗାନ ନୁହେଁ, ଏହା ଆମ ପ୍ରଗତିର ମନ୍ତ୍ର । ମୁଁ ସବୁବେଳେ କହି ଆସିଛି ଆଉ ମୋର ଦୃଢ଼ ବିଶ୍ୱାସ ଯେ ମା'ମାନଙ୍କ ସଶକ୍ତୀକରଣ ବିନା କୌଣସି ସମାଜ, ରାଜ୍ୟ ବା ଦେଶ କେବେ ଆଗକୁ ଯାଇପାରିବ ନାହିଁ। ଶନିବାର ଶଙ୍ଖଭବନଠାରେ ଅନୁଷ୍ଠିତ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମହିଳା କର୍ମୀମାନଙ୍କୁ ସ୍ୱାଗତ ଜଣାଇ ସଭାପତି କହିଛନ୍ତି ଯେ ଖୁସିର କଥା, ଆଜି ଆମ ଓଡ଼ିଶାର ମା'ମାନେ ସଶକ୍ତ ହୋଇଛନ୍ତି। ବିକାଶର ସବୁ କ୍ଷେତ୍ରରେ ସେମାନଙ୍କ ଭୂମିକା ଦୃଶ୍ୟମାନ ହୋଇଛି। ସେମାନେ ଏବେ ଓଡ଼ିଶାର ବିକାଶରେ ସମାନ ଅଂଶୀଦାର ଓ ଭାଗୀଦାର । ମା'ମାନେ ଏବେ ଗାଁ ଗାଁରେ ନେତୃତ୍ୱ ନେଉଛନ୍ତି। ପଞ୍ଚାୟତରେ ବିକାଶ କଥା ବୁଝୁଛନ୍ତି। ମିଶନ ଶକ୍ତି ଆଜି ମା'ମାନଙ୍କର ଶକ୍ତିକେନ୍ଦ୍ର ହୋଇପାରିଛି। ଧାନ ସଂଗ୍ରହ ହେଉ ବା ସହରରେ ଆହାର କେନ୍ଦ୍ର ପରିଚାଳନା, ବିଦ୍ୟୁତ୍ ମିଟର ରିଡିଂ, ଜଳ ସାଥୀ ଆଦି ସବୁ ଦାୟିତ୍ୱ ମା'ମାନେ ବହୁତ ଭଲ ଭାବରେ ବୁଝୁଛନ୍ତି। ମିଶନ ଶକ୍ତି କାଫେ ଏବେ ସାରା ରାଜ୍ୟରେ ପୁଷ୍ଟିର ବାର୍ତ୍ତା ଦେଉଛି। ସବୁ ଭଲ କାମରେ ସେମାନେ ଆଗରେ ରହିଛନ୍ତି। ଗତ ବର୍ଷ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୧ ହଜାର କୋଟି ଟଙ୍କାର ଋଣ ଦିଆଯାଇଛି। ୨୫୦ କୋଟିରୁ ଅଧିକ ଟଙ୍କାର ସୁଧ ଫେରସ୍ତ କରାଯାଇଛି। ଏବେ ମା'ମାନଙ୍କ ଯାତାୟାତ ସୁବିଧା ପାଇଁ ସ୍କୁଟର ଯୋଜନା ଆରମ୍ଭ କରିବାକୁ ଯାଉଛୁ। ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ । ମା'ମାନଙ୍କ ଯିବା ଆସିବା ବିକାଶରେ ଆହୁରି ଶକ୍ତି ଆଣିବ।

**ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

ମିଶନ ଶକ୍ତିକୁ ଏବେ ଆମେ ପରବର୍ତ୍ତୀ ସ୍ତରକୁ ନେବା ପାଇଁ କାମ ଆରମ୍ଭ କରିଛୁ। ମା'ମାନଙ୍କୁ ଉଦ୍ୟୋଗୀ କରିବା ପାଇଁ କାମ ଆରମ୍ଭ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ନାରୀ ଅଧିକାର। ଯଦିଓ ମହିଳାମାନେ ତୃଣମୂଳ ସ୍ତରରେ ସଶକ୍ତ ହୋଇଛନ୍ତି ସେମାନେ ରାଜ୍ୟ କିମ୍ବା ଜାତୀୟସ୍ତରରେ ସେତେଟା ଦୃଶ୍ୟମାନ ହେଉନାହାନ୍ତି। ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ କରିବାକୁ ଆମେ ସର୍ବଦା ସ୍ୱର ଉତ୍ତୋଳନ କରି ଆସିଛୁ। ବିଜୁ ଜନତା ଦଳ ମହିଳାଙ୍କ ଅଧିକାର ପାଇଁ ଗାଁରୁ ପାର୍ଲାମେଣ୍ଟ ଯାଏ ସର୍ବଦା ଉତ୍‌ଥାପନ କରିବ ବୋଲି ନବୀନ କହିଛନ୍ତି। ଏଥିସହିତ ବିକାଶର ବାର୍ତ୍ତା ସହ ଲୋକଙ୍କର ସଶକ୍ତୀକରଣ ବିଷୟକୁ ଗ୍ରାମ ଓ ସହରର ପ୍ରତ୍ୟେକ ଘରେ ପହଞ୍ଚାଇବାକୁ ବିଜେଡି ସଭାପତି ମହିଳା କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି।

ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କାର୍ଯ୍ୟକାରିଣୀରେ ଅଧ୍ୟକ୍ଷତା କରି କହିଛନ୍ତି, ବିଜେଡି ତୃଣମୂଳ ସ୍ତରରେ ଆହୁରି ମଜଭୁତ ହେବ । ବୈଠକରେ ରାଜନୈତିକ ପ୍ରସ୍ତାବ ଆଗତ ହୋଇଛି। ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ନେଇ ଲୋକଙ୍କ ପାଖରେ ପହଞ୍ଚିବୁ । ୫-ଟି ରୂପାନ୍ତରରେ ଶିକ୍ଷାର ବିକାଶ ଘଟିଛି । ବିଏସ୍‌କେୱାଇ ଏକ ଯୁଗାନ୍ତକାରୀ ଯୋଜନା। ମିଶନ ଶକ୍ତି ମାଧ୍ୟମରେ ୭୦ ଲକ୍ଷରୁ ଅଧିକ ମହିଳା ସଶକ୍ତ ହୋଇଛନ୍ତି । ସଂଗଠନକୁ ସୁଦୃଢ଼ କରିବାକୁ ୱାର୍ଡ କମିଟି, ପଞ୍ଚାୟତ କମିଟି, ବ୍ଲକ କମିଟି କରାଯିବ ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଏହି କାର୍ଯ୍ୟକାରିଣୀରେ ମନ୍ତ୍ରୀ, ଦଳର ଏମ୍‌ପି, ବିଧାୟିକା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**କ୍ରିୟାଂଶ (ଇଶାନ)**

ଲକ୍ଷ୍ମୀସାଗର, କେନାଲ ରୋଡ୍, ବଡ଼ଗଡ଼, ଭୁବନେଶ୍ୱର

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।

ଧ-୦୮୭୬

**ଜନ୍ମଦିନ ଶୁଭେଚ୍ଛା**



**Divyashree Debarchana**
(DD, Guduni, Dhana)
Khandagiribari, BBSR

Birthday wish our prayers to God are to keep you health and blessed always and give you all the strength, happiness along with lots of success "HAPPY BIRTHDAY" Wishes - Bou Minakumari, Maa- Binapani.

ଧ-୦୮୭୭

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



(ଯଶ୍)

**ଯଶ୍‌ରାଜ ସେନାପତି**

ଗ୍ରାମ: ବାଂଶ, ନାଉଗାଁ, ଜଗତ୍‌ସିଂହପୁର

ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ଶୁଭେଚ୍ଛା ସହ: ଜେଜେମା', ଜେଜେବାପା, ବଡ଼ବାପା, ବଡ଼ମା', ବଡ଼ଭାଇ, ବଡ଼ଭଉଣୀ, ସାନଭଉଣୀ, ଦାଦା, ଖୁଡ଼ୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୦୮୮୨


# ମୋଦି କାହିଁକି ମଣିପୁର ଯାଉନାହାନ୍ତି: ଗେହଲଟ

**ଜୟପୁର,୨୨।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଣିପୁର ପ୍ରସଙ୍ଗରେ ନୀରବ ରହିବା ନେଇ କଂଗ୍ରେସ ପ୍ରଶ୍ନ କରିଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଶନିବାର ଜୟପୁରରେ ଗଣମାଧ୍ୟମକୁ କହିଛନ୍ତି, କର୍ନାଟକ, ରାଜସ୍ଥାନ ଗସ୍ତ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ମଣିପୁର ଯାଉନାହାନ୍ତି। ସେ ସୂଚିତ କରିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ରାଜସ୍ଥାନ ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ଯତ୍ନ ନେବା ଆବଶ୍ୟକ। ଏହା ଦ୍ୱାରା ରାଜସ୍ଥାନର ଭାବନାରେ ଆଘାତ ଲାଗିଛି। କିନ୍ତୁ ଅପରପକ୍ଷେ ପ୍ରଧାନମନ୍ତ୍ରୀଙ୍କ ବିଫଳତାକୁ ନେଇ ଜନସାଧାରଣ ଦୁଃଖିତ। ଯଦି ପ୍ରଧାନମନ୍ତ୍ରୀ ମୋଦି ମଣିପୁର ଯାଇପାରୁନାହାନ୍ତି ତେବେ ସେ ଏକ ଜରୁରୀ ବୈଠକ ଡାକି ସେଠାକାର ପରିସ୍ଥିତିର ସମୀକ୍ଷା କରିବା ଜରୁରୀ। ମୁଁ ପ୍ରଥମ ଥର ଦେଖିଲି ପ୍ରଧାନମନ୍ତ୍ରୀ ନିର୍ବାଚନ ପାଇଁ କର୍ନାଟକ, ରାଜସ୍ଥାନ ଏବଂ ଅନ୍ୟ ରାଜ୍ୟ ଗସ୍ତ କରୁଛନ୍ତି, କିନ୍ତୁ ମଣିପୁର ନୁହେଁ। ମଣିପୁରରେ ଭାଜପା ସରକାର ଅଛି। ସେଠାରେ କଂଗ୍ରେସ କ୍ଷମତାରେ ଥିଲେ ସେମାନେ କ'ଣ କହିଥାନ୍ତେ ତାହା ଚିନ୍ତା କରିବାର ବିଷୟ। ଅପରପକ୍ଷେ ଗେହଲଟ କହିଛନ୍ତି, ରାଜ୍ୟ ମନ୍ତ୍ରୀ ପଦରୁ ରାଜେନ୍ଦ୍ର ସିଂ ଗୁଢ଼ଙ୍କୁ ବରଖାସ୍ତ କରାଯିବା ଆମ ଦଳର ଆଭ୍ୟନ୍ତରୀଣ ପ୍ରସଙ୍ଗ। ଆମେ ନିଜ ନିଜ ଭିତରେ ଏ ବିଷୟରେ ଆଲୋଚନା କରିବୁ। ଘର କଥା ପଦାକୁ ଆସିବା ଠିକ ନୁହେଁ।



ଅଶୋକ ଗେହଲଟ


# Classified Everyday

0674-2580101, 2549949

**ମନେ ପଡ଼ନ୍ତି**




**GROOM WANTED**

Wanted a suitable Odia/ Bengali groom with legal qualifications for a Bengali khayasta, fair, beautiful, 5"5',29 years bride having a government job in Odisha with a legal family background. Contact: 9937744516, 8249873349, 8260241010. D-0880




**SALE**

Duplex sale at Bhubaneswar @ 57 Lakhs only. Contact-9777433701. D-74893

"600sqft. commercial space for sale at Master Canteen, Ashok Nagar, Bhubaneswar. 14,500/- per sqft. Price negotiable. Contact: 9938540951". D-0879

Maa Tarini- Shop with house sale at Bapujinagar, Bhubaneswar, Contact- 9437032299, 8018895099, 9337527985. D-0878

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-75012

ଘରବାରି 2000sqft. Re-Sale plot ହଂସପାଳଛକ Astha Management ନିକଟ ଅଟଳା ମୌଜାରେ ପ୍ଲଟ୍ ବିକ୍ରି ହେବ। sqft. 2100/-. 9437114429, 9437003399. D-74894

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି SC Plot 976000 ରେ ବିକ୍ରିହେବ, 9439832956, 9337513276. D-0833

ଭୁବନେଶ୍ୱର କଣ୍ଟାବାଡ଼ ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74886

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

Book 3BHK/4BHK premium flat at Saubhagyanagar, near City Women's College & Narula Sweets, Handover June 2024. Contact: 9439716901. D-74555

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74885

2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891. D-0819




Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-0627




04 BHK Four Flats Suitable Office Guestroom Hostel Residential Hi-tech Sundarpada-8093199489. D-0749

3BHK independent Unit at Udayagiri Vihar, Patrapada. Contact on Whatsapp-9437189374. D-71682

3BHK 1300sqft. VSS Nagar with Office/ Ambience/ Parking, Ground Floor for Office. 7873657633. D-0852

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Spa Kerala body Massage only best Therapist @699/- Bhubaneswar. 9337672475. D-0854

Newly opened (one 8 SPA)/ (Salon Service) with export therapist. 9938843929. D-75131

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75011

Newly open SPA positively health benefit with expert. Contact : 7749976301. D-74554

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**LOST**

ମୁଁ ତାପସ ରଞ୍ଜନ ଚମ୍ପତିରାୟ, ପିତା: ରାଧାମୋହନ ଚମ୍ପତିରାୟ, ଠିକଣା- Champati villa, Plot No.- 399/ 2650, Sundarapada, ଏତଦ୍ୱାରା ମୁଁ ଜଣାଇବାକୁ ଚାହୁଁଛି କି ମୋର ପୁରୁଣା ଓରିଜିନାଲ୍ ଦଲିଲ୍ ହଜିଯାଇଛି, ଯାହାର ନଂ- 666, ତା.26.03.2002 ରିଖ, ମୌଜା କଣ୍ଟିଲୋ, ଯାହା ମଧୁସୂଦନ ପାଣିଗ୍ରାହୀଙ୍କ ଦ୍ୱାରା ନିର୍ବାହ କରାଯାଇଥିଲା । ତା16.07.2023 ରିଖରେ ଲିଙ୍ଗରାଜ ଷ୍ଟେସନ ଠାରୁ ହାଇଟେକ୍ ମଧ୍ୟରେ ହଜିଯାଇଛି । ଯଦି କେହି ଏହି ଦଲିଲଟି ପାଇଥାନ୍ତି, ମୋତେ ଏହି ନମ୍ବର (ମୋ: ୯୪୩୭୭୬୪୫୩୨)ରେ ଯୋଗାଯୋଗ କରିବେ। ଯଦି କେହି ଏହି ଦଲିଲଟିକୁ କିଛି କାର୍ଯ୍ୟରେ ଲଗେଇଲେ ବି କିଛି ହବନାହିଁ ଆଉ ସେଥିପାଇଁ ମୁଁ ଦାୟୀ ନୁହେଁ। D-71378

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ**



**ଡାଃ. ଅମ୍ବିକା ପ୍ରସାଦ ମହାନ୍ତି**
ଆବିର୍ଭାବ - ୦୩/୦୨/୧୯୩୫
ତିରୋଧାନ - ୨୩/୦୭/୨୦୧୯

ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା । ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସଭାବ ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ବାଟ ଚାଲିବାକୁ ଚେଷ୍ଟା କରୁଛୁ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର

ଶ୍ରଦ୍ଧାଞ୍ଜଳି ସହ : ପୁତ୍ର/ପୁତ୍ରବଧୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ ଓ ବନ୍ଧୁ ଏବଂ ଆତ୍ମୀୟସଜନ ।

ଧ-୦୮୬୬

ଧରିତ୍ରୀ
DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ସୁବାନ୍ସିରି ଲୋୟର ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ....... ଠାରେ ଅବସ୍ଥିତ ?
୨– ଯାତ୍ରା ବା ଟ୍ରାଭେଲ୍ କରିବାର ଭୟକୁ ............ କୁହାଯାଏ ?
୩–ମହାତ୍ମା ଗାନ୍ଧୀ.....ଥର ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ ?
୪– ବୋଲା ତିନୁବୁ ନିକଟରେ..... ଦେଶରେ ରାଷ୍ଟ୍ରପତି ଭାବେ ନିଯୁକ୍ତ ହୋଇଛନ୍ତି ?
୫– ୟୁଏନ୍ ଡେମୋକ୍ରାସି ଫଣ୍ଡ ......... ବର୍ଷରେ ଆରମ୍ଭ ହୋଇଥିଲା ?

## ଗତ ଥରର ଉତ୍ତର

୧ ଦୁବାଇ
୨ ଗୁଜରାଟ
୩ ରିଓ ଡି ଜେନେରିଓ
୪ ସ୍ୱାମୀ ନାରାୟଣ
୫ ରବୀନ୍ଦ୍ର ନାଥ ଟାଗୋର

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର


ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

### ୟୁଥ୍ ଆଲର୍ଟ

# ସୋସିଆଲ୍ ମିଡିଆରେ ଗ୍ରୁପ୍ କରୁଥିଲେ...



**ବର୍ତ୍ତମାନ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଭଳି ସୋସିଆଲ୍ ମିଡିଆରେ ପରିବାର, ସାଙ୍ଗସାଥୀ, ଅଫିସ୍, ବିଜ୍‌ନେସ ଭଳି ବିଭିନ୍ନ ସଦସ୍ୟଙ୍କୁ ନେଇ ଭିନ୍ନ ଭିନ୍ନ ଗ୍ରୁପ୍ ଯୋଗାଯୋଗର ଏକ ଭଲ ମାଧ୍ୟମ ସାଜିଛି। ହେଲେ ଏଭଳି ଗ୍ରୁପ୍ ଗଠନ କରୁଥିଲେ କିମ୍ବା ଗ୍ରୁପ୍‌ର ମେମ୍ବର ଥିଲେ, କେତେକ ସାଧାରଣ ଶିଷ୍ଟାଚାର ବା ନିୟମ ଜାଣିରଖିବା ଆବଶ୍ୟକ...**

– କୌଣସି ସୋସିଆଲ୍ ସାଇଟ୍‌ରେ ନୂଆ କ୍ରିଏଟ୍ କରୁଥିଲେ, କାହାକୁ ମେମ୍ବର ରଖିବା ପୂର୍ବରୁ ପ୍ରଥମେ ତାଙ୍କ ଅନୁମତି ନିଅନ୍ତୁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ କୌଣସି ଅସୁବିଧା ହେବ ନାହିଁ।

– ଗ୍ରୁପ୍‌ରେ ସବୁବେଳେ ଅପ୍‌ଡେଟ୍ ରହିବା ନିଶାରେ ଏଣୁତେଣୁ ମେସେଜ୍ ପୋଷ୍ଟ କରନ୍ତୁ ନାହିଁ। ବିଶେଷକରି ସମାଜରେ ଚାଲିଥିବା କୌଣସି ସମ୍ବେଦନଶୀଳ ଘଟଣାକୁ ନେଇ କିଛି ବି ମେସେଜ୍ ଆସିଲେ ଏହାକୁ ତୁରନ୍ତ ଫରୱାର୍ଡ ନ କରି ପ୍ରଥମେ ଅନ୍ୟାନ୍ୟ ସୂତ୍ରରୁ ଏହା ଠିକ୍ କି ନୁହେଁ, ଜାଣିବା ପରେ ଫରୱାର୍ଡ କରନ୍ତୁ। ନଚେତ୍ ଏଥିପାଇଁ ଆପଣ ଫେକ୍ ମେସେଜ୍ ପଠାଇବା ଲାଗି ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇପାରନ୍ତି।



– ଅନେକେ ଅଛନ୍ତି, ଯେଉଁମାନେ କୌଣସି ମେସେଜ୍, ଫଟୋ କିମ୍ବା ଭିଡିଓ ଦେଖିବା ମାତ୍ରେ ପ୍ରତ୍ୟେକ ଗ୍ରୁପ୍‌ରେ ଶେୟାର କରିଦିଅନ୍ତି। ହେଲେ ଏହାଦ୍ୱାରା ଅନେକ ସମୟରେ ବାରମ୍ବାର ଅନାବଶ୍ୟକ ମେସେଜ ପାଇ ଗ୍ରୁପ୍‌ର ମେମ୍ବରମାନେ ବିରକ୍ତି ପ୍ରକାଶ କରନ୍ତି, ଏମିତିକି କେହି କେହି ଏଥିପାଇଁ ଗ୍ରୁପ୍‌ରୁ ଲେଫ୍ଟ ମଧ୍ୟ ହୋଇଯା'ନ୍ତି। ତେଣୁ ସମସ୍ତଙ୍କ କାମରେ ଆସୁଥିବା ଭଳି ମେସେଜ ହିଁ ପଠାନ୍ତୁ।

– ଯଦି ଗ୍ରୁପ୍‌ରେ ପର୍ସନାଲ୍ ଚାର୍ଟିଂ କରିବା ଠିକ୍ ନୁହେଁ। ଏହାଦ୍ୱାରା ଅନ୍ୟମାନେ ମଧ୍ୟ ଡିଷ୍ଟର୍ବ ହୋଇଥାନ୍ତି। ତେଣୁ ନିର୍ଦ୍ଦିଷ୍ଟ ମେମ୍ବରଙ୍କ ସହ କଥା ହେବାର ଥିଲେ ତାଙ୍କ ପର୍ସନାଲ୍ ନମ୍ବରରେ ଚାର୍ଟ କରନ୍ତୁ।

– ଗ୍ରୁପ୍‌ରେ ସମସ୍ତଙ୍କ ବୟସ ଏବଂ ଚିନ୍ତାଧାରା ସମାନ ନ ଥାଏ। ତେଣୁ କୌଣସି ଭିଡିଓ, ଫଟୋ କିମ୍ବା ମେସେଜ୍ ସେଣ୍ଡ କରିବା ପୂର୍ବରୁ ଏଥିପ୍ରତି ବିଶେଷ ଭାବେ ଧ୍ୟାନ ଦିଅନ୍ତୁ। ଏହା ଯେପରି ଗ୍ରୁପ୍‌ରେ କାହାକୁ ମାନସିକ ଆଘାତ ନ ଦିଏ କିମ୍ବା କାହାକୁ କୌଣସି ଅସୁବିଧାରେ ନ ପକାଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

## ଟପ୍ ୧୦

### ସର୍ବାଧିକ ଆୟ କରିଥିବା ଫିଲ୍ମ– ୨୦୨୨ (ୱାର୍ଲ୍ଡ ୱାଇଡ୍ ବକ୍ସ ଅଫିସ୍)

୧– ଅବତାର: ଦି ୱେ ଅଫ୍ ୱାଟର.................. ୨,୩୨୦,୨୫୦,୨୮୧ ଡଲାର
୨– ଟପ୍ ଗନ୍: ମାଭେରିକ୍ ......................... ୧,୪୯୫,୬୯୬,୨୯୨ ଡଲାର
୩– ଜୁରାସିକ୍ ୱାର୍ଲ୍ଡ ଡୋମିନିଅନ୍ ..................... ୧,୦୦୧,୯୭୮,୦୮୦ ଡଲାର
୪– ଡକ୍ଟର ଷ୍ଟ୍ରେଞ୍ଜ୍ ଇନ୍ ଦି ମଲ୍ଟିଭର୍ସ ଅଫ୍ ମ୍ୟାଡ୍‌ନେସ୍..... ୯୫୫, ୭୭୫,୮୦୪ ଡଲାର
୫– ମିନିଅନ୍ସ: ଦି ରାଇଜ୍ ଅଫ୍ ଗ୍ରୁ..................... ୯୩୯,୬୨୮,୨୧୦ ଡଲାର
୬– ବ୍ଲାକ୍ ପ୍ୟାନ୍ଥର: ୱାକାଣ୍ଡା ଫର୍‌ଏଭର୍ .............. ୮୫୯,୨୦୮,୮୩୬ ଡଲାର
୭– ଦି ବ୍ୟାଟ୍‌ମ୍ୟାନ୍ ................................. ୭୭୦,୯୬୨,୫୮୩ ଡଲାର
୮– ଥର୍: ଲଭ୍ ଆଣ୍ଡ ଥଣ୍ଡର୍.............................. ୭୬୦,୯୨୮,୦୮୧ ଡଲାର
୯– ୱାଟର୍ ଗେଟ୍ ବ୍ରିଜ୍ ............................... ୬୨୬,୫୭୧,୬୯୭ ଡଲାର
୧୦– ପସ୍ ଇନ୍ ବୁଟ୍ସ: ଦି ଲାଷ୍ଟ ୱିଶ୍ ..................... ୪୮୧,୦୯୩,୬୪୩ ଡଲାର



# ମନ୍‌ସୁନ୍ ଆଉଟ୍‌ଫିଟ୍

**କ'ଣ ପିନ୍ଧିବି, କ'ଣ ପିନ୍ଧିବି.. ବର୍ଷାଦିନେ ଅଧିକାଂଶ ଯୁବପିଢ଼ିଙ୍କର ଏହା ଏକ ବଡ଼ ସମସ୍ୟା। ଗୋଟେ ପଟେ ଡ୍ରେସ୍ ଷ୍ଟାଇଲିଶ୍ ହୋଇଥିବ ଓ ଆଉ ଗୋଟେ ପଟେ ତା' ସହ ଆସେସରିଜ୍ ବି ମ୍ୟାଚିଂ ଦରକାର। ହେଲେ ବର୍ଷାଦିନେ କେବେ ପାଣି କାଦୁଅ ଲାଗି ଡ୍ରେସ୍ ଖରାପ ହୋଇଯିବାର ତ ଆଉ କେତେବେଳେ ଓଦା ହୋଇଗଲେ ଶୀଘ୍ର ନ ଶୁଖି ଥଣ୍ଡା, କାଶ ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଟେନ୍‌ଶନ୍। ଆଉ ପୁଣି ଭଲ ଡ୍ରେସ୍ ପିନ୍ଧି ବାହାରକୁ ଗଲେ ପର୍ସନାଲିଟି ଡାଉନ ହେବାର ଭୟ। ଏମିତିରେ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ଡିଜାଇନ୍‌ର ରେନିଡେ ପୋଷାକ ଓ ୱାଟରପ୍ରୁଫ୍ ଆସେସରିଜ ସାଜିଛି ସେମାନଙ୍କ ପାଇଁ ଲାଟେଷ୍ଟ ମନ୍‌ସୁନ୍ ଫ୍ୟାଶନ...**



ବର୍ତ୍ତମାନ ଗ୍ରାହକଙ୍କ ଡିମାଣ୍ଡକୁ ଆଖିଆଗରେ ରଖି ବିଭିନ୍ନ ସିଜନ୍‌ରେ ସ୍ୱାସ୍ଥ୍ୟ ସହିତ ଫ୍ୟାଶନ୍‌ଟ୍ରେଣ୍ଡକୁ ଖାପ ଖୁଆଇଲା ଭଳି ଆଉଟ୍‌ଫିଟ୍ ପ୍ରସ୍ତୁତ କରୁଛନ୍ତି ଅଧିକାଂଶ କମ୍ପାନି, ଯାହାକି ସବୁବର୍ଗର ଗ୍ରାହକଙ୍କୁ ସୁହାଇଲା ଭଳି ଦାମ୍‌ରେ ମଧ୍ୟ ମିଳିପାରୁଛି। ତେବେ ଛୋଟବଡ ଦୋକାନ, ମଲ୍ ଠାରୁ ଆରମ୍ଭ କରି ଅନ୍‌ଲାଇନ ଶପିଂ ସାଇଟ୍‌ଗୁଡିକରେ ଖୁବ୍ ସହଜରେ ଏଭଳି ୱାଟରପ୍ରୁଫ୍ ଆଉଟ୍‌ଫିଟ୍ ମିଳିପାରୁଥିବାରୁ ବର୍ଷାରେ ବି ଯୁବପିଢ଼ିଙ୍କ ମନ୍‌ସୁନ୍ ଫ୍ୟାଶନ୍ ଅପ୍‌ଡେଟ୍ ରହିପାରୁଛି...

**ରେନି ଡେ' ଡ୍ରେସ୍‌ର ବଢୁଛି ଡିମାଣ୍ଡ:**

▶▶ବର୍ଷା ସମୟରେ କଟନ୍, ଜିନ୍ସ ଭଳି ହେଭି ପୋଷାକ ସହଜରେ ଶୁଖି ନ ଥାଏ। ଏଣେ ପାଟ, ମଠା ଭଳି ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଡ୍ରେସ୍ ନଷ୍ଟ ହୋଇଯିବାର ଆଶଙ୍କା ଥାଏ। ତେଣୁ ଫ୍ୟାଶନେବଲ୍ ଲାଗିବା ସହ ପାଣି କାଦୁଅ ସଂସ୍ପର୍ଶରେ ଆସିଲେ ଖରାପ ନ ହେବା ଭଳି ବିଭିନ୍ନ ମନ୍‌ସୁନ୍ ଡ୍ରେସ୍ କଲେକ୍ସନ ଏବେ ମାର୍କେଟ୍‌ରେ ଉପଲବ୍ଧ। ଉଭୟ ପୁଅ ଏବଂ ଝିଅମାନଙ୍କ ଲାଗି ବିଭିନ୍ନ ଫେବ୍ରିକ୍ କମ୍ପାନି ପକ୍ଷରୁ ଓଦା ହେଲେ ସହଜରେ ଶୁଖିପାରୁଥିବା ନିୟନ୍, ସିଫନ୍, ଜର୍‌ଜେଟ୍, ଲାଇଟ୍ କଟନ୍, ନାଇଲନ୍ ଭଳି ଫେବ୍ରିକ୍‌ର ଡ୍ରେସ୍ ପ୍ରସ୍ତୁତ କରାଯାଉଛି।

▶▶କାଦୁଅ ଦାଗ ଜଣା ନ ପଡ଼ିବା ଲାଗି ଲାଇଟ୍ କଲର ବଦଳରେ ଏଦିନେ ବ୍ରାଇଟ୍ ଏବଂ ବୋଲ୍ଡ କଲର ଡ୍ରେସ୍‌ର ଡିମାଣ୍ଡ ବେଶି ରହୁଥିବା ଦେଖିବାକୁ ମିଳୁଛି।

▶▶ଯୁବତୀମାନଙ୍କ ମନ୍‌ସୁନ୍ ଫ୍ୟାଶନ୍‌ରେ କ୍ୟାପ୍ରି, ସ୍କର୍ଟ, ମିଡି, ୱାନ୍‌ପିସ୍, ର୍‍ୟାପ୍ ଆରାଉଣ୍ଡ, ଶର୍ଟ ପ୍ୟାଣ୍ଟ, ଫ୍ରକ୍ ଭଳି ପୋଷାକ ଅଧିକ ପସନ୍ଦ କରୁଛନ୍ତି।

▶▶ଯୁବକମାନେ ଜିନ୍ସ ପରିବର୍ତ୍ତେ ସହଜରେ ଶୁଖିପାରୁଥିବା ୱାଟର ରେପେଲେଣ୍ଟ ଜିନ୍ସ ସହ ଲାଇଟ୍ ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଶାର୍ଟ, ଟି'ଶାର୍ଟ ଆଦି ବ୍ୟବହାର କରୁଛନ୍ତି। ଏହା ବ୍ୟତୀତ ବିଭିନ୍ନ ଶର୍ଟ ପ୍ୟାଣ୍ଟ, ବରମୁଡା ପ୍ୟାଣ୍ଟ ଉପଲବ୍ଧ, ଯାହାକୁ ଉଭୟ ଯୁବତୀ ଏବଂ ଯୁବକ ବହୁଳ ବ୍ୟବହାର କରିପାରିବେ।

**ୱାଟରପ୍ରୁଫ୍ ଫୁଟ୍‌ୱେର ଦେଉଛି ଆଇକ୍ୟାଚି ଲୁକ୍:** ଅଧିକାଂଶ ଯୁବତୀ ଯୁବକ ଷ୍ଟାଇଲିଶ୍ ଲୁକ୍ ପାଇଁ ଡ୍ରେସ୍ ସହିତ ମ୍ୟାଚିଂ ବିଭିନ୍ନ ପ୍ରକାରର ଫୁଟ୍‌ୱେର୍ କଲେକ୍ସନ ରଖିଥା'ନ୍ତି। ହେଲେ ବର୍ଷାଦିନେ ଲେଦର, କାନ୍‌ଭାସ୍ ଭଳି ଶୁଜ୍ ନଷ୍ଟ ହୋଇଯାଏ। ତେଣୁ ଏବେ ମାର୍କେଟ୍‌ରେ ମିଳୁଥିବା ଭଳିକି ଭଳି ୱାଟରପ୍ରୁଫ୍ ଫୁଟ୍‌ୱେର ପାଲଟିଛି ସେମାନଙ୍କ ପ୍ରଥମ ପସନ୍ଦ।

▶▶କଲରଫୁଲ୍ ଫ୍ଲିପ୍ ଫ୍ଲପ୍, ଫଙ୍କି ଗନ୍ ବୁଟ୍, ଜେଲି ପ୍ଲେଟ୍ସ, ରବର ସ୍ୟାଣ୍ଡେଲ୍ ଆଦି ୱାଟରପ୍ରୁଫ୍ ଚପଲ ଯୁବତୀମାନେ ନିଜ ମନ୍‌ସୁନ୍ ଆଉଟ୍‌ଫିଟ୍‌ରେ ସାମିଲ କରୁଛନ୍ତି। ଏମିତିକି ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ସ୍ନିକର୍ସ ବି ଏବେ ଅଳ୍ପ ଦାମ୍‌ରେ ମାର୍କେଟ୍‌ରେ ମିଳୁଥିବାରୁ ଏଥିପ୍ରତି ଅଧିକାଂଶଙ୍କ କ୍ରେଜ୍ ବଢୁଥିବାର ଦେଖିବାକୁ ମିଳୁଛି।

▶▶ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ହୋଇଯାଏ। ତେଣୁ ରବର ସୋଲ୍ ଫୁଟ୍‌ୱେର ବ୍ୟବହାର କରୁଛନ୍ତି। ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଚପଲଗୁଡ଼ିକର ବିଭିନ୍ନ ଆକର୍ଷଣୀୟ ଡିଜାଇନ ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି।

**ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି ୱାଟରପ୍ରୁଫ୍ ଆସେସରିଜ୍ :**

▶▶ଯେକୌଣସି ଡ୍ରେସ୍ ସହିତ ମ୍ୟାଚିଂ ଆସେସରିଜ୍ ପିନ୍ଧିଲେ ଏହା ଅଧିକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଆଉ ଏହାକୁ ନେଇ ଯୁବପିଢ଼ିଙ୍କ ଭିତରେ ଅଧିକ କ୍ରେଜ୍ ରହିଥାଏ। ବର୍ଷାଦିନ ବର୍ତ୍ତମାନ ବିଭିନ୍ନ ନାମୀଦାମୀ କମ୍ପାନୀର ବିଭିନ୍ନ ୱାଟରପ୍ରୁଫ୍ ଆସେସରିଜ୍ ମାର୍କେଟ୍‌ରେ ମିଳୁଛି। ବିଶେଷକରି ନାଇଲନ୍ ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଆକର୍ଷଣୀୟ ଡିଜାଇନର ୱାଟରପ୍ରୁଫ୍ ବ୍ୟାଗ୍‌ର ଚାହିଦା ବେଶି ରହୁଛି।

▶▶ଏହାବ୍ୟତୀତ ସେହିପରି ବର୍ଷାଦିନ ପାଇଁ ସ୍ପେଶାଲ ଡିଜାଇନ କରାଯାଇଥିବା ଲାଟେଷ୍ଟ ରିଷ୍ଟୱାଚ୍ ମଧ୍ୟ ଯୁବପିଢ଼ିଙ୍କ ମନ୍‌ସୁନ୍ ଫ୍ୟାଶନରେ ଖୁବ୍ ଡିମାଣ୍ଡରେ ରହିଛି। ଏହା କମ୍‌ଦାମ୍‌ରେ ମଧ୍ୟ ଉପଲବ୍ଧ ଥିବାରୁ ସମସ୍ତେ ଏହାକୁ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି।

▶▶ଡ୍ରେସ୍ ସହ ମ୍ୟାଚିଂ ଜୁଏଲେରୀ ବିନା ଯୁବପିଢ଼ିଙ୍କର ଫ୍ୟାଶନ୍ ଅଧୁରା। ତେଣୁ ବର୍ଷାଦିନ ପାଇଁ ସେମାନେ ଭଳିକି ଭଳି ୱାଟରପ୍ରୁଫ୍ ଲାଇଟ୍‌ୱେଟ୍ ନନ୍‌ମେଟାଲିକ୍ ଜୁଏଲେରି ବ୍ୟବହାର କରୁଛନ୍ତି।











### ଏମାନେ କଣ କୁହନ୍ତି



**ଅରୁଣ ସେନାପତି**(କର୍ମଜୀବୀ, ଭୁବନେଶ୍ୱର)– ଷ୍ଟାଇଲିଶ୍ ଲୁକ୍ କାହାକୁ ବା ପସନ୍ଦ ନୁହେଁ। ହେଲେ ବର୍ଷାଦିନେ ପାଣି କାଦୁଅକୁ ଆଖିଆଗରେ ରଖି ନିଜ ଆଉଟ୍‌ଫିଟ୍‌ରେ ଅନେକ ପରିବର୍ତ୍ତନ କରିବାକୁ ପଡେ। ତେଣୁ ଫୁଲ୍ ଶୁଜ୍ ବଦଳରେ ୱାଟରପ୍ରୁଫ୍ ସ୍ୟାଣ୍ଡାଲ୍ କିମ୍ବା ସ୍ଲିପର ଶୀଘ୍ର ଶୁଖିପାରୁଥିବା ଭଳି ଡ୍ରେସ୍ ଏବଂ ବ୍ୟାଗ୍ ଆଦି ବ୍ୟବହାର କରୁଛି। ତଥାପି ନିଜ ମନ୍‌ସୁନ୍ ଆଉଟ୍‌ଫିଟ୍‌କୁ ଫ୍ୟାଶନେବଲ୍ କରିବା ଲାଗି ମାର୍କେଟ୍‌ରୁ ଲାଟେଷ୍ଟ ତଥା ଟ୍ରେଣ୍ଡି ୱାଟରପ୍ରୁଫ୍ କଲେକ୍ସନ ବାଛି ବାଛି କିଣୁଛି।



**ଶୁଭସ୍ମିତା ବାରିକ**(ଛାତ୍ରୀ, କୁରାଙ୍ଗ, କଟକ)– ନିଜ ଆଉଟ୍‌ଫିଟ୍‌କୁ ନେଇ ମୁଁ ଟିକେ ଚୁଜି। ତେଣୁ କେଉଁ ଭଳି ଡ୍ରେସ୍ ଓ ଚପଲ ଆଦି ପିନ୍ଧିଲେ ସୁନ୍ଦର ଲାଗିବା ସହ ଅନ୍ୟଠୁ ଡିଫରେଣ୍ଟ ହୋଇଥିବ ସେଥିପ୍ରତି ଧ୍ୟାନ ଦେଇଥାଏ। କିନ୍ତୁ ବର୍ଷାଦିନେ ପାଣି କାଦୁଅରେ ଏଭଳି ଡ୍ରେସ୍ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ବିଭିନ୍ନ ଲାଇଟ୍‌ୱେଟ୍ ସିନ୍ଥେଟିକ୍ ଫ୍ୟାବ୍ରିକ୍‌ର ଡିଜାଇନର୍ ଡ୍ରେସ୍ ବ୍ୟବହାର କରୁଛି। ତା' ସହ ମାର୍କେଟ୍‌କୁ ଆସୁଥିବା ଭଳିକି ଭଳି ୱାଟରପ୍ରୁଫ୍ ଚପଲ ଏବଂ ନନ୍‌ମେଟାଲିକ୍ ମ୍ୟାଚିଂ ଜୁଏଲେରି ବ୍ୟବହାର କରି ନିଜ ମନ୍‌ସୁନ୍ ଫ୍ୟାଶନ୍‌କୁ ଅପ୍‌ଡେଟ୍ ରଖିପାରୁଛି।



### ଜାଣନ୍ତୁ ଦୁନିଆ

# ଜାପାନ

**ପୂର୍ବ ଏସୀୟ ଦେଶ ଜାପାନ। ଅତ୍ୟାଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ଏହାର ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହା ସମ୍ପର୍କରେ ଆସନ୍ତୁ ଜାଣିବା କିଛି ରୋଚକ ତଥ୍ୟ...**

▶ ବିଶ୍ୱର ସବୁଠୁ ଅଧିକ ଦିନ ବଞ୍ଚୁଥିବା ବ୍ୟକ୍ତିଙ୍କ ରାଷ୍ଟ୍ର ତାଲିକାରେ ଜାପାନର ସ୍ଥାନ ତୃତୀୟରେ ରହିଛି। ଏଠାକାର ସ୍ତ୍ରୀଲୋକମାନଙ୍କ ହାରାହାରି ବୟସ ସୀମା ୮୮ ବର୍ଷ ହୋଇଥିବା ବେଳେ ପୁରୁଷଙ୍କର ୮୧ ବର୍ଷ।

▶ ପୃଥିବୀର ସର୍ବପୁରାତନ କମ୍ପାନି କୋଙ୍ଗୋ ଗୁମି ଏହି ଦେଶରେ ରହିଛି। ୫୭୮ରେ ପ୍ରତିଷ୍ଠା କରାଯାଇଥବା ଏହି କନ୍‌ଷ୍ଟ୍ରକ୍ସନ କମ୍ପାନି ମନ୍ଦିର ଏବଂ ଅନ୍ୟାନ୍ୟ ପୁଣ୍ୟସ୍ଥଳୀ ନିର୍ମାଣ କାର୍ଯ୍ୟ କରିଆସୁଛି।

▶ ଏଠାରେ ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ମ୍ୟାକ୍ ଡୋନାଲ୍ଡ ରେଷ୍ଟୁରାଣ୍ଟ ରହିଛି।



▶ ପୃଥିବୀର ସର୍ବାଧିକ ମାଛ ଖାଉଥିବା ବ୍ୟକ୍ତିଙ୍କ ଦେଶ ହେଉଛି ଜାପାନ। ଏଠାରେ ବର୍ଷକୁ ପ୍ରାୟ ୧୭ ମିଲିୟନ୍ ଟନ୍ ମାଛ ଖିଆଯାଇଥାଏ। ଏଠାରେ ଥିବା ସୁକିଜି ଫିଶ୍ ମାର୍କେଟ ହେଉଛି ପୃଥିବୀର ସବୁଠୁ ବଡ଼ ମାଛ ମାର୍କେଟ।

▶ ପୃଥିବୀର ସର୍ବାଧିକ ସଂଖ୍ୟକ ଭେଣ୍ଡିଂ ମେଶିନ୍ ଏହି ଦେଶରେ ଦେଖିବାକୁ ମିଳେ। କେବଳ ଏତିକି ନୁହେଁ, ସମଗ୍ର ପୃଥିବୀରେ ବ୍ୟବହାର ହେଉଥିବା ଜିପରର୍ ମଧ୍ୟ ପ୍ରାୟ ଅଧା ଟୋକିଓରେ ଥିବା ୟୋସିଡା କୋଗ୍ୟୋ କାବୁଶିକିକାଇଶା (ୱାଇକେକେ) କମ୍ପାନିରେ ପ୍ରସ୍ତୁତ କରାଯାଏ। ଏଠାରେ ବର୍ଷକୁ ପ୍ରାୟ ୭ ବିଲିୟନ୍ ଜିପର୍ ପ୍ରସ୍ତୁତ କରାଯାଇଥାଏ।

▶ ଏଠାରେ ଆରମ୍ଭ ହୋଇଥିବା ହାଇକୁ ପୋଏଟ୍ରିରେ ରହିଛି ମାତ୍ର ତିନୋଟି ଧାଡ଼ି, ଯେଉଁଥିପାଇଁ ଏହାକୁ ପୃଥିବୀର ସବୁଠୁ କ୍ଷୁଦ୍ର କବିତା ଶୈଳୀର ମାନ୍ୟତା ମିଳିଛି।

▶ ଜାପାନରେ ବିକ୍ରି ହେଉଥିବା ସମସ୍ତ ମୋବାଇଲ୍ ଫୋନ୍‌ରୁ ୯୦% ହେଉଛି ୱାଟରପ୍ରୁଫ୍।

▶ ଏଠାକାର ରାଜଧାନୀ ଟୋକିଓର ମୁଖ୍ୟ ରେଲ୍‌ୱେ ଷ୍ଟେଶନ ଶିଞ୍ଜୁକୁ ଷ୍ଟେଶନରେ ଦୈନିକ ପ୍ରାୟ ୨ ମିଲିୟନ୍ ଯାତ୍ରୀ ଯିବାଆସିବା କରିଥା'ନ୍ତି। ତେଣୁ ଏହା ପୃଥିବୀର ସବୁଠୁ ବ୍ୟସ୍ତବହୁଳ ତଥା ଜନଗହଳି ରେଲ୍‌ୱେ ଷ୍ଟେଶନ୍।

▶ ଏଠାରେ କଳା ରଙ୍ଗର ବିଲେଇକୁ ଶୁଭ ବୋଲି ବିଚାର କରାଯାଇଥାଏ।

▶ ଉକ୍ତ ଦେଶରେ ଘୋଡ଼ା ମାଂସ କଞ୍ଚା ଖାଇବା ଏକ ସାଧାରଣ କଥା। ସେଠାକାର ପ୍ରସିଦ୍ଧ ଖାଦ୍ୟ ହେଉଛି ବାସାଶି, ଯାହାକି କଞ୍ଚା ଘୋଡ଼ା ମାଂସର ସ୍ଲାଇସ୍ ସହିତ ପିଆଜ ଏବଂ ଅଦା ମିଶାଇ ପ୍ରସ୍ତୁତ କରାଯାଏ।

▶ ଜାପାନରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଆଗ୍ନେୟଗିରି ରହିଛି।

▶ ଉକ୍ତ ଦେଶରେ ବର୍ଷକୁ ପ୍ରାୟ ୧୫୦୦ ଥର ଭୂମିକମ୍ପ ହୋଇଥାଏ।



ଧରିତ୍ରୀ DHARITRI



# ଟାଇରେ ଶେଷ ହେଲା ଅନ୍ତିମ ମ୍ୟାଚ୍

**ଢାକା, ୨୨।୭**

ବାଂଲାଦେଶ ଗସ୍ତରେ ରହିଥିବା ଭାରତୀୟ ମହିଳା କ୍ରିକେଟ ଦଳ ଦିନିକିଆ କ୍ରିକେଟ ସିରିଜ୍ ଡ୍ର'ରେ ଶେଷ କରିଛି। ଅନ୍ତିମ ମ୍ୟାଚ୍ ଟାଇରେ ଶେଷ ହେବା ସହ ଦିନିକିଆ ସିରିଜ୍ ୧-୧ରେ ସମାପ୍ତ ହୋଇଛି। ପ୍ରଥମ ଦିନିକିଆରେ ବାଂଲାଦେଶ ବିଜୟୀ ହୋଇଥିବା ବେଳେ

## ମହିଳା ଦିନିକିଆ ସିରିଜ ଡ୍ର

ଦ୍ୱିତୀୟ ଦିନିକିଆକୁ ଜିତି ନେଇଥିଲା ଭାରତ। ଶନିବାର ଅନ୍ତିମ ମ୍ୟାଚରେ ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ ହରାଇ ୨୨୫ ରନ୍ କରିଥିବା ବେଳେ ଭାରତ ସମାନ ସ୍କୋରରେ ଅଲଆଉଟ ହୋଇଥିଲା।



ସିରିଜ ଯୁଗ୍ମ ବିଜେତା ଘୋଷଣା ପରେ ଟ୍ରଫି ସହ ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ଏବଂ ବାଂଲାଦେଶ ଅଧିନାୟିକା ନିଗାର ସୁଲ୍ତାନା ଜ୍ୟୋତି।

### ଫର୍ଗାନାଙ୍କ ଶତକ

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପକ୍ଷରୁ ଓପନର ଫର୍ଗାନା ହକ୍ ଶତକ ହାସଲ କରିଥିଲେ। ପ୍ରଥମ ବାଂଲାଦେଶୀ ମହିଳା ଭାବେ ସେ ଶତକ ହାସଲ କରିଥିବା ବେଳେ ପ୍ରଥମ ଉଇକେଟରେ ଶମିମା ସୁଲତାନା(୫୨ରନ୍)ଙ୍କ ସହିତ ୯୩ ରନ୍ ଯୋଡିଥିଲେ। ସ୍ନେହ ରାଣାଙ୍କ ବଲ୍‌ରେ ଆଉଟ ହେବା ପୂର୍ବରୁ ଶମିମା ୭୮ ବଲ୍ ଖେଳି ୫ ଚୌକା ମାରିଥିଲେ। ଅଧିନାୟିକା ନିଗାର ସୁଲତାନା ଜ୍ୟୋତି ୨୪ ରନ୍ କରିଥିବା ବେଳେ ଫର୍ଗାନାଙ୍କ ସହ ଦ୍ୱିତୀୟ ଉଇକେଟରେ ୭୧ ରନ୍ ଯୋଡିଥିଲେ। ମାତ୍ର ୮ ବଲ୍ ବ୍ୟବଧାନରେ ପରବର୍ତ୍ତୀ ବ୍ୟାଟର ରିତୁ ମୋନୀ ଆଉଟ ହୋଇଥିଲେ ମଧ୍ୟ ଫର୍ଗାନା ଏକାକୀ ବାଂଲାଦେଶ ଇନିଂସକୁ ଆଗେଇ ନେଇଥିଲେ। ଶୋଭନା ମୋଷ୍ଟାରେ(୨୩)ଙ୍କ ସହିତ ଚତୁର୍ଥ ଉଇକେଟରେ ୫୬ ରନ୍ ଯୋଡି ବାଂଲାଦେଶକୁ ୨୨୫ ରନ୍‌ର ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଫର୍ଗାନା ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିବା ସହିତ ୧୬୦ ବଲ୍ ଖେଳି ୭ ଚୌକା ମାରିଥିଲେ। ଭାରତ ପକ୍ଷରୁ ସ୍ନେହ ରାଣା ୨ ଓ ଦେବିକା ବୈଦ୍ୟ ଗୋଟିଏ ଉଇକେଟ ନେଇଥିଲେ।

### ହରଲିନ୍‌ଙ୍କ ପ୍ରଥମ ଅର୍ଦ୍ଧଶତକ

ଭାରତ ମାତ୍ର ୩୨ ରନ୍ ମଧ୍ୟରେ ଶେଫାଳି ବର୍ମା(୪) ଓ ୟସ୍ତିକା ଭାଟିଆ(୫)ଙ୍କ ଉଇକେଟ ହରାଇଥିଲା। ତୃତୀୟ ଉଇକେଟରେ ସ୍ମୃତି ମନ୍ଧାନା(୫୯) ଓ ହରଲିନ୍ ଦେଓଲ(୭୭)ଙ୍କ ମଧ୍ୟରେ ୧୦୭ ରନ୍‌ର ଭାଗୀଦାରି ହୋଇଥିଲା। ମନ୍ଧାନା ୮୫ ବଲ୍ ଖେଳି ୫ ଚୌକା ମାରିଥିଲେ। ଅନ୍ୟପକ୍ଷରେ ଦିନିକିଆ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ସହିତ ସର୍ବୋଚ୍ଚ ସ୍କୋର ହାସଲ କରିଥିବା ହରଲିନ୍ ୧୦୮ ବଲ୍ ଖେଳି ୯ ଚୌକା ମାରିଥିଲେ। ହରମନ୍‌ପ୍ରୀତ୍ କୌରଙ୍କୁ ବିବାଦୀୟ ଢଙ୍ଗରେ ଲେଗ୍ ବିଫୋର ଆଉଟ ଦିଆଯାଇଥିବା ବେଳେ ସେ ବ୍ୟାଟରେ ଷ୍ଟମ୍ପକୁ ଭାଙ୍ଗି ଦେଇଥିଲେ। ୪୨ ତମ ଓଭରରେ ହରଲିନ୍ ଦେଓଲ ଓ ଦୀପ୍ତି ଶର୍ମା ରନ୍ ଆଉଟ ହେବା ଭାରତକୁ ମହଙ୍ଗା ପଡିଥିଲା। ୧୯୧ ରନ୍‌ରେ ୪ ଉଇକେଟ ହରାଇଥିବା ଭାରତ ଅନ୍ତିମ ୬ ଉଇକେଟ ମାତ୍ର ୩୪ ରନ୍ ମଧ୍ୟରେ ହରାଇଥିଲା। ଅନ୍ତିମ ଦୁଇ ଓଭରରେ ୯ ରନ୍ ଆବଶ୍ୟକ ଥିବା ବେଳେ ଜେମିମା ରୋଡ୍ରିଗୁଏଜ (୩୩*) ଓ ମେଘନା ସିଂ (୬)ଅନ୍ତିମ ଉଇକେଟରେ ୮ ରନ୍ ଯୋଡିଥିଲେ। ୪ ବଲ୍‌ରୁ ୧ ରନ୍ ଆବଶ୍ୟକ ଥିବା ବେଳେ ମେଘନା କଟ୍ ବିହାଇଣ୍ଡ ହୋଇଥିଲେ। ବାଂଲାଦେଶ ପକ୍ଷରୁ ନାହିଦା ଅଖତର ୩ ଓ ମାରୁଫା ଅଖତର ୨ ଉଇକେଟ ନେଇଥିଲେ। ହରଲିନ୍ ଦେଓଲଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଓ ଫର୍ଗାନା ହକ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୨୨୫/୪ (ଫର୍ଗାନା ହକ୍-୧୦୭, ଶମିମା ସୁଲତାନା-୫୨, ନିଗାର ସୁଲତାନା ଜ୍ୟୋତି-୨୪, ସ୍ନେହ ରାଣା-୨/୪୫, ଦେବିକା ବୈଦ୍ୟ-୧/୪୨)।

ଭାରତ ୪୯.୩ ଓଭରରେ ୨୨୫/୧୦ (ହରଲିନ୍ ଦେଓଲ୍-୭୭, ସ୍ମୃତି ମନ୍ଧାନା-୫୯, ଜେମିମା ରୋଡ୍ରିଗୁଏଜ୍-୩୩*, ନାହିଦା ଅଖତର-୩/୩୭, ମାରୁଫା ଅଖତର-୨/୫୫)।

# ମୁକେଶଙ୍କୁ ପ୍ରଥମ ଅନ୍ତର୍ଜାତୀୟ ଉଇକେଟ

## ଦ୍ୱିତୀୟ ଟେଷ୍ଟ

**ପୋର୍ଟ ଅଫ୍ ସ୍ପେନ୍, ୨୨।୭**

ପୋର୍ଟ ଅଫ୍ ସ୍ପେନ୍‌ରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ଅନ୍ତର୍ଜାତୀୟ ଉଇକେଟ ହାସଲ କରିଛନ୍ତି ଭାରତର ମୁକେଶ କୁମାର। ଭାରତ ପାଇଁ ଟେଷ୍ଟ ପଦାର୍ପଣ କରିଥିବା ମୁକେଶ କ୍ରିକ୍ ମ୍ୟାକେଞ୍ଜିଙ୍କୁ ଆଉଟ କରି ପ୍ରଥମ ସଫଳତା ହାସଲ କରିଛନ୍ତି। ଭାରତ ପ୍ରଥମ ଇନିଂସରେ ୪୩୮ ରନ୍ ସ୍କୋର କରିଥିବା ବେଳେ ତୃତୀୟ ଦିନର ବର୍ଷା ବାଧାପ୍ରାପ୍ତ ପ୍ରଥମ ସେସନ୍ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ଦୁଇ ଉଇକେଟ ହରାଇ ୧୧୭ ରନ୍ ସ୍କୋର କରିଛି।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୭୨/୧ରୁ ଖେଳ ଆରମ୍ଭ କରିଥିଲା ୱେଷ୍ଟଇଣ୍ଡିଜ୍। ପୂର୍ବ ଦିନର ସ୍କୋରରେ ଉଭୟ କ୍ରେଗ୍ ବ୍ରାଥୱେଟ୍ (୪୯*) ଓ କ୍ରିକ୍ ମ୍ୟାକେଞ୍ଜି(୩୨) ଆଉ ୪୫ ରନ୍ ଯୋଡିଥିଲେ। ଉଭୟ ଖେଳାଳି ସତର୍କତାର ସହିତ ଇନିଂସ ଆରମ୍ଭ କରିଥିଲେ। ବାହାର ବଲ୍‌କୁ ଛାଡିବା ସହ ଆରାମରେ ଇନିଂସ ଆଗକୁ ବଢାଇଥିଲେ। ତେବେ କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳୁଥିବା ମୁକେଶ କୁମାର ମ୍ୟାକେଞ୍ଜିଙ୍କୁ ଆଉଟ କରିଥିଲେ। ଟାଇଟ୍ ଲାଇନ୍ ଓ ଲେଙ୍ଗଥରେ ବୋଲିଂ କରିଥିବା ମୁକେଶଙ୍କୁ ନିଜର ସପ୍ତମ ଓଭରରେ ସଫଳତା ମିଳିଥିଲା। ମ୍ୟାକେଞ୍ଜି ଆଉଟ ହେବା ପରେ ବର୍ଷା କାରଣରୁ ଖେଳ ବନ୍ଦ ରଖାଯାଇଥିଲା। ୫୭ ବଲ୍ ଖେଳି ମ୍ୟାକେଞ୍ଜି ୪ ଚୌକା ଓ ୧ ଛକା ସହିତ ସେ ୩୨ ରନ୍ କରିଥିଲେ। ଦ୍ୱିତୀୟ ଦିନରେ ଟାଗେନାରିନ୍ ଚନ୍ଦ୍ରପାଲ(୩୩)ଙ୍କ ଉଇକେଟ ହରାଇ ବାଂଲାଦେଶ ୭୨ ରନ୍ ସଂଗ୍ରହ କରିଥିଲା। ଅଧିନାୟକ କ୍ରେଗ୍ ବ୍ରାଥୱେଟ୍ ସତର୍କତାର ସହିତ ବ୍ୟାଟିଂ କରି ୪୯ ରନରେ ଅପରାଜିତ ଅଛନ୍ତି। ୧୬୧ ବଲ୍‌ର ଏହି ଧୈର୍ଯ୍ୟପୂର୍ଣ୍ଣ ଇନିଂସରେ ୪ ଚୌକା ସାମିଲ ରହିଛି। ଖବର ପ୍ରସ୍ତୁତ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ୫୧.୪ ଓଭରରେ ୨ ଉଇକେଟ ହରାଇ ୧୧୭ ରନ୍ କରିଛି। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୫୦୦ତମ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଶତକ ସହିତ ରବୀନ୍ଦ୍ର ଜାଡେଜା, ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅର୍ଦ୍ଧଶତକ ବଳରେ ଭାରତ ପ୍ରଥମ ଇନିଂସରେ ୪୩୮ ରନ୍ କରିଥିଲା।



ଅଧିନାୟକ ରୋହିତ ଶର୍ମାଙ୍କ ସହ ମୁକେଶ କୁମାର।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୪୩୮/ଅଲଆଉଟ (ବିରାଟ କୋହଲି-୧୨୧, ରୋହିତ ଶର୍ମା-୮୦, ରବୀନ୍ଦ୍ର ଜାଡେଜା-୬୧, ଯଶସ୍ୱୀ ଜୟସ୍ୱାଲ-୫୭, ରବିଚନ୍ଦ୍ରନ ଅଶ୍ୱିନ-୫୬, କେମର ରୋଚ୍-୩/୧୦୪, ଜୋମେଲ ୱାରିକାନ-୩/୮୯, ଜାସନ ହୋଲ୍ଡର-୨/୫୭, ଶାନନ ଗାବ୍ରିଏଲ-୧/୭୪)।

ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ (ଅସମାପ୍ତ) ୫୧.୪ ଓଭରରେ ୧୧୭/୨(କ୍ରେଗ୍ ବ୍ରାଥୱେଟ-୪୯*, ଟାଗେନାରିନ୍ ଚନ୍ଦ୍ରପାଲ-୩୩, କ୍ରିକ ମ୍ୟାକେଞ୍ଜି-୩୨, ରବୀନ୍ଦ୍ର ଜାଡେଜା-୧/୧୨, ମୁକେଶ କୁମାର-୧/୧୧)।

# ହସ୍ତକ୍ଷେପ କରିବେନି ଦିଲ୍ଲୀ ହାଇକୋର୍ଟ

## ଏସିଆନ ଗେମ୍ସ ଟ୍ରାଏଲ୍ସ ପ୍ରସଙ୍ଗ

**ନୂଆଦିଲ୍ଲୀ, ୨୨।୭(ପି.ଟି.)**

ଟପ୍ ରେସ୍‌ଲର ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆଙ୍କୁ ଏସିଆନ ଗେମ୍ସ ଟ୍ରାଏଲ୍ସରୁ ଛାଡ଼ କରାଯିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଫୋଗଟ ଓ ପୁନିଆଙ୍କୁ ସିଧାସଳଖ ଏଣ୍ଟ୍ରି ପାଇଁ ଅନୁମତି ଦିଆଯିବା ନିଷ୍ପତ୍ତିକୁ ବିରୋଧ କରି ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଅନ୍ତିମ ପଙ୍ଘାଲ ଓ ୨୩ବର୍ଷରୁ କମ୍ ଏସିଆନ ଚାମ୍ପିୟନ ସୁଜିତ କାଲ୍‌କାଲ୍‌ଙ୍କ ପକ୍ଷରୁ ଦାଖଲ ରିଟ୍ ପିଟିଶନକୁ ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦ ଖାରଜ କରିଦେଇଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନର ଆଡ୍‌ହକ କମିଟି ମଙ୍ଗଳବାର ଫୋଗଟ (୫୩କେଜି) ଓ ପୁନିଆ (୬୫କେଜି)ଙ୍କୁ ଏସିଆନ ଗେମ୍ସ ପାଇଁ ସିଧାସଳଖ ଏଣ୍ଟ୍ରି ଦେଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ଅନ୍ୟ କୁସ୍ତିଯୋଦ୍ଧାମାନଙ୍କୁ ଜୁଲାଇ ୨୨ ଓ ୨୩ରେ ହେବାକୁଥିବା ସିଲେକ୍ସନ ଟ୍ରାଏଲରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଭିନେଶ ଓ ବଜରଙ୍ଗଙ୍କୁ ଟ୍ରାଏଲ୍ସରୁ ଛାଡ଼ କରାଯିବାକୁ ନେଇ ଜୁଲାଇ ୧୯ରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ପଙ୍ଘାଲ ଓ କାଲ୍‌କାଲ୍।

# ଆସାମକୁ ରେସଲିଂ ସଂଘ ସଦସ୍ୟତା

**ନୂଆଦିଲ୍ଲୀ, ୨୨।୭(ପି.ଟି.):** ଆସାମକୁ ଭାରତୀୟ ରେସଲିଂ ଫେଡେରେଶନ୍ (ଡବ୍ଲ୍ୟୁଏଫ୍ଆଇ)ର ସଦସ୍ୟ ମାନ୍ୟତା ପ୍ରଦାନ କରାଯାଇଛି। ଆଇଓଏର ଆଡ୍‌ହକ୍ ପ୍ୟାନେଲ୍ ମୁଖ୍ୟ ଭୂପେନ୍ଦର ସିଂ ବାଜୱା ଶନିବାର ଏହି ଘୋଷଣା କରିଛନ୍ତି। ସଦସ୍ୟତା ଦାବିକୁ ନେଇ ଆସାମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ଉପରେ ରୋକ୍ ଲାଗିଥିଲା। ଶନିବାର ଆଡ୍‌ହକ୍ ପ୍ୟାନେଲର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଆସାମ କୁସ୍ତି ସଂଘ ସଭାପତି ରତୁଲ ଶର୍ମା। ଏହା ସହିତ କ୍ୟାବିନେଟ୍ ମନ୍ତ୍ରୀ ପୀଜୁଷ ହଜାରିକା ଓ ଦେବଜିତ ସାଇକିଆଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି। ଅନେକ ଦିନ ଧରି ସଦସ୍ୟ ହେବାର ସମସ୍ତ ସର୍ତ୍ତକୁ ଆମେ ପୂରଣ କରୁଥିଲେ ମଧ୍ୟ ସଦସ୍ୟତା ମିଳୁ ନ ଥିଲା। ତେବେ ଆଡ୍‌ହକ୍ ପ୍ୟାନେଲ ଏହି ତ୍ରୁଟିକୁ ସୁଧାରି ଦେଇଥିବାରୁ ଆମେ କୃତଜ୍ଞ। ଉଲ୍ଲେଖଯୋଗ୍ୟ ଯେ, ଏହି ନିଷ୍ପତ୍ତି ପରେ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନରେ ଆସାମର ପ୍ରତିନିଧି ଭୋଟ ପ୍ରଦାନ କରି ପାରିବେ।

# ସାତ୍ତ୍ୱିକ-ଚିରାଗ ଫାଇନାଲରେ

**ୟେସୁ(କୋରିଆ), ୨୨।୭(ପି.ଟି.)**

ଭାରତର ଷ୍ଟାର ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି କୋରିଆ ଓପନ ସୁପର ୫୦୦ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଉଭୟ ଦ୍ୱିତୀୟ ସିଡ୍ ଚାଇନିଜ ଯୋଡ଼ି ଲିଆଙ୍ଗ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍‌ଙ୍କୁ ୨୧-୧୫, ୨୪-୨୨ରେ ହରାଇ ଦେଇଛନ୍ତି। ଏଠାରେ ଫାଇନାଲରେ ସେମାନେ ଇଣ୍ଡୋନେସିଆର ଫଜାର ଅଲ୍‌ଫିଆନ ଓ ମହମ୍ମଦ ରିଆନ୍ ଆଡ୍ରିଆଣ୍ଟୋଙ୍କୁ ଭେଟିବେ। ଦୁଇ ଯୋଡ଼ି ପରସ୍ପରକୁ ୪ଥର ଭେଟିଥିବା ବେଳେ ୨ଥର ଲେଖାଏ ବିଜୟ ଲାଭ କରିଛନ୍ତି। ସାତ୍ତ୍ୱିକ-ଚିରାଗ ଚଳିତ ବର୍ଷ ଇଣ୍ଡୋନେସିଆ ସୁପର ୧୦୦୦ ଏବଂ ସୁଇସ୍ ଓପନ ସୁପର ୫୦୦ ଟାଇଟଲ ଜିତିଛନ୍ତି।




# ଇଂଲଣ୍ଡ, ଆମେରିକା, ଜାପାନ, ଡେନ୍‌ମାର୍କ ବିଜୟୀ

## ଫିଫା ମହିଳା ବିଶ୍ୱକପ୍

### ହିନାଟା, ସୋଫିଆଙ୍କ ଡବଲ ଗୋଲ୍


ପେନାଲ୍ଟି କିକ୍ ମାରୁଛନ୍ତି ଇଂଲଣ୍ଡର ଜର୍ଜିଆ ଷ୍ଟାନୱେ।

**ଅକଲାଣ୍ଡ/ହାମିଲଟନ୍, ୨୨।୭(ପି.ଟି.)**

ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ଶନିବାର ଇଂଲଣ୍ଡ, ଆମେରିକା, ଜାପାନ ଓ ଡେନ୍‌ମାର୍କ ବିଜୟ ହାସଲ କରିଛନ୍ତି। ଜାପାନର ହିନାଟା ମିୟାଜାୱା ଓ ଆମେରିକାର ସୋଫିଆ ସ୍ମିଥ ଡବଲ୍ ଗୋଲ୍ ସ୍କୋର କରିଥିଲେ।

**ଜାପାନ ବନାମ ଜାମ୍ବିଆ:** ହିନାଟା ମିୟାଜାୱାଙ୍କ ଡବଲ୍ ଗୋଲ ସହିତ ମିନା ଟାହାକା, ଜୁନ୍ ଏଣ୍ଡୋ ଓ ରିକୋ ୟୁଏକିଙ୍କ ଗୋଲ ବଳରେ ଜାମ୍ବିଆକୁ ୫-୦ ଗୋଲରେ ପରାସ୍ତ କରିଛି ଜାପାନ। ଏଫ୍‌ଏମ୍‌ଜି ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚର ୪୩ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ ହିନାଟା ମିୟାଜାୱା। ଟାହାକା ୫୫ତମ ମିନିଟରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିବା ବେଳେ ଏହାର ୭ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ହିନାଟା। ୭୧ ତମ ମିନିଟରେ ଜୁନ୍ ଏଣ୍ଡୋ ସ୍କୋର କରିଥିବା ବେଳେ ଇଞ୍ଜୁରି ଟାଇମରେ ପଞ୍ଚମ ଗୋଲ ଦେଇଥିଲେ ରିକୋ ୟୁଏକି। ଏହି ବିଜୟ ସହିତ ଗ୍ରୁପ୍ ସି'ର ଏକ ନମ୍ବର ସ୍ଥାନରେ ରହିଛି ଜାପାନ। ଏହି ମ୍ୟାଚରେ ଜାପାନ ଦଳର ଖେଳାଳି କଳାବ୍ୟାଣ୍ଡ ପିନ୍ଧି ଖେଳିଥିଲେ। ଜାପାନ ରାଜକୁମାରୀ ଟାକାମାଡୋଙ୍କ ମା' ଫୁମିକୋ ଟୋଟ୍ଟୋରୀଙ୍କ ପରଲୋକ କାରଣରୁ ଜାପାନ ଖେଳାଳି କଳାବ୍ୟାଣ୍ଡ ପିନ୍ଧି ଖେଳିଥିଲେ।

**ଆମେରିକା ବନାମ ଭିଏତ୍‌ନାମ:** ଡିଫେଣ୍ଡିଂ ଚାମ୍ପିୟନ ଯୁକ୍ତରାଷ୍ଟ୍ର ଆମେରିକା ୩-୦ରେ ଭିଏତ୍‌ନାମକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଇଡେନ ପାର୍କରେ ଅନୁଷ୍ଠିତ ଗ୍ରୁପ୍ ଇ ମ୍ୟାଚ୍‌ରେ ଆମେରିକା ପକ୍ଷରୁ ସୋଫିଆ ସ୍ମିଥ୍ ଡବଲ୍ ଗୋଲ୍ ସ୍କୋର କରିଥିଲେ। ଲିଣ୍ଡସେ ହୋରାନ୍ ଅନ୍ୟ ଗୋଲ୍‌ଟି ସ୍କୋର କରିଥିଲେ। ପ୍ରଥମ ବିଶ୍ୱକପ ଖେଳୁଥିବା ସୋଫିଆ ପ୍ରଥମ ହାଫ୍‌ରେ ଦୁଇଟିଯାକ ଗୋଲ୍ ସ୍କୋର କରିଥିଲେ। ଅଧିନାୟକ ଲିଣ୍ଡସେ ହୋରାନଙ୍କଠାରୁ ମିଳିଥିବା ପାସ୍‌କୁ ଗୋଲରେ ପରିଣତ କରିଥିଲେ ସୋଫିଆ। ପ୍ରଥମ ହାଫ୍‌ର ଇଞ୍ଜୁରୀ ଟାଇମ୍‌ରେ ୪୫+୭ ମିନିଟରେ ସୋଫିଆ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୭୭ତମ ମିନିଟରେ ଅଧିନାୟିକା ଲିଣ୍ଡସେ ହୋରାନ ସ୍କୋର କରିବା ସହିତ ଦଳ ୩-୦ରେ ବିଜୟୀ ହୋଇଥିଲା। ଏହା ସହିତ ୩୮ ବର୍ଷୀୟା ମେଗାନ୍ ରାପିନୋ ନିଜର ୨୦୦ ତମ ମ୍ୟାଚ୍ ଖେଳିଥିଲେ।

**ଇଂଲଣ୍ଡ ବନାମ ହାଇତି:** ଜର୍ଜିଆ ଷ୍ଟାନୱେଙ୍କ ପେନାଲ୍ଟି କିକ୍ ଗୋଲ ବଳରେ ହାଇତି ବିପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି ଇଂଲଣ୍ଡ। ୟୁରୋ ଚାମ୍ପିୟନ ଇଂଲଣ୍ଡ ଦୃଢ ଭାବରେ ଆରମ୍ଭ କରିଥିଲା। ଗ୍ରୁପ୍ ଡି'ର ଏହି ମ୍ୟାଚ୍‌ରେ ପ୍ରଥମ ହାଫ୍‌ରୁ ଦଳ ହାଇତିକୁ ଚାପରେ ରଖିଥିଲା। ୨୯ ତମ ମିନିଟରେ ଇଂଲଣ୍ଡକୁ ଏକ ପେନାଲ୍ଟି କିକ୍ ମିଳିଥିଲା। ଏଥିରୁ ଜର୍ଜିଆ ସ୍କୋର କରିଥିବା ବେଳେ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଇଂଲଣ୍ଡ ଦଳ ୭୫ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ୭ଟି କର୍ନର ପାଇଥିଲେ ମଧ୍ୟ ଦଳ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ବିଜୟୀ ହୋଇଥିଲେ ହେଁ ପଏଣ୍ଟ ଟେବୁଲରେ ଦଳ ଡେନ୍‌ମାର୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।

**ଡେନ୍‌ମାର୍କ ବନାମ ଚାଇନା:** ନିବ୍ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଚାଇନାକୁ ୧-୦ରେ ପରାସ୍ତ କରିଛି ଡେନ୍‌ମାର୍କ। ଅନ୍ତିମ ମିନିଟରେ ଆମେଲି ଭାଙ୍ଗସ୍‌ଗାର୍ଡଙ୍କ ଗୋଲ ବଳରେ ଡେନ୍‌ମାର୍କ ମ୍ୟାଚକୁ ଜିତି ନେଇଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ସ୍କୋର କରିବାକୁ ପ୍ରୟାସ କରିଥିଲେ। ତେବେ ୮୯ ମିନିଟ ପର୍ଯ୍ୟନ୍ତ ଗୋଲ ହୋଇ ନ ଥିଲା। ୮୯ ତମ ମିନିଟରେ ଆମେଲିଙ୍କ ଗୋଲ ବଳରେ ଡେନ୍‌ମାର୍କ ୩ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇଥିଲା।

### ଆଜିର ମ୍ୟାଚ୍

**ସ୍ୱିଡେନ୍ ବନାମ ଦକ୍ଷିଣ ଆଫ୍ରିକା**
ସମୟ-ପୂର୍ବାହ୍ନ ୧୦.୩୦
**ନେଦରଲାଣ୍ଡ୍ସ ବନାମ ପର୍ତ୍ତୁଗାଲ**
ସମୟ-ଅପରାହ୍ନ ୧.୦୦
**ଫ୍ରାନ୍ସ ବନାମ ଜାମାଇକା**
ସମୟ-ଅପରାହ୍ନ ୩.୩୦
**ପ୍ରସାରଣ: ଡିଡି ସ୍ପୋର୍ଟ୍ସ**




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ